Split by PDF Splitter
ED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୮ ଗ
ସଂ ୭ ଖ୍ୟା

ତା ୧୦ ରଖ ମାହେ ଫିବ୍ରୁଏରୀ ସନ ୧୮୮୩ ମସିହା । ମୂ । ମାଘ ବ ୩୦ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକାୟା |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬ ୧ |
| ଡାକମାସୁଲ | ଟ ୦ ୴ | ଟ ୧୧ |


ବଙ୍ଗଳା ଗବର୍ଣ୍ଣମେଣ୍ଟ ଗେଜେଟରେ ଦେଖା ଗଲା ଯେ ମେଦନୀପୁର ଜିଲ୍ଲାର ଗଡ଼ବେତା ଓ ଦାନ୍ତୋନ ନଗରମାନଙ୍କରେ ଏବଂ ବର୍ଦ୍ଧମାନ ଜିଲ୍ଲାର ରାଣିଗଞ୍ଜ ନଗରରେ ପୁସ୍ତ ବସା ଘର ଆଇନ ( ସନ ୧୮୭୧ ସାଲର ବଙ୍ଗୀୟ ୪ ଆଇନ ) ର ବିଧିମାନ ଆଗାମି ଅପ୍ରେଲ ମାସ ଆରମ୍ଭଠାରୁ ଜାରି ହେବ ।

---

ତଳିଘର ବାଲେଶ୍ୱର ଏବଂ ଚଟ୍ଟଗ୍ରାମ ବନ୍ଦରମାନଙ୍କର ଗମନାଗମନ ବାଟରେ ବାଧା ନିବାରଣ ଉଦ୍ଦେଶରେ ସନ ୧୮୮୧ ସାଲର ୧୬ ଆଇନର ଧା ୮ ରା ମତେ କେତେଗୁଡ଼ିଏ ନିୟମ ପ୍ରଚାର କରିବାକୁ ବଙ୍ଗଳାର ଲେପ୍ଟନାଣ୍ଟ ଗବର୍ଣ୍ଣର ପ୍ରସ୍ତାବ କରିଅଛନ୍ତି । ନିୟମମାନଙ୍କର ଉଦ୍ଦେଶ୍ୟ ଏହି କି ପୋର୍ଟ ଅଫିସରଙ୍କ ବିନା ଅନୁମତିରେ ସେ ସମସ୍ତ ପଥରେ କେହି ଜାଲ ପାତିବା କି ବେଲା ଉଠାଇବା କିମ୍ବା ପ୍ରସ୍ତୁତ କରିବା କିମ୍ବା ଖୁଣ୍ଟ ପକାଇବା ଇତ୍ୟାଦି କାର୍ଯ୍ୟ କରି ପାରିବ ନାହିଁ ।

---

ଗତ ଶନିବାର ସନ୍ଧ୍ୟାରେ ଏଠା ଜେଲଖାନାର ଜଣେ ପହରିଆଲା ଆପଣା ପହରା କାର୍ଯ୍ୟ ଶେଷ କରି ବସାରେ ଶୋଇଥିଲା । ରାତ୍ର ପ୍ରାୟ ଗୋଟାଏ ସମୟରେ ଚାରିଜଣ ଚୋର କବାଟ ଅଲଗା କରିଦେଇ ତାହା ବସାରେ ପଶିଲେ । ପହରିଆଲା ଜଣେ ହିନ୍ଦୁସ୍ଥାନୀ । ସିନ୍ଦୁକ ଭାଙ୍ଗିବା ସମୟରେ ତାହାର ନିଦ ଭାଙ୍ଗିଲା ଏବଂ ଚୋର ପଶିଥିବା ଜାଣିପାରି ସେ ଜଣେ ଚୋରକୁ କଠିଣରୂପେ ମାଡ଼ିବସି ଧରି ପକାଇଲା । ଅପର ତିନିଜଣ ଚୋର ତାହା ଉପରେ ବାଡ଼ି ବର୍ଷଣ କଲେ ମାତ୍ର ସେ କହିଲା ତୁମ୍ଭେମାନେ ଯେତେ ମାରିବ ମାର ପ୍ରାଣ ଯିବା ପର୍ଯ୍ୟନ୍ତ ଛାଡ଼ିବି ନାହିଁ । ଯେଉଁ ଚୋରକୁ ମାଡ଼ିବସିଥିଲା ସେ ମଧ୍ୟ ବଳବାନ୍ ଓ ବାଗି ଚୋର ଦୁହିଁଙ୍କର ଆଣ୍ଠ ପଟେ କୁସ୍ତାକୁସ୍ତି ହେଲା ଓ ସେ ଚୋର ଅନ୍ୟ ଉପାୟ ନ ଦେଖି ପହରିଆଲାର କାନକୁ ଏମନ୍ତ ବଳରେ କାମୁଡ଼ିଲା ଯେ କାନରୁ ପ୍ରାୟ ଅଧଖଣ୍ଡ ଛିଣ୍ଡାଇ ନେଲା ତଥାପି ଛାଡ଼ିପାଇଲା ନାହିଁ । ଏଥିମଧ୍ୟରେ ପ୍ରତିବାସିମାନେ ଦୌଡ଼ି ଆସିବାରୁ ଅନ୍ୟ ତିନିଜଣ ଚୋର ପଳାଇଲେ ମାତ୍ର ଯେଉଁ ଜଣକ ହାତରେ ପଡ଼ିଥିଲା ସେ ମୁକ୍ତି ପାଇଲା ନାହିଁ । ଲୋକେ ତାହାକୁ ଧରି ରଖି ପୁଲିସ ଜିମ୍ମା କଲେ । ପହରିଆଲାର ସାହସ ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । ଏହି ବ୍ୟକ୍ତି ପହରାର ଯଥାର୍ଥ ଉପଯୁକ୍ତ ପାତ୍ର ଆମ୍ଭମାନଙ୍କ ବିବେଚନାରେ ଏହାକୁ ପୁଲିସର କୌଣସି ଉଚ୍ଚ କର୍ମରେ ନିଯୁକ୍ତ କରି ଏହାର ଅସୀମ ସାହସର ପୁରସ୍କାର ଦେବା ଉଚିତ ।

---

ଏଥି ପୂର୍ବେ ବାବୁ ବିହାରିଲାଲ ପଣ୍ଡିତଙ୍କ କନ୍ୟାର ଶୁଭ ବିବାହ ଉପଲକ୍ଷରେ ମଜଲିସ ହେବାର କଥା ଲେଖିଥିଲୁଁ । ବିବାହ ଦିନ ଏ ନଗରବାସୀ ହିନ୍ଦୁ ମୁସଲମାନ ପ୍ରଭୃତି ସମସ୍ତ ସମ୍ପ୍ରଦାୟର ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ମିଷ୍ଟାନ୍ନ ଭୋଜନ ଓ ନୃତ୍ୟଗୀତାଦିଦ୍ୱାରା ବିଶେଷରୂପେ ସମ୍ମାନିତ କରିଥିଲେ । ବାବୁ ଅଳ୍ପ ଦିନ ହେଲା ଗୋଟିଏ ଅତି ସୁନ୍ଦର ନୂତନ ଦୋମହଲା ବୈଠକଖାନା ନିର୍ମାଣ କରାଇଅଛନ୍ତି ଏବଂ ତାହାକୁ ନାନା ବର୍ଣ୍ଣର ଝାଡ଼ ଲଣ୍ଠନ ଛବି ଓ ଦର୍ପଣଦ୍ୱାରା ସୁସଜ୍ଜିତ କରିଅଛନ୍ତି । ମଜଲିସ ଦିନ ଅଟ୍ଟାଳିକାର ଶୋଭା ଅତି ରମଣୀୟ ହୋଇଥିଲା ଏବଂ ବାବୁ ମହାଶୟ ଅତ୍ୟନ୍ତ ସରଳ ହୃଦୟ ଓ ବିନୀତ ଭାବରେ ଯଥା ଉଚିତ ଚର୍ଚ୍ଚାଦ୍ୱାରା ଆମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସନ୍ତୁଷ୍ଟ କରିଥିଲେ । ମଜଲିସରେ ଏ ନଗରର ପ୍ରଧାନ ନର୍ତ୍ତକମାନେ ଏବଂ କଲିକତାରୁ ଆଣାଇ ଏକପଞ୍ଚା ଖେମଟାବାଲି ଉପସ୍ଥିତ ଥାଇ ପ୍ରାୟ ରାତ୍ର ଶେଷ ପର୍ଯ୍ୟନ୍ତ ସମସ୍ତଙ୍କୁ ପରିତୋଷ କରିଥିଲେ । ଏହିରୂପେ ବାବୁ ମହାଶୟ ପ୍ରଥମ ଦିନ ଦେଶୀୟ ଭଦ୍ରଲୋକଙ୍କର ଚର୍ଚ୍ଚା କରି ତହିଁ ଉତ୍ତାରୁ ଗତ ଶନିବାର ଏ ନଗରବାସୀ ସମସ୍ତ ଇଂରାଜ ଭଦ୍ରଲୋକମାନଙ୍କୁ ଆମନ୍ତ୍ରଣ କରିଥିଲେ । ଏ କାର୍ଯ୍ୟଟି ଅତ୍ୟନ୍ତ ପ୍ରୀତିକର ହୋଇଥିଲା । ଇଂରାଜମାନେ ବିଦେଶୀୟ ହେଲେହେଁ ଯେସ୍ଥଳେ ସରକାରୀ କାର୍ଯ୍ୟ ଉପଲକ୍ଷରେ ହେଉ ପଛକେ ଆମ୍ଭମାନଙ୍କ ମଧ୍ୟରେ ଆସି ରହିଅଛନ୍ତି ସେସ୍ଥଳେ ସେମାନଙ୍କ ସହିତ ସାମାଜିକ ଭାବ ରଖିବା ଅତ୍ୟନ୍ତ ବାଞ୍ଛନୀୟ ଅଟଇ । ସେମାନଙ୍କ

Digitized by srujanika@gmail.com

ସହିତ ଆମ୍ଭମାନଙ୍କର ଯେତେ ମିଶାମିଶି ହେବ ତେତେ ସୁଖ ଓ ମଙ୍ଗଳର ବିଷୟ ଅଟଇ । ଏହି ଉଦ୍ଦେଶ୍ୟ ସଫଳ କରିବାକୁ ଏଠା ଦେଶୀୟ ଧନାଢ୍ୟ ବ୍ୟକ୍ତିମାନେ ସମର୍ଥ ସାମାନ୍ୟ ଲୋକର ଇଚ୍ଛା ହେଲେ ମଧ୍ୟ କ୍ଷମତାର ଅଭିହଲ୍ତ ଅଟଇ । ବାବୁ ଜଗନ୍ମୋହନ ରାୟ ଇଂରେଜମାନଙ୍କୁ ଦୁଇ ତିନିଥର ଆପଣା ଘରକୁ ଆମନ୍ତ୍ରଣ କରିଥିଲେ ଏ ନଗରରେ ଏଥିର ପଥ ପ୍ରଦର୍ଶକ ହୋଇଥିଲେ । ମଧ୍ୟରେ କତ୍ତକାଳ ଏହି ଅନୁଷ୍ଠାନଟି ସ୍ଥଗିତ ରହିଥିଲା । ସମ୍ପ୍ରତି ବାବୁ ବଦ୍ରୀଲାଲ ପଣ୍ଡିତ ଏଥିର ପୁନଃପ୍ରତିଷ୍ଠା ଦ୍ୱାରା ଦେଶୀୟ ସମ୍ପ୍ରଦାୟର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ତାହାଙ୍କ ଆମନ୍ତ୍ରଣରେ ନଗରବାସୀ ପ୍ରାୟ ସମସ୍ତ ଇଂରାଜ ଅତ୍ୟନ୍ତ ଆଗ୍ରହ ସହିତ ଆଗମନ କରିଥିଲେ । ଏଦିନ କେବଳ ନୃତ୍ୟ ଗାନ ଦେଖିବାର ଆମନ୍ତ୍ରଣ ଥିଲା ଏବଂ ବିବିଧ ପ୍ରକାର ଜଳପାନର ମଧ୍ୟ ବନ୍ଦୋବସ୍ତ ହୋଇଥିଲା । ଆମନ୍ତ୍ରିତ ବ୍ୟକ୍ତିମାନେ ପ୍ରଫୁଲ୍ଲ ମନରେ ଅନେକ ରାତ୍ରି ପର୍ଯ୍ୟନ୍ତ ମଜଲିସର ନାନା ସୁଖ ଉପଭୋଗ କରି ଏବଂ ବଡ଼ ଦୟା ଦେଖି ବାବୁ ମହାଶୟଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ପ୍ରତ୍ୟାଗମନ କଲେ । ମଜଲିସର ପରିପାଟିର କଥା ପୂର୍ବେ କହିଅଛୁଁ ପୁନରୁକ୍ତିର ପ୍ରୟୋଜନ ନାହିଁ । କେବଳ ଏତିକ କହିଲେ ଯଥେଷ୍ଟ ହେବ ଯେ ଆମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଆମୋଦିତ କରିବା ବିଷୟରେ କୌଣସି ଅଂଶରେ ତ୍ରୁଟି ହୋଇ ନ ଥିଲା ।

---

### ବୃଥାଗଲ୍ପର ମୂଲ୍ୟ ।

ଅନେକ ଶିକ୍ଷିତ ଯୁବକବୃନ୍ଦଙ୍କୁ ଆମ୍ଭେମାନେ ଅନେକ ସମୟରେ ଏକତ୍ର ବସି ବୃଥାଗଲ୍ପରେ ସମୟାତିପାତ କରିବାର ଦେଖି ଅତ୍ୟନ୍ତ ଦୁଃଖିତ ହେଉଁ । ଅବଶ୍ୟ ଯେତେବେଳେ କୌଣସି କାର୍ଯ୍ୟ ନ ଥିବ କିମ୍ବା ଅନେକ କାର୍ଯ୍ୟ କରି ମନ ନିତାନ୍ତ ବ୍ୟସ୍ତ ହୋଇ ସାଇଥିବ ସେ ସମୟରେ ବନ୍ଧୁ ବାନ୍ଧବଙ୍କ ସହିତ ଈଶ୍ୱରୀୟ ଜ୍ଞାନାଦି ବିଷୟର ସଦାଲାପ କରିବା ରମଣୀୟ ଓ ଶ୍ରେୟସ୍କର ମାତ୍ର କୌଣସି କାର୍ଯ୍ୟ ନ କରିବାର ଇଚ୍ଛା କରି ଏକାବେଳକେ ଆଳସ୍ୟର ବଶୀଭୂତତା ସ୍ୱୀକାର କରିଣ ପୂର୍ବକ ସ୍ୱକୀୟ ସମୟ ଗଲ୍ପରେ କଟାଇ ଦେବା ନିତାନ୍ତ ଦୂଷଣୀୟ । ଆମ୍ଭେମାନେ ଅନେକ ଉପଯୁକ୍ତ ଯୁବକବୃନ୍ଦଙ୍କୁ ଏହିପରି ଭାବରେ ସମୟାତିପାତ କରିବାର ଦେଖି ବିସ୍ମିତ ହୋଇ ଅଛୁଁ ଏବଂ ସର୍ବଦା ମନେ କରୁଁ ଯେବେ ସେହି ଗଳ୍ପମାନ କୌଣସି ଭଲ ପୁସ୍ତକ ବା ଭଲ ବିଷୟର ଆଲୋଚନାରେ ଅତିବାହିତ ହେଉଥାନ୍ତା ତାହା ହେଲେ ମଧ୍ୟ ତଦ୍ୱାରା ଅନେକ ଉପକାର ସାଧିତ ହେବାର ଆଶା କରି ଯାନ୍ତା । ଏହିପରି ଆଲୋଚନା କରିବାଦ୍ୱାରା ଉତ୍ତର କାଳକୁ ସେମାନେ ଆପଣା ସନ୍ତାନ ସନ୍ତତିର ରୁଚି ପରିମାର୍ଜିତ ଓ ବିଦ୍ୟା ବୃଦ୍ଧିର ପରିଚାଳନା କରିବାରେ ବିଶେଷ ସାହାଯ୍ୟ ପ୍ରଦାନ କରନ୍ତେ । ଅକାରଣ ଗଳ୍ପ କରି ସମୟାତିପାତ କରିବାଦ୍ୱାରା ଯେପରି ବହୁମୂଲ୍ୟ ସମୟ ଅନାୟାସରେ ବିନଷ୍ଟ ହୁଏ ସେହିପରି ଉତ୍ତର କାଳକୁ ମଧ୍ୟ କୌଣସି ଉପକାର କରିବାର ଆଶା ରହେ ନାହିଁ । ମାତ୍ର ତେତେଦୂର ବୁଝିବାକୁ ଚେଷ୍ଟା କାହାର ?— ଯେତେବେଳେ ଅଳ୍ପ ମାତ୍ର ବିଦ୍ୟାର୍ଜନ ହେଲେ ଷଣ୍ଡିଏ ଦଶ ପାଞ୍ଚଟଙ୍କାର କାମ ପାଇ ନଶରେ ହାତ ଦେଉଁ ? ସମସ୍ତଙ୍କା ଭୁଲି ଯାଉଅଛୁ ସେତେବେଳେ ଭବିଷ୍ୟତ କାଳକୁ ପୁଣି ଆପଣାର ସନ୍ତାନ ସନ୍ତତିର କଥା ବୁଝିବାକୁ ବସିବା ନିତାନ୍ତ ଅସମ୍ଭବ । ଯେବେ ଲୋକେ ଏତିକ ବୁଝି ଥାନ୍ତେ ତେବେ ଆମ୍ଭମାନଙ୍କର ଦେଶ ଏପରି ଦୁରବସ୍ଥାରେ ପଡ଼ି ନ ଥାନ୍ତା । ଚୋର ପିତା ବା ଚୋର ମାତା ଚୋରର କଥା କହ? ଯେପରି ଆପଣାର ସନ୍ତାନଙ୍କୁ ତସ୍କରାଗ୍ରଗଣ୍ୟ କରନ୍ତି, ସାଧୁ ପିତା ମାତା ଯେପରି ସାଧୁତାର ଦୃଷ୍ଟାନ୍ତ ଦେଖାଇ ଆପଣାର ସନ୍ତାନଙ୍କୁ ସାଧୁ କରନ୍ତି, ବ୍ୟବସାୟୀ ଲୋକ ଏବଂ କୃଷୀ ଯେ ପ୍ରକାର ବ୍ୟବସାୟ ଓ କୃଷିର ଗୁଣ ବର୍ଣ୍ଣନା କରି ଆପଣାର ପୁତ୍ରକୁ ବଣିକ ଅଥବା କୃଷୀ କରନ୍ତି, ଅସତ୍‌ଗୁଣର ଦୃଷ୍ଟାନ୍ତ ଦେଖାଇ ଏମାନେ ଯେ ଆପଣାର ସନ୍ତାନ ସନ୍ତତିକି ନିଜାନୁରୂପ କରିବେ 'ଯଥା ରାଜା ତଥା ପ୍ରଜାଃ' ବାକ୍ୟର ସାର୍ଥକତା ସମ୍ପାଦନ କରିବେ ଏଥିରେ ସନ୍ଦେହ ମାତ୍ର ନାହିଁ । ଭରସା କରୁଁ ଏ ଗୁରୁତର ଉପଦେଶ ସ୍ୱରୂପ ମଣି ଶିକ୍ଷିତ ଯୁବକମାନେ ସମୟର ସଦ୍ବ୍ୟବହାର କରିବାକୁ ଶିକ୍ଷା କରିବେ ।

— ❋ —

### ଶ୍ରୀଯୁକ୍ତ ପସି ସାହେବଙ୍କ ବିଦାୟ ।

ପୃଥିବୀରେ ବନ୍ଧୁ ସାର ଓ ବନ୍ଧୁର ସେବା କରିବା ବଡ଼ ସୁଖର ବିଷୟ ଅଟଇ । ଆମ୍ଭମାନଙ୍କ ପୂର୍ବ କଲେକ୍ଟର ଶ୍ରୀଯୁକ୍ତ ପସି ସାହେବଙ୍କ ବିଦାୟ ଉପଲକ୍ଷରେ ଏହି କାର୍ଯ୍ୟର ଅନୁଷ୍ଠାନ ଦେଖି ଅତ୍ୟନ୍ତ ଆନନ୍ଦ ସହିତ ତହିଁର ସଂକ୍ଷେପ ବୃତ୍ତାନ୍ତ ଲେଖୁଅଛୁଁ । ପସି ସାହେବଙ୍କ ଗୁଣର କଥା ଆମ୍ଭେମାନେ ଏଥି ପୂର୍ବେ ଲେଖିଅଛୁଁ । ସେପରି ଲୋକର ଅନେକ ବନ୍ଧୁ ହେବେ ଏଥିରେ ସନ୍ଦେହ କ ? ସେ ଛୁଟି ନେବାରେ ଶୀଘ୍ର ତାହାଙ୍କର ବିରହ ଦୁଃଖ ସମସ୍ତଙ୍କ ମନରେ ଉପସ୍ଥିତ ହେଲା ଏବଂ ଏପରି ବନ୍ଧୁଙ୍କଠାରେ କୌଣସି କୃତଜ୍ଞତା ନ ଦେଖାଇ ନିଃଶବ୍ଦରୂପେ ବିଦାୟ ଦେବାଟା ଭଲ ଜଣା ନ ଯିବାରୁ କେତେକଣ ଦେଶୀୟ ଭଦ୍ର ଲୋକ ତାହାଙ୍କୁ ସମ୍ମାନ ସହିତ ବିଦାୟ ଦେବା କାରଣ ପ୍ରସ୍ତାବ କରିବାରେ ଅନେକ ଲୋକଙ୍କ ମନକୁ ତାହା ପାଇଲା ଏବଂ ଅଳ୍ପଦିନେ ନଗରବାସୀ ପ୍ରଧାନ ଦେଶୀୟ ବ୍ୟକ୍ତିମାନେ ଉକ୍ତ କାର୍ଯ୍ୟର ବ୍ୟୟ ନିର୍ବାହ ସକାଶେ ଚାନ୍ଦା ଦେଲେ । ବାବୁ ବଦ୍ରୀଲାଲ ପଣ୍ଡିତଙ୍କର ମନୋହର ହୋମଦଳ ବୈଠକଖାନାରେ ଶ୍ରୀଯୁକ୍ତ ପସି ସାହେବଙ୍କୁ ତାହାଙ୍କର ସ୍ୱଜାତୀୟ ବନ୍ଧୁଙ୍କ ସହିତ ଗୋଟିଏ ଭୋଜ ଦେବାର ସ୍ଥିର ହେଲା ଏବଂ ବାବୁ ମଧୁସୂଦନ ଦାସ ଓ ବାବୁ ପ୍ରାଣକୃଷ୍ଣ ବସୁ ଏଥିର ପ୍ରଧାନ ଭାର ଗ୍ରହଣ କଲେ । ଇଂରାଜମାନଙ୍କ ସଭ୍ୟରୀତି ଅନୁସାରେ ଭୋଜର ଆୟୋଜନ କରିବା ସହଜ ବିଷୟ ନୁହେଁ । ଏହା ଭଲ ଦକ୍ଷତାର କାର୍ଯ୍ୟ ମାତ୍ର ଆମ୍ଭେମାନେ ଆନନ୍ଦ ସହିତ କହୁଅଛୁଁ ଯେ ବାବୁ ମଧୁସୂଦନ ଦାସ ଏଥିରେ ଆଶାତୀତ କୃତକାର୍ଯ୍ୟତା ଲାଭ କରିଅଛନ୍ତି । ଦେଶୀୟ ଭଦ୍ର ଲୋକ ଘରେ ଅନେକ ଇଂରାଜ ଭଦ୍ର ଲୋକ ଏକତ୍ର ବସି ଭୋଜନ କରିବାର ଏ ନଗରରେ ଏଥି ପୂର୍ବେ ଦେଖା ନ ଥିଲା । ଗତ ସୋମବାର ତାହା ଦେଖିବାରେ ଆସିଲା ଏବଂ ଆମନ୍ତ୍ରିତ ବ୍ୟକ୍ତିମାନଙ୍କଠାରୁ ଆମ୍ଭେମାନେ ଶୁଣିଅଛୁଁ ଯେ ସେମାନେ ଏ ସମ୍ପର୍କୀୟ ସମସ୍ତ ବନ୍ଦୋବସ୍ତରେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛନ୍ତି । ପ୍ରାୟ ସନ୍ଧ୍ୟା ୯ ଘଣ୍ଟା ସମୟରେ ସାହେବମାନେ ଭୋଜନ କରିବାକୁ ବସିଲେ । ଶ୍ରୀଯୁକ୍ତ ସ୍ମିଥ ସାହେବ କମିଶନର ପ୍ରଥମ ଆସନ ଗ୍ରହଣ କଲେ ଏବଂ ଟେବଲର ଅପର ପାର୍ଶ୍ୱରେ ଶ୍ରୀଯୁକ୍ତ ଲଡ଼ ଓବ୍ରେଗାନ ସାହେବ ତାହାଙ୍କ ସମ୍ମୁଖରେ ବସିଲେ । ଟେବଲର ଦୁଇପାର୍ଶ୍ୱରେ ଅପର ସାହେବମାନେ ବସିଲେ । ଭୋଜନ ଶେଷ ହେଲାରୁ ବାବୁ

Digitized by srujanika@gmail.com

Split by PDF Splitter



ମଧୁସୂଦନ ଦାସ ଅତି ସଂକ୍ଷେପ ଏବଂ ସୁନ୍ଦର ଭାଷାରେ ଦେଶୀୟ ଲୋକଙ୍କ ମନୋଭାବ ଶ୍ରୀଯୁକ୍ତ ପସି ସାହେବଙ୍କୁ ଜଣାଇଲେ ଏବଂ ସେ ତାହାର ସଂକ୍ଷେପ ଉତ୍ତର ପ୍ରଦାନ କଲେ । ତହିଁ ଉତ୍ତାରୁ ସାହେବମାନେ ସମସ୍ତେ ମିଶି ଗୋଟିଏ ଗାନ କଲେ ଏବଂ ମଧ୍ୟେ୨ରେ ଇଂରାଜୀ ବାଦ୍ୟକରମାନେ ମନୋ-ଘଲଟନର ବାଦ୍ୟଦ୍ୱାରା ସମସ୍ତଙ୍କ କର୍ଣ୍ଣରେ ମଧୁବର୍ଷଣ କରୁଥିଲେ । ବାବୁ କାଳୀପଦ ବାନର୍ଯ୍ୟା ଏବଂ ବାବୁ କହାଇଲାଲ ପଣ୍ଡିତ ସଂକ୍ଷେପରେ ପସି ସାହେବଙ୍କ ଗୁଣାନୁବାଦ ଏବଂ ଆମନ୍ତ୍ରିତ ବ୍ୟକ୍ତିଙ୍କଠାରେ କୃତଜ୍ଞତା ପ୍ରକାଶ କଲେ । ଏଥି ଉତ୍ତାରୁ ସାହେବମାନେ ବାରଦାକୁ ଉଠି ଆସି ବାଣ ପୋଡା ଦେଖିବାରେ କିଛିକାଳ ମଗ୍ନ ହେଲେ । ଏହି ଅବସରରେ ବୈଠକଖାନା ଭିତରୁ ଭୋଜନର ମେଜ ଉଠାଇ ନିଆ ଯାଇ ନୃତ୍ୟ ଗୀତର ମଜଲିସ ପ୍ରସ୍ତୁତ ହେଲା ଏବଂ ସାହେବମାନେ ଦେଶୀୟ ଲୋକଙ୍କ ସହିତ ଏକତ୍ରରେ ମଜଲିସରେ ବସିଲାରୁ ପ୍ରଥମେ ଏକଦଳ ଗୋଷ୍ଠିପୋ ଏବଂ ତହିଁ ଉତ୍ତାରୁ ତନପଞ୍ଜା ବାଈଙ୍କର ନୃତ୍ୟ ଗୀତ ହେଲା । ପ୍ରାୟ ରାତ୍ରି ଦୁଇ ବାଜିବା ପର୍ଯ୍ୟନ୍ତ ଏହିପରି ମଜଲିସ ଲାଗି ଥିଲା ଏବଂ ସାହେବମାନେ ସେଥିରେ ପରମାନନ୍ଦିତ ହେବାର ସମସ୍ତ ଲକ୍ଷଣ ଦେଖା ଯାଉଥିଲା ।

ତହିଁ ଅରଦିନ ଅର୍ଥାତ ଗତ ମଙ୍ଗଳବାର ବେଳ ଘ ୧୦ ଘା ସମୟରେ ଶ୍ରୀଯୁକ୍ତ ପସି ସାହେବ ଯୋବରା ଘାଟଠାରେ ଗୃନବାଇ ଜାହାଜରେ ପ୍ରସ୍ଥାନ କଲେ । ତାହାଙ୍କୁ ମେଲାଣି କରିବା କାରଣ ଘାଟଠାରେ ଅନେକ ଇଂରାଜ ଓ ଦେଶୀୟ ଭଦ୍ର ଲୋକ ଉପସ୍ଥିତ ହୋଇଥିଲେ ଏବଂ ଦମ୍ପତ୍ତୁଭର ଲୋକ ସ୍ଥିତା ସେ କାଳରେ ଅସମ୍ମାନ ହୋଇଥିଲେ । ଏହିରୂପେ ଶ୍ରୀଯୁକ୍ତ ପସି ସାହେବଙ୍କ ବିଦାୟ କାର୍ଯ୍ୟ ସମସ୍ତ ହେଲା । ଅମ୍ଭେମାନେ ଏ ସମସ୍ତ ଅନୁଷ୍ଠାନ ସକାଶେ ଦେଶୀୟ ଲୋକଙ୍କୁ ଧନ୍ୟବାଦ ଦେଇ ପ୍ରାର୍ଥନା କରୁଅଛୁଁ ତ ଈଶ୍ୱର ସାହେବ ମହୋଦୟଙ୍କୁ ନିରାପଦରେ ବିଲାତରେ ପହଞ୍ଚାଇ ଏବଂ ସେଠା ଜଳ ବାୟୁରେ ତାହାଙ୍କର ସ୍ୱାସ୍ଥ୍ୟ ବିଧାନ ପୂର୍ବକ ଅବସର କାଳାନ୍ତେ ପୁନର୍ବାର ନିରାପଦରେ ଏ ଦେଶକୁ ଫେରାଇ ଆଣନ୍ତୁ ଏବଂ ତାହାଙ୍କର ଉତ୍ତରୋତ୍ତର ଉନ୍ନତି ଦେଖି ଅମ୍ଭେମାନେ ଆନନ୍ଦିତ ହେଉ ଥାନ୍ତୁଁ ।

ଉତ୍ତମ୨ ରାଜପୁରୁଷଙ୍କଠାରେ ଏ ନଗରବାସୀଙ୍କର କୃତଜ୍ଞତା ପ୍ରକାଶ କରିବାର ପ୍ରଥମ ଉଦାହରଣ ଏହାକୁ ଅମ୍ଭେମାନେ କହୁ ନାହୁଁ । ଘୋର, ଏଲେକଜଣ୍ଡର, ମାକଫର୍ସନ, ରେବନ୍ସା, ହମ୍ମ ପ୍ରଭୃତି ସାହେବମାନଙ୍କ ବିଦାୟ ସମୟରେ ଦେଶୀୟ ଲୋକମାନେ କୃତଜ୍ଞତା ଦେଖାଇବାକୁ ଅଗ୍ରସର ହୋଇଥିଲେ । ହଡସନ ସାହେବ କଲେକ୍ଟରଙ୍କ ବିଦାୟ ସମୟ ଉପଲକ୍ଷରେ ବାବୁ ଜଗନ୍ମୋହନ ରାୟଙ୍କ ଘରଠାରେ ମଜଲସ ହୋଇ ଥିଲା । ଏଣିକ ସଭ୍ୟତାର ବୃଦ୍ଧି ସଙ୍ଗେ୨ କୀର୍ତ୍ତିତ ବିଦାୟ କାର୍ଯ୍ୟର ଅନୁଷ୍ଠାନ ବାହୁଲ୍ୟରୂପେ ହୋଇଅଛି ବଡ ସୁଖର ବିଷୟ ଅଟଇ ।

---

## ବାଙ୍କିର ଜାଗିରଦାର ଓ ରଏତ ।

ବାଙ୍କିଠାରୁ ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କି ଏ କିଲ୍ଲାରେ ଅନ୍ୟୂନ ୧୫୦୦ ଜାୟଗୀରଦାର ଅଛନ୍ତି, ନ୍ୟୂନ କଳ୍ପରେ ଏମାନଙ୍କର ପାଞ୍ଚମାଣଠାରୁ ଏକଶତ ମାଣ ପର୍ଯ୍ୟନ୍ତ ଜାୟଗୀର ଭୂମି ଅଛି । ଏହା ସବୁ ରାଜୁତ ଅମଳରୁ ରୟତମାନେ ଚାଷ କରି ଜାୟଗୀରଦାରଙ୍କୁ ଖଜଣା ଦେଇ ଆସୁ ଅଛନ୍ତି । ଶୁଣାଯାଏ ଦଶଶାଲା ବନ୍ଦୋବସ୍ତ ରୋଏଦାଦରେ ଉଲ୍ଲେଖ ଅଛି ଯେ ଜାୟଗୀରଦାର ଇଚ୍ଛା କଲେ ରୟତଠାରୁ ଅଧେ ଜମି ନିଜେ ଚାଷ କରିବାକୁ ନେଇ ପାରନ୍ତି, ଏପରି ନିୟମ ଥିଲେ ମଧ୍ୟ ତାହା ଆଜଯାଏ କାର୍ଯ୍ୟରେ ପରିଣତ ହୋଇ ନାହିଁ, କଲେକ୍ଟର ସାହେବଙ୍କର ଗତ ଗସ୍ତରେ ଦୁଇ ଗୁରୁଜଣ ବାହେଲି ପାଇକ ଗୁହାରି କଲେ ଯେ ରୟତମାନେ ଜମି ଛାଡିଲେ ଅମ୍ଭେମାନେ ଖାଇବାକୁ ପାଇଲୁ ନାହିଁ, ସର୍କାରୀ କାର୍ଯ୍ୟ କିପରି କରିବୁ । ତହିଁ ସାହେବ ତହସିଲଦାରଙ୍କ ପରାମର୍ଶ ଅନୁସାରେ ସାବକ ହୁକୁମ ମତେ ରୟତମାନଙ୍କର ଅଧେ୨ ଜମି ଛାଡ ଦେବା ନିମିତ୍ତ ରୟତମାନଙ୍କ ପ୍ରତି ନୋଟିସ ଜାରି କରିବାର ହୁକୁମ ଦେଇ ଅଛନ୍ତି ଓ ତଦନୁସାରେ ତହସିଲଦାରଙ୍କଦ୍ୱାରା ନୋଟିସ ଜାରି ହେଉଅଛି । ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଅଲଙ୍ଘନୀୟ, ମାତ୍ର ଏ କାର୍ଯ୍ୟରେ କିପରି ଘଟନା ଘଟୁଅଛି ଦେଖାଯାଉ । ବର୍ତ୍ତମାନ ଜାୟଗୀରଦାର ଓ ରୟତଙ୍କ ମଧ୍ୟରେ ଭାରି ଆନ୍ଦୋଳନ ଲାଗିଅଛି । ଉଭୟ ପକ୍ଷରେ ଗବର୍ଣ୍ଣମେଣ୍ଟରେ ଆବେଦନ କରିବା ନିମିତ୍ତ ଚାନ୍ଦା ସଂଗ୍ରହ ହେଉଅଛି । ଅମ୍ଭେମାନେ ବୋଲୁଁ ଏ କାର୍ଯ୍ୟ ଛିଣ୍ଡିବା ମାତ୍ର ବଣି ପୋଷିଲା ପରି ହେବ । ରୟତମାନେ ବହୁକାଳର ଚାଷୀ, ସେମାନେ ଭୂମିର ଉନ୍ନତି ସାଧନ କରିଅଛନ୍ତି, ବର୍ତ୍ତମାନ ଭୂମିର ମୂଲ୍ୟ ଚାରିଆଡେ ବଢିଅଛି, ଏଥିରେ ଗରିବ ଖଣ୍ଡାଏତ ପ୍ରଜାଙ୍କ ପ୍ରତି ଏ କାର୍ଯ୍ୟ ଅତି ଅନ୍ୟାୟ ଅଟେ । ଆମ୍ଭମାନଙ୍କ ବିବେଚନାରେ ସାହେବ ମହୋଦୟ ଯଦି ଜାୟଗୀରଦାରଙ୍କ ଦୁଃଖରେ ଦୁଃଖୀ ହେଲେ ତେବେ ଉଭୟ କୂଳକୁ ଦୃଷ୍ଟିପାତ କରି ଜାୟଗୀରଦାରର ଖଜଣା ଜମିମାନଙ୍କରେ ସଞ୍ଜା ବା ଭାଗର ନିୟମ କରାଇ ଦେଇଥିଲେ ଅତି ଉତ୍ତମ କାର୍ଯ୍ୟ ହୋଇ ଥାନ୍ତା । କାରଣ ନବାଙ୍କ ଦୁର୍ଭିକ୍ଷଠାରୁ ଲୋକେ ଧାନର ଉପଯୋଗିତା ବିଶେଷ ବୁଝି ଅଛନ୍ତି, ଏଥିପାଇଁ ଲୋକେ ଭୂସମ୍ପତ୍ତିର ଅଧିକ ପକ୍ଷପାତୀ, ବର୍ତ୍ତମାନ ଦେଖ ଯେଉଁ ଜାୟଗୀରଦାରର ମା ୫୦ ଣ ଭୂମି ୫ ଜଣ ରୟତ ଚାଷ କରି ୫୦ ପ୍ରାଣୀ ପୋଷୁ ଅଛନ୍ତି, ତହିଁରୁ ମା ୨୫ ଣ ଖାରଜ କରି ଦେଲେ ଜାୟଗୀରଦାରର ଏକ ପରିବାର ସୁଖରେ ଚଳ ପାରିବେ ମାତ୍ର ୫ ଟି କୃଷକର ପରିବାର କ୍ଲେଶିତ ହେବ । ଏହାକୁ ଅମ୍ଭେମାନେ ପ୍ରଜାପାଳନକାରୀ ନିୟମ ବୋଲି ପାରୁ ନାହୁଁ । ପୁଣି ଏଥିରେ ଆଉର ଏକ ଅନିଷ୍ଟର ସୂତ୍ରପାତ ହୋଇଅଛି । କେହି୨ କୃଷକ ଜାୟଗୀର ଜମିକି ଆଣ୍ଠ ଆକଟ ସମୟରେ ବନ୍ଧକ ଦେଇଅଛନ୍ତି, ବନ୍ଧକଦାରମାନେ ଏହି ସମୟରେ ଜମି ରୟତଠାରୁ ଯିବ ଜାଣି ଟଙ୍କା ଆଦାୟର ଉପାୟ ଲେଉଁ ଅଛନ୍ତି । ଲଭ ମଧ୍ୟରେ ଏତକ ଅନେକ ମାମଲା ହେବ, ଗବର୍ଣ୍ଣମେଣ୍ଟଙ୍କର ଅସଂଖ୍ୟ କୋର୍ଟଫିସ ବିକ୍ରୟ ହେବ । ଉପୃତର ଜାୟଗୀର ଜମି ବନ୍ଧକ ଦେବା ଅନ୍ୟାୟ, ମାତ୍ର ଗରିବ ପ୍ରଜା କ କରି ପାରେ ଦେଶର ଅବସ୍ଥା ଦୃଷ୍ଟିରେ କୃଷକମାନଙ୍କର ଦୁରବସ୍ଥାର ଦୃଷ୍ଟି ବଡ଼ କମ, ପୁଣି ବାଲ୍ୟ ବିବାହ ପ୍ରଭୃତି ପ୍ରଥା ଚଳୁଥିବାରୁ ଅଳ୍ପ ବୟସରେ ଅନେକ ଗୁଡାଏ ପିଲା ଝିଲା, ସୁତରାଂ ବରଷରେ ୨-୪ ନମ୍ବର ବାହା ପୁଅଣି ଓଗେର ନିମିତ୍ତ ପଡ଼େ, ଅତଏବ ଗରିବ ପ୍ରଜା ରାଜନିୟମ ଲଙ୍ଘନ କରି ( ବା ରାଜନିୟମ ନ ଜାଣି ) ଅଗତ୍ୟା ବନ୍ଧକ ଦେଇ କାମ ଚଳାଇ ନିଏ । ପ୍ରକୃତ ପକ୍ଷରେ ଦେଖାଯାଏ ପ୍ରଜାମାନେ ଚାରିଆଡ଼ୁ ବାନ୍ଧି ହୋଇ ମରୁଅଛନ୍ତି ।

ଆମ୍ଭମାନଙ୍କ ବିବେଚନାରେ କଲେକ୍ଟର

Digitized by srujanika@gmail.com

Split by PDF Splitter



ସାହେବ ଉପରଲିଖିତ ଆଜ୍ଞା ଦେଇଥିଲେ ଭଲ କରି ନାହାନ୍ତି । ବାକି ଏତେବେଳେ ଗତଥାତ ନୁହଇ । ଆଇନ ତାର ଦୋଷ ଅଟଇ । ସୁତରାଂ ଭୂମ୍ୟଧିକାରୀ ଓ ପ୍ରଜାଙ୍କ ସମ୍ପର୍କ ଅଦାଲତଦ୍ୱାରା ସ୍ଥିର ହେବାର ଉଚିତ । ଜାଗୀରଦାରର ଯେବେ ପ୍ରଜାକୁ ବେଦଖଲ କରିବାର ଅଧିକାର ଅଛି ତେବେ ଉପଯୁକ୍ତ ଅଦାଲତରେ ନାଲିଶ କଲେ ଉଚିତକାର୍ଯ୍ୟ ହେବ ଓ ପ୍ରଜାର ଦଖଲୀ ସ୍ୱତ୍ୱ ଥିବା ନ ଥିବା କଥା ସେ ସମୟରେ ସ୍ଥିର ହେବ । ଅଦାଲତକୁ ଉପେକ୍ଷା କରି କର୍ତ୍ତୃତ୍ୱ ବିଭାଗରୁ ନୋଟିସ ଜାରି କରିବା ଅର୍ଥ ପ୍ରଜାଙ୍କୁ ଏକ ପ୍ରକାର ଭ୍ରମ ବା ଭୟଯୁକ୍ତ କରି ୨ ଉପଯୁକ୍ତ ପ୍ରତୀକାରରୁ ସେମାନଙ୍କୁ ଅନ୍ତର କରିବା ଭିନ୍ନ ଆଉ କିଛି ନୁହଇ । ଦୁଇ ଏକ ଜାଗୀରଦାର ଯେବେ ଅଦାଲତଙ୍କ ବିଚାରପୂର୍ବକ ଆପଣା ସ୍ୱତ୍ୱ ପ୍ରବଳ କରାଇବେ ତେବେ ସମସ୍ତଙ୍କ ସକାଶେ ତାହା ଉପଦେଶ ହୋଇଯିବ ଓ ଜାଗୀରଦାର ଓ ପ୍ରଜା ଆପଣା୨ ସ୍ୱତ୍ୱର ପ୍ରକୃତ ଜ୍ଞାନ ଲାଭ କରି ତଦନୁସାରେ କର୍ମକାରକ ହେବ ।

---

## ଆତ୍ମଶାସନ ବିଷୟକ ବ୍ୟବସ୍ଥା ।

ପାଠକମାନେ ଜାଣନ୍ତି ଯେ ଆତ୍ମଶାସନ ପ୍ରଣାଳୀ ଏଦେଶରେ ପ୍ରଚଳିତ କରିବା ଉଦ୍ଦେଶରେ ଯୋଡ଼ିଏ ଆଇନ କଳ୍ପିତ କରିବାକୁ ବଙ୍ଗଳା ଗବର୍ଣ୍ଣମେଣ୍ଟ କୃତସଙ୍କଳ୍ପ ହୋଇଅଛନ୍ତି ଗୋଟିଏ ସଦର ସକାଶେ ଏବଂ ଗୋଟିଏ ମୋଫସଲ ସକାଶେ । ସଦର ସକାଶେ ଯେଉଁ ବ୍ୟବସ୍ଥା ହେବ ତହିଁର ଭାର ମାନ୍ୟବର କେନଲଡ଼ ସାହେବ ଗ୍ରହଣ କରି ଯେଉଁ ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଉପସ୍ଥିତ କରିଅଛନ୍ତି ତହିଁର ଅଭିପ୍ରାୟ ପାଠକମାନଙ୍କୁ ଜଣାଇଅଛୁଁ । ପାଣ୍ଡୁଲିପିଟି ଅଲ୍ପଦିନ ହେଲା ଗେଜେଟରେ ପ୍ରକାଶିତ ହୋଇଅଛି ଏବଂ ଆମ୍ଭେମାନେ ଯଥାସମୟରେ ତହିଁର ସମାଲୋଚନା କରିବୁଁ ।

ମୋଫସଲ ସକାଶେ ଯେଉଁ ଆଇନ କରିବାର ପ୍ରସ୍ତାବ ହୋଇଅଛି ତହିଁର ଭାର ମାନ୍ୟବର ମେକଲେ ସାହେବ ଗ୍ରହଣ କରିଅଛନ୍ତି ଏବଂ ସେ ଗୋଟିଏ ଦୀର୍ଘ ଏବଂ ସୁନ୍ଦର ବକ୍ତୃତାଦ୍ୱାରା ଉକ୍ତ ଆଇନର ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଅବଗତ କରିଅଛନ୍ତି । ସହରରେ ଆତ୍ମଶାସନର ଯେଉଁ ବ୍ୟବସ୍ଥା ପୂର୍ବରୁ ପ୍ରଚଳିତଅଛି ତାହାର ନାମ ମ୍ୟୁନିସିପାଲ ଆଇନ । କେବଳ ଏହାର ବିଷୟ ଅନେକ ଜାଣନ୍ତି ଏବଂ ଏଥିରେ କେବଳ କେତେଗୁଡ଼ିଏ ପରିବର୍ତ୍ତନ କଲେ ନୂତନ ବ୍ୟବସ୍ଥାର ଉପଯୁକ୍ତ ହେବ ସୁତରାଂ ଏଥି ସମ୍ପର୍କୀୟ କାର୍ଯ୍ୟ ବଡ଼ କଠିନ ନୁହଇ । କିନ୍ତୁ ମୋଫସଲରେ ଅଦ୍ୟାପି ଆତ୍ମଶାସନର ସୂତ୍ରପାତ ହୋଇ ନାହିଁ ଏବଂ ମୋଫସଲର ଲୋକ ଅଧିକାଂଶ ଶାସନ କାର୍ଯ୍ୟରୁ ଅନଭିଜ୍ଞ । ସେମାନଙ୍କୁ ଆତ୍ମଶାସନ ନିମିତ୍ତ ଉପଯୁକ୍ତ କରିବା ଓ ସାଧାରଣ ବିଷୟରେ ସେମାନଙ୍କର ମନ ଲଗାଇବା ବଡ଼ କଠିନ କାର୍ଯ୍ୟ ଅଟଇ ଅତଏବ ମାନ୍ୟବର ମେକଲେ ସାହେବ ଯେଉଁ ଭାର ଗ୍ରହଣ କରିଅଛନ୍ତି ତାହା ଯେମନ୍ତ ନୂତନ ତେମନ୍ତ ଗୁରୁତର ଅଟଇ ଏବଂ ତହିଁପାଇଁ ସେ ଦୀର୍ଘବକ୍ତୃତାଦ୍ୱାରା ଆପଣା ଅଭିପ୍ରାୟ ବ୍ୟବସ୍ଥାପକ ସଭାକୁ ବୁଝାଇବାକୁ ବାଧ୍ୟ ହୋଇଅଛନ୍ତି । ଆମ୍ଭେମାନେ ତାହାଙ୍କ ବକ୍ତୃତା ପଢ଼ି ବଡ଼ ପ୍ରୀତ ହୋଇଅଛୁଁ ମାତ୍ର ଏ କ୍ଷୁଦ୍ର ପତ୍ରିକାରେ ତହିଁର ସବିଶେଷ ପରିଚୟ ଦେବା ଅସମ୍ଭବ ହେବାରୁ କେବଳ ତାହାଙ୍କର ପ୍ରସ୍ତାବମାନଙ୍କର ସଂକ୍ଷେପ ବର୍ଣ୍ଣନା କରୁଅଛୁଁ ।

ମେକଲେ ସାହେବ କହନ୍ତି ମୋଫସଲରେ ଆତ୍ମଶାସନ ପ୍ରଣାଳୀ ପ୍ରଚଳନ ସମ୍ପର୍କରେ ତିନୋଟି ପ୍ରଧାନ ବିଷୟ ସ୍ଥିର କରିବାକୁ ହେବ ଅର୍ଥାତ ପ୍ରଥମ କିରୂପେ ଆତ୍ମଶାସନ ସମିତି ସଂଗଠିତ ହେବ । ୨ୟ ଏହାର କାର୍ଯ୍ୟ ଉପରେ କିପରି କର୍ତ୍ତୃତ୍ୱ କରିବାକୁ ହେବ ଏବଂ ୩ୟ କେଉଁ କାର୍ଯ୍ୟଭାର ଏହାକୁ ପ୍ରଦତ୍ତ ହେବ ।

ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ବୋର୍ଡ ବା ସଭା ସ୍ଥାପିତ ହେଲେ ଚଳିବ ନାହିଁ । କାରଣ ଜିଲ୍ଲାର ଆୟତନ ଅନେକ ବଡ଼ ହେବାରୁ ସଦର ମୁକାମର ଦୂର ନିବାସି ସଭ୍ୟମାନେ ଅଳ୍ପ ଅଧିବେଶନରେ ଉପସ୍ଥିତ ହେବେ ଏବଂ ଅଳ୍ପ କାଳ ଅନ୍ତରରେ ସଭାର ଅଧିବେଶନ ନ ହେଲେ କାର୍ଯ୍ୟ ଚାଲି ପାରିବ ନାହିଁ । ଅତଏବ ପ୍ରତ୍ୟେକ ସବଡିବିଜନରେ ଗୋଟିଏ ଲେଖାଏଁ ବୋର୍ଡ ବସାଇବାର ପ୍ରସ୍ତାବ ହୋଇଅଛି । ଏହାର ନାମ ଲୋକେଲବୋର୍ଡ ହେବ ଏଥିରୁ ଅଳ୍ପ ଆୟତନରେ ବୋର୍ଡ ବସିଲେ ଅଧିକ କାର୍ଯ୍ୟ ମିଳିବ ନାହିଁ ସୁତରାଂ ବୋର୍ଡ ବସାଇବାର ଉଦ୍ଦେଶ୍ୟ ନିଷ୍ଫଳ ହେବ । ପ୍ରତ୍ୟେକ ଲୋକେଲବୋର୍ଡ ଆପଣା ଏଲାକାର ସମସ୍ତ କାର୍ଯ୍ୟ ଏକା ନିର୍ବାହ କରିବାକୁ ସମର୍ଥ ହେବେ ନାହିଁ ଏମାନେ ସ୍ୱଭାବତଃ ଆପଣା ଅଧୀନ ନାନା ସ୍ଥାନର ଜାଣିବା ଲୋକ ଓ କାର୍ଯ୍ୟକ୍ଷମଙ୍କ ସାହାଯ୍ୟ ନେଇବେ ଏବଂ ଯେ ସମସ୍ତ ଗ୍ରାମରେ ସେପ୍ରକାର ଲୋକ ପାଇଯିବେ ସେ ସମସ୍ତ ଗ୍ରାମରେ ଗୋଟିଏ ଲେଖାଏ ଶାଖା ସଭା ବସାଇବାକୁ ହେବ ଯେ ତାହାର ନାମ ୟୁନିୟନ ବୋର୍ଡ ହେବ । ଏକ ଅଥବା ଦୁଇ ତିନି ଗ୍ରାମ ଏକତ୍ରେ ମିଶି ଗୋଟିଏ ୟୁନିୟନର ଏଲାକା ହେବ ମାତ୍ର କୌଣସି ୟୁନିୟନର ଅନ୍ତର ଏକ କୋଶରୁ ଊଣା ହେବ ନାହିଁ । ୟୁନିୟନ ବୋର୍ଡର ସଭ୍ୟମାନେ ସେହି ଏଲାକା ନିବାସିଙ୍କଦ୍ୱାରା ମନୋନୀତ ହେବେ ସେମାନେ ଆପଣା ଏଲାକାର ଡାକ୍ତରଖାନା ବିଦ୍ୟାଳୟ ଏବଂ ସଡ଼କ ସମ୍ପର୍କୀୟ କାର୍ଯ୍ୟ ନିର୍ବାହ କରିବେ । ଏହି ବୋର୍ଡମାନେ ଲୋକେଲ ବୋର୍ଡର ସଭ୍ୟ ମନୋନୀତ କରିବେ । ଓ ଏହି ନିୟମରେ ପ୍ରତ୍ୟେକ ଥାନାରୁ ଦୁଇ ଜଣ ଲେଖାଏଁ ସଭ୍ୟ ମନୋନୀତ ହେବେ । କିନ୍ତୁ ୟୁନିୟନର ଲୋକମାନେ ଆପଣା ଗ୍ରାମ ଛଡ଼ା ଦୂରର ସମ୍ବାଦ ଅଧିକ ରଖନ୍ତି ନାହିଁ ଏବଂ ଯେଉଁ ଗ୍ରାମରେ ୟୁନିୟନ ବସି ନାହିଁ ସେଠାରେ ମଧ୍ୟ ଏପରି ଲୋକ ମିଳିପାରନ୍ତି ଯେ ସେମାନେ ବୋର୍ଡର ମେମ୍ବର ହୋଇ କିମ୍ବା ମନୋନୀତ କରି ପାରିବେ ଏଥିପାଇଁ ପ୍ରସ୍ତାବ ହୋଇଅଛି କି ଇଙ୍ଗଲି ମକ୍ତାର ଉଚ୍ଚବିଦ୍ୟାଳୟର ପ୍ରଶଂସା ପତ୍ର ବା ଉପାଧିଧାରି ଓ ମାସକୁ ଟ ୫୦ ଟଙ୍କାର ଅନ୍ୟୂନ ବେତନଭୋଗୀ ଗବର୍ଣ୍ଣମେଣ୍ଟ କର୍ମଚାରୀ ଏହି ବ୍ୟକ୍ତିମାନେ ଲୋକେଲବୋର୍ଡର ସଭ୍ୟ ହୋଇ ପାରିବେ ଏବଂ ମନୋନୀତ କରି ପାରିବେ । ମାତ୍ର ଯାହାର କୌଣସି ପ୍ରକାର ସ୍ଥାନୀୟ ସଂସର୍ଗ ନ ଥିବ ତାହାକୁ ଏହି ଅଧିକାର ଦିଆଯିବ ନାହିଁ । ସଭ୍ୟ ନିର୍ବାଚନ କରିବାକୁ ଯେଉଁମାନେ ଯୋଗ୍ୟ ସେହିମାନେ ସଭ୍ୟ ନିର୍ବାଚିତ ହେବା ସକାଶେ ପ୍ରାର୍ଥୀ ହୋଇପାରିବେ ଏହାଛଡ଼ା ଯେଉଁମାନେ ବର୍ଷକୁ ଟ ୧୦୦ ରୋଡସେସ ବା ଟ ୫୦ ଲାଇସେନ୍ସ ଟାକ୍ସ ଦିଅନ୍ତି ଅଥବା କୌଣସି ଉପାୟରେ ବର୍ଷକୁ ଟ ୨୦୦୦ ଲା ଆୟ କରନ୍ତି ସେମାନେ ସଭ୍ୟପଦର ପ୍ରାର୍ଥୀ ହୋଇପାରିବେ । ଥାନା ସଂଖ୍ୟାରେ ବୋର୍ଡର ସଭ୍ୟ ଯେତେ ହେବେ ଗବର୍ଣ୍ଣମେଣ୍ଟ ତହିଁମଧ୍ୟରୁ ଏକ ତୃତୀୟାଂଶ ମନୋନୀତ କରି ପାରିବେ ଅର୍ଥାତ କୌଣସି ସବଡିବିଜନରେ ଚାରି ଥାନା ଥିଲେ ସେଠା ଲୋକେଲ ବୋର୍ଡର ସଭ୍ୟ ସଂଖ୍ୟା ୮ ଜଣ ହେବ ଏବଂ ତହିଁ ମଧ୍ୟରୁ ଗବର୍ଣ୍ଣମେଣ୍ଟ ଦୁଇଜଣ ମନୋନୀତ କରିବେ ମାତ୍ର ସଭ୍ୟ ସଂଖ୍ୟାର ଏକ

Digitized by srujanika@gmail.com

ତତୁର୍ଥାଂଶରୁ ଅଧିକ ସଂଖ୍ୟକ ଗବର୍ଣ୍ଣମେଣ୍ଟ କର୍ମଗ୍ଣର ନିଯୁକ୍ତ ହେବେ ନାହିଁ । ବୋର୍ଡମାନେ ଆପଣା ସଭାପତି ଓ ସହକାରୀ ସଭାପତି ନିର୍ଯ୍ୟୋଗ କରବେ ମାତ୍ର ଗବର୍ଣ୍ଣମେଣ୍ଟଙ୍କର ମଞ୍ଜୁର ନେବାକୁ ହେବ ।

ମଜିଷ୍ଟ୍ରେଟ ସାହେବ ସକଳ ବୋର୍ଡର କାର୍ଯ୍ୟ ତତ୍ତ୍ୱାବଧାନ କରବେ ଏବଂ କୌଣସି ବୋର୍ଡ ଯେବେ ଆପଣା କାର୍ଯ୍ୟରେ ଅତ୍ୟନ୍ତ ହେଳା କରବ ତେବେ ମାଜିଷ୍ଟ୍ରେଟ ଉକ୍ତ ବୋର୍ଡକୁ ସ୍ଥଗିତ କର ତହିଁର କାର୍ଯ୍ୟ ଭାର ଆପେ ଗ୍ରହଣ କରବେ । ବୋର୍ଡର କାର୍ଯ୍ୟର ତତ୍ତ୍ୱାବଧାରଣ ନିମିତ୍ତ କଲିକତାରେ ଏକ କେନ୍ଦ୍ରବୋର୍ଡ ସ୍ଥାପିତ ହେବ ଯେ ସକଳ ବୋର୍ଡମାନେ ତହିଁର ଅଧୀନରେ କର୍ମ କରବେ ଏବଂ ଏହିପର ଉକ୍ତ ନିୟମମାନେ ଲୋକେଲ ବୋର୍ଡ ଅଧୀନରେ କର୍ମ କରବେ । ଏରୂପେ ଲୋକେଲ ବୋର୍ଡର ଯଥେଷ୍ଟ କ୍ଷମତା ଆପଣା ଏଲାକା ମଧ୍ୟରେ ରହିବ ।

ଲୋକେଲବୋର୍ଡଙ୍କ ହସ୍ତରେ ଆପାତତଃ ରୋଡସେସ ଓ ଫେର ଘାଟର ଆୟ ଦିଆଯିବ ଏବଂ ଶିକ୍ଷାର ବ୍ୟୟ ନିମିତ୍ତ ଗବର୍ଣ୍ଣମେଣ୍ଟ ବର୍ଷକୁ ବର୍ଷ ସାହାଯ୍ୟର ପରିମାଣ ବଢାଇ ଦେବେ । ଇଉନିୟନମାନେ କେବଳ ଆପଣା ଏଲାକା ଡାକ୍ତରଖାନାର ବ୍ୟୟ ନେଇ କାର୍ଯ୍ୟ କରବେ । ନୂତନ ବ୍ୟବସ୍ଥାର ସ୍ଥୂଳ ମର୍ମ ଏହିମାନ ଅଟଇ ପାଣ୍ଡୁଲିପି ବାହାର ହେଲେ କ୍ରମଶଃ ବାହୁଲ୍ୟ କଥାମାନ ପ୍ରକାଶ ପାଇବ । ଅମ୍ଭେମାନେ ପ୍ରାର୍ଥନା କରୁଁ କ ଅତିଭବ୍ୟ ଲୋକେ ସ୍ଥାନୀୟ ଅନୁଶାସନ ନିମିତ୍ତ ଯେପରି ଅଗ୍ରହ ପ୍ରକାଶ କରିଅଛନ୍ତି ଆଜିଠାରୁ ଏହି ଆଇନର ଦୋଷ ଗୁଣ ବିଚାର କରିବାକୁ ତତ୍ପର ହେଉନ୍ତୁ ଯେ ତାହା ହେଲେ ତାହାଙ୍କର ଅଗ୍ରହ ଆନ୍ତରିକ ଥିବା ସର୍ବସାଧାରଣରେ ପ୍ରକାଶ ହେବ ଏବଂ ଗବର୍ଣ୍ଣମେଣ୍ଟ ଜାଣିପାରବେ ଯେ ଅମ୍ଭେମାନେ କାର୍ଯ୍ୟ କରିବାକୁ ବାସ୍ତବରେ ପ୍ରସ୍ତୁତ ଅଟୁଁ ।

---

## FAREWELL TO Mr. PAWSEY.

Our late Collector Mr. R. H. Pawsey has left for England on 20 months furlough. From the time that it was known that his successor had been appointed, the whole community, European and native, have taken every opportunity of showing how his uniform kindness and consideration for every one have been appreciated. Courteous and accessible to all at all times from the rich zemindar to the poorest ryot, patient in listening, prompt and clear in deciding, and even if having to decide against a person doing so in such a manner as to convey the least possible annoyance, he leaves Cuttack with the good wishes of all officials and non-officials; and we trust he will enjoy his well earned furlough and return to India to make another Division as happy as he has made Cuttack during his term of office; as it is not probable he will return here. We are fortunate in having, as his successor, Mr. Jones whose good reputation has preceded him and who cannot but feel gratified at the friendly feelings displayed towards Mr. Pawsey as showing him that the community, he has been appointed to govern, are susceptible of gratitude in a high degree. Such a scene as the final farewell to Mr. Pawsey at the Jobra Ghat is seldom seen. Strong men unaccustomed to display emotion were visibly affected.

We must try to describe the Farewell entertainment given on the night of Monday last. After some hesitation, as Mr. Pawsey is naturally of a retiring disposition and averse to public display, he accepted the proposal of many of his native friends to give a dinner in his honor. The idea originated with a few, but as it became known many wished to contribute towards the cost of the entertainment. The place chosen was the handsome new Hall erected by Babu Behary Lal Pundit who was only too pleased to lend it for the occasion; and the arrangements for the dinner which we are told by the guests were very good, were undertaken and successfully carried out by Mr. M. S. Das. Nearly all the European gentlemen were present-Mr. Smith the Commissioner presiding at the table faced by Mr. Worgan the Judge. After the dinner although Mr. Pawsey had particularly asked that no speeches be made, a few words expressing the feelings of the native community towards their guest were apologetically spoken by Mr. M. S. Das, and very briefly but kindly responded to by Mr. Pawsey. The usual honors of the "Jolly good fellow" refrain were given with much enthusiasm, and on "Auld lang syne" being played by the Band the guests crossed and joined hands and sang it. A very pleasant evening was spent by all and continued until the small hours of Tuesday.

---

# ସାପ୍ତାହିକ ସଂବାଦ ।

କଟକ ମିଉନିସିପଲ କମିଶନର ବାଞ୍ଛାଚରଣ ଦାସ ଉପରେ ସର୍ବସୁଦ୍ଧା ୧ ୧/୨ ମାସ କାରାବାସ ଦଣ୍ଡ ହୋଇଥିଲା ଜଜ ସାହେବଙ୍କଠାରେ ଶେଷ ଅପିଲ ହେବାରେ ସେଥିରୁ ୧ ୨/୧ ମାସ କଟି ଯାଇଅଛି । କଟିଯିବାର କାରଣ ଏହି କ ମିଉନିସିପଲ ଟଙ୍କା ଆତ୍ମସାତ୍ କରିବାର ଦୁଇ ଅଭିଯୋଗ ଏବଂ ଇଲେକ୍ଟ୍ରମାନଙ୍କୁ ଠକାଇ ଚେକ ବାହାର କରିବାର ଏକ ଅଭିଯୋଗ କର ଶେଷ ଅଭିଯୋଗରେ ୧ ୨୦ ଓ ଅର୍ଥଦଣ୍ଡ ନ ଦେଲେ ମା ୧୪ ଘ କାରାବାସ ଦଣ୍ଡ ଶ୍ରୀଯୁକ୍ତ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ବରଦାକାନ୍ତ ମଜୁମଦାର ଦେଇ ଥିଲେ ଜଜ ସାହେବଙ୍କ ବିଚାରରେ ଠକାଇବା ଅଭିଯୋଗଟା ରହି ପାରିଲା ନାହିଁ କାରଣ ତାହା କେବଳ ଅନୁସାନ୍ତ ଅପରାଧ କରିବାର ଗୋଟିଏ ଉପାୟ ଥିଲା ।

ଏ ନଗରର ପ୍ରଥମ ମୁନସଫ ବାବୁ ହରେକୃଷ୍ଣ ଗୁହ ପ୍ରଥମ ଶ୍ରେଣୀକୁ ଉନ୍ନତ ପାଇ ଅଛନ୍ତି ।

କେନାଲ ରେବନ୍ୟୁ ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ସ୍ପର୍ଟ ସାହେବ ମେଦିନୀପୁରଠାରୁ ଏ ଜିଲ୍ଲାକୁ ବଦଳି ହୋଇଅଛନ୍ତି ।

ଶୁଣି ଆନନ୍ଦିତ ହେଲୁଁ ଯେ, ବାଲେଶ୍ୱରର ସ୍କୁଲ ସବ୍ ଇନ୍ସ ବାବୁ ଭୋଳାନାଥ ଦାସଙ୍କ କର୍ମରେ ବାବୁ ଯଦୁନାଥ ଘୋଷ ନିଯୁକ୍ତ ହୋଇଅଛନ୍ତି ।

କଟକରବରୁ ଅବଗତ ହେଲୁଁ ବଜଘାଟରୁ ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ ସଡ଼କ ରେଲବାଟର ଉପଯୋଗୀ କ ନା ଓ ତଦ୍ୱାରା ସ୍ଥାନୀୟ ପୟଃ ପ୍ରଣାଳୀର କୌଣସି ବ୍ୟାଘାତ ହେବ କ ନା ତଦନ୍ତ କରିବା ସକାଶେ ସେଠାର କେନାଲ ବିଭାଗର ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କ ଉପରେ ଗବର୍ଣ୍ଣମେଣ୍ଟରୁ ଆଦେଶ ହୋଇଅଛି । ଲ, ଦ,

ହିନ୍ଦୁପେଟ୍ରିୟଟରୁ ଅବଗତ ହେଲୁଁ ଯେ ମଧୁବନି ସଂସ୍କୃତ ସ୍କୁଲ କମିଟିକୁ ବଙ୍ଗାଳ ଗବର୍ଣ୍ଣମେଣ୍ଟ ମାସିକ ଟ ୨୫ ଙ୍କା ଅର୍ଥ ସାହାଯ୍ୟ କରିବା କାରଣ ମଞ୍ଜୁରୀ ପ୍ରଦାନ କରିଅଛନ୍ତି । ସଂସ୍କୃତ ଶିକ୍ଷାର ଯେ ଦିନ ୨ ଘ୍ରାସ ଭଗ୍ନା ହୋଇଆଉଅଛି ସଂସ୍କୃତ ଶିକ୍ଷାପ୍ରଦାୟକ ବିଦ୍ୟାଳୟମାନ ସଙ୍ଗତ ବସ୍ଥାନରେ ଚଲି ତହିଁ ନ ପାରିବା ତହିଁର ଏକ ପ୍ରଧାନ କାରଣ ଅଟଇ ଗବର୍ଣ୍ଣମେଣ୍ଟ ଯେ ଏ ଅଭାବ ବୁଝି ପାରି ଉପଯୁକ୍ତ ସାହାଯ୍ୟ ମଞ୍ଜୁର କରିଅଛନ୍ତି ଏଥିରେ ଅମ୍ଭେମାନେ ଯଥେଷ୍ଟ ପ୍ରୀତ ହୋଇଅଛୁଁ ଏବଂ ଭରସା କରୁଁ ସ୍ଥାନୀୟ ସମସ୍ତ ସଂସ୍କୃତ ବିଦ୍ୟାଳୟମାନ ଉପରେ ଦୃଷ୍ଟି କରି କେତେଗୋଟି ଉଚ୍ଚ ଅବସ୍ଥା

ସଂସ୍କୃତ ସ୍କୁଲକୁ ଏହିପରି ଅର୍ଥ ସାହାଯ୍ୟ ପ୍ରଦାନ କରିବାରେ ଗବର୍ଣ୍ଣମେଣ୍ଟ ଅଗ୍ରସର ହେବେ ।

ବାବୁ ପ୍ରତାପଚନ୍ଦ୍ର ରାୟ ମୂଳ ସଂସ୍କୃତ ରାମାୟଣ ଓ ମହାଭାରତ ବଙ୍ଗଳା ଭାଷାରେ ଅନୁବାଦିତ କରି ଜନାମୂଲ୍ୟରେ ବିତରଣ କରୁଅଛନ୍ତି ପାଠକେ ଅବଗତ ଅଛନ୍ତି । ସେହି କାର୍ଯ୍ୟ ନିମିତ୍ତ ପ୍ରକାଶକ ଅର୍ଥାଭାବରେ ସାଧାରଣ ସାହାଯ୍ୟ ଲୋଡ଼ୁଅଛନ୍ତି । ତାହା ନବାବ ଅବଦୁଲଗଣି ବାହାଦୁର ସି ଏସ ଆଇ ଏଥି ନିମିତ୍ତ ଏକକାଳୀନ ଟ ୨୦୦ ଙ୍କା ଦାନ ଦେଇ ଅଛନ୍ତି ଜଣେ ମୁସଲମାନ ହିନ୍ଦୁ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟରେ ଏକକାଳୀନ ଏତେଗୁଡ଼ଏ ଟଙ୍କା ଦେବାକୁ ଦେଖିବା ଅବଶ୍ୟ ଆହ୍ଲାଦର ବିଷୟ । ହିନ୍ଦୁ ଦେଶୀୟ ବୋଲିବା ଯେ ଅଳ୍ପଦିନ ତଳେ ଦରଭଙ୍ଗାର ମହାରାଜା ହିନ୍ଦୁ ହେଲେ ମଧ୍ୟ ମୁସଲମାନମାନଙ୍କ ଶିକ୍ଷା ନିମିତ୍ତ ଅନେକ ଅର୍ଥ ସାହାଯ୍ୟ କରିଥିଲେ । ଏଣୁ ଦିବାଦୃଷ୍ଟ ମଧ୍ୟ ପ୍ରଥମ ପ୍ରାୟ ଆହ୍ଲାଦର ବିଷୟ ଅଟେ । ଏହା ଦେଖି ଆମ୍ଭମାନଙ୍କର ବିଶ୍ୱାସ ଜନ୍ମୁଅଛି ଯେ କାଳେ ଏହିରୂପ ମହାତ୍ମାଙ୍କର ଅନୁକରଣରେ ଭାରତ ପ୍ରଚଳିତ ଭାରତୀୟ ହିନ୍ଦୁ ମୁସଲମାନଙ୍କର ବିବାଦର ଉଦାହରଣ ଭାରତ ଇତିହାସରୁ ଲୁପ୍ତ ହୋଇଯିବ । ବାସ୍ତବିକ ହେଲେ ନାନାସ୍ଥାନରେ ହିନ୍ଦୁ ଓ ମୁସଲମାନମାନଙ୍କର ଅକାରଣ ଅନ୍ୟାୟ କଳହ ଦେଖି ଇଂରେଜମାନେ ଅଧିକ ଦୁଃଖିତ ହେଉଥିଲେ ଏବଂ ବର୍ତ୍ତମାନରୁ ଉପରୋକ୍ତ ରୂପ ଦୃଷ୍ଟାନ୍ତରେ ଆମ୍ଭେମାନେ ପରୋପକାର ଅଭ୍ୟାସ ହୋଇଅଛୁଁ ଭାରତୀୟ ହିନ୍ଦୁ ଓ ମୁସଲମାନମାନେ ଯେତେବେଳେ ବନ୍ଧୁତ୍ୱଭାବ ଧାରଣ କରି ପରସ୍ପର ଭ୍ରାତୃରୂପରେ ଦେଖିବାକୁ ଇଚ୍ଛୁକ ହେବେ ସେତେବେଳେ ପ୍ରକୃତରେ ସଭ୍ୟତା ଭାରତରେ ବିସ୍ତାରିତ ହୋଇଯିବ ।

ଅଲବାପାଣ୍ଡା ଏବଂ ଅନ୍ୟ କେତେକ ଦେଶୀୟ [illegible] ଗତ ମାସ ତା ୧୦ ରିଖରେ ସିଂହଳଦ୍ୱୀପ କଲମ୍ବୋଠାରେ ପହଞ୍ଚିଲେ । ସେମାନଙ୍କୁ ଦେଖିବା ନିମନ୍ତେ ସମୁଦ୍ର କୂଳରେ ଅନେକ ଲୋକଙ୍କର ଜନତା ହୋଇଥିଲା ସେ ଭିଡ଼ରେ ମୁସଲମାନ ଅନେକ ଥିଲେ । ଜଣେ ମେଜର ଓ ଚାଂଶରଙ୍କ [illegible] ସୈନ୍ୟଙ୍କ ତତ୍ତ୍ୱାବଧାରଣରେ [illegible] ନେଇଗଲେ । ନିର୍ବାସିତମାନଙ୍କର ନାମଯଥା-ବନ୍ଦୀ ଯୁଦ୍ଧମନ୍ତ୍ରୀ ଅଲବାପାଣ୍ଡା, [illegible] ପାଣ୍ଡା, ପ୍ରଧାନ [illegible] ମହମ୍ମଦ ପେମୀ, [illegible] ସାମୀ, [illegible] ଏବଂ ଅବଦୁଲ ପାଣ୍ଡା । ଅଲବା ପାଣ୍ଡାଙ୍କ ପରିବାରସ୍ଥ [illegible] ସଙ୍ଗେ ଅଛନ୍ତି । ସେମାନଙ୍କ ନିବାସ ନିମନ୍ତେ ୪ ଟି ଘର ଦିଆଯାଇ ଅଛି । ଅଲବାପାଣ୍ଡାଙ୍କ [illegible] ଏବଂ ସେ ସାଧାରଣ ଲୋକଙ୍କ [illegible] ଦେଖିବାକୁ ନ ଦେଇ ପାରନ୍ତି ।

[illegible] ଅମୀର [illegible] ଇଂରେଜଙ୍କ [illegible] ଅମୀରଙ୍କ ସୈନ୍ୟ [illegible] ଯୁଦ୍ଧରେ [illegible] ପ୍ରଥମେ [illegible] ହୋଇ [illegible] ମହମ୍ମଦ ଜାନଙ୍କ ଯୋଗେ [illegible] ସୈନ୍ୟଙ୍କ ପରାହତ କରିଅଛନ୍ତି । ଏ ଯୁଦ୍ଧରେ [illegible] ସୈନ୍ୟଙ୍କର ବିଶେଷ କ୍ଷତି ହୋଇଅଛି । [illegible] ଜୟ ?

ପେଗୁଠାରୁ ଜଣେ [illegible] ଲେଖି ଅଛନ୍ତି ଯେ [illegible] ଉତ୍ତମରୂପେ ସେମାନଙ୍କର [illegible] ପ୍ରତି [illegible] ଦେଖାଇ ନାହାନ୍ତି । ଅଳ୍ପଦିନତଳେ [illegible] ଏବଂ [illegible] ଅଧିକ [illegible] ତାହାଙ୍କର [illegible]

ଯେତେ ଲୋକ ଉଚ୍ଚ ହେବାର ଦେଖିଲେ ସେତେବେଳେ ଦେଶୀୟ ଅନୁଭବ କୌଣସି ଲୋକହାର ଗୃହ ହେବ ଓ ତତ୍ତ୍ୱାବ ସେମାନେ ଅବଶ୍ୟ ହେବା ଉଚିତ ଇଂରେଜଙ୍କୁ ପୋଷ ପକାଇଲେ । ତାଙ୍କ ମତରେ ଏହା ଅବଶ୍ୟ ଉପଯୁକ୍ତ ହୋଇଅଛି । ସେହିମାନେ ପରିଶ୍ରମ ପ୍ରତି ଏହାର [illegible] ସେମାନେ ଯେ ଅପଣାର ଜାତିକୁ ଲୋକ ପ୍ରତି ସଦ୍ଭାବ ରଖି ସୌଜନ୍ୟ ଦେଖାଇବେ ଏହା ଆଶା କରିବା ଉଚିତ ନାହିଁ ।

ବୋମ୍ବାଇ ରାଜ୍ୟରେ ମୁନିସିପାଲିଟି ଅବସ୍ଥିତ କରାଇ ଅଛି ଏବଂ ତହିଁରେ ଉପଯୁକ୍ତରୂପେ କାର୍ଯ୍ୟ ହେବାର ଉଦ୍ଦେଶ୍ୟ ଲକ୍ଷିତ ଅଛି ।

ଦେଶୀୟଠାରେ ବସନ୍ତ ରୋଗ ପ୍ରବଳ ହୋଇଅଛି ଏବଂ ଇଂରେଜ ଟୀକାଦାର ତାହା ସମ୍ପୂର୍ଣ୍ଣରୂପେ ଦମନ କରିବା ନିମନ୍ତେ ଅଥବା ମନ୍ତ୍ର ଅବଲମ୍ବନ ହୋଇଅଛି ।

ଜୟପୁରଠାରେ ଯେଉଁ ଶିଳ୍ପବିଦ୍ୟା ହୋଇଥିବା ତହିଁର ପ୍ରଧାନ ପ୍ରଧାନ ଦ୍ରବ୍ୟର ଫଟୋଗ୍ରାଫମାନ ନିଆ ଯାଇଅଛି ।

ମାଘ ମାସରେ ବ୍ରାହ୍ମୋତ୍ସବ ହେବା ଯଜ୍ଞ ଓ ତହିଁର ପୂର୍ବ ଓ ପରଦିବସ ଏପରି ବନ୍ଧନର ଉତ୍ସବ ଜଣେଶ ଅତି ଜଳ ହେବା କାରଣ ବ୍ରାହ୍ମମାନଙ୍କ ଯେଉଁ ଅବେଦନପତ୍ର କରି କଷ୍ଟ ମନୋହରଙ୍କ ସମସ୍ତରେ ଅର୍ପିତ ହୋଇଥିଲା ତାହା ଅଦ୍ୟାପି ବିବେଚିତରେ ଅଛି । ମାତ୍ର ଉଚ୍ଚ ସ୍ଥଳରେ ଏ ବର୍ଷର ଉତ୍ସବ ବନ୍ଦ ଭଳି ହୋଇ ଯାଇ ।

ଜାତୀୟ [illegible] ମହାରାଜ ଓ ରାଜା-ଙ୍କର କଂଗ୍ରେସର ମିଳିତ କମିଟି ହାଇକୋର୍ଟ ବ ୨ ବର୍ଷରୁ ବ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧିକରିଥିଲେ ନିଷ୍ପତ୍ତିଭାବରେ ମିଶିତ ଲଗାଇ ଦେଲେ ମୁକ୍ତି ପାଇ ଜନ୍ମଗତ ଦାରିଦ୍ର୍ୟ ମଧ୍ୟ ନିଷ୍ଠା ଲେଖି ରଖିଲା । ଜଣେ ବନ୍ଦୀଙ୍କର ସକର୍ଣ୍ଣଭଙ୍ଗ ମତ ଯେ ମହାରାଜ ବ ୫ ବର୍ଷ ନିଶ୍ଚିତରୂପ ଯୋଗ୍ୟ ହୋଇଲେ ମଧ୍ୟ ଯେତେବେଳେ ସେ ଦଣ୍ଡ ଭୁକ୍ତି ଜନ୍ମଗତ ଯେତେବେଳେ ତାହାଙ୍କ ଦଣ୍ଡ ଭୁକ୍ତି ବନ୍ଦ ନ ଥିବାର କାରଣ ଦେଖାଇବାର ସମୟ ଦିଆ ଯାଇ ନାହିଁ । କେବଳ ଏହି ହେତୁରୁ ସେ ଅଧିକା ଦଣ୍ଡ କାଟି ଦେଲେ । ଉତ୍ତମ ।

ଗବର୍ଣ୍ଣମେଣ୍ଟ କଲେଜ କେଉଣି ଶିକ୍ଷା ନିମନ୍ତେ ଯେଉଁ ପରୀକ୍ଷା ସ୍ଥାପିତ ହେବାର ଧାର୍ଯ୍ୟ ହୋଇଥିଲା ସେଥିର ପ୍ରଥମ ପରୀକ୍ଷା ଗତ ମାସ ତା ୧୫ ଏଣଠାରୁ ତା ୧୮ ଯାଏ ଗୃହୀତ ହୋଇଥିଲା ଏବଂ ତହିଁରେ ଜ ୨୫୬ ଣ ପରୀକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ । ଏ ଦେଶରେ ଅଦାଲତ ଦଣ୍ଡବିଧାନସ୍ଥଳ ପରୀକ୍ଷା ସ୍ୱରୂପ ହୋଇ ଜଣ ମାତ୍ର ବିଦ୍ୟାଳୟର କୌଣସି ଉପାଧି ସଙ୍ଗେ ଏହାର ତୁଳନା ସମ୍ଭବ ନାହିଁ । ଗବର୍ଣ୍ଣମେଣ୍ଟଙ୍କ ବିଷୟରେ ଏହା କି ବିଦ୍ୟାଳୟ ପ୍ରତି ଗୌରବର ବିଷୟ ?

ବଳରାମପୁର ହେମ୍ବାଲ ସ୍କୁଲର କେତେଜଣ ଛାତ୍ର ବଣ୍ଡଲ ଉଦ୍ଦେଶ୍ୟରେ ନୌକା ଭଡ଼ା କରି ଯାଇଥିଲେ । ମାଝି ତିନିଙ୍କୁ ଠକାଇ କଷ୍ଟ ଦେଖିବା ପାଇବା ଆଶାରେ ନୌକା ବୁଡ଼ାଇ ନିଜ ଅଭିପ୍ରାୟ ପ୍ରକର୍ଷ କରିଥିଲା ମତ ଦେଇଥିଲା । ବାଳକମାନେ ତାହା ଜାଣିଲେ ନୌକାରୁ କୂଦିବାକୁ ତତ୍ପରରେ ତାହାଙ୍କର ଏକମାସ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ହୋଇଅଛି । ଉତ୍ତମ । ମାଝିଟା ଶିଅଣ୍ଟ ହୋଇ ଯାଇଥିଲା ।

ଗତ ମାସ ତା ୨୭ ଦିନରେ ଦାର୍ଜିଲିଂଠାରେ ଅତ୍ୟନ୍ତ ଅଧିକ ବରଫ ବୃଷ୍ଟି ହୋଇଥିଲା ଏବଂ ଭୂମି ଉପରେ ୨୦ ଇଞ୍ଚ ବରଫ ଜମି ଯାଇଥିଲା । ଏତେ ଅଧିକ ବୃଷ୍ଟି ଅନେକ ବର୍ଷ ହେବ ଦେଖା ଯାଇ ନ ଥିଲା । ସେହି ବରଫ ବୃଷ୍ଟି ହେତୁରୁ ସେଠାକାର ଅନେକ ଗଛ ଭାଙ୍ଗି ଯାଇ ଥିବା ଅଟିକ-ଲେ ବିଶେଷ କଷ୍ଟ ପାଇଥିଲେ ।

ସନ ୧୮୮୧ ମସିହା ସଙ୍ଗେ ତୁଳନା କଲେ ଅନ୍ୟ-ଦେଶର ଇନକମଟେକ୍ସରେ ଆୟ ଚଳିତ ବର୍ଷକୁ ୨୫୦୦୦୦୦ ପାଉଣ୍ଡ ଅଧିକ ହୋଇଅଛି ଓ ଖର୍ଚ୍ଚ ୬୪୦୦୦୦୦ ପାଉଣ୍ଡ ଯାଇ ବାକି ୨୫୦୦୦୦୦ ପାଉଣ୍ଡ ସଞ୍ଚିତ ରହିବ । ତଥାପି ଗ୍ଲାଡଷ୍ଟୋନ ଏହିମାନଙ୍କ ପରି ସ୍ୱାଧୀନ ବିଚକ୍ଷଣ ଉଦାହରଣ ଦେଖାଇ ନାହାନ୍ତି ।

ରୁଷିୟା ଦେଶରେ ଧନଦଣ୍ଡର ବାର୍ଷିକ ଯଦି ଆଜି ମତ ବୋଲି କହିଲ ହୁଏ । ସନ ୧୮୮୧ ମସିହାରେ ୫୨୦୦୦୦୦ ପାଉଣ୍ଡ ଅନାଦାୟ ରହିବାର ଅନୁମାନ ହୋଇଥିବାରୁ ୧୧୦୬୭୦୦୦ ପାଉଣ୍ଡ ଋଣ କରି ପୂରଣ କରିବାକୁ ହେଲା ।

ରାଜା ଜଗନ୍ନାଥଙ୍କ ଅକାଳ ଜମିଦାର ଇଞ୍ଜିନିୟର ବାବୁ ରାଜନ୍ କଲେଜରୁ ଏଫ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏକ ବର୍ଷ ମଧ୍ୟରେ ଏମେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ତାହାଙ୍କୁ ବୃତ୍ତି ଦେବା ନିମିତ୍ତ ଟ ୬୦୦୦ ଙ୍କା ଭାଗଲପୁରଙ୍କ ଚନ୍ଦ୍ରରେ ନ୍ୟସ୍ତ କରିଅଛନ୍ତି । ଏଠା କଲେଜରୁ ଏଫ ପାଶ କରି ଏମେ ଅଧ୍ୟୟନ କରିବାକୁ ସମର୍ଥ କରାଇବା କାରଣ ଏଠାରେ ସେହିପରି ବୃତ୍ତି ସ୍ଥାପନ କରିବାକୁ କେହି ମନ କରାଇଲେ ବଡ଼ ଭଲ ହୁଅନ୍ତା ।

ମାନ୍ଦ୍ରାଜର ଏକ ପତ୍ରିକା କହନ୍ତି ଯେ ସ୍ଥାନେ ନାନା କାରଣରୁ ଶିକ୍ଷାସ୍ଥାନରେ ଟ ୧୪୦୦୦ ଙ୍କା ଦାନ ଅଛି । ଏହା ଜନ୍ମୋତ୍ସବରେ ଏହା କୌଣସି ମହାତ୍ମାଙ୍କ କୀର୍ତ୍ତିର ଅନୁଷ୍ଠାନ ହୋଇଥିବାର ଜଣାଯାଏ ।

ଅଷ୍ଟ୍ରେଲିୟା ଦେଶର ଉପନିବେଶରେ ଏକ ଜାତି ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ଦେଖେଇ ଦେବ ନଷ୍ଟ ହେବାର କଥା ଦେଖିଥିଲୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ସେଠା ଗବର୍ଣ୍ଣର ଅନାଥ ଅନାଥାଲୟର ସାହାଯ୍ୟ ନିମିତ୍ତ ଚାନ୍ଦା ସଂଗ୍ରହର ବିଶେଷ ଚେଷ୍ଟା କରାଯାଉଅଛି । ଉଦ୍ୟମ ପ୍ରଶଂସନୀୟ ।

ଇଣ୍ଡିଆନ ମିରରରେ ଲେଖି ଅଛନ୍ତି ଯେ ବର୍ତ୍ତମାନ ସମାଜେ ଶିକ୍ଷା ପକ୍ଷରେ ବିବାହିତ ବାଳକମାନଙ୍କୁ ବୃତ୍ତି ନ ଦିଆଯିବାର ନିୟମ କଲେ ବାଲ୍ୟବିବାହ [illegible] କମ ହୋଇ ଯିବ । ଗ୍ରନ୍ଥକାର ଆମ୍ଭମାନଙ୍କ ମତରେ ଭଲ ଏବଂ ଏଥିରେ ଜନ୍ମିବ ଅଛି ଫଳ ହେବ ।

ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ମେଳ ସଂଘଟନ ହେବାର ଅନେକ ଉଦ୍ୟୋଗ ଚଳିବାର ଶୁଣି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଗତ ମାସ ତା ୨୨ ଦିନରେ ଟାଉନହଲରେ ସମ୍ବନ୍ଧ ଅନେକଙ୍କ ବାହାଦୁର ଓ ଅଧିକ ଏ ବିଷୟରେ ଏକ ବକ୍ତୃତା କରିଥିଲେ ଏବଂ ତାହା ଶୁଣିବାକୁ ବସି ଅନେକ ଲୋକେ ଖୁସି ହୋଇଥିଲେ ।

ସୁଏଜ ଦେଶକୁ ଏକ କମ୍ପାନୀ ପ୍ରୋଡକ୍ଟ ଉପସ୍ଥିତ । ସେ କେବଳ ବାହାର ଭାଷଣ କରନ୍ତି ଓ ଅପର ଓ ପାହାଡ଼ରେ କଥା କହି ବହୁପଦ ପରିଚାଳନା କରନ୍ତି । ଏ ଭଳି ଶୁଣିଲୁଁ ।

ରାଜାଙ୍କ ପକ୍ଷରେ ଯୋଗ୍ୟକାର୍ଯ୍ୟ ବ୍ୟବସ୍ଥା ହେବାର ଉଦ୍ଦେଶ୍ୟ ରହିଅଛି ଏବଂ ବସନ୍ତରେ କାର୍ଯ୍ୟନାମ ପ୍ରଚାର ହେଉଅଛି । ଏ କାର୍ଯ୍ୟମାନ ଉତ୍ତରରେ ତହିଁ ଥାଇବ ଦେଇବ ।

ଏଥିର ଦେଶରେ ଜଳ ବୃଷ୍ଟି ହୋଇ ଅନେକ ସ୍ଥାନ ଫସଲ ନଷ୍ଟ ହୋଇଅଛି । ତାହା ଉପରେ ମଧ୍ୟ ମିଳି ପାଇ ସମ୍ଭବ ।

Split by PDF Splitter

Digitized by srujanika@gmail.com

ଏକ ପତ୍ରିକାରେ ଲେଖା ଅଛି ଯେ ଦାନ୍ତ ସଢ଼ିଲେ ଆଦ୍ୟାଂଶର କଣ୍ଡଂଶ ଘଷି ଉଡ଼ିଲେ ଉତ୍‌ଥିବ ଦାନ୍ତ ଶୀଘ୍ର ପଡ଼ିଯାଏ ଓ ଉତ୍ପାଦକ ଦନ୍ତକଣ୍ଟ ଉତ୍ପନ୍ନ ହୁଏ । ଏହା ନିବାରଣ ନିମିତ୍ତ ଶାଳ ଔଷଧକୁ ଜଳରେ ବୁଲକୁଣି କର ଚରମ ମୂଷ ପଦସ୍ଥାର କରିବା ଉଚିତ ଏବଂ ସେହି ସ୍ଥଳରେ ଘନ୍ତ ଉଦମାଣ ପୋଷ୍ଟପ୍ରିମ ପତ୍ରମାନଙ୍କରେ ଜଳରେ ମିଶ୍ରିତ କରି କୁଳକୁଚ କଲେ ବିଶେଷ ଉପକାର ହେବ ଯଦି ଦାନ୍ତ ଢଣା ହୋଇ ଯାଏ କି ଦାନ୍ତ ସଢ଼ି ଅଧିକ ନେଇ ଯିବ ତାହା ଶୀଘ୍ର ଦାନ୍ତ କଢ଼ାଇବା ଲୋକଙ୍କ ହୋଇ ଯାଏ ତେବେ ତାହା ଶୀଘ୍ର ଦାନ୍ତ ଢଣା ପୂରଣ କର ନେବାର ଉଚିତ । ଏହା ହେଲେ ଦୃଢ଼ ଦାନ୍ତ ତର୍ଜନୀ ଦାନ୍ତର ଯୋଗ ଦେଇବୁ ଏକ । ଏଣିକି ଅନ୍ତଂ ମାନଙ୍କର କୁଳକୁଚ କରିବା ଦେଖି କେହି ଉପହାସ କରିବେ ନାହିଁ । ଅନେକେ ଦାନ୍ତ ସଢ଼ିଲେ କାଠି ତଳାଇ କଳକଣ ସ୍ଥାନସ୍ଥଳେ ମୂଷ ପଦସ୍ଥାର କରନ୍ତି ମାତ୍ର ତାହା ହାସ ଦାନ୍ତ ସଢ଼ି ବଢ଼ ହୋଇ ଦାନ୍ତ ମୂଳ ଢିଲା ହୋଇଯାଏ । ଏଣୁ ଏ ପ୍ରଥା ଯେତେ ଶୀଘ୍ର ବ୍ୟବହୃତ ହୁଏ ତେତେ ଭଲ ମାତ୍ର ଅତ୍ୟର୍ଥ ଏହି ଯେ ଲୋକେ ଛାଇଖା କର ଦାନ୍ତରେ କାଠ ହୁଅନ୍ତି ।

କଲିକତାର ବାବୁ ପ୍ରତାପଚନ୍ଦ୍ର ଘୋଷ ସେଠା ମିଉନିସିପାଲଟୀରେ ଉଣସ୍ତରୀ ଟ ୬୦୦୦ ଙ୍କା ସଡ଼କର ବାର୍ଷିକ ଟ ୪ ଙ୍କା ସୁଧରେ ଇଚ୍ଛିତ କର ସେହି ସୁଧହାର ହୃଦ୍ ସୁରେ ଏକ ଛାତ୍ରଙ୍କୁ ଦେବା ନିମିତ୍ତରେ ଛଇଗୋଟି ଉତ୍ସର୍ଗ କରିବାକୁ ଉତ୍ସାହ ପ୍ରତାପଚାନ୍ଦ ବଦାନ୍ୟ ଚରିତରେ ଅଛନ୍ତି ।

ଭାରତର ଉତ୍ତରପଶ୍ଚିମର କଲେଜ ବ, ଏ, ପରୀକ୍ଷାରେ ଦୁଇଗୋଟି ହିନ୍ଦୁ ବଙ୍ଗୀୟ ରମଣୀ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଅଛନ୍ତି । ଗୋଟିଏ କାଦମ୍ବିନୀ ବସୁ ଓ ଅନ୍ୟଟି ଚନ୍ଦ୍ରମୁଖୀ ବସୁ । ଏହି ପ୍ରଥମ ହୋଇ ଏ ଦୁଇଜଣ ବ, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇ ଯେମନ୍ତ ବଙ୍ଗଦେଶର ହେମନ୍ତ ସମ୍ପ୍ରଦାୟ ଭାରତବର୍ଷର ମୁଖ ଉଜ୍ଜ୍ୱଳ କରିଅଛନ୍ତି ଏବଂ ଏହି ଅବଶ୍ୟ ଅନୁକରଣ କର ଅନ୍ୟାନ୍ୟ ଦେଶୀୟା ସ୍ତ୍ରୀଲୋକମାନେ ଉଚ୍ଚେ ନତ ହେଲେ ଭାରତର ଗୌରବ ବୃଦ୍ଧି ହେବ । ଏ ଉପାଧି ସ୍ତ୍ରୀବାଚ୍ୟ ଏବଂ ସ୍ତ୍ରୀବାଚ୍ୟ ଶବ୍ଦ ସ୍ତ୍ରୀଲୋକରେ ବ୍ୟବହୃତ ହେବାହାସ୍ୟ ସ୍ତ୍ରୀ ସ୍ୱରୂପରେ ଅଦ୍ଭୁତ ମୂର୍ତ୍ତି ଭାରତ ରମଣୀ ତବ ଗୌରବର ବନ୍ଦେଶୀ ହେଲେ ମଧ୍ୟ ଏତେ ଶୀଘ୍ର ଯେ ସଂଗତ ମହତାଙ୍କର ଜବାବାଦ ବର୍ଣ୍ଣ କରିବା ନିମନ୍ତେ ଭାରତ ଦୃଷ୍ଟାନ୍ତ ଦେଖାଇବାକୁ ସମର୍ଥ ହୋଇଅଛି ଏଥି କତ ଅଛ ଅଧିକ ଅଳଉର ବିଷୟ କ ହୋଇ ପାରେ । ଅମ୍ଭେମାନେ ବେଥୁନ ସ୍କୁଲର ଅଧ୍ୟାପକ ଓ ଭକ୍ତ ସ୍ତ୍ରୀ ହୃଦୁର ଅଭିଭାବକ୍କୁ ବିଶେଷ ଧନ୍ୟବାଦ ପ୍ରଦାନ କରୁଅଛୁ ।

କୃଷ୍ଣଦେଶର ହଇସ ଅବଶେଷରେ ଭଙ୍ଗାଇତ ତଳର ନେତା କାଲାମୁକ ଓ ଅନ୍ୟ ଏକଜଣ ଭଙ୍ଗାଇତଙ୍କୁ ବଧ କର ଅପଣାର ଅଦମ୍ୟତାର ପ୍ରମାଣ ଦେଖାଇ ଅଛନ୍ତି । ଅଳ୍ପଦିନ ଭିତରେ ଭଙ୍ଗାଇତ ସୀମା ପ୍ରଦେଶରେ ତଡ଼ ହୋଇ ଅଦାର କଣ୍ଟକ ହୁଏ ।

ମଣ୍ଡିପୁରର ଦେବାହ ରଙ୍ଗାଙ୍ଗୁଳିଙ୍କର ମୃତ୍ୟୁ ଘଟନା ରେ ସେଠା ମହାରାଜାଙ୍କର ମଣ୍ଡିପୁର ଲେଫ୍ଟେନାଲ ଏବଂ ଅପରିହ ପତ୍ନିକା ବାହାର ଥିଲା । ତହିଁରେ ମହାରାଜା ଅପରିହ ଗହିକା ବାହାର ଥିଲା । ଅପଣାର ଜଣେ ଦୟାଳୀ, ନିପୁଣ ଏବଂ ଶ୍ରଦ୍ଧାନ୍ତ ଚାକର ଏବଂ ପ୍ରଜାଙ୍କର ପ୍ରକୃତ ବନ୍ଧୁ ଏବଂ ସହାନୁଭବଙ୍କୁ ହରାଇ ଦାରୁଣ ଦୁଃଖ ପ୍ରକାଶ କର ସେ ଶୋକ ନିମିତ୍ତ ଗତ ମାସ ତା ୨୯।୩୦ ଦିନ ମାନଙ୍କରେ ସମୁଦାୟ ସରକାରୀ କଚେରୀ ଅବ କରି ରଖିବାର ହୁକୁମ ପ୍ରଚାର କରିଥିଲେ । ଏ ସମ୍ମାନ ଉପଯୁକ୍ତ ହୋଇଅଛି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ମହାଶୟମାନେ କଟକ ଟାଉନ ଲାଇବ୍ରେରିରେ ଦାନ କରିଅଛନ୍ତି ।

ଶ୍ରୀଯୁତ ଆର, ଏଚ, ଡି କଟକର ମେଜିଷ୍ଟ୍ରେଟ ସାହେବ ଟ ୧୦ ଙ୍କା ।

ନୟାଗଡ଼ର ରାଜା ଶ୍ରୀଯୁତ ଲଡୁ କିଶୋର ସିଂହ ବାହାଦୁର ଟ ୨୫ ଙ୍କା ମଧ୍ୟରୁ ଟ ୧୨ ଙ୍କା

ଜଣେ ଛୈଲଙ୍କ ଟ ୨ ଙ୍କା ।

ବାବୁ ଜଗନ୍ମୋହନ ଲାଲ ତିନିଖଣ୍ଡ ପୁସ୍ତକ ।

ପଣ୍ଡିତ ଗୋବିନ୍ଦ ରଥ ୪ ଖଣ୍ଡ ପୁସ୍ତକ ।

ବାବୁ ଗୌରଗୋବିନ୍ଦ ପଟ୍ଟନାୟକ ଖଣ୍ଡିଏ ବ୍ରହ୍ମସଂଗୀତ । ଇତ୍ୟାଦି ।

୩୧।୧।୮୩ } ବଶମ୍ବଦ
କଟକ }

Hurry Churn Banerjea
*Offg. Secretary*
*Cuttack Town Library.*

---

ମହାଶୟ !

ଅମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଗତ ମାଘୋତ୍ସବ ଉପଲକ୍ଷେ ଦରିଦ୍ରମାନଙ୍କୁ ବିତରଣ କରିବା ନିମିତ୍ତ ନିମ୍ନଲିଖିତ ମହୋଦୟମାନେ ଉତ୍କଳ ବ୍ରାହ୍ମସମାଜକୁ ଦାନ କରିଅଛନ୍ତି ।

| | | | |
|---|---|---|---|
| ଶ୍ରୀଯୁକ୍ତ | ବାବୁ | କାଳିପଦ ବନ୍ଦ୍ୟୋପାଧ୍ୟାୟ | ଟ ୪। |
| „ | „ | ଜଗନ୍ମୋହନ ବସୁ | ଟ ୨। |
| „ | „ | ସଦାନନ୍ଦ ମହାନ୍ତି | ଟ ୨। |
| „ | „ | ହରିବଲ୍ଲଭ ଘୋଷ | ଟ ୨। |
| „ | „ | ଗୌରୀଶଙ୍କର ରାୟ | ଟ ୧। |
| „ | „ | ଅବିନାଶଚନ୍ଦ୍ରଚଟ୍ଟୋପାଧ୍ୟାୟ | ଟ ୧। |
| „ | „ | ପ୍ରାଣକୃଷ୍ଣ ବସୁ | ଟ ୧। |
| „ | „ | ବଳରାମ ଦାସ | ଟ ୧। |
| „ | „ | ସୁଦାମଚନ୍ଦ୍ର ନାୟକ | ଟ ୧। |
| „ | ପଣ୍ଡିତ | ପ୍ରଭାକର ବିଦ୍ୟାରତ୍ନ | ଟ ୧। |
| „ | ବାବୁ | ଜଗନ୍ମୋହନ ଲାଲ | ଟ ୦। |
| „ | „ | ଦେବିଲାଲଚନ୍ଦ୍ର ସିଂହ | ଟ ୦। |
| „ | „ | ରାମପ୍ରସାଦସିଂହ ନୂତନବସ୍ତ୍ର ଖ ୪ ଖଣ୍ଡ | |
| „ | „ | ଖୋସାଲଚନ୍ଦ ଶୁକ୍ଳ ସେ ୨୦ ର | |

୩୧।୧।୮୩ } ଶ୍ରୀ ମଧୁସୂଦନ ରାଓ
କଟକ } ଉତ୍କଳବ୍ରାହ୍ମ ସମାଜର ସମ୍ପାଦକ

---

ମହାଶୟ !

ଆପଙ୍କ ତହସିଲଦାରଙ୍କ ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତରେ ଅପଣ ବୋଧ କରଅଛନ୍ତି ତହସିଲଦାର ଏ କାର୍ଯ୍ୟରେ ନୂତନ ହେବାରୁ ଏପର ହୁଡଗଲେ ମାଦ ତହସିଲଦାର ନୂଆ ଲୋକ ନୁହନ୍ତି, ସରକାରୀ କର୍ମରେ ଜଣେ ପୁରୁଣା ଲୋକ ଅଟନ୍ତି, ଅନେକ କାଳ କାଗଜ କଲମର ଲଢ଼ାଇ କରଅଛନ୍ତି ବାକିରେ ଅନେକ ଦିନରୁ ରହି ପ୍ରଜାଙ୍କ ଅବସ୍ଥା, କାରବାର ଦେଖିଅଛନ୍ତି ତାଙ୍କର ଏପର ଅସାଧାରଣ ହୁଡ଼ ହେବ ଏ କଥା ଅନୁମାନ କରବା ସଙ୍ଗତ ନୁହେ । ଲାଇସେନ୍ସ ଟାକ୍ସ ସମସ୍ତ ଓଡ଼ିଶାରେ ବନ୍ଦୋବସ୍ତ ହୋଇଅଛି କେଉଁଠାରେ ଏପର ଭୁଲ ଦେଖାଯାଇଥିଲା ? ଏହି କଟକରେ ଇତି ପୂର୍ବେ ଯେ କେତେକ ଟାକ୍ସ ଅସେସର ନିଯୁକ୍ତ ହୋଇଥିଲେ କାହାର ଏପର ହୁଡ଼ ହୋଇଥିଲା ? ନୂତନ ଗୋଟିଏ କାର୍ଯ୍ୟ କଲେ ଯେ ଏପର ହୁଡ଼ ହେବ ଏହା ପ୍ରକୃତର ଅନିବାର୍ଯ୍ୟ ନିୟମ ନୁହେ—ଆପଣ ଟାକ୍ସ ବନ୍ଦୋବସ୍ତ କାର୍ଯ୍ୟକୁ ବଡ଼ କଠିନ ମନେ କରଅଛନ୍ତି ତେବେ କଟକର ଖାସମାହାଲ ବନ୍ଦୋବସ୍ତ ଭମପଡ଼ାର କରପୀଡ଼ା, ଖୋରଧାର ଜମାବନ୍ଦୀ, ମିଉନିସିପାଲଟିର କାର୍ଯ୍ୟକଲାପ, ଏ ସବୁ କଠିନ ବ୍ୟାପାର ବୋଲି ଏଥିରେ ହୁଡ଼ ହେବାର ମନେ ନ କରବା ପକ୍ଷରେ ଆପଣଙ୍କର କୌଣସି ହେତୁ ନାହିଁ । ଏ ସମ୍ପର୍କରେତ ଆପଣ ଅନେକ କଥା ଲେଖିଥିବାର ଦେଖା ଯାଇଥିଲା ତେବେ ବାକିର ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ କେଲେ ଟାକ୍ସ ବନ୍ଦୋବସ୍ତ ଅତି କଠିନ ବ୍ୟାପାର ବୋଲି ଆପଣ କାହିଁକି ବୋଧ କରଅଛନ୍ତି ? ଆପଣଙ୍କର ଏରୂପ ଲେଖା ଅନ୍ୟାୟକାରଙ୍କର ଅନ୍ୟାୟର ଲାଘବତା ଦର୍ଶାଉଅଛି । ନ୍ୟାୟ ଓ ଧର୍ମ ଆଇନ ଓ ବିବେକର ବଶବର୍ତ୍ତୀ ହୋଇ ଏ କାର୍ଯ୍ୟ ସମାଧାନ କଲେ ବଡ଼ କଠିନ ବ୍ୟାପାର ନୁହେ, କିନ୍ତୁ ( ଗବର୍ଣ୍ଣମେଣ୍ଟଙ୍କର ଲାଭ ଦେଖାଇ ଉପରସ୍ଥ କର୍ମଚାରିଙ୍କର ସନ୍ତୋଷଭାଜନ ହେବା ଏହି ଗୁପ୍ତ ଅଭିପ୍ରାୟ ମନେ ରଖି ) ନ ବୁଝି ନ ସୁଝି ଶୁଣା କଥାରେ ଯତ ବନ୍ଦୋବସ୍ତ କରିବାର ପ୍ରଥାକୁ କଠିନ ବ୍ୟାପାର କୁହାଯାଇ ପାରେ । ଆପଣ ତହସିଲଦାରଙ୍କ ବନ୍ଦୋବସ୍ତର ଅଙ୍କପାତରେ ଭୁଲ ଦେଖାଇ ଅଛନ୍ତି ତାହା ଟ ୩୨୦୦ ଙ୍କା ନୁହେ ତହସିଲଦାର ବାକିରେ ଟ ୩୪୫୦ ଟାକ୍ସ ଧାର୍ଯ୍ୟ କରିଥିଲେ, ଡେପୁଟି କଲେକ୍ଟର ବରଦା ବାବୁ ତାହା ଟ୧୯୯୦ ଙ୍କାରେ ସ୍ଥିର ରଖିଥିଲେ, ସାହେବଙ୍କଠାରେ ଅପିଲ

Split by PDF Splitter

Digitized by srujanika@gmail.com

Split by PDF Splitter



ସଂସ୍କୃତ ସ୍କୁଲକୁ ଏହିପରି ଅର୍ଥ ସାହାଯ୍ୟ ପ୍ରଦାନ କରିବାରେ ଗବର୍ଣ୍ଣମେଣ୍ଟ ଅଗ୍ରସର ହେବେ।

ବାବୁ ପ୍ରତାପଚନ୍ଦ୍ର ରାୟ ମୂଳ ସଂସ୍କୃତ ରାମାୟଣ ଓ ମହାଭାରତ ବଙ୍ଗଳା ଭାଷାରେ ଅନୁବାଦିତ କରି ଲୋକମାନଙ୍କୁ ବିତରଣ କରୁଅଛନ୍ତି ଏହା ପାଠକେ ଅବଗତ ଅଛନ୍ତି। ସେହି କାର୍ଯ୍ୟ ନିମିତ୍ତ ପ୍ରସ୍ତାବିତ ଅର୍ଥ ଭାବରେ ସାଧାରଣ ସାହାଯ୍ୟ ଲୋଡୁଅଛନ୍ତି। ଢାକା ନବାବ ଅ ବଦୁଲଗନି ବାହାଦୁର ସି ଏସ ଆଇ ଏଥି ନିମିତ୍ତ ଏକକାଳୀନ ଟ ୨୦୦ ଙ୍କା ଦାନ ଦେଇ ଅଛନ୍ତି ଜଣେ ମୁସଲମାନ ହିନ୍ଦୁ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟରେ ଏକକାଳୀନ ଏତେଗୁଡ଼ାଏ ଟଙ୍କା ଦେବାକୁ ଦେଖିବା ଅତିଶୟ ଆହ୍ଳାଦର ବିଷୟ। ହିନ୍ଦୁ ପେଟ୍ରିଅଟ କୋହନ୍ତି ଯେ ଅଳ୍ପଦିନ ତଳେ ବର୍ଦ୍ଧମାନର ମହାରାଜା ହିନ୍ଦୁ ହେଲେ ମଧ୍ୟ ମୁସଲମାନମାନଙ୍କ ଶିକ୍ଷା ନିମିତ୍ତ ଅନେକ ଅର୍ଥ ସାହାଯ୍ୟ କରିଥିଲେ। ଏଣୁ କି ଉଭୟ ମଧ୍ୟ ପ୍ରଥମ ପ୍ରାପ୍ତ ଅତ୍ୟନ୍ତ ଆହ୍ଲାଦର ବିଷୟ ଅଟେ। ଏହା ଦେଖି ଆମ୍ଭମାନଙ୍କର ବିଶ୍ୱାସ ଜନ୍ମୁଅଛି ଯେ କାଳେ ଏହିଭଳି ମହାତ୍ମାଙ୍କର ଅନୁକରଣରେ ତଳ ପ୍ରଚଳିତ ଭାରତୀୟ ହିନ୍ଦୁ ମୁସଲମାନଙ୍କର ବିବାଦର ଉଦାହରଣ ସକଳ ଇତିହାସରୁ ଲୁପ୍ତ ହୋଇ ଯିବ। କଟକର ହେଲ ନାନାସ୍ଥାନରେ ହିନ୍ଦୁ ଓ ମୁସଲମାନମାନଙ୍କର ଅକାରଣ ଅନ୍ୟାୟ କଳହ ଦେଖି ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇଥିଲୁଁ ଏବଂ ବର୍ତ୍ତମାନକୁ ଉପରୋକ୍ତ ଦୁଇ ଦୃଷ୍ଟାନ୍ତରେ ଆମ୍ଭେମାନେ ଯତୋଧିକ ଆହ୍ଲାଦିତ ହୋଇଅଛୁଁ ଭାରତୀୟ ହିନ୍ଦୁ ଓ ମୁସଲମାନମାନେ ଯେତେବେଳେ ପରସ୍ପରଙ୍କ ଭାବ ବଦ ପରସ୍ପର ଭ୍ରାତୃଭାବରେ ଦେଖିବାକୁ ଶିଖିବେ ସେତେବେଳେ ପ୍ରକୃତରେ ଭାରତର କଲ୍ୟାଣ ହେବାର ଆଶା ଥିବ।

ଅରବୀପାଶା ଏବଂ ଅନ୍ୟ ମିଶରଦେଶୀୟ ନିର୍ବାସିତ ଲୋକେ ଗତ ମାସ ତା ୧୦ ଋଣରେ ସିଂହଳଦ୍ୱୀପ କଲମ୍ବୋଠାରେ ପହଞ୍ଚିଲେ। ସେମାନଙ୍କୁ ଦେଖିବା ନିମନ୍ତେ ସମୁଦ୍ର କୂଳରେ ଅନେକ ଲୋକଙ୍କର ଜନତା ହୋଇଥିଲା ସେ ତହିଁରେ ମୁସଲମାନ ଅନେକ ଥିଲେ। ଜଣେ ମେଜର ଓ ଡାକ୍ତରଙ୍କ ମିଶର ସୈନ୍ୟଙ୍କ ତତ୍ତ୍ୱାବଧାରଣରେ ସ୍ୱଦେଶୀ ଗମନ ଦେଇ ଆସୁଥିଲେ। ନିର୍ବାସିତମାନଙ୍କର ନାମଯଥା–ବନ୍ଦୀ ସୈନ୍ୟାଧ୍ୟକ୍ଷ ଅରବୀପାଶା, ରାଜ୍ୟ ପ୍ରଧାନମନ୍ତ୍ରୀ ମହମ୍ମଦପାଶା, ପ୍ରଧାନ ଉପାଧ୍ୟାୟଙ୍କ ମହମ୍ମଦ ଫେମୀ, ପୂର୍ବ ଦଳ ଏକ ଅବଦଲ ପାଶା। ଅରବୀ ପାଶାଙ୍କ ପରିବାରବର୍ଗ ୫ ୭ ଏ ଏବେ ସଙ୍ଗେ ଅଛନ୍ତି। ସେମାନଙ୍କ ରହିବା ନିମନ୍ତେ ୪ ଟି ଘର ଠିକ୍ ଯାଇ ଅଛି। ଅରବୀପାଶାଙ୍କର ଚରିତ୍ରସମ୍ବନ୍ଧରେ ସେ ସାଧାରଣ ଲୋକଙ୍କ ପ୍ରୀତି ପାଇବାର କଥିତ ହୁଏ।

ମିଶରରେ ପ୍ରଚଳିତ ଦାସତ୍ୱ ପ୍ରଥା ନିର୍ମୂଳ ହୋଇ ସମ୍ପ୍ରତି ମାନନୀୟ ଲର୍ଡ ଡଫରିନ ସାହେବଙ୍କ ପ୍ରସ୍ତାବରେ ସହିତ ରାଜ୍ୟ ଶାସନ ପ୍ରଣାଳୀରେ ଗୁରୁତର ସଂଶୋଧନ କରାଯିବାର କଳ୍ପନା ଚାଲିଅଛି। ଏ ସମ୍ବାଦରେ ଭାରତର ସମସ୍ତଙ୍କର ସନ୍ତୋଷ ନିଶ୍ଚୟ ହୋଇଅଛି। ଯଦି ତାହା ପ୍ରକୃତ ହୁଏ।

ପେଶ୍ୱରଠାରୁ ଜଣେ ସମ୍ବାଦଦାତା ଲେଖି ଅଛନ୍ତି ଯେ ଗ୍ରାମରେ ଭଲ ଉପଯୁକ୍ତ ଲୋକମାନେ ସେମାନଙ୍କ ସହଯୋଗୀମାନଙ୍କ ସଙ୍ଗେ ଲେଖାନାମ ସ୍ୱୀକାର କରିବାକୁ ଚାହୁଁ। ଅଭ୍ୟନ୍ତରରେ ସେମାନଙ୍କର ଉଲଗ୍ନ ନାନାଜାତି ଏବଂ ଅନର୍ଥରେ ଅଧିକ ହେବାରୁ ସଭାରତମାନେ ତାହାଙ୍କର ଶୁଶ୍ରୂଷା କରୁ ଯେତେ

ବେଳେ ସ୍କୁଲ ଉଚିତ ହେବାର ଦେଖିଲେ ସେତେବେଳେ ସେଥିର ଅଧ୍ୟକ୍ଷମାନେ କୌଣସି ପ୍ରକାର ସୂତ୍ର ଦେଇ ଓ ଉକ୍ତ ସେମାନେ ଅବଶ୍ୟ ହେବା ଉଚିତ ଭାବରେ ନିଜର ସ୍ୱତନ୍ତ୍ରତା ପକାଇଲେ। ତଦ୍ୱାରା ସ୍କୁଲ ପକ୍ଷରେ ଏହା ଅତ୍ୟନ୍ତ ଅନୁପଯୁକ୍ତ ହୋଇଅଛି। ସେହିମାନେ ପରକାଳର ପ୍ରତି ଏକାନ୍ତ ନିଷ୍ଠୁର ସେମାନେ ଯେ ଅପଣାର ଉପଯୁକ୍ତ ଲୋକ ପ୍ରତି ସଦ୍ଭାବ ରଖି ସେହିତ୍ୱ ଦେଖାଇବେ ଏହା ଆଶା କରିବା ଉଚିତ ନାହିଁ।

କୋଟଗ୍ରାମ ଉପକୂଳରେ ସୁବର୍ଣ୍ଣଖଣି ଆବିଷ୍କୃତ ହୋଇଅଛି ଏବଂ ତହିଁରେ ଉପଯୁକ୍ତରୂପେ କାର୍ଯ୍ୟ ହେବାର ଉଦ୍ୟୋଗ ଚାଲିଅଛି।

ବୋମ୍ବାଇଠାରେ ବସନ୍ତ ରୋଗ ପ୍ରବଳ ହୋଇଅଛି ଏବଂ ଇଂରାଜୀ ଟୀକାଦାନ ତାହା ସମ୍ପୂର୍ଣ୍ଣରୂପେ ଦମନ କରିବା ନିମନ୍ତେ ଅଧିକା ମନୁଷ୍ୟ ଅବଶ୍ୟକ ହୋଇଅଛି।

ଜୟପୁରଠାରେ ଯେଉଁ ଶିଳ୍ପପ୍ରଦର୍ଶନୀ ହୋଇଥିଲା ତହିଁର ପ୍ରଧାନ ପ୍ରଧାନ ଦ୍ରବ୍ୟର ଫଟୋଗ୍ରାଫ ନିଆ ଯାଉଅଛି।

ମାଘ ମାସରେ ବାଙ୍ଗାଲୋର ହେବା ଜନ ଓ ତହିଁର ପରେ ଓ ଗଣନାକାର୍ଯ୍ୟ ଏପରି ଚଳନ ସରକାରୀ କଲେଜ ଅତି ବଡ଼ ହେବା କାରଣ ଗ୍ରାହକମାନଙ୍କୁ ଯେଉଁ ଅପେକ୍ଷାକୃତ କମ ମୂଲ୍ୟ ଆଦାୟ ହୋଇଥିବ ତାହା ଅବଶ୍ୟ ବିଶ୍ୱାସଯୋଗ୍ୟ ଅଟେ। ମାତ୍ର ଗତ ବର୍ଷରେ ଏ ବର୍ଷର ଉଲ୍ଲେଖ ଜନ ଭଳି ହୋଇ ଗଲା।

କାନ୍ଥାବାଲ ବଣେଶ୍ୱର ଜ ଚନ୍ଦ୍ରନାଥ ମହାସୟ ଓ ସାଲା ଗଲ ବାଣବାସର ମିଥ୍ୟ ବୟାନ ହାଇକୋର୍ଟ ଦ ୨ ବର୍ଷରୁ ଦ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରଣରେ ଜଣ ପୂର୍ବବର୍ଷ କାରାବାସର ମିଥ୍ୟ ଲାଭତ ହେଲେ ମୁକ୍ତି ଲାଭ କରିବାର ପରିପ୍ରତି ଲେଖି ଯାଇଥିଲା। ହାଇକୋର୍ଟର ଜଜମାନଙ୍କ ମତ ଯେ ମହାରାଜ ଦ ୫ ବର୍ଷ ମିଥ୍ୟର ଯୋଗ୍ୟ ହେଲେ ମଧ୍ୟ ସେତେବେଳେ ସେ ଦଣ୍ଡ ବୃଦ୍ଧି କରାଯାଇ ନପାରେ ତାହାଙ୍କ ଦଣ୍ଡ ବୃଦ୍ଧି କଲ୍ପ ନ ଦିବାର କାରଣ ଦେଖାଇବାକୁ ସମର୍ଥ ହୋଇ ଯାଇ ନାହିଁ। କେବଳ ଏହି ହେତୁରୁ ସେ ଅଧିକା ଦଣ୍ଡ ପାଇ ନେଲେ। ଉତ୍ତମ।

ଗବର୍ଣ୍ଣମେଣ୍ଟ କଲେଜ କମ୍ପାଣୀଗିରି ନିମନ୍ତେ ଯେଉଁ ପରୀକ୍ଷା ସୁସ୍ଥିର ହେବାର ଧାର୍ଯ୍ୟ ହୋଇଥିଲା ସେଥିର ପ୍ରଥମ ପରୀକ୍ଷା ଗତ ମାସ ତା ୧୫ ଋଣଠାରୁ ତା ୧୮ ଋଣ ପର୍ଯ୍ୟନ୍ତ ହୋଇଥିଲା ଏବଂ ତହିଁରେ ନ ୨୫୬ ଣ ପରୀକ୍ଷାର୍ଥୀ ଉପସ୍ଥିତ ହୋଇଥିଲେ। ଏ ଟେକେ ଅଧିକ ବିଶ୍ୱବିଦ୍ୟାଳୟର ପରୀକ୍ଷା ସ୍ୱରୂପ ହୋଇ ଗଲା ମାତ୍ର ବିଦ୍ୟାଳୟର କୌଣସି ଉପାଧି ସଙ୍ଗେ ଏହାର ଗଣନାର ସମ୍ବନ୍ଧ ନାହିଁ। ଗବର୍ଣ୍ଣମେଣ୍ଟଙ୍କ ବଳରେ ଏହା ଓ ବିଶ୍ୱବିଦ୍ୟାଳୟ ପ୍ରତି ଶୈଥିଲ୍ୟ କରିବ?

ବଲରଦାର ହେମ୍ପାର ସ୍କୁଲର କେତେକଣ ଛାତ୍ର ଜନେକ ଇତେଣ୍ଡଲେ ନୌକା ଉପା କରି ଯାଉଥିଲେ। ମାଝି ଡିଙ୍ଗକୁ ଠିକ ଭାବେ ଧରି ରଖିବା ପାଇବା ଅସାରେ ନୌକା ବୁଡ଼ିଲେ ଓ ଲକ୍ଷ୍ୟ ରଖି ପ୍ରଦର୍ଶନ କରୁଥିଲେ ମଧ୍ୟ ତେଲ ଭିତର। ବାଳକମାନେ ତାହା ଜାଣିଲେ ମୋଟେ ଭୟ କରିବାକୁ ବସୁଥିଲେ ତାହାପରେ ଏକମାତ୍ର କଠିନ ପରିଶ୍ରମ ସହିତ ବାସ୍ତବରେ ଦଣ୍ଡ ହୋଇଅଛି। ଉତ୍ତମ। ମାଝିମାନେ ଶିକ୍ଷିତ ହୋଇ ଯାଉଥିଲେ।

ଗତ ମାସ ତା ୨୬ ଋଣରେ ଦାର୍ଜିଲିଂଠାରେ ଅନବରତ ଦଶେକ ଦିନ ବୃଷ୍ଟି ହୋଇଥିବା ଏଥିରେ ଭୂମି ଉପରେ ୨୦ ଇଞ୍ଚ ବରଫ ଜମି ଯାଇଅଛି। ଏପରି ବରଫ ବୃଷ୍ଟି ଅନେକ ବର୍ଷ ହେବ ଦେଖା ଯାଇ ନ ଥିଲା। ସେହି ବରଫ

ବୃଷ୍ଟି ହେତୁ ସହରମାନଙ୍କ ସାଙ୍ଗେ ଲଗି ଯାଇ ଥିବା ଅନେକ ଲୋକଙ୍କର କଷ୍ଟ ପଡ଼ିଥିଲା।

ସନ ୧୮୮୧।୮୨ ମସିହା ସଙ୍ଗେ ତୁଳନା କଲେ ଅନେକ ସ୍ଥାନର ଲେଣ୍ଡଷ୍ଟେଟମେଣ୍ଟର ଅଳ୍ପ ଭିତର ବର୍ଷକୁ ୨୫୦୦୦୦୦ ପାଉଣ୍ଡ ଅଧିକା ହୋଇଥିବ ଓ ଖର୍ଚ୍ଚ ୭୫୦୦୦୦୦ ପାଉଣ୍ଡ ଯାଇ ବାକି ୨୫୦୦୦୦୦ ପାଉଣ୍ଡ ଉଦ୍‌ବର୍ତ୍ତ ରହିବ। ତଥାତ ଷ୍ଟେଟମେଣ୍ଟ ଅନ୍ୟମାନଙ୍କ ପରି ସ୍ୱାଧୀନ ବିଶ୍ୱାସର ଉଦାହରଣ ଦେଖାଇ ନାହାନ୍ତି।

ରୁଷିଆ ଦେଶରେ ଧନବଳର କାର୍ଯ୍ୟ ଚଳାନ୍ତ ମନ ଯୋଗ କରୁଥିବ। ସନ ୧୮୮୧ ମସିହାରେ ୪୨୦୦୦୦୦ ପାଉଣ୍ଡ ଅଭାବର ସମ୍ଭାବନା ଥିଲା ବୋଲି ଜଣାଯାଇଅଛି ୧୧୦୭୦୦୦୦ ପାଉଣ୍ଡ ପ୍ରକୃତ ଅଭାବ ପଡ଼ିବାର ଦେଖା ଗଲା।

ଢାକା ଜିଲ୍ଲାନ୍ତର୍ଗତ ସକଳର ଜମିଦାର ଲକ୍ଷ୍ମୀନାରାୟଣ ବାବୁ ଢାକା କଲେଜରୁ ବିଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏକ ବର୍ଷ ମଧ୍ୟରେ ଏମେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ତାହାଙ୍କୁ ବୃତ୍ତି ଦେବା ନିମିତ୍ତ ଟ ୨୦୦୦ଙ୍କା ଡାଇରେକ୍ଟରଙ୍କ ହସ୍ତରେ ନ୍ୟସ୍ତ କରିଅଛନ୍ତି। ଏଠା କଲେଜରୁ ବିଏ ପାଶ କରି ଏମେ ଅଧ୍ୟୟନ କରିବାକୁ ସମର୍ଥ କରାଇବା କାରଣ ଏଠାରେ ସେହିପରି ବୃତ୍ତି ସ୍ଥାପନ କରିବାକୁ କେହି ମନ କରାଇଲେ ବଡ଼ ଭଲ ହୁଅନ୍ତା।

ମଲ୍ଲିକର ଏକ ପତ୍ରିକା କୋହନ୍ତି ଯେ ସାଲେମର ଜଙ୍ଗଲ ସନଗାଲମାନେ ଟ ୧୫୦୦୦ ଙ୍କା ଦେଇଅଛି। ଗତ ଜନ୍ମୋତ୍ସବରେ ଏହା କୌଣସି ମହାତ୍ମାଙ୍କ କର୍ତ୍ତୃକ ଅନୁଷ୍ଠିତ ହୋଇଥିବାର ସମ୍ଭବ।

ଅଷ୍ଟ୍ରେଲିଆ ଦେଶର ଭିକ୍ଟୋରିଆରେ ଏକ ଛଟି ମଧ୍ୟରେ କାର୍ଯ୍ୟ କରୁଥିବାବେଳେ କେତେକ ଲୋକ ନଷ୍ଟ ହେବାର କଥା ଶୁଣିଥିଲୁଁ। ବର୍ତ୍ତମାନ ଅବଗତ ହେଲୁଁ ଯେ ସେଠା ଗବର୍ଣ୍ଣର ଅନାଥ ସନ୍ତାନମାନଙ୍କର ସାହାଯ୍ୟ ନିମିତ୍ତ ଚାନ୍ଦା ସଂଗ୍ରହର ବିଶେଷ ଚେଷ୍ଟା ଲଗାଇ ଅଛନ୍ତି। ଉଦ୍ୟମ ପ୍ରଶଂସନୀୟ।

ଇଣ୍ଡିଆନଗେଜେଟର ଲେଖି ଅଛନ୍ତି ଯେ ବର୍ତ୍ତମାନ ସରକାର ଶିକ୍ଷାନ୍ତ ପକ୍ଷରେ କଲେଜର ବାଳକମାନଙ୍କୁ ବୃତ୍ତି ଦେବା ନ ଦିବାର ନିୟମ କଲେ ବାଲ୍ୟବିବାହ ପ୍ରତି ବିରୋଧ କ୍ଷମ ହୋଇ ପାରିବ ପ୍ରସ୍ତାବଟି ଆମ୍ଭମାନଙ୍କ ମନକୁ ଲାଗେ ଭଲ ଏବଂ ଏଥିରେ ନିଶ୍ଚୟ ଭଲ ଫଳ ହେବ।

ହିନ୍ଦୁ ଏବଂ ମୁସଲମାନମାନଙ୍କ ମଧ୍ୟରେ ମେଳ ସଂସ୍ଥାପନ ହେବାର ଅନେକ ଉଦ୍‌ଯୋଗ ସମ୍ବାଦ ଶୁଣି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ। ଗତ ମାସ ତା ୨୬ ଋଣରେ ପାଟନାରେ ନବାବ ଆମେଦଖାଁ ବାହାଦୁର ସି ଆଇ ଇ ଏ ବିଷୟରେ ଏକ ବକ୍ତୃତା କରିଥିଲେ ଏବଂ ତାହା ଶୁଣିବା ପାଇଁ ଅନେକ ଲୋକେ ଉପସ୍ଥିତ ହୋଇଥିଲେ।

ପୁର୍ତ୍ତଗାଲ ଦେଶକୁ ଏକ ନୂତନ ଯୋଗୀ ଅଛନ୍ତି। ସେ କେବଳ ରକ୍ତର ଉଷ୍ଣ ଜଳ ଓ ଅନ୍ନ ଓ ଦାନ୍ତରେ କଟା ଫଳ ଭକ୍ଷଣ କରି ଜୀବନ ଧାରଣ କରନ୍ତି। ଏ କଥା କୌତୁକ!

ନବାବଙ୍କ ସଭାରେ ଯୋଗ୍ୟତାର୍ଥ ସଂକଳ୍ପ ହେବାର ଉଦ୍‌ଯୋଗ ଚାଲିଅଛି ଏବଂ କଲିକତାରେ କାର୍ଯ୍ୟମାନ ପ୍ରସ୍ତୁତ ହେଉଅଛି। ଏ କାର୍ଯ୍ୟମାନ ଉତ୍ତମରୂପେ ଚଳି ଆସିବ କହୁଅଛି।

ଶ୍ୟାମ ଦେଶରେ ଜଳ ବୃଦ୍ଧି ହୋଇ ଅନେକ ଗ୍ରାମ ଜଳମଗ୍ନ ହୋଇଅଛି। ପ୍ରାୟ ଲକ୍ଷଲୋକ ଗୃହହୀନ ହୋଇବାର ସମ୍ଭବ।

Digitized by srujanika@gmail.com

Split by PDF Splitter



ଏହି ପର୍ଯ୍ୟନ୍ତରେ ଲେଖା ଅଛି ଯେ ଦାନ୍ତ ସହରେ ଆଦାଂଶର କଷ୍ଟାଂଶ ଘଷି ରହିଲେ ଦନ୍ତ୍ୟ ଦାନ୍ତ ଶୀଘ୍ର ପଚିଯାଏ ଓ ଉତ୍ପାଦକ ପଦାର୍ଥ ଜନ୍ମିତ ହୁଏ । ଏହା ନିବାରଣ ନିମିତ୍ତ ଖାଇ ସାରିବାର ପରେ ତୁଳକୁଟି କରି ମୁଖ ପରିଷ୍କାର କରିବା କର୍ତ୍ତବ୍ୟ ଏବଂ ସେହି ଉପରେ ଅଳ୍ପ ପରିମାଣ ପୋଟାସିଅମ ପରମାଙ୍ଗେନେଟ ଜଳରେ ମିଶ୍ରିତ କରି କୁଳକୁଚା କଲେ ବିଶେଷ ଉପକାର ହେବ । ଯଦି ଦାନ୍ତ କଣା ହୋଇ ଯାଏ କି ଦାନ୍ତ ସଢ଼ି ଅଧିକ ମଇଳା ହୋଇ ଯାଏ ତେବେ ତାହା ଶୀଘ୍ର ଦାନ୍ତ କଢ଼ାଇବା ଲୋକଙ୍କ ଦ୍ୱାରା ପୂରଣ କରି ନେବାର ଉଚିତ । ଏହା ହେଲେ ବୃଦ୍ଧ ବୟସ ପର୍ଯ୍ୟନ୍ତ ଦାନ୍ତର ଯୋଗ ଦେଇପାରେ । ଏଣିକି ଅନେକ ମାନଙ୍କର କୁଳକୁଚା କରିବା ଦେଖି କେହି ଉପହାସ କରନ୍ତେ ନାହିଁ । ଯେବେ ଦାନ୍ତ ସନ୍ଧିରେ କାଠି ଗଳାଇ କୁଳକୁଚା ନ କରନ୍ତି ତାହା ହେଲେ ଦାନ୍ତ ସନ୍ଧିରେ ମୃତ ପଦାର୍ଥ ରହି ତାହା ପଚି ଦାନ୍ତ ମୂଳ ଢିଲା ହୋଇଯାଏ । ଏଣୁ ଘଷି ଘଷି ହୋଇ ଦାନ୍ତ ମୂଳ ଢିଲା ହୋଇଯାଏ । ଏଣୁ ଏ ପ୍ରଥା ସେତେ ଭଲ ବ୍ୟବହୃତ ହୁଏ ସେତେ ଭଲ ମାତ୍ର ଅତ୍ୟନ୍ତ ଏହି ଯେ ଉଚିତ ଘଷା କରି ଦାନ୍ତରେ କାଠ ଭଙ୍ଗନ୍ତି ।

କଲିକତାର ବାବୁ ପ୍ରତାପଚନ୍ଦ୍ର ଘୋଷ ସେଠା ମିଉନିସିପାଲଟୀରେ ରଣସ୍ୱରୂପ ଟ ୨୦୦୦ ଙ୍କା ସରକାର କାର୍ଯ୍ୟ ଟ ୫ ଙ୍କା ସୁଧରେ କର୍ଜ୍ଜ ଦେଇ ସେହି ସୁଧହାର ହ୍ରାସ ହେଲା ଟ ୪ ଙ୍କା ସୁଧରେ ଫେରାଇ ନେବାକୁ ବିଜ୍ଞାପନରେ ଯେ ସ୍ୱତନ୍ତ୍ର ଉପାୟ ଅବଲମ୍ବନ କରିଅଛନ୍ତି ।

କଲିକତା ବର୍ଦ୍ଧମାନଜିଲ୍ଲାର ବାବୁ ଦ, ଏ, ପରୀକ୍ଷାରେ ବୃତ୍ତିଭୋଗୀ ହୋଇ ବଙ୍ଗୀୟ ରମଣୀ ପରୀକ୍ଷୋତ୍ତୀର୍ଣ୍ଣ ହୋଇ ଅଛନ୍ତି । ଗୋଟିଏ କାଦମ୍ବିନୀ ବସୁ ଓ ଅନ୍ୟଟି ଚନ୍ଦ୍ରମୁଖୀ ବସୁ । ସର୍ବ ପ୍ରଥମ ହୋଇ ଏ ଦୁଇଜଣ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେମାନେ ବଙ୍ଗଦେଶର ତେମନ୍ତ ସମୁଦାୟ ଭାରତବର୍ଷର ମୁଖ ଉଜ୍ଜ୍ୱଳ କରିଅଛନ୍ତି ଏବଂ ଏହି ଅଭିଶ ଅନୁକରଣ କରି ଅନ୍ୟାନ୍ୟ ଦେଶୀୟ ସ୍ତ୍ରୀଲୋକମାନେ ଯଦି ରତ ହେଲେ ଭାରତର ଗୌରବ ବୃଦ୍ଧି ହେବ । ଏଥି ଉପାୟ ସ୍ୱାଧୀନ ଏବଂ ସ୍ୱାଧୀନ ଶବ୍ଦ ସ୍ତ୍ରୀଲୋକରେ ବ୍ୟବହୃତ ହେବାର ଶ୍ରୀ ସ୍ୱରୂପର ଅଧିକ ମୂର୍ତ୍ତି ଭାରତ ରମଣୀ ପଦ ଗୌରବର କହେଷୀ ହେଲେ ସଧ ଏବେ ଶୀଘ୍ର ଯେ ଇଂରାଜ ମହିଳାଙ୍କର ଉଦାହରଣ ବର୍ଣ୍ଣ କରିବା ନିମନ୍ତେ ଭାରତ ଦୃଷ୍ଟାନ୍ତ ଦେଖାଇବାକୁ ସମର୍ଥ ହୋଇଅଛି ଏଥି ବଡ଼ ଅଉ ଅଧିକ ଆହ୍ଲାଦର ବିଷୟ କ ହୋଇ ପାରେ । ଆମ୍ଭେମାନେ କେବଳ ସୁରତ ଅଧ୍ୟାପକ ଓ ଉକ୍ତ ସ୍ତ୍ରୀ ଦ୍ୱୟଙ୍କ ଅଭିଭାବକଙ୍କୁ ବିଶେଷ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

ବ୍ରହ୍ମଦେଶର ରାଜାଙ୍କ ଅବଶେଷରେ ଭାରତର ରଜର ଜେଠା ରାଣୀପୁତ୍ର ଓ ଅନ୍ୟ ଏକଜଣ ଭାଇଙ୍କୁ ବଧ କରି ଆପଣାର ଅଦର୍ଶଣତାର ପ୍ରମାଣ ଦେଖାଇ ଅଛନ୍ତି । ଅତ୍ରବ ରାଜ୍ୟର ଉଦ୍ଧାରର ସୀମା ପ୍ରଦେଶରେ ରତ ହୋଇ ଅବାଇ କଥିତ ହୁଏ ।

ମଲ୍ଲୁସୁରର ଦେବାଙ୍ଗ ଇଙ୍ଗାଗୁଣ୍ଟାଙ୍କର ମୃତ୍ୟୁ ଘଟନା-ରେ ସେଠା ମହାରାଜାଙ୍କର ମହୀଶୂର ଦେହେଙ୍ଗିଲ ଏବ ଅବସ୍ଥା ଓଜିବା ବାହାର ଥିଲ । ତହିଁରେ ମହାରାଜା ଅପରାର ଜଣେ ବକ୍ଷୀ, ଜଣେ ଏବଂ ଗୁରୁଙ୍କ ଦସ୍ତଖତ ଏବଂ ପ୍ରଜାଙ୍କର ପ୍ରଭୃତ ବନ୍ଧୁ ଏବଂ ସହାନୁଭବଙ୍କୁ ତସ୍ତର ଦେଶର ଶୁଭ ପ୍ରକାଶ କରି ସେ ଶୋକ ଜନିତ ଗତ ମାସ ତା ୨୧ । ୩୦ ଦଶ ମାନଙ୍କରେ ସମୁଦାୟ ପ୍ରଜାଙ୍କ ହୃଦୟର ଅଭ କର କରିବାର ନିୟମ ପ୍ରଚାର କରିଥିଲେ । ଏ ସଂଖ୍ୟାର କାଶୁଣ୍ଡ ହୋଇଅଛି ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ ମହାଶୟମାନେ କଟକ ଟାଉନ ଲାଇବ୍ରେରିରେ ଦାନ କରିଅଛନ୍ତି ।

ଶ୍ରୀଯୁତ ଆର, ଏଚ, ଡବ୍ଲି କଟକର ମେଜିଷ୍ଟ୍ରେଟ ସାହେବ ଟ ୧୦ ଙ୍କା ।

ନୂଆଗଡ଼ର ରାଜା ଶ୍ରୀଯୁତ ରଘୁ କିଶୋର ସିଂହ ବାହାଦୁର ଟ ୨୫ ଙ୍କା ମଧ୍ୟରୁ ଟ ୧୨ ଙ୍କା

ଜଣେ ହେଲିଙ୍ଗ ଟ ୨ ଙ୍କା ।

ବାବୁ ଜଗନ୍ମୋହନ ଲାଲ ତିନିଖଣ୍ଡ ପୁସ୍ତକ ।

ପଣ୍ଡିତ ଗୋବିନ୍ଦ ରଥ ୪ ଖଣ୍ଡ ପୁସ୍ତକ ।

ବାବୁ ଗୌରଗୋବିନ୍ଦ ପଟ୍ଟନାୟକ ଖଣ୍ଡିଏ ବ୍ରହ୍ମସଂଗୀତ । ଇତ୍ୟାଦ ।

୩୧ । ୧ । ୮୩ } କଟକ } ବଶମ୍ବଦ

HURRY CHURN BANERJEA
*Offg. Secretary*
*Cuttack Town Library.*

---

ମହାଶୟ !

ଅମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ଯେ ଗତ ମାଘୋତ୍ସବ ଉପଲକ୍ଷେ ଦରିଦ୍ରମାନଙ୍କୁ ବିତରଣ କରିବା ନିମିତ୍ତ ନିମ୍ନଲିଖିତ ମହୋଦୟମାନେ ଉତ୍କଳ ବ୍ରାହ୍ମସମାଜକୁ ଦାନ କରିଅଛନ୍ତି ।

| | | |
|---|---|---|
| ଶ୍ରୀଯୁକ୍ତ ବାବୁ | କାଳିପଦ ବନ୍ଦ୍ୟୋପାଧ୍ୟାୟ | ଟ ୪୲ |
| „ „ | ଜଗନ୍ମୋହନ ରାୟ | ଟ ୨୲ |
| „ „ | ସଦାନନ୍ଦ ମହାନ୍ତି | ଟ ୨୲ |
| „ „ | ହରିବଲ୍ଲଭ ଘୋଷ | ଟ ୨୲ |
| „ „ | ଗୌରୀଶଙ୍କର ରାୟ | ଟ ୧୲ |
| „ „ | ଅବିନାଶଚନ୍ଦ୍ରଚଟ୍ଟୋପାଧ୍ୟାୟ | ଟ ୧୲ |
| „ „ | ପ୍ରାଣକୃଷ୍ଣ ରାୟ | ଟ ୧୲ |
| „ „ | ବଳରାମ ଦାସ | ଟ ୧୲ |
| „ „ | ସୁଦାମଚନ୍ଦ୍ର ନାୟକ | ଟ ୧୲ |
| „ | ପଣ୍ଡିତ ପ୍ରଭାକର ବିଦ୍ୟାରତ୍ନ | ଟ ୧୲ |
| „ | ବାବୁ ଜଗନ୍ମୋହନ ଲାଲ | ଟ ୦। |
| „ „ | ଦେବିଲାଲଚନ୍ଦ୍ର ସିଂହ | ଟ ୦। |
| „ „ | ରାମପ୍ରସାଦସିଂହ ନୂତନବସ୍ତ୍ର ୪ଖଣ୍ଡ | |
| „ „ | ଗୋପାଳଚନ୍ଦ୍ର ଶୁକ୍ଳ ସେ ୨୦ ଚାଉଳ | |

୩୧ । ୧ । ୮୩ } ଶ୍ରୀ ମଧୁସୂଦନ ରାଓ
କଟକ } ଉତ୍କଳବ୍ରାହ୍ମ ସମାଜର ସମ୍ପାଦକ

---

ମହାଶୟ !

ବାଙ୍କି ତହସିଲଦାରଙ୍କ ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତରେ ଆପଣ ବୋଧ କରୁଅଛନ୍ତି ତହସିଲଦାର ଏ କାର୍ଯ୍ୟରେ ନୂତନ ହେବାରୁ ଏପରି ଭୁଲଗଲେ ମାତ୍ର ତହସିଲଦାର ନୂଆ ଲୋକ ନୁହନ୍ତି, ସରକାରୀ କର୍ମରେ ଜଣେ ପୁରୁଣା ଲୋକ ଅଟନ୍ତି, ଅନେକ କାଳ କାଗଜ କଲମର ଲଢ଼ାଇ କରଅଛନ୍ତି ବାଙ୍କିରେ ଅନେକ ଦିନରୁ ରହି ପ୍ରଜାଙ୍କ ଅବସ୍ଥା, କାରବାର ଦେଖିଅଛନ୍ତି ତାଙ୍କର ଏପରି ଅସାଧାରଣ ତ୍ରୁଟି ହେବ ଏ କଥା ଅନୁମାନ କରିବା ସଙ୍ଗତ ନୁହେ । ଲାଇସେନ୍ସ ଟାକ୍ସ ସମସ୍ତ ଓଡ଼ିଶାରେ ବନ୍ଦୋବସ୍ତ ହୋଇଅଛି କେଉଁଠାରେ ଏପରି ଭୁଲ ଦେଖାଯାଇଥିଲା ? ଏହି କଟକରେ ଇତି ପୂର୍ବେ ଯେ କେତେକ ଟାକ୍ସ ଅସେସର ନିଯୋଜିତ ହୋଇଥିଲେ କାହାର ଏପରି ତ୍ରୁଟି ହୋଇଥିଲା ? ନୂତନ ଗୋଟିଏ କାର୍ଯ୍ୟ କଲେ ଯେ ଏପରି ତ୍ରୁଟି ହେବ ଏହା ପ୍ରକୃତିର ଅନିବାର୍ଯ୍ୟ ନିୟମ ନୁହେ—ଆପଣ ଟାକ୍ସ ବନ୍ଦୋବସ୍ତ କାର୍ଯ୍ୟକୁ ବଡ଼ କଠିନ ମନେ କରଅଛନ୍ତି କେବେ କଟକର ଖାସମହାଲ ବନ୍ଦୋବସ୍ତ ଉମଯତ୍ତାର କରପୀଡ଼ା, ଖୋରଧାର ଜମାବନ୍ଦୀ, ମିଉନିସିପାଲଟିର କାର୍ଯ୍ୟକଳାପ, ଏ ସବୁ କଠିନ ବ୍ୟାପାର ବୋଲି ଏଥିରେ ତ୍ରୁଟି ହେବାର ମନେ ନ କରିବା ପକ୍ଷରେ ଆପଣଙ୍କର କୌଣସି ହେତୁ ନାହିଁ । ଏ ସମ୍ପର୍କରେଡ ଆପଣ ଅନେକ କଥା ଲେଖିଥିବାର ଦେଖା ଯାଇଥିଲା କେବେ ବାଙ୍କିର ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ କେଲେ ଟାକ୍ସ ବନ୍ଦୋବସ୍ତ ଅତି କଠିନ ବ୍ୟାପାର ବୋଲି ଆପଣ କାହିଁକି ବୋଧ କରଅଛନ୍ତି ? ଆପଣଙ୍କର ଏରୂପ ଲେଖା ଅନ୍ୟାୟକାରୀଙ୍କର ଅନ୍ୟାୟର ଲାଘବତା ଦର୍ଶାଉଅଛି । ନ୍ୟାୟ ଓ ଧର୍ମ ଆଇନ ଓ ବିବେକର ବଶବର୍ତ୍ତୀ ହୋଇ ଏ କାର୍ଯ୍ୟ ସମାଧାନ କଲେ ବଡ଼ କଠିନ ବ୍ୟାପାର ନୁହେ, କିନ୍ତୁ ( ଗବର୍ଣ୍ଣମେଣ୍ଟଙ୍କର ଲାଭ ଦେଖାଇ ଉପରସ୍ଥ କର୍ମଚାରିଙ୍କର ସନ୍ତୋଷଭାଜନ ହେବା ଏହି ଭୁଲ ଅଭିପ୍ରାୟ ମନେ ରଖି ) ନ ବୁଝି ନ ସୁଝି ଶୁଣା କଥାରେ ଯତ୍ର ବନ୍ଦୋବସ୍ତ କରିବାର ପ୍ରଥାକୁ କଠିନ ବ୍ୟାପାର କୁହାଯାଇ ପାରେ । ଆପଣ ତହସିଲଦାରଙ୍କ ବନ୍ଦୋବସ୍ତର ଅଙ୍କପାତରେ ଭୁଲ ଦେଖାଇ ଅଛନ୍ତି ତାହା ଟ ୩୨୦୦ ଙ୍କା ନୁହେ ତହସିଲଦାର ବାଙ୍କିରେ ଟ ୩୪୫୦ ଟାକ୍ସ ଧାର୍ଯ୍ୟ କରିଥିଲେ, ଡେପୁଟି କଲେକ୍ଟର ଦରଦା ବାବୁ ତାହା ଟ୧୯୯୦ ଙ୍କାରେ ସ୍ଥିର ରଖିଥିଲେ, ସାହେବଙ୍କଠାରେ ଅପିଲ

Digitized by srujanika@gmail.com

ହେବାରେ ସାହେବ ଯହିଁକି ଥୋଡ଼ କରି ତାହା ଟ୧୬୫୦ ଟଙ୍କାରେ ସ୍ଥିର ରଖିଲେ, ସାହେବ ଅପିଲ ଶୁଣିବା ଶେଷ ଅବସର ମଧ୍ୟରେ ପ୍ରଜାଙ୍କ ପକ୍ଷରୁ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ ହେଲା। କୈଫିୟତ ତଲବ ହେଲା, କେତେ ଗୁଡ଼ିଏ ଲୋକ ପ୍ରଜାଙ୍କ ଦରଖାସ୍ତ ଅସାର ଥିବା ଓ କାହାରି ଉତ୍ତେଜନାରେ ପଡ଼ି ଏରୂପ ଦରଖାସ୍ତ କରିଥିବା ଇତ୍ୟାଦି ବାହାନା କରି ପ୍ରଜାଙ୍କ ଦରଖାସ୍ତକୁ ଉଡ଼ାଇ ଦେବାର ଫିକର କରୁଥିଲେ, ମାତ୍ର ଶୀତଳ ପ୍ରକୃତି ପଣ୍ଡି ସାହେବ ପ୍ରଜାଙ୍କ ଦରଖାସ୍ତକୁ ଆସ୍ଥା କରି ଗବର୍ଣ୍ଣମେଣ୍ଟଙ୍କୁ ସମୁଚିତ କଇଫିୟତ ଦେଲେ ଏବଂ ତହସିଲଦାରଙ୍କୁ ହରିବନ୍ଧୁ-ବିଷୟରେ ବିଶେଷ ଅନୁସନ୍ଧାନ କରି ରିପୋର୍ଟ କରିବାକୁ ଅନୁରୋଧ କଲେ, ତହସିଲଦାର ମଧ୍ୟ ଦୁଇ ମାସ ମହଲତ ନେଇ ତଦନ୍ତ ଅନୁସନ୍ଧାନ କରି ରିପୋର୍ଟରେ ଯେଉଁ ବିଚିତ୍ର ବିଦ୍ୟା ପ୍ରକାଶ କଲେ ତାହା ଅତି କୌତୁକଜନକ ଓ ଦୁଃଖଜନକ ଅଟେ। ତହସିଲଦାର ହରିବନ୍ଧୁର ବିଶେଷ କଥା ଲେଖିବାରେ ଏହି ଗୋଟିଏ ପ୍ରଧାନ କଥା, ନାରାୟଣ ଜୟସିଂହ ନାମକ ଜଣେ ଜୀବିତ ବ୍ୟକ୍ତିକି ମରି ଯାଇଥିବାର ଲେଖିଥିଲେ, ଆଉ ମଧ୍ୟ ଅପଣାର ପୋଷକତାରେ ଏହିପରି ଅନେକ କଥା ଲେଖିଥିଲେ। ନାରାୟଣ ଜୟସିଂହ ସାହେବଙ୍କ ନିକଟରେ ଉପସ୍ଥିତ ହୋଇ ସେ ନିଜେ ମରି ନ ଥିବାର ସାକ୍ଷ୍ୟ ଦେଲା, ସାହେବ ଏ ସକଳ ବିଷୟ ଅପଣା ରିପୋର୍ଟରେ ସୁନ୍ଦର ବର୍ଣ୍ଣନା କରିଅଛନ୍ତି ତେବେ ଦେଖ ଜଣେ ପ୍ରଧାନ କର୍ମଚାରୀର ଏପରି ପ୍ରତି କଥାରେ ଝୁଡ଼ ଦେଖିବାକୁ ଶୁଣିବାକୁ ଅତି ଅପ୍ରୀତିକର। ଜଣେ ସାମାନ୍ୟ ଚପ୍ରାସି ବା ଅମଲା ଅତି ଅଳ୍ପ ଭୁଲ କଲେ ହାକିମଙ୍କ ନିକଟରେ କେତେ ଲାଞ୍ଛନା କେତେ ଦଣ୍ଡ ସହ୍ୟ କରୁଅଛନ୍ତି। ମାତ୍ର ଯେଉଁ ହାକିମଙ୍କ ରିପୋର୍ଟ ପ୍ରତି ସ୍ୱେଚ୍ଛାୟତ୍ତ କର୍ତୃପକ୍ଷମାନେ ନିର୍ଭର କରୁଅଛନ୍ତି ସେମାନଙ୍କର ଏପରି ଅସାଧାରଣ ଭ୍ରମ ଅବଶ୍ୟ ଦଣ୍ଡର ଯୋଗ୍ୟ ଅଟେ ତହସିଲଦାରଙ୍କର ସବୁ କାର୍ଯ୍ୟରେ ଏପରି ତରତରିଆପଣ ଦେଖା ଯାଉଅଛି। ଏହି ସବୁ ଭୁଲ ବୁଝିପାରି ସାହେବ ସାନ୍ତ ବନ୍ଦୋବସ୍ତ କଲେ ସାହେବଙ୍କ ବନ୍ଦୋବସ୍ତ ଯେ ପ୍ରଜାଙ୍କ ଅବସ୍ଥାକୁ ଠିକ ତୁଳନା କରିଅଛି ବାକିବାସିମାନେ ଯେ ଏଥିରେ ସନ୍ତୁଷ୍ଟ ଅଛନ୍ତି ଏମନ୍ତ ନୁହେ, ଘରପୋଡ଼ିରୁ କେସ୍ତଏ ଲୁଟା ପାଇଲେ ମଧ୍ୟ ଲାଭ ଲଭ, ଲୋକେ ଏହି କଥା ମନେ କରିଅଛନ୍ତି। ସେମାନେ ଦରଖାସ୍ତରେ ଲେଖିଥିଲେ ୧୬ ଜଣରୁ ଅଧିକ ଏ ଟାଙ୍କି ଦେବାକୁ ଯୋଗ୍ୟ ନୁହନ୍ତି ଆମ୍ଭେମାନେ ମଧ୍ୟ ଏ କଥାକୁ ଠିକ ମନେ କରିଅଛୁଁ ଏବଂ ବାକିରେ ବ୍ୟବସାୟୀକୁ ତୁଳନା କରି ଦେଖିଲେ ଟ ୩୦୦ କାରୁ (ତିନଶ) ଅଧିକ ମୋଟ ଟାଙ୍କି ହୋଇ ପାରିବ ନାହିଁ—ସାହେବ କେବଳ ମୋଟରେ କିଛି ଥୋଡ଼ ଦେଇଅଛନ୍ତି ଏବଂ କେତେଗୁଡ଼ିଏ ଟ ୧୦ କିଆ କାଟି ଦେଇ ଅଛନ୍ତି ତହିଁରେ ୪୮ ଜଣଙ୍କ ଉପରେ ଏହି ଟାଙ୍କି ବସି ଟ୧୭୭୦ଙ୍କା ହୋଇଅଛି ବୋର୍ଡ ଲେଖିଥିଲେ ଦରଖାସ୍ତରେ ଯେଉଁମାନଙ୍କର ଦସ୍ତଖତ ଅଛି ସେମାନଙ୍କର ଘରଠାକୁ ଯାଇ ବିଶେଷରୂପେ ତଦନ୍ତ କର। ସାହେବ ଏ ଚିଠି ପାଇବା ପୂର୍ବରୁ ମୋଟ ଟଙ୍କାରୁ ପ୍ରାୟ ଅଧାଅଧି କରି ସାରିଥିଲେ। ଆମ୍ଭେମାନେ ଏତେବେଳେ ମଧ୍ୟ କହୁଅଛୁଁ ସାହେବଙ୍କର ବନ୍ଦୋବସ୍ତ ଅଧିକ ସନ୍ତୋଷଜନକ ନୁହେ। ଆହୁରି ମାନ୍ୟବର ସମ୍ପାଦକ ଆପଣଙ୍କର ନ୍ୟାୟବାନ୍ ଦର୍ମିଳ କଲମ ବାନ୍ଧି ତହସିଲଦାରଙ୍କ କାର୍ଯ୍ୟକଲାପର ପ୍ରକୃତ ସମାଲୋଚନା କରିବାରେ ଖମତ ଯାଇଅଛୁ।

ପତ୍ରପ୍ରେରକଙ୍କ ବିବେଚନାରେ ବାକି ତହସିଲଦାର ଯେପରି ହେଲେ ସହଜେ ତାହାଙ୍କ ଲେଖା ଭଙ୍ଗିରୁ ସ୍ପଷ୍ଟ ପ୍ରକାଶ ସେ ସେ ଅସ୍ମମାନଙ୍କୁ ଯେଉଁ ଦୋଷ ସକାଶେ ତାଡ଼ନା କରିବାକୁ ଅଗ୍ରସର ହୋଇଅଛନ୍ତି ତହିଁର ବିପରୀତ ଦୋଷରେ ଅପଣାକୁ ଅଧିକତର ଦୋଷୀ କରିଅଛନ୍ତି। ଖଜଣା ଓ ଲାଇସେନ୍ସ ଟାଙ୍କି ବନ୍ଦୋବସ୍ତର ପ୍ରଭେଦ ଅବଧି ତାହାଙ୍କୁ ଜଣା ନାହିଁ ଏବଂ କେଉଁ କାରଣରୁ ଲାଇସେନ୍ସ କମ୍ପା ଏହିପରି ଜନ୍ୟ କଛ ସାକ୍ଷାତ ଟାକ୍ସ ପ୍ରଚଳିତ ବର୍ଷ ପ୍ରତି ଉପଯୋଗୀ ନୁହଇ ବୋଲି ସର୍ବସାଧାରଣ କହୁଅଛନ୍ତି ତାହା ସେ ଅବଧି ବୁଝି ପାରି ନାହାନ୍ତି ଯେବେ ବୁଝି ପାରନ୍ତେ ତେବେ ଅସ୍ମମାନଙ୍କ ମନ୍ତବ୍ୟର ଏତାଦୃଶ ପ୍ରତିବାଦ କରନ୍ତେ ନାହିଁ ଅଥବା ତହସିଲଦାରଙ୍କ ପ୍ରତି ତାହାଙ୍କର ଏହି ପ୍ରକାର ବିଜାତୀୟ କ୍ରୋଧ ଜନ୍ମିଥିବାରୁ ଅନ୍ୟ ଦିଗକୁ ତାହାଙ୍କର ଦୃଷ୍ଟି ଯାଇ ନାହିଁ।— ସମ୍ପାଦକ।

## ବିଜ୍ଞାପନ।


**ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍।**

ଏହା ଜ୍ୱରରୋଗରେ କୁଇନାଇନର ପରିବର୍ତ୍ତରେ ଉତ୍କୃଷ୍ଟ ଔଷଧ ବୋଲି ବ୍ୟବହୃତ। କଲିକତାର ପ୍ରଧାନ ପ୍ରଧାନ ଇଉରୋପୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଅଇ। କଲିକତା କୋଷାଗାରଲ୍ କାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ନିମ୍ନଲିଖିତ ଦରରେ ମିଳିପାରେ ଯଥା;—

ଡାକମାସୁଲ ସହିତ ୬ ଆଉନ୍ସରୁ ଟ ୭ ଙ୍କା। ୮ ଆଉନ୍ସର ଟ ୧୧ କା। ୧୬ ଆଉନ୍ସରୁ ଟ ୨୦ ମୂଲ୍ୟ ଲଗିବ।


ପୁନାଙ୍ଗ ଇଂରେଜୀ ସ୍କୁଲରେ ଏକ ଉପଯୁକ୍ତ ହେଡମାଷ୍ଟରର ଆବଶ୍ୟକ ଅଛି। ମାସିକ ବେତନ ଟ ୨୫ ଙ୍କା ଯେଉଁମାନେ ଏଲ, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ବା କୌଣସି ଗୋଟିଏ ସମାନ୍ୟ ବିଷୟରେ ଫେଲ ହୋଇଅଛନ୍ତି [illegible] ବର୍ଷେ ବିଷୟରେ କିଛି ଜାଣିଥିବେ ସେମାନେ [illegible] ମଧ୍ୟରେ ଜିଲ୍ଲା ସ୍କୁଲର ସମ୍ପାଦକ ମାନ୍ୟବର ଶ୍ରୀଯୁକ୍ତ ବାବୁ କାଳୀଚରଣ ସାହୁଙ୍କ ନିକଟକୁ ସ୍ୱ ସ୍ୱ ପ୍ରଶଂସାପତ୍ର ସହିତ ଆବେଦନ କରିବେ।

୨୬।୧।୮୩ } Bhagabatty Charan Das
Sub-Inspr. of Schools K. G.
ପୁନାଙ୍ଗ } and a villager of Punang.


## ଓଡ଼ିଆ ନାଟକ।

## କାଞ୍ଚିକାବେରୀ

ବା

## ପଦ୍ମାବତୀ।

☞ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି। ମୂଲ୍ୟ ଟ ॥୦ ଆଠଅଣା ମାତ୍ର। ମଫସଲକୁ ଡାକମାସୁଲ ଟ ୦୵୬।

For Sale

Adarsalipi or Copy Book in Uriya

Intended for use in Patsalas and middle and Lower Vernacular Schools

Price 2 annas per copy

Apply to the Secretary Printing Company

Cuttack 18—1—83 } BALARAM DAS.


ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦୵ |
| ଅଧ ସ୍ତମ୍ଭକୁ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଖର୍ଚ୍ଚ ଟ ୦। ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ତେହା ଓ ଅର୍ଦ୍ଧେକ ଯଥାକ୍ରମେ ହେବ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ।

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ସୁପରିଣ୍ଟେଣ୍ଡେଣ୍ଟ ମିସନପ୍ରେସ | ଅଗ୍ରିମ | ଟ ୧। |
| ଶ୍ରୀ ପାଦ୍ରି ମିଲର ସାହେବ କଟକ | ଅଗ୍ରିମ | ଟ [illegible] |
| ଶ୍ରୀ ହ୍ୱଇଲହାଉସ ସାହେବ | " " | ଟ [illegible] |
| ବାବୁ ଗୋବିନ୍ଦଚନ୍ଦ୍ର ମହାପାତ୍ର ମଯୂରଭଞ୍ଜ ରାଜାଙ୍କ ସକାଶେ | ବକେୟା | ଟ [illegible] |
| | ଅଗ୍ରିମ | ଟ [illegible] |

☞ ଏହି ଉତ୍କଳଦୀପିକା ମହଲ କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା।

Digitized by srujanika@gmail.com

Split by PDF Splitter
REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

୨୨ ଭାଗ
୭ ସଂଖ୍ୟା

ତା ୧୭ ଋଶ ମାହେ ଫିବ୍ରୁଏରୀ ସନ ୧୮୮୭ ମସିହା । ମୂ । ଫାଲ୍‌ଗୁନ ଦ ୭ ଜ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୨ ୯ | ଟ ୩୯ |
| ଡାକମାସୁଲ | ଟ ୦ ୫ | ଟ ୧୯ |

ମାନ୍ଦ୍ରାଜର ଗବର୍ଣ୍ଣର ମହାମାନ୍ୟ ସର୍ ଗ୍ରାଣ୍ଟ୍ ଡଫ୍ ସାହେବ ଚଳିତମାସ ତା ୫ ରଖରେ ମାନ୍ଦ୍ରାଜରୁ ଜଳପଥରେ ଯାତ୍ରା କରି ଗଞ୍ଜାମ ଜିଲର ନାନାସ୍ଥାନ ଭ୍ରମଣ କରୁଅଛନ୍ତି ଏବଂ ଏହି ଉପଲକ୍ଷରେ ସେ ଅଞ୍ଚଳରେ ଖୁସି ସମାରୋହ ଲାଗିଅଛି । ସାହେବ ମହୋଦୟ ଗତ ତା ୬ ରଖରେ ଗୋପାଳପୁରଠାରେ ଜାହାଜରୁ ଓହ୍ଲାଇଲେ । ତା ୭।୮ ରଖରେ ଛତ୍ରପୁର ତା ୯।୧୦ ରଖରେ ରମ୍ଭା ତା ୧୧ ରଖରେ ଅସ୍କା ଏବଂ ତା ୧୨।୧୩।୧୪ ରଖରେ ବ୍ରହ୍ମପୁରଠାରେ ମୁକାମ କରିବାର ସ୍ଥିର ହୋଇଅଛି । ବ୍ରହ୍ମପୁରଠାରେ ଗୋଟିଏ ବୃହତ ଦରବାର ହେବ । ଅନେକ ରାଜା ଓ ଜମିଦାର ସେଠାରେ ଯୁଣ୍ଡ ହୋଇଅଛନ୍ତି । ଏ ପରେ ଉହାଁର ସମାଗ୍ରର ଜଣା ଯିବ ବ୍ରହ୍ମପୁରଠାରୁ ସାହେବ ମହୋଦୟ ପାର୍ଲ୍ଲ ଖେମେଣ୍ଡିକୁ ତା ୧୬ ରଖରେ ବିରାଜମାନ ହେବେ ଏବଂ ସେଠାରେ ଉନ୍ନଦନ ଅବସ୍ଥିତ କରି ବିଶାଖପଟ୍ଟନ ଜିଲ୍ଲାକୁ ବଜେ ହଇବେ ।

---

ମୟୂରଭଞ୍ଜ ଷ୍ଟେଟର କାର୍ଯ୍ୟ ନବାଦ ପ୍ରସଙ୍ଗ କଲିକତାର ସମ୍ବାଦପତ୍ରମାନଙ୍କରେ ଅବଧି ଆନ୍ଦୋଳନ ହେଉଅଛି ଏବଂ କେହି ସମ୍ବାଦପତ୍ର ଏଥିପାଇ ଗବର୍ଣ୍ଣମେଣ୍ଟ ଏବଂ ସ୍ଥାନୀୟ କର୍ମଚାରୀ ବର୍ଗର ଅନେକ ନିନ୍ଦା କରଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଏପରି ନିନ୍ଦା କରିବା ଅନ୍ୟାୟ ଅଟଇ ଏବଂ ଏଥିର କାରଣ ଆମ୍ଭେମାନେ ଏଥି ପୂର୍ବେ ବିସ୍ତାରିତରୂପେ ଲେଖିଅଛୁଁ । ବଙ୍ଗଳାର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ମାନ୍ୟବର ଟମସନ ସାହେବ ଏ ସମ୍ପର୍କରେ କେବଳ ସ୍ଥାନୀୟ କର୍ମଚାରିଙ୍କ ଉପରେ ନିର୍ଭର କରି କାର୍ଯ୍ୟ କରିନାହାନ୍ତି । ସେ ରାଜଭ୍ରାତାମାନଙ୍କୁ ଆପଣା ପାଖକୁ ଡକାଇ ନେଇ ସେମାନଙ୍କ ଯୋଗ୍ୟତାର କଳଣା କରି ଅଛନ୍ତି । ଖେଟ ଲାଟ ସାହେବ କହିଅଛନ୍ତି କି ଏମାନଙ୍କ ଯୋଗ୍ୟତା ବିଷୟରେ କମିଶ୍ନର ସାହେବଙ୍କର ଅନୁକୂଳ ମତ ନୁହଇ ଏବଂ ସେ ସ୍ୱୟଂ ଯାହା ଦେଖିଲେ ତହିଁରେ ଉକ୍ତମତ ଅନ୍ୟଥା ହେଲା ନାହିଁ । ଏପର ଏମାନେ ଯୋଗ୍ୟ ହୋଇଥିଲେ ସୁଦ୍ଧା ଯେ ସ୍ଥଳେ ଉତ୍ତରାଧିକାରିତ୍ୱରେ ଏମାନଙ୍କର ଅତ୍ୟନ୍ତ ନିକଟ ସମ୍ପର୍କ ଅଛି ସେ ସ୍ଥଳେ ଏମାନଙ୍କୁ ନାବାଲଗର ଅଭିଭାବକ କରିବା ଯୁକ୍ତି ସଙ୍ଗତ ହେଉ ନାହିଁ । ଖେଟ ଲାଟ ସାହେବଙ୍କ ଏହି ଯୁକ୍ତିମାନ ପ୍ରବଳ ଅଟଇ ସୁତରାଂ ତାହାଙ୍କ ବିଚାରରେ କୌଣସି ଦୋଷାରୋପ ହୋଇ ନ ପାରେ । ରାଜଭ୍ରାତାମାନେ ଯେବେ ସ୍ୱୟଂ ମ୍ୟାନେଜର ହେବାକୁ ଚେଷ୍ଟା ନ କରି ବାବୁ ନନ୍ଦକିଶୋର ଦାସଙ୍କୁ ମ୍ୟାନେଜର କରି ନେବାର ପ୍ରାର୍ଥନା କରି ଥାନ୍ତେ ତେବେ ସେମାନଙ୍କ ପକ୍ଷରେ ଭଲ ହୋଇ ଥାନ୍ତା । ଖେଟ ଲାଟ ସାହେବ ମଧ୍ୟ ପ୍ରଥମେ ମ୍ୟାନେଜରୀପଦ ବାବୁଙ୍କୁ ଯାଚି ଥିଲେ ମାତ୍ର ସେ ଅସମ୍ମତ ହେବାରୁ କେବଳ ଯୋଗ୍ୟତା ଦୃଷ୍ଟିରେ ଜଣେ ଇଂରାଜଙ୍କୁ ନିଯୁକ୍ତ କରଅଛନ୍ତି । ସୁତରାଂ ଏଥିରେ ସୁଦ୍ଧା କିଛି ଦୋଷ ହେଉ ନାହିଁ । ଅବଶ୍ୟ ଜଣେ ଦେଶ ଲୋକ ମ୍ୟାନେଜର ହୋଇ ଥିଲେ ବିଶେଷ ଆନନ୍ଦର ବିଷୟ ହୁଅନ୍ତା ମାତ୍ର ଯେଉଁମାନେ ଏହି କାର୍ଯ୍ୟ ପାଇ ପ୍ରାର୍ଥନା କରଥିଲେ ସେମାନଙ୍କ ମଧ୍ୟରେ କେହି ସେପର ଯୋଗ୍ୟ ବ୍ୟକ୍ତି ଥିଲେ କି ନାହିଁ ପ୍ରକାଶ ପାଇ ନାହିଁ ।

---

### ସର୍ ସାଲାରଜଙ୍ଗ ।

ଦକ୍ଷିଣାଞ୍ଚଳରେ ସମ୍ପ୍ରତି ଯମରାଜା ଅତ୍ୟନ୍ତ ବ୍ୟସ୍ତ ଥିବାର ଦେଖାଯାଏ । ଦୁଇସପ୍ତାହ ପୂର୍ବେ ମହୀଶୂର ଦେବାନ ବିଖ୍ୟାତ ରଙ୍ଗାଚାର୍ଲୁଙ୍କ ମୃତ୍ୟୁ ସମ୍ବାଦ ଶୁଣି ଦୁଃଖିତ ହୋଇଥିଲୁଁ । ଆଜି ପୁଣି ଆଉ ଗୋଟିଏ ଶୋକାବହ ସମ୍ବାଦ ପାଠକମାନଙ୍କୁ ଜଣାଉ ଅଛୁଁ । ହାଇଦରାବାଦର ବିଖ୍ୟାତ ପ୍ରଧାନ ମନ୍ତ୍ରୀ ସର୍ ସାଲାରଜଙ୍ଗ ଚଳିତ ମାସ ତା ୮ ରଖ ସାୟଂକାଳରେ ଓଲାଉଠା ରୋଗରେ ସ୍ୱର୍ଗାରୋହଣ କରଅଛନ୍ତି । ଏହାଙ୍କ ମୃତ୍ୟୁରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ଦୁଃଖିତ ହୋଇ ଏକ ଅତିରିକ୍ତ ଗେଜେଟରେ ଏ ଶୋକାବହ ଘଟଣା ପ୍ରକାଶ କରଅଛନ୍ତି ଏବଂ ତହିଁରେ ଲେଖାଅଛି କି "ଏହି ଶୋକାବହ ଦୁର୍ଘଟଣାରେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଜଣେ ବିଚକ୍ଷଣ ଓ ବହୁଦର୍ଶୀ ବନ୍ଧୁ, ମହାମାନ୍ୟ ନିଜାମ ଜଣେ ସୁଦକ୍ଷ ଏବଂ ବିଶ୍ୱାସୀ କର୍ମଚାରୀ ଏବଂ ରାଜ-

Digitized by srujanika@gmail.com

ଭାରତବର୍ଷୀୟ ସମାଜ ଜଣେ ବିଖ୍ୟାତ ପ୍ରତିନିଧି ହରାଇ ଅଛନ୍ତି।" ବାସ୍ତବରେ ଏହି ପ୍ରଶଂସା ବାକ୍ୟମାନ ସର୍ ସାଲାରଜଙ୍ଗଙ୍କ ପକ୍ଷରେ ଅଧିକ ନୁହଇ ଏବଂ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରେ ଏଥିରୁ ଊଣା କିଛି କହିବା ଅସମ୍ଭବ ହୁଅନ୍ତା। ସର୍ ସାଲାରଜଙ୍ଗ ସନ ୧୮୬୯ ସାଲରେ ଜନ୍ମ ଗ୍ରହଣ କରିଥିଲେ ସୁତରାଂ ଏହାଙ୍କର ମୃତ୍ୟୁର ସମୟ ହୋଇ ନ ଥିଲା। ବିଶେଷତଃ ନିଜାମ ସ୍ୱୟଂ ରାଜ୍ୟଭାର ଗ୍ରହଣ କରିବା ସମୟରେ ଏପରି ପ୍ରବୀଣ ଓ ଯୋଗ୍ୟ ମନ୍ତ୍ରୀର ବିନାଶ ଅତ୍ୟନ୍ତ କଷ୍ଟର ବିଷୟ ଅଟଇ। ଅବଶ୍ୟ ଏ ସମସ୍ତ କଷ୍ଟ ଗବର୍ଣ୍ଣମେଣ୍ଟଙ୍କ ସଦୁପାୟଦ୍ୱାରା କୌଣସିରୂପେ ମେଣ୍ଟି ଯିବ। ମାତ୍ର ଭାରତବର୍ଷର ଅଭାବ ଶୀଘ୍ର ମେଣ୍ଟିବ ନାହିଁ। ସର୍ ସାଲାରଜଙ୍ଗ କେବଳ ଭାରତବର୍ଷରେ ସୁଖ୍ୟାତି ଅର୍ଜିଥିଲେ ଏମନ୍ତ ନୁହଇ ଇଂଲଣ୍ଡର ପ୍ରଧାନ ବ୍ୟକ୍ତିମାନେ ସୁଦ୍ଧା ତାହାଙ୍କ ଯୋଗ୍ୟତାରେ ମୁଗ୍ଧ ହୋଇଥିଲେ। ସେମାନେ ଏହି ଶୋକାବହ ସମ୍ବାଦରେ ଆମ୍ଭମାନଙ୍କପରି ଦୁଃଖିତ ହେବେ। ଲୋକେ ଏହାଙ୍କୁ କେମନ୍ତ ମାନ୍ୟ କରୁଥିଲେ ତହିଁର ଏକମାତ୍ର ପ୍ରମାଣ ଏହି ଯେ ମୃତ୍ୟୁର ପରଦିବସ ବେଳ ପ ୧୦ ଘଣ୍ଟା ସମୟରେ ତାହାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ହେଲା ବେଳେ ପ୍ରାୟ ୫୦୦୦ ଲୋକ ଜମା ହୋଇଥିଲେ। ଏପରି ରାଜପ୍ରାସାଦଠାରୁ ସାମାନ୍ୟ ପ୍ରଜାର କୁଟୀର ପର୍ଯ୍ୟନ୍ତ ଶୋକ ଚିହ୍ନ ଧାରଣ କରିଥିଲା ଏବଂ କଚେରିମାନ ବନ୍ଦ ହୋଇଥିଲା। ମୃତ ମହାତ୍ମାଙ୍କ ବନ୍ଦୋବସ୍ତ ମତେ ସେଠାର ପେସ୍କାର ସମ୍ପ୍ରତି ଏକଟଂ ମନ୍ତ୍ରୀ ସ୍ୱରୂପ କାର୍ଯ୍ୟ ନିର୍ବାହ କରୁଅଛନ୍ତି ଏବଂ ତାଏ ଏହି କାର୍ଯ୍ୟରେ ବାହାଲ ହେବ ଏକଥା ସେନ ବଡ଼ ଅନ୍ଦୋଳନ ଲାଗି ଅଛି।

---

## ପାଠଶାଳା ଓ ଗବର୍ଣ୍ଣମେଣ୍ଟ।

ବଙ୍ଗଦେଶର ଅନେକ ଜିଲ୍ଲା ଅପେକ୍ଷା ଏ କଟକ ଜିଲ୍ଲାରେ ପାଠଶାଲାର ସଂଖ୍ୟା ଅଧିକ। ମାତ୍ର ପାଠଶାଳାରେ ଯେଉଁ ରୀତିରେ ଶିକ୍ଷା ଦିଆଯାଏ ସେ ରୀତି ପ୍ରଶଂସନୀୟ ନୁହେ। ପାଠଶାଳା ଶିକ୍ଷାରେ ଯେତେ ସମୟ ଓ ଧନ ବ୍ୟୟ ହୁଏ ସେହି ସମୟ ଓ ସେହି ବ୍ୟୟରେ ଯେ ଭଲ ଫଳ ହୋଇପାରନ୍ତା ତାହା ଆମ୍ଭେମାନେ ଦୃଢ଼ ବିଶ୍ୱାସ କରୁଁ। ସାଧାରଣରେ ବାଳକମାନେ ପାଞ୍ଚ ବର୍ଷ ବୟସରେ ଶିକ୍ଷା ଆରମ୍ଭ କରନ୍ତି ଓ ଅବିଶ୍ରାନ୍ତ ପରିଶ୍ରମ କରି ଦଶ ବର୍ଷ ବୟସରେ ଲେଖା ପଢ଼ା ଶିଖି ପାଠଶାଳାରୁ ବାହାରନ୍ତି। ଏହି ୮ ବର୍ଷ କାଳ କେବଳ ବର୍ଣ୍ଣପରିଚୟ ଓ ସାମାନ୍ୟ ଅଙ୍କ ଶିକ୍ଷାରେ ଅତିବାହିତ ହୁଏ। ଆଠ ବର୍ଷ ଯାଏ ବାଳକମାନେ ଅବଧାନମାନଙ୍କ ଇଚ୍ଛାଧୀନରେ ଥାନ୍ତି—ଅବଧାନମାନେ ସେମାନଙ୍କ ପ୍ରତି ଯଥେଚ୍ଛା ବ୍ୟବହାର କରନ୍ତି। ବାଳକମାନଙ୍କ ସ୍ୱାସ୍ଥ୍ୟ ପ୍ରତି କେତେ ଦୃଷ୍ଟି ନ ଥାଏ। ସେମାନଙ୍କର ଅବଧାନଙ୍କ ପ୍ରତି ଆନ୍ତରୀ ଶ୍ରଦ୍ଧା ନ ଥାଏ। ପାଠଶାଳାରେ ବାଳକମାନେ ଯେପରି ଶାରୀରିକ ଦଣ୍ଡ ପାଆନ୍ତି ସେପରି ଦଣ୍ଡ ବିଧାନ ଜେଲଖାନାରେ ପ୍ରାୟ ହୁଏ ନାହିଁ। ଏହି ସବୁ କୁରୀତି ସଂଶୋଧନ ହେବାର ନିତାନ୍ତ ବାଞ୍ଛନୀୟ ଓ ପାଠଶାଳାରେ ଗବର୍ଣ୍ଣମେଣ୍ଟର ଦୃଷ୍ଟି ପଡ଼ିବାରୁ ଆମ୍ଭେମାନେ ଶୀଘ୍ର ଉତ୍ତମ ଫଳ ଦେଖିବାର ଆଶା କରୁଅଛୁଁ। ଆମ୍ଭେମାନେ ଉଚ୍ଚ ଶିକ୍ଷାର ବିରୋଧୀ ନୋହୁଁ। ତଥାପି ବର୍ତ୍ତମାନ ଅବସ୍ଥାରେ ଦେଶୀୟ ପାଠଶାଳାର ଶିକ୍ଷାପ୍ରଣାଳୀ ଉନ୍ନତ କରିବାକୁ ଗବର୍ଣ୍ଣମେଣ୍ଟର ସାହାଯ୍ୟ ଆବଶ୍ୟକ ବୋଲି ଆମ୍ଭମାନଙ୍କୁ ଜଣାଯାଏ। ପାଠଶାଳାର ଉନ୍ନତି ସାଧନ ଉଦ୍ଦେଶରେ ଗବର୍ଣ୍ଣମେଣ୍ଟ ଯେଉଁ ବିଧାନ କରିଅଛନ୍ତି ତହିଁ ସମ୍ବନ୍ଧରେ ଆମ୍ଭମାନଙ୍କର କେତେକ କଥା କହିବାର ଅଛି। ପ୍ରଥମରେ କେତେଗୁଡ଼ିଏ ପାଠଶାଳାର ଅବଧାନଙ୍କୁ ଜଣକେ ମାସିକ ଦୁଇ ପାଞ୍ଚ ଟଙ୍କା ଲେଖାଏ ସରକାରରୁ ବେତନ ଦିଆ ଯାଉଥିଲା— ବର୍ତ୍ତମାନ ସବୁ ପାଠଶାଳାର ବାଳକମାନଙ୍କ ପରୀକ୍ଷା କରି ଯୋଗ୍ୟତାନୁସାରେ ଛାତ୍ର ଓ ଅବଧାନମାନଙ୍କୁ ପୁରସ୍କାର ସ୍ୱରୂପ ନଗଦ ଟଙ୍କା ଓ ଛାପ ଓ ପ୍ରଶଂସା ପତ୍ର ଦିଆ ଯାଉଅଛି; ଏ ପ୍ରଥା ଅତି ଉତ୍ତମ। ପାଠଶାଳାର ପରୀକ୍ଷା ଓ ତଦାରଖ କରିବା କାରଣ ୫ ଜଣ ସବ୍‌ଇନ୍‌ସ୍ପେକ୍ଟର ଓ ତାଙ୍କ ଅଧୀନରେ ୨୪ ଜଣ ପଣ୍ଡିତ ଅଛନ୍ତି। ଏମାନେ ୪୦୦୦ ପାଠଶାଳାର ତତ୍ତ୍ୱାବଧାରଣ କରି, ୪୦୦୦ ଅବଧାନଙ୍କୁ ଶିକ୍ଷା ପ୍ରଣାଳୀର ଉପଦେଶ ଦିଅନ୍ତି ଓ ୪୦୦୦୦ ବାଳକମାନଙ୍କର ପରୀକ୍ଷା ନେଇ ୨୨,୦୦୦ ଟଙ୍କା ପୁରସ୍କାର ବିତରଣ କରନ୍ତି। ବସ୍ତୁତଃ ସମସ୍ତ ବାଳକଙ୍କ ଶିକ୍ଷାର ଭାର ୨୯ ଜଣ କର୍ମଚାରୀଙ୍କ ହାତରେ ନ୍ୟସ୍ତ ଅଛି। ଆମ୍ଭମାନଙ୍କ ବିବେଚନାରେ ୨୯ ଜଣ କର୍ମଚାରୀଙ୍କଦ୍ୱାରା ଏପରି ମହତ କାର୍ଯ୍ୟ କଦାପି ସୁନ୍ଦରରୂପେ ନିର୍ବାହ ହୋଇ ନ ପାରେ। ପ୍ରତିବର୍ଷ ଯେ ୭୦୦ ଛାତ୍ର ପରୀକ୍ଷୋତ୍ତୀର୍ଣ୍ଣ ହେଉଅଛନ୍ତି ସେମାନଙ୍କ ନିମନ୍ତେ ୧୫ ଗୋଟି ବୃତ୍ତି ଅଛି। ବୃତ୍ତିର ସଂଖ୍ୟା ନିତାନ୍ତ କମ। ଅତି କମ ୧ ଥାନାରେ ୨୭ ଗୋଟି ବୃତ୍ତି ହେବାର ଉଚିତ। ଏ ବିଷୟରେ କଟକ ଜିଲ୍ଲା ଯେପରି ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ମଧ୍ୟ ସେହିପରି। ଆମ୍ଭେମାନେ ଜଏଣ୍ଟଇନ୍‌ସ୍ପେକ୍ଟରଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ମାଜିଷ୍ଟ୍ରେଟ ସାହେବଙ୍କ ସହିତ ପରାମର୍ଶ କରି ସବ୍‌ଇନ୍‌ସ୍ପେକ୍ଟରଙ୍କ ସଂଖ୍ୟା ବୃଦ୍ଧି କରନ୍ତୁ ଏବଂ ଆଉ ଗୋଟି କେତେ ବୃତ୍ତି ଦେବାର ପ୍ରସ୍ତାବ କରନ୍ତୁ।

ପାଠଶାଳାର ଉନ୍ନତି ସାଧନ ନିମନ୍ତେ ଜମିଦାରମାନଙ୍କର ମଧ୍ୟ ସାହାଯ୍ୟ କରିବାର ଉଚିତ। ଆମ୍ଭେମାନେ ଶିକ୍ଷିତ ଉପଯୁକ୍ତ ସଭ୍ୟ ପ୍ରଧାନ ଜମିଦାରଙ୍କୁ କହୁଅଛୁଁ। ମୂର୍ଖ ଜମିଦାରମାନେ ତ ପ୍ରଜା ମୂର୍ଖ ହେବାର ବାସନା କରନ୍ତି। ପୁତ୍ର କନ୍ୟାର ବିବାହ ଉପଲକ୍ଷରେ ସଭ୍ୟ ଜମିଦାରମାନେ ଆଲୋକ ନାଚଖାନା, ଆତସବାଜି, ଭୋଜ ଇତ୍ୟାଦିରେ ବହୁତ ଅର୍ଥ ବ୍ୟୟ କରୁଅଛନ୍ତି। ଏ ସବୁ କାର୍ଯ୍ୟରେ ଯେପରି ପ୍ରଶଂସାର୍ହ ବଦାନ୍ୟତା ଦେଖାଯାଏ ଆପଣା ପ୍ରଜାବର୍ଗର ଉତ୍ସାହ ହେତୁ ଗୋଟିଏ ବୃତ୍ତି ସ୍ଥାପନ କଲେ ସୁରୁଚି ଓ ଉଦାରତାର ପରିଚୟ ମିଳନ୍ତା। ପୂର୍ବେ ଯେପରି ବଳ ପ୍ରୟୋଗ ଓ ଭୟ ପ୍ରଦର୍ଶନଦ୍ୱାରା ଜମିଦାରମାନେ ପ୍ରଜାଙ୍କୁ ଶାସନ କରୁଥିଲେ ବର୍ତ୍ତମାନ ଆଉ ସେପରି କରି ପାରିବାର ସମ୍ଭାବନା ନାହିଁ। ଏବେ ପ୍ରଜାଙ୍କର ସ୍ନେହାକାଂକ୍ଷୀ ନ ହେଲେ ଆଉ ଜମିଦାରମାନେ ଚଳି ପାରିବେ ନାହିଁ। ଶିକ୍ଷିତ ଜମିଦାରମାନେ ଯେ ଅଶିକ୍ଷିତ ପ୍ରଜାଙ୍କ ସ୍ନେହର ପଦାର୍ଥ ହେବେ ଏକଥା କଦାପି ଆଶା କରାଯାଇ ନ ପାରେ। ଅତଏବ ପାଠଶାଳାର ଉନ୍ନତିସାଧନ କରିବା ଗବର୍ଣ୍ଣମେଣ୍ଟଙ୍କର ଯେତେ କର୍ତ୍ତବ୍ୟ କର୍ମ ଜମିଦାରମାନଙ୍କର ମଧ୍ୟ ତତୋଧିକ।

---

## ସ୍ୱାଧୀନତାର ଉଦାହରଣ।

ଅଳ୍ପଦିନ ହେଲା କଲିକତା ମିଉନିସିପାଲ କମିଶନରଙ୍କ ଏକ ସଭା ହୋଇ ଥିଲା। ଉକ୍ତ ସଭାରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ମିଉନିସିପାଲିଟୀର ସେକ୍ରେଟେରୀ ନିଯୁକ୍ତ କରିବାର କଥା ଥିଲା। କଲିକତା ମିଉନିସିପାଲିଟୀର ସେକ୍ରେଟେରୀ ପଦ ମୋଫସଲ ମିଉନିସିପାଲିଟୀର ଭାଇସ ଚେଆରମାନଙ୍କ ପଦ ତୁଲ୍ୟ ଅଟଇ। ଏହି ପଦ

Split by PDF Splitter
Digitized by srujanika@gmail.com

Split by PDF Splitter



ସକାଶେ ଲୋକ ନିଯୁକ୍ତ କରିବାର ଅଧିକାର ଆଇନାନୁସାରେ କମିଶ୍ନରଙ୍କର ଅଛଇ । ସେକ୍ରେଟେରୀ ନିଯୋଗ କରିବାର କଥା ପଡ଼ିବାରେ ବାବୁ କୃଷ୍ଣଦାସ ପାଲ ପ୍ରସ୍ତାବ କଲେ କି ସଭାପତି ହାରିସନ ସାହେବ ପ୍ରଥମେ ଗୋଟିଏ ଲୋକ ଏହି ପଦ ସକାଶେ ନିର୍ବାଚନ କରନ୍ତୁ ଯେ କମିଶ୍ନରମାନେ ତହିଁ ମଧ୍ୟରୁ ଏକଜଣ ବାଛି ନିଯୁକ୍ତ କରିବେ । ଏପରି ପ୍ରସ୍ତାବ କରିବାର ଏହି ହେତୁ ଯେ ବାବୁ କଲେ କି ସେକ୍ରେଟେରୀ ସଭାପତିଙ୍କ ମନୋନୀତ ବ୍ୟକ୍ତି ହେଲେ ମିଉନିସିପାଲିଟୀର କାର୍ଯ୍ୟ ନିର୍ବିଘ୍ନରେ ଚାଲିବ । ସଭାପତି ଯାହାକୁ ସୁଖ ନ ପାନ୍ତି ଏପରି ଲୋକ ନିଯୁକ୍ତ ହେଲେ ତେତେ ଭଲ ହେବ ନାହିଁ । ପ୍ରକୃତରେ କୃଷ୍ଣଦାସ ପାଲ ମହାଶୟଙ୍କର ଏହି ପ୍ରସ୍ତାବଟି ସଭାପତିଙ୍କ ମନ ରଖିବା ଉଦ୍ଦେଶରେ ହୋଇଥିଲା । ମାତ୍ର ଉପସ୍ଥିତ କମିଶ୍ନରମାନେ ଏପରି ପ୍ରସ୍ତାବ ଶୁଣି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେଲେ ଏବଂ ଏହା ଦେଖି ବାବୁ ସୁରେନ୍ଦ୍ରନାଥ ବାନର୍ଜ୍ଜୀ କି ସେ ଏହି ପ୍ରସ୍ତାବକୁ ଅନୁମୋଦନ କରିବାର କଥା ଥିଲା ସାହସ କରି ପାରିଲେ ନାହିଁ । ତହୁଁ ମହାତ୍ମା ନରେନ୍ଦ୍ରକୃଷ୍ଣ ଏ ପ୍ରସ୍ତାବକୁ ଅନୁମୋଦନ କଲେ । କମିଶ୍ନରଙ୍କ ମଧ୍ୟରୁ ବାବୁ କାଳୀନାଥ ମିତ୍ର ବାବୁ ଲାଲ ମୋହନ ଘୋଷ ରେବରେଣ୍ଡ କୃଷ୍ଣମୋହନ ବନ୍ଦ୍ୟୋପାଧ୍ୟାୟ ବାବୁ ଗୋପାଳଲାଲ ମିତ୍ର ଏବଂ ଗାଷ୍ଟର ସାହେବ ଉତ୍ସାହରେ ଏବଂ ନିର୍ଭୟରେ ଏଥିର ପ୍ରତିବାଦ କଲେ । କାଳୀନାଥ ବାବୁ କହିଲେ ଏ ପ୍ରସ୍ତାବର ମୂଳସୂତ୍ର ଉପ୍ଯୁକ୍ତ ଭ୍ରମାତ୍ମକ ଏବଂ ଆଇନର ସଦଭିପ୍ରାୟର ବହିର୍ଭୂତ ଅଟଇ । ବାବୁ ଲାଲମୋହନ ଘୋଷ ଅଧିକ ତେଜର ସହିତ କହିଲେ କି "ଜମିଦାରଙ୍କ ଦଳପତି କୃଷ୍ଣଦାସ ପାଲ ଏବଂ ପ୍ରଜାଙ୍କ ହିତାକାଂକ୍ଷୀ ସୁରେନ୍ଦ୍ରନାଥ ବାବୁଙ୍କ ମଧ୍ୟରେ ଗୋଟିଏ ପୈଶାଚିକ ଷଡ଼ଯନ୍ତ୍ର ହୋଇ ଥିବାର ଦେଖାଯାଏ । ସ୍ୱାଧୀନତାର ବିରୋଧୀ ପ୍ରସ୍ତାବରେ ଏ ଦୁହେଁ କିପରି ଯୋଗ ଦେଲେ ସେ ବୁଝି ପାରୁ ନାହାନ୍ତି ।" ଏହି ପ୍ରକାର ଆପତ୍ତିରେ ଉକ୍ତ ପ୍ରସ୍ତାବ ଠିକ ପାସ ହେଲା ନାହିଁ ଏବଂ କମିଶ୍ନରମାନେ ଆପଣା ବିବେଚନା ମତେ ଦରଖାସ୍ତକାରଙ୍କ ମଧ୍ୟରୁ ଏକଜଣକୁ ନିଯୁକ୍ତ କଲେ ।

କଲିକତାର ମିଉନିସିପଲ କମିଶ୍ନରମାନେ ଅଧୁନା ଯେମନ୍ତ ସ୍ୱାଧୀନଭାବରେ କାର୍ଯ୍ୟ କରୁଅଛନ୍ତି ତହିଁର ଗୋଟିଏ ଉଦାହରଣ ସ୍ୱରୂପ ଉପର ଲିଖିତ ସମାଚାର ଆମ୍ଭେମାନେ ପାଠକଙ୍କ ଗୋଚରରେ ଆଣିଲୁଁ । ସେକ୍ରେଟେରୀ ନିଯୁକ୍ତ କରିବା କମିଶ୍ନରଙ୍କ କାର୍ଯ୍ୟ ସଭାପତିଙ୍କର ତହିଁରେ ଆଇନାନୁସାରେ କିଛି କ୍ଷମତା ନାହିଁ କୃଷ୍ଣଦାସ ପାଲ ମହାଶୟ କେବଳ ଅନର୍ଥକ ସଭାପତିଙ୍କ ସନ୍ତୋଷ ଲାଭ କରିବା କାରଣ କମିଶ୍ନରଙ୍କ ସ୍ୱାଧୀନତା ଖର୍ବ କରିବାକୁ ବସିଥିଲେ ଏବଂ ଅନ୍ୟାନ୍ୟ କମିଶ୍ନରମାନେ ଯେବେ ସେହିପରି ସାହେବଭକ୍ତ ହୋଇ ଥାନ୍ତେ ତେବେ ସଭାପତିଙ୍କ ମୁହଁ ଉପରେ ଉକ୍ତ ପ୍ରସ୍ତାବର ପ୍ରତିବାଦ କେହି କରନ୍ତେ ନାହିଁ । ମାତ୍ର ସୁଖର ବିଷୟ ଯେ କମିଶ୍ନରମାନେ ସାହେବଙ୍କୁ ସନ୍ତୁଷ୍ଟ କରିବାଠାରୁ ଆପଣାର କର୍ତ୍ତବ୍ୟର ଦାୟିତ୍ୱ ଅଧିକ କରି ମାନନ୍ତି ଏଥି ସକାଶେ ସେମାନେ ନିର୍ଭୟ ଚିତ୍ତରେ ଆପଣାର କର୍ତ୍ତବ୍ୟର ପବିତ୍ରତା ରକ୍ଷା କରି ଜନସାଧାରଣରେ ପ୍ରଶଂସାର ଭାଜନ ହେଲେ । ଏହି ଉଦାହରଣକୁ ସ୍ଥାନୀୟ ମିଉନିସିପଲ କମିଶ୍ନରମାନଙ୍କ କାର୍ଯ୍ୟ ସହିତ ପାଠକମାନେ ଥରେ ତୁଳନା କଲେ ଦେଖିବେ ଯେ ଏଠା କମିଶ୍ନରମାନଙ୍କର ଯେମନ୍ତ ଆଦୌ ସ୍ୱାଧୀନତା ଓ ସାହସ ନାହିଁ । ଏମାନେ କେବଳ ସାହେବମାନଙ୍କର ଅତ୍ୟନ୍ତ ବାଧ୍ୟ ଓ କ୍ରୀତ ଦାସ ଅଟନ୍ତି । ପଲ ମଧ୍ୟରେ ଦୁଇ ଚାରିଜଣ ସ୍ୱାଧୀନଭାବର ଲୋକ ଅଛନ୍ତି ସତ୍ୟ ମାତ୍ର ସେମାନେ କେବଳ ବଦନାମରଭାଗୀ ଅଧିକାଂଶ ଲୋକ ଆପଣା କର୍ତ୍ତବ୍ୟ ଦଗକୁ ଆଦୌ ଦୃଷ୍ଟି ନ ପକାଇ ନୀଚ ସ୍ୱାର୍ଥଲାଭ ସକାଶେ ଅନବରତରେ କ୍ଷମତାପନ୍ନ ସାହେବଙ୍କ ପକ୍ଷ ସମର୍ଥନଦ୍ୱାରା ପ୍ରିୟପାତ୍ର ହେବାକୁ ଚେଷ୍ଟା କରନ୍ତି । ଏମାନେ ମିଉନିସିପଲ କମିଶ୍ନରଙ୍କ ମଧ୍ୟରେ ଚୌକି ପାଇବାକୁ କେବଳ ଆପଣା ଭାଗ୍ୟ ଉଦୟର କାରଣ ଜ୍ଞାନ କରନ୍ତି ଏବଂ ତଦ୍ଦ୍ୱାରା କୌଣସି ପ୍ରକାରେ ଆପଣାର ଲାଭ କରି ପାରିଲେ କୃତାର୍ଥ ମଣନ୍ତି । କେବେ ଏ ପ୍ରକାର ଘୃଣିତଭାବ ଆମ୍ଭମାନଙ୍କ ମଧ୍ୟରୁ ଅପସାରିତ ହେବ ଏବଂ ଆମ୍ଭେମାନେ ସ୍ୱାଧୀନ ଓ ନିର୍ଭୟରେ ଆପଣା କର୍ତ୍ତବ୍ୟ ପାଳିବାକୁ ଶିକ୍ଷା କରିବୁଁ ଏଥିର କଳଣା କରି ପାରୁ ନାହୁଁ । ସତେ କି ନୂତନ ଆତ୍ମଶାସନପ୍ରଣାଳୀ ବିସ୍ତାରର ଉପାୟ ଆମ୍ଭମାନଙ୍କୁ ଏହି ନରକରୁ ଉଦ୍ଧାର କରିବ ?

---

## ବୈତରଣୀ ଘାଟ ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଆଜକୁ ଦଶ ବର୍ଷ ହେଲା ଏହି ନଦୀରେ ଘାଟ ପାର ମାସୁଲ ଖରା ଦିନେ ଯେତେ ବର୍ଷା ଦିନେ ତହିଁର ଦ୍ୱିଗୁଣ ନିଆଯିବାର ନିୟମ ଚାଲି ଆସୁଅଛି ଅର୍ଥାତ ୧୫ ତାରିଖ ଜୁନଠାରୁ ୧୫ ତାରିଖ ଅକ୍ଟୋବର ପର୍ଯ୍ୟନ୍ତ ଯାତ୍ରିପ୍ରତି ଦୁଇ ପଇସା ଏବଂ ବର୍ଷର ଅବଶିଷ୍ଟ ଦିନ ପାଇଁ ଏକ ପଇସା ଧାର୍ଯ୍ୟ ହୋଇଅଛି । କିନ୍ତୁ ଇଜାରଦାରମାନେ ଏହି ନିୟମ ଅନୁସାରେ ମାସୁଲ ନ ନେଇ ବର୍ଷଯାକ ଦୋହରା ମାସୁଲ ଆଦାୟ କରନ୍ତି ଏବଂ ନିଲାମ ଡାକରେ ଏଣିକି ଇଜାରା ଟଙ୍କା ବୃଦ୍ଧି ହେବା ଓ ସମୁଦ୍ର ଓ ନାଳରେ ଜାହାଜ ଯିବା ଆସିବା ହେତୁରୁ ସ୍ଥଳପଥରେ କେବଳ ଗରିବ ଯାତ୍ରିମାନେ ଯାତାୟାତ କରିବାରୁ ଏହି ଦୋହରା ମାସୁଲରେ ମଧ୍ୟ ଇଜାରାଦାରର ପେଟ ନ ପୂରିବାରୁ ସେ ଦୁଇ ପଇସା ସ୍ଥଳେ ଚାରି ପଇସା ସୁଦ୍ଧା ଆଦାୟ କରିବାକୁ ତ୍ରୁଟି କରୁ ନାହିଁ ଏବଂ ବାରକମାସ୍ତର ସାହେବଙ୍କୁ କହି ପଥରବନ୍ଧ ଉପରେ ଯାତ୍ରିଙ୍କ ଗତାୟାତ ବନ୍ଦ କରାଇ ଦେଇଅଛି । ଏଥିରେ ଯାତ୍ରିମାନଙ୍କର ବଡ଼ କ୍ଳେଶ ହେଉଅଛି ଏବଂ ତାହା ନିବାରଣ ଉଦ୍ଦେଶ୍ୟରେ ପତ୍ରପ୍ରେରକ ଗବର୍ଣ୍ଣମେଣ୍ଟଙ୍କଠାରେ ଏହି ପ୍ରାର୍ଥନା କରୁଅଛନ୍ତି କି ଏହି ନଦୀରେ ସଦାକାଳ ମନୁଷ୍ୟ ପ୍ରତି ଏକ ପଇସା ମାସୁଲ ଧାର୍ଯ୍ୟ ହେଉ ଯେ ଦୁଃଖିଲୋକେ ଅକ୍ଳେଶରେ ତାହା ଦେଇ ନଦୀ ପାର ହୋଇ ଯିବେ । ଗରିବଙ୍କ ପ୍ରତି ସରକାରଙ୍କର ସଦୟ କୃପାଦୃଷ୍ଟି ରହିଥିବ ସ୍ଥଳେ ଅବଶ୍ୟ ଏହି ଘାଟ ପାର କଷ୍ଟରୁ ଲୋକେ ତ୍ରାଣ ପାଇ ନାହାନ୍ତି ଏଥିରେ ପତ୍ରପ୍ରେରକ ତଳଲିଖିତ ଆଶ୍ଚର୍ଯ୍ୟ କଥାମାନ ଲେଖିଅଛନ୍ତି ଯଥା—

"ହୁଏତ ଏ ସବୁ କଥା ଗବର୍ଣ୍ଣମେଣ୍ଟଙ୍କୁ କେହି ଜଣାଇ ନାହାନ୍ତି ଜଣାଇବ ବା କିଏ ? ଅଧସ୍ତନ କର୍ମଚାରୀ ଯେଉଁମାନଙ୍କ ଉପରେ କି ପ୍ରଜାଙ୍କର ସୁଖ ଦୁଃଖ ସମ୍ପୂର୍ଣ୍ଣରୂପେ ନିର୍ଭର କରେ ସେମାନେ ଯେ ବର୍ଷକେ ଚାରି ମାସ ଗସ୍ତ କରନ୍ତି ସେଥିରେ କି ଲୋକମାନଙ୍କର ପ୍ରକୃତ ଅବସ୍ଥା ତଲାସ କରି ଦେଖନ୍ତି ? କେବେ ନା ! ହୁଏତ ଲୋକଙ୍କ ଦୁରବସ୍ଥା ଦେଖିଲେ ସୁଦ୍ଧା କେହି ଗୁହାରି ନ କରିବାରୁ ତାକୁ ଆପଣାର ଭ୍ରମ ବୋଲି ଜାଣନ୍ତି । ଗରିବ ଯାତ୍ରୀ ଯେଉଁ ଘାଟରେ ଏକ ପଇସା ସ୍ଥଳେ ଦୁଇ ପଇସା ଦେବାକୁ କଷ୍ଟ ବୋଧ କରନ୍ତି ସେମାନେ କି କୌଣସି କଥା ଗୁହାରି କରିବାକୁ ସାହସ କରିବେ ?

Digitized by srujanika@gmail.com

ନାହିଁକି ନା ଶୁଦ୍ଧାର କଲେ କୁଲକାର୍ଯ୍ୟ ହେଉନ୍ତା ନ ହେଉନ୍ତୁ ଆଗେ କରୁ ମୁଲ୍ତାର ଖର୍ଚ୍ଚା ଘୃହ ! ସୁତରାଂ ସେମାନେ ଶତଗ୍ରସ୍ତ ହୋଇ ସୁଦ୍ଧା ଅଧିକ ଖରଚ ଭୟରେ ହେଉ ବା ସମୟାଭାବରେ ହେଉ ଶୁଦ୍ଧାର କରନ୍ତି ନାହିଁ । ଏତ ଗଲା ଯାତ୍ରିଙ୍କ କଥା—ଆଉ ଏ ଦେଶବାସୀ ? ହାୟ !! ଯଦି ଏ ଦେଶବାସିଙ୍କର ଏତେଦୂର ସାହସ ହୁଅନ୍ତା ଯେ ଆପଣାର ସାମାନ୍ୟ କ୍ଷତି ଗବର୍ଣ୍ଣମେଣ୍ଟଙ୍କର କର୍ଣ୍ଣଗୋଚର କରି ପାରନ୍ତେ ତେବେ ଆଉ ଓଡ଼ିଶାର ବା ଓଡ଼ିୟାଙ୍କର ଏପରି ଦୁରବସ୍ଥା କାହିଁକି ହୁଅନ୍ତା ! ଅଥବା ଓଡ଼ିୟା ଏହି ଶବ୍ଦଟି ଗାଳି ବୋଲି କାହିଁକି ଗଣନୀୟ ହୁଅନ୍ତା !—ସେ ଯାହା ହେଉ ସମ୍ପାଦକ ମହାଶୟ ! ଆପଣଙ୍କ ପତ୍ରିକାରେ ଏ କଥା ଲେଖା ଥିଲେ ଯଦି କୌଣସି ଦୟାଳୁ ମହାତ୍ମାଙ୍କ ନୟନଗୋଚର ହୁଏ ତେବେ ଗରିବ ଯାତ୍ରିଙ୍କର ଦୁଃଖ ମୋଚନ ହୋଇପାରେ । ଦୁଃଖ ମୋଚନର ଆଉ କୌଣସି ଉପାୟ ନାହିଁ କେବଳ ଘାଟର ଶୁଲ୍କ କମାଇ ଦେଇ ଯାତ୍ରିଙ୍କଠାରୁ ଏକ ପଇସା ଲେଖାଏଁ ନିଆଯାଉ ଏହାହିଁ ଆମ୍ଭର ପ୍ରାର୍ଥନା—ଆଉ ମହାନଦୀ ପ୍ରଭୃତି ବଡ଼ ନଦୀରେ ଏକ ପଇସା ଥିବା ସ୍ଥଳେ ବୈତରଣୀରେ ଦୁଇ ପଇସା ଅନ୍ୟାୟ କି ନା ? ଏବଂ ସେଥିରେ ପ୍ରଜା ବା ଯାତ୍ରିଙ୍କର କ୍ଳେଶ ହେଉଅଛି କି ନା ଏ କଥା ସହଜରେ ହୃଦୟଙ୍ଗମ ହୋଇପାରେ । ଇତି ଗବର୍ଣ୍ଣମେଣ୍ଟଙ୍କର ।”

ପତ୍ରପ୍ରେରକ ଯାହା ଲେଖିଅଛନ୍ତି ସେଥିରେ ଆମ୍ଭମାନଙ୍କର କିଛି କହିବାର ନାହିଁ । ସ୍ଥାନୀୟ କର୍ତ୍ତୃପକ୍ଷମାନେ ମାସୁଲ ପ୍ରତି ସୁବିଚାର କଲେ ଅମ୍ଭେମାନେ ଅତ୍ୟନ୍ତ ବାଧିତ ହେବୁଁ ।

---

## ମିଉନିସିପଲ ଗଜେଟ ।

କଟକ ମିଉନିସିପାଲିଟୀର ଭାଇସ୍ଚେୟାରମାନ ଶ୍ରୀଯୁକ୍ତ ମାକଷ୍ଟି ସାହେବଙ୍କ ଯତ୍ନ ମତରେ ପଦାର୍ଥ ମିଉନିସିପଲଟାଇମସ୍ ନାମକ ସମ୍ବାଦପତ୍ର ଯେପରି ସଞ୍ଚାର ପ୍ରତି କମିଶନର ସାହେବଙ୍କ ଟମଲ ହେବୁ ସର୍ବଗ୍ରାହ୍ୟ ହେଲା ତାହା ପାଠକମାନଙ୍କୁ ଜଣା ଅଛି । କମିଶ୍ନର ସାହେବଙ୍କ ଆଇନ ଗତିକ ଆପତ୍ତି ନିବାରଣ ଉଦ୍ଦେଶ୍ୟରେ ଭାଇସ୍ଚେୟାରମାନ ଅନ୍ୟ ସଭାରେ ତହିଁର ନାମ ମିଉନିସିପଲ ଗଜେଟ କରି ଦେଇ ଆପଣା ସାଧ୍ୟାନୁସାରେ ତାହାକୁ ଅପ୍ରମାଣିତ କଲେ ମାତ୍ର ପରି ସାହେବ କଲେକ୍ଟର ତହିଁରେ ସନ୍ତୁଷ୍ଟ ହେଲେ ନାହିଁ ଏବଂ ଉଦ୍ଧ୍ୟତ ମିଉନିସିପାଲିଟୀରୁ ଖଣ୍ଡିଏ ସମ୍ବାଦପତ୍ର ବାହାର କରିବା ଅତ୍ୟନ୍ତ ଅନାବଶ୍ୟକ ଜ୍ଞାନ କଲେ ସୁତରାଂ ତାହାଙ୍କ ଅମଳରେ ସେ ପ୍ରସଙ୍ଗର ଆଉ ଅବତାରଣା ହେଲା ନାହିଁ । ଯହୁଁ ସେ ବଦଳି ଯାତ୍ରା କଲେ ଏବଂ ନୂତନ ଅମଳ ପ୍ରବେଶ ହେଲା ମାକଷ୍ଟି ସାହେବ ଆଉ କାଳବିଳମ୍ବ ନ କରି ଗତ ସପ୍ତାହର ମିଉନିସିପଲ କମିଶନରଙ୍କ ସଭାରେ ଉକ୍ତ ପ୍ରସ୍ତାବକୁ ଆଗତ କଲେ ଭାଇସ୍ଚେୟାରମାନ ସାହେବ ଏହାକୁ ଆବଶ୍ୟକ କରିବାର ଅନେକ କାରଣ ଦର୍ଶାଇ କହିଲେ ଯେ ସ୍ଥଳେ ମିଉଜିୟମ ( ଅପୂର୍ବ ଦ୍ରବ୍ୟାଗାର ) ସକାଶେ ମିଉନିସିପଲ ଟଙ୍କା ବ୍ୟୟ ହେବାର ଧାର୍ଯ୍ୟ ହୋଇଅଛି ସେ ସ୍ଥଳେ ସମ୍ବାଦପତ୍ର ସକାଶେ କାହିଁକି ଉକ୍ତ ପାଣ୍ଠିରୁ ବ୍ୟୟ ନ ହେବ (ଅବଶ୍ୟ ମିଉନିସିପଲ ଗଜେଟ ଗୋଟିଏ ଅପୂର୍ବ ଦ୍ରବ୍ୟ ଅଟେନ )। ବାବୁ ହରିବଲ୍ଲଭ ବୋଷ ସାହେବଙ୍କ ବ୍ୟାଖ୍ୟାର ସମ୍ପୂର୍ଣ୍ଣ ପୋଷକତା କରି ମିଉନିସିପଲ ଗଜେଟ ଅନିଷ୍ଟସଙ୍ଗତ ଏବଂ ଅନାବଶ୍ୟକ ଥିବାର ପ୍ରସ୍ତାବ ଅଥବା ଅନୁମୋଦନ କଲେ ଏବଂ ଅପର କେହିଁ ସଭ୍ୟଙ୍କୁ ସ୍ୱମତରେ ଆଣିବାକୁ ଯଥେଷ୍ଟ ଚକାଲତି ଖର୍ଚ୍ଚ କଲେ ପରିଶେଷରେ ବାବୁ ଜଗନ୍ମୋହନ ରାୟ, ଡାକ୍ତର ଷ୍ଟିବାର୍ଟ ସାହେବ, ବାବୁ କଲାପଦ ବାନୁର୍ଯ୍ୟା ଏବଂ ବାବୁ ଖୋସାଲଚନ୍ଦ ଏହି ପ୍ରସ୍ତାବ କରୁ ଦରେ, ଏବଂ ମାକଷ୍ଟି ସାହେବ, କଲିକନ୍ସ ସାହେବ ବାବୁ ହରିବଲ୍ଲଭ ବୋଷ ଏବଂ ବାବୁ ମଥୁରାନାଥ ଭଗତ ଏଥିର ସପକ୍ଷରେ ମତ ଦେଲେ କେବଳ ସଭାପତିଙ୍କ ମତ ଅବଶିଷ୍ଟ ଥିଲା ଏବଂ ତାହା ଜାଣିବାକୁ ଉଭୟଦଳ ବଡ଼ ବ୍ୟସ୍ତ ହେଲେ । ସଭାପତି ଅମ୍ଭମାନଙ୍କ ନୂତନ କଲେକ୍ଟର ଜୋନସ୍ ସାହେବ ଏହି ସମୟରେ କହିଲେ କି ଏ ସମ୍ବାଦପତ୍ର ଆଇନବିରୁଦ୍ଧ ନୁହଇ ଏବଂ ଯେ ସ୍ଥଳେ କେତେକ ସଭ୍ୟ ଏହାଦ୍ୱାରା ଉପକାର ହେବାର କହୁଅଛନ୍ତି ସେ ସ୍ଥଳେ ଅମ୍ଭେ ତହିଁର ବିରୁଦ୍ଧରେ ମତ ଦେଇ ନ ପାରୁଁ । ସଭାପତିଙ୍କ ମୁଖରୁ ଏକଥା ନିର୍ଗତ ହୁଅନ୍ତେ ମାକଷ୍ଟି ସାହେବ “ସତ୍ୟତାର ଜୟ” ବୋଲି ବହୁ ଜୟଧ୍ୱନି କଲେ ଓ ବିପକ୍ଷଦଳ ପରାଜୟ ପାଇ ଭୂମି ହୋଇ ରହିଲେ । ଏଥିରେ ସତ୍ୟତାର କି ଜୟ ହେଲା ଅମ୍ଭେମାନେ ବୁଝି ପାରୁ ନାହୁଁ, ଏଠା ଅପେକ୍ଷା ଅନେକ ବୃହତ ମ୍ୟୁନିସପାଲିଟୀ ଅଛି ତାହାର ସମ୍ବାଦପତ୍ର ବା ଗଜେଟ ନାହିଁ ତେବେ କେ ସମସ୍ତ କି ଅସଭ୍ୟ ? ମାକଷ୍ଟି ସାହେବ “ଅମୃତ ଜୟ” ବୋଲି ଜୟ ଜୟୋଚ୍ଚାର କରିଥିଲେ ଠିକ ହୋଇଥାନ୍ତା । ସେ ଯାହା ହେଉ ଶ୍ରୀଯୁତ ଜୋନସ୍ ସାହେବ ପ୍ରାଚୀନ ବ୍ୟକ୍ତି ହୋଇ ଏପରି ଅସଙ୍ଗତ ପ୍ରସ୍ତାବରେ କିପରି ମତ ଦେଲେ ଅପୂର୍ବର ବିଷୟ । ତାଙ୍କ କଥାରୁ ସେ ଅନିଚ୍ଛାପୂର୍ବକ ମତ ଦେଇ ଅଛନ୍ତି ବୋଧ ହୁଅଇ । ପ୍ରସ୍ତାବଟି ଆଇନସିଦ୍ଧ ଥିବା ବିଷୟରେ ଜଣେ ବାରିଷ୍ଟର ଜଣେ ଉକୀଲ କି ସେ ସମ୍ବନ୍ଧରେ ଦେଇ ଅଛନ୍ତି ଏବଂ ସ୍ୱୟଂ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ଦେଖି ଆଇନ ବିରୁଦ୍ଧ ବୋଲି କହିବାକୁ ତାହାଙ୍କ ସାହସ ପାଇଲା ନାହିଁ । ଆଉ ଅବଶ୍ୟ ଭବା ବିଷୟରେ ମେ ଏହି ପ୍ରକାର ଅନୁମାନ କରିଥିବେ ଯେ ସେ ଏସ୍ଥାନପ୍ରତି ନୂତନ ଲୋକ ସ୍ୱୟଂ କିଛି ନିଷ୍ପନ୍ନ କରିବା ଅପରିପକ୍ୱ ଅଟେ ଏବଂ ଏହା ମଧ୍ୟ ସଙ୍ଗତ ଯେ ପରି ସାହେବ ଯେ ସମସ୍ତ କାରଣରୁ ଏହାକୁ ଅନାବଶ୍ୟକ ଜ୍ଞାନ କରିଥିଲେ ସେମାନ ତାହାଙ୍କୁ ଜଣାଇ ନଥାଇ ପାରେ ନାହିଁ ଏବଂ ବାଳବାହୁ ପ୍ରଭାବ୍ ଶକ୍ତିରେ ହେବାର ପ୍ରସଙ୍ଗ ବାହାର କରିବାର କେତେକ ଅବାଧ୍ୟତାର ଯୋଗବଳ ହୋଇଥିଲା ପଡଃ ଏଠା ଲୋକଙ୍କ ସହିତ ତାହାଙ୍କ ଆଳାପ ପରିଚୟ ହୋଇ ନ ଥିବାରୁ କାହାର ମତର ଉପଯୁକ୍ତ ମୂଲ୍ୟ ତାହା ସେ ସ୍ଥିର କରିବାକୁ ଅକ୍ଷମ। ସୁତରାଂ ସେ ଦ୍ୱନ୍ଦ୍ୱରେ ପଡ଼ିଗଲେ । ଅତଏବ ଜୋନସ୍ ସାହେବଙ୍କର ଏହିଟି ପ୍ରଥମ ପ୍ରଧାନ କାର୍ଯ୍ୟ ହେଲେହେଁ ଏହାଦ୍ୱାରା ତାହାଙ୍କର ସାଧାରଣ ଯୋଗ୍ୟତାର କଳନା କରିବାକୁ ଇଚ୍ଛା କରୁ ନାହୁଁ । ଦୁଇ ଶୃଙ୍ଖଳ କମିଶ୍ନର ଯାହା କହନ୍ତୁ ଅମ୍ଭେମାନେ ନିଶ୍ଚୟ କହୁଁ ଅଛୁଁ ପରି ମିଉନିସିପାଲିଟୀର ଏହି ପ୍ରସ୍ତାବଟି ସାଧାରଣ ମତର ବିରୁଦ୍ଧ ଅଟଇ ଓ କେହି କେହି ଙ୍କର ମଧ୍ୟ ଏଥିର ବିରୋଧୀ ଥିବାରୁ କେବଳ ଚାନ୍ଦା ପଡ଼ିବା ଭୟରେ ସେ ଦଳ ସଭାକୁ ଯାଇ ନାହାନ୍ତି । ବାବୁ ହରିବଲ୍ଲଭ ବୋଷ ସେ ଦ ଏହି ଜୟଲାଭର ପ୍ରଧାନ ନାୟକ ଏବଂ କେତେ ମାସ ହେଲା ଏ ନଗରରେ ଅନୁଶାସନପ୍ରଣାଳୀ ପ୍ରବର୍ତ୍ତିବାଙ୍କ ସମ୍ପ୍ରଦାୟ ଗଠନ ବିଷୟରେ ଅଗ୍ରଗଣ୍ୟ ହୋଇଥିଲେ ସେ ସେ ଏହାବେଳେ ସାଧାରଣ ମତକୁ ପାଦରେ ଠେଲି ଦେଲେ ଏବଂ ପରେ ଆପଣା ଭ୍ରମ ସ୍ୱୀକାର କରି ସୁଦ୍ଧା ପୁନର୍ବାର ସେହି ଭ୍ରମରେ ପଡ଼ିଲେ ଏହି ଭଆ

Digitized by srujanika@gmail.com

Split by PDF Splitter



ସମ୍ପାଦକଙ୍କ ବଡ଼ ବାଧିଅଛି । ଯାହା ହେଉ ଆମ୍ଭେମାନେ ଅବଧି ହତାଶ ହୋଇ ନାହୁଁ ଏବଂ ଆମ୍ଭମାନଙ୍କର ଦୃଢ଼ବିଶ୍ୱାସ ଅଛି, ଖାଁସ୍କ୍ରିନୁର ସାହେବ ଅଳ୍ପରେ ଭୁଲିବାର ଲୋକ ନୁହନ୍ତି ସେ ପୂର୍ବରୁ ଆମ୍ଭମାନଙ୍କ ମତ ସହିତ ସମ୍ମତ ହୋଇଅଛନ୍ତି ଏବଂ ଗବର୍ଣ୍ଣମେଣ୍ଟ ଯେ ସନ୍ତର୍ପିଳ ମିଉନିସିପାଲିଟୀ ଟେକ୍ସର ଅପବ୍ୟୟ ମଞ୍ଜୁର କରିବେ ଏହା ସ୍ୱତ୍ୱ ଅମ୍ଭେମାନେ ବିଶ୍ୱାସ କରୁ ନାହୁଁ ।

ଏହି ସଭାରେ ଆଉ ଗୋଟିଏ ଗୁରୁତର ବିଷୟ ମୀମାଂସା ହୋଇଅଛି ତହିଁର ବୃତ୍ତାନ୍ତ ଆଗାମୀରେ ପ୍ରକାଶ କରିବୁ ।

---

## A HINT TO OUR MUNICIPALITY.

The town of Cuttack is particularly fortunate in escaping from serious outbreak of epidemic disease; but we do not deserve our good fortune and cannot expect to enjoy it always, as the analysis of the water of our different sources of drinking water show that all the wells are largely contaminated by percolation of human exereta. The state of the water in the tanks in the town is patent to all without professional analysis. And we run this risk with good water of the Mahanuddy running to waste. The well-to-do people get their drinking water from the river now, but in the dry season it is shallow pools often disturbed; and we cannot depend on our servants, who to save themselves the trouble of going long distances over the sand, no doubt frequently bring our drinking water from the nearest pool, not noticing with intention the Dhobis employed just above. How very different this might be with our facilities. Pure Mahanuddi water might be stored and distributed all over Cuttack at a comparatively small cost, and Government would surely aid us as other towns have been aided for a similar purpose. Our Municipal Commissioners should well consider the matter and give every assistance to a scheme of such undoubted universal benefit both by putting the matter as strongly as they can before Government and making as liberal a grant as possible from the fund at their disposal. If our Vice-Chairman, who certainly is not wanting in energy would take an interest in the matter and leave private interprise, in the shape of humble selves, to enlighten our townspeople and give them notice of all municipal forms of Government and advice how to carry them out, which we should only be too happy to do if facilities are afforded, and leave the supply of vegetables to the people of Malisaee, he would earn our gratitude and a graceful recognition of his services would be to have his name inscribed on the first hydrant opened. He would find this a more lasting memento of his Vice-Chairmanship of the Cuttack Municipality than the honor of having wielded the editorial pen, as editor of the Cuttack Municipal Gazette. From what we hear it is doubtful if this paper will see the light, and we trust that he will discontinue his endeavours to persuade the Municipality to undertake its publication. Should he try us he will find for much less than the municipality would have to spend on a paper of its own, Greater publicity will be given to measures of reform as with assistance the paper would be enlarged and we hope our circulation increased; while the annoyances of Editorship which are not slight be spared Mr. Manisty, and the probably unwished for legacy of the editorship of the municipal organ to Mr. Manisty's successor be avoided.

In the annual report the Commissioner was good enough to characterize the tone of our paper as loyal and temperate although independent and we will do our best to deserve these high encomium.

---

# ସାପ୍ତାହିକ ସଂବାଦ ।

ଶୁଣାଯାଏ ଶ୍ରୀଯୁକ୍ତ କମିଶ୍ନରସ ହେବ ଏହି ମାସ ତା ୨୦ ରିଖରେ ଖୋରଧାକୁ ଗସ୍ତ କରିବା କାରଣ ଯାତ୍ରା କରିବେ ।

ଏହି ବସ୍ତାର ବନ୍ଦୋବସ୍ତ ସମ୍ପର୍କରେ ପ୍ରଜାମାନଙ୍କ ଦରଖାସ୍ତ ଅନୁସାରେ ଗବର୍ଣ୍ଣମେଣ୍ଟରୁ ଯେ ମନ୍ତବ୍ୟ ଆଣି ଅଛିଥିଲା ସେ ସମସ୍ତ ପ୍ରତିପାଳନର କହିତ ଉପାୟ ଏହି ସମୟରେ କରି ଆସିବେ ।

ଜେନ୍‌ କାନୁନଗୋଇ ଉପରେ ଅନୁସାରୁ ଅପରାଧ ହେଉ ଅଧିକ ଦଣ୍ଡ ହୋଇଥିବାର ଅମ୍ଭେମାନେ ଏଥିପୂର୍ବେ ଲେଖି ଥିଲୁଁ ଅପିଲରେ କେବଳ ତୁଇ ବର୍ଷ କାରାବାସ ଓ ୫୦୦ ଟଙ୍କା ଜରିମାନା ସ୍ଥିର ରଖି ଅବଶିଷ୍ଟ ଦଣ୍ଡ ଜଜସାହେବ କାଟି ଦେଲେ । ଜଜସାହେବଙ୍କ ଏବେ ଏହି କ ଜାତୀୟ ଟଙ୍କା ଅତିସାତ୍ର ସହାଜେ ଭିନ୍ନ ଅଭିଯୋଗ ହୋଇପାରେ ମାତ୍ର ଏ ସ୍ଥଳେ ଅପରାଧ ପ୍ରତି ଦଣ୍ଡ ଅତ୍ୟନ୍ତ ଅଧିକ ହୋଇଥିଲା ।

କଲହାଣ୍ଡିର ଗୋଳମାଳ ଶେଷ ହେଲା । ବର୍ତ୍ତମାନ ବସ୍ତରର ପ୍ରଜାମାନେ ଗୋଳମାଳ ଲଗାଇ ଅଛନ୍ତି । ପୂର୍ବବର୍ଷ ହେଳ ଗୃହଭମାନେ ଦରମାହି ପାଇ ନାହାନ୍ତି ଏବଂ ରାଜ୍ୟପାଳ ସମସ୍ତେ ରାଜାଙ୍କ ପ୍ରତି ଅସନ୍ତୁଷ୍ଟ । ଛତିଶଗଡ଼ର ଅଥବା କମିଶନର ବାର୍ଡ୍ ସାହେବ ତଦନ୍ତ କରିବାକୁ ଯାଇ ଅଛନ୍ତି ମାତ୍ର ଶୁଣା ଯାଏ ଯେ ରାଜା ଅସୁସ୍ଥ କଣରୁ ବାର୍ଡ୍ ସାହେବ ସେଠାରେ ପହଞ୍ଚିଲେ ତାଙ୍କର ଗତରୋଧ କରିବାର ଚେଷ୍ଟା କରୁଅଛନ୍ତି ।—ରାଜାଙ୍କର ବୁଦ୍ଧିନାଶ ପତ ଯାଉଅଛି ପରା । ସର୍ପ ସଙ୍ଗେ ଖେଳର କଳ ! ବର୍ତ୍ତମାନ ବେରସାହେବ କଳହାଣ୍ଡିର ଉବାକପାଟଣାରେ ରେସିଡେଣ୍ଟ ସ୍ୱରୂପ ରହି ଅଛନ୍ତି ।

ବୂଢ଼ାବଳଙ୍ଗ, ଧାମରା ଏବଂ ବୈତରଣୀ ନଦୀମାନ ଉଦାରଣ କରିବା କାରଣ ଅନ୍ତିମଳ ଭଳେ କମାଣ୍ଡର ଉଇକ ସାହେବ ଆସିଥିଲେ ଏବଂ ସେ ଏ କାର୍ଯ୍ୟ ଶେଷ କରି ଯାଇଅଛନ୍ତି । ବୋଧହୁଏ ବନ୍ଦରତ ଜମନ୍ତେ ଅଗ୍ରେ ସେହି କାଠବନ୍ଦରର ଉନ୍ନତି ହୋଇପାରେ ତାହା ଧାମରା ନିକଟ ସର୍ଟ ଦ୍ୱୀପରେ କମ୍ପନିର ଏବଂ ଉଦ୍ୟାନ ଅନେକ ଉପକାର ହେବାର ସମ୍ଭାବନା ।

ସୁଲତାନ ଅବଶ୍ଚି କଇ ଉକ୍ତ ଜେଲଖାନାରୁ ଜ ୫୦ ଣ କଏଦୀ ଉଠତ ମାସ ତା ୪ ରିଖରେ ପଳାୟନ କରିବାର ଉଦ୍ୟୋଗ କରୁଥିଲେ । ଏଥିରେ ଜଣେ କଏଦୀ କାଳରେ ଉତ୍ପନ୍ନ ବାଳୀନ ଗୁଳି ଅଘାତରେ ମୃତ୍ୟୁ ଲଭିଅଛି ।

ଅନ୍ତିମଳ ତଳେ ସିଂହଲଦ୍ୱୀପର ଗବର୍ଣ୍ଣର ଲଙ୍ଗଡେନ ସାହେବ ଅଲକାପାଣ୍ଡ ଓ ଡସ୍ତଗୀବର୍ଷକୁ ଡକାଇ ସେମାନଙ୍କର କୌଣସି ଗୁହାର ଥିଲେ ତାହା ଜଣାଇବା କାରଣ ଅନେଶ କରନ୍ତୁ ସେମାନେ ସେଠା ଲୋକଙ୍କଠାରୁ ପ୍ରାପ୍ତ ହୋଇଥିବା ସମ୍ମାନରେ ନିତାନ୍ତ ବାଧ ଓ ପ୍ରୀତ ଥିବାର ବ୍ୟକ୍ତ କଲେ ।

ମଜପରପୁର ଓ ଦ୍ୱାରଭଙ୍ଗାରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ମିଉନିସିପାଲ କମିଶ୍ନରମାନଙ୍କ ସଙ୍ଗରେ କଥାବାର୍ତ୍ତା କରୁଥିବା କାଳୀନ ମୁସଲମାନ ସଭ୍ୟମାନେ ମିଉନିସିପାଲିଟିରେ କୌଣସି ପରିବର୍ତ୍ତନ ଘଟିବା ପ୍ରତି ଆପତ୍ତି କଲେ । ହିନ୍ଦୁ ଓ ମୁସଲମାନମାନଙ୍କ ଧର୍ମରେ ସମ୍ପୂର୍ଣ୍ଣରୂପେ ପାର୍ଥକ୍ୟ ଥିବାରୁ ସେମାନଙ୍କ ମତ ନ ମିଳିବା ପ୍ରତି ଅନେକ କାରଣ ଥିବା ଦୃଷ୍ଟିରେ କୌଣସି କୌଣସିଠାରେ ହିନ୍ଦୁ ସଭ୍ୟମାନଙ୍କ କର୍ତ୍ତୃକ ଅପେକ୍ଷାକୃତ ଅଳ୍ପସଂଖ୍ୟକ ମୁସଲମାନଙ୍କର ମତ ନଗଣ୍ୟ ପଡ଼ିବାର ଘଟନାରେ ବୋଲିଯାଇ ପାରେ ମାତ୍ର ଯେତେବେଳେ ଧର୍ମ ଓ ନ୍ୟାୟର ଜୁଡ଼ନ ଜୀବନରେ ଘରତ ଉଦ୍ରେକତ ହୋଇ ସମସ୍ତ ଅନ୍ୟ ପ୍ରବୃତ୍ତିର ଦମନରେ ନଡ଼ାଏ ମନୋରମ ଦୃଷ୍ଟାନ୍ତ ଦେଖାଉଅଛି ସେତେବେଳେ ଏ ଭଳି ଅଶଙ୍କା କରି ଉକ୍ତ ମୁସଲମାନ ସଭ୍ୟଙ୍କର ପ୍ରସ୍ତାବ ସପକ୍ଷରେ ଯେଉଁ ମତ ଦିଅନ୍ତି ସେମାନଙ୍କର ଚରିତ୍ରୀୟ ତ୍ରୁଟି ବୋଲି ସୂଚିତ ହେବ ।

Digitized by srujanika@gmail.com

ମାନ୍ଦ୍ରାଜରେ ନୂଆକାରବା ସମ୍ବନ୍ଧୀୟ ଏକ କୁମ୍ପାନି ସଙ୍ଗଠିତ ହୋଇଥିବା ବିଷୟ ପାଠକଙ୍କୁ ଜଣା ଅଛି । ପ୍ରଥମ ପାଞ୍ଚମାସ ମଧ୍ୟରେ ସେମାନଙ୍କର ଦର ଯୋଗାଣଠାରୁ ଉତ୍ତମାନ୍ତ ଅଧିକ ନ ହେଲେ ସୁଦ୍ଧା ସୁନ୍ଦର କାର୍ଯ୍ୟ ଚଳିବାରୁ ବର୍ତ୍ତମାନ ସେ କୁମ୍ପାନି ଏକ ଧୂଆଁକଳ କଳଘରୁ ଘ୍ରଣାଇବାର ଉଦ୍‌ଯୋଗ କରୁଅଛନ୍ତି । ଏଥିକୁ ମୋଟନଙ୍କ ଟ ୪୦୦୦୦ ଟଙ୍କାର ମୂଳଧନର ଆବଶ୍ୟକ ଥିବାରୁ ଟ ୨୫ ଙ୍କା ଲେଖାଏ ଅଂଶ ସ୍ଥିରକୃତ ହୋଇଅଛି । ଅନେକ ଗୁଡିଏ ଅଂଶ ବିକ୍ରୀତ ହୋଇସାରିଲାଣି । ନ ହେବ କାହିଁକି ? ଅସ୍ମମାନଙ୍କ ଦେଶର କାଗଜମାନେ ଅସ୍ୱାସ୍ଥ୍ୟବିଗୁଣରେ ପୂର ହଟି ସେସବୁ ଗଟର ଏତେଦୂର ଅଶିତ ହୋଇସାନ୍ତି ଯେ ଲୋକରେ ଠକଦୁର୍ନାମ ଯେନ ପଇକୁ ଖାଇବାକୁ ମିଳେ ନାହିଁ । ସତ୍ୟବ୍ୟାପାରର ସଙ୍କଟ ନସ୍ୟ ।

ସିହଳଦ୍ୱୀପରେ ଓକରଟମାନଙ୍କ ମଧ୍ୟରେ ଏକ ଅସ୍ପର୍ଦ୍ଧ ଭୂଙ୍ଗସ୍ମାର ଅଛି । ସେମାନେ କଦାପି ଚାଉ ଛିନ୍ନିତହାସ ଚମାରଙ୍କୁ ଛଡା ଯେନ ଖିବାକୁ ଦେବେ ନାହିଁ । ଏ ଯେନ ସେଠାରେ ଅଳ୍ପକାଳ ତଳେ ଭରସ୍ତ କାଉଙ୍କ ମଧ୍ୟରେ ଘୋର କଳହ ଉପସ୍ଥିତ ହୋଇଥିଲା ।

ଗତ ଜାନୁଆରୀ ମାସରେ ହୁଇବାଳ ବାଲ ଲକ୍ଷ୍ନୌଠାରେ ଅତ୍ୟନ୍ତ ବୃଷ୍ଟି ହୋଇ ସେଠାରେ ଜଣମାନ ବର୍ଷାକାଳ ପ୍ରାୟ ବଢିଥିଲା । ଏପରି ସମୟରେ ଏତେ ବୃଷ୍ଟି ଅନେକ କାଳ ହେଲ ସେଠାରେ ଦେଖା ନାହିଁ ।

ବାବୁ ଶଶିକାନ୍ତ ଚଟ୍ଟୋପାଧ୍ୟାୟଙ୍କର ଅନେକ ଥର ଅମ୍ଭେମାନେ ଗୁଣ କୀର୍ତ୍ତନ କର ଅଛୁଁ ଏବ ଅଳ୍ପବଳ ତଳେ ସେ କମ୍ପିଗ ଭାଷାରେ ଗୋଟିଏ ପୁସ୍ତକ ଲେଖି ବନ୍ଧୀତ ହୋଇଥିବା ବିଷୟ ପାଠକେ ଭବଗତ ଅଛନ୍ତି । ବର୍ତ୍ତମାନ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ବାବୁ ମହୋଦୟ କମ୍ପିଗ ଦେଶର ସର୍ବୋତ୍କୃଷ୍ଟ ଉପାଧି ଧାରଣ କରି ଭାରତବର୍ଷକୁ ଫେରି ଆସୁଅଛନ୍ତି । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବରୁ ଯେତେବେଳେ ତାହାଙ୍କୁ ଉପାଧି ପ୍ରଦତ୍ତ ହେଲା ସେତେବେଳେ ଶ୍ରୀଙ୍କପର ତାହାଙ୍କୁ କହିଲେ ତୁମ୍ଭେ ଯେରୂପ ଦକ୍ଷତା ସହିତରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛ ସେଥିରେ ସେ ଏମନିତ ଏକା ଅବନତ ହୋଇଅଛନ୍ତି ତାହା କହିବ । ତହିଁ ଉପରେ ମଧ୍ୟ ତୁମ୍ଭଙ୍କୁ ସାଧ୍ୟାନୁଯାୟୀ ସର୍ବୋତ୍କୃଷ୍ଟ ଉପାଧି "ହଷ୍ଟ କମ ଦେଁ ପ୍ରଦତ୍ତ ହେବ" ଶଶିକାନ୍ତ ବାବୁ ଏ ଉପାଧି ଧାରଣ କରି ଯେମନ୍ତ ଭାରତର ଗୌରବ ରକ୍ଷା କରିଅଛନ୍ତି ସେମନ୍ତ ସ୍ୱଦେଶୀୟ ଅନ୍ୟାନ୍ୟ ଲୋକଙ୍କୁ ଏରୂପ ସମ୍ମାନ ପ୍ରାପ୍ତ ହେବା ପାଇଁ ଉତ୍ସାହିତ କରିବାର ମାର୍ଗ ଦେଖାଇ ଦେଲେ । ଭରସା କରୁଁ ବାବୁ ମହାଶୟ କୁଶଳରେ ଆପଣା ଦେଶକୁ ଫେରି ଆସି ଦେଶର ନାନାତ ହିତାନୁଷ୍ଠାନରେ ବ୍ରତୀ ହେବେ ।

ହିନ୍ଦୁ ପେଟ୍ରିୟଟ୍ କାଗଜରେ ଶୁଣିଅଛନ୍ତି ଯେ ଅଳ୍ପଦିନ ତଳେ ହାଇକୋର୍ଟର ଜଜ କୋରିଥ ସାହେବ କୌଣସି ଲୋକ ଦେଶୀ କୋଟା ପିନ୍ଧି ହାଇକୋର୍ଟକୁ ଯିବା ପ୍ରତି ନିଷେଧାଜ୍ଞା ପ୍ରଚାର କରିଅଛନ୍ତି । ବ ଅବ୍‌ର୍ଧ୍ୟା ବସ୍ତ୍ରବଣରେ ବସି ଏଲେ ନବ୍ୟ ଦ୍ରବ୍ୟର ସମାଲୋଚନା ସ ବଣ୍ଣକକୁ କେଉଁ ପାଏ ?

ଗତ ମାସ ତା ୧ ରିଖରେ ବମ୍ବଇର ପରେନ ପଟଣା ଭିକ ବାରଣାଜାରେ ଏକ ଦୁର୍ଘଟଣା ଘଟି ଯାଇଅଛି । ପ୍ରାୟ ୫୦୦ ଣ ସ୍ତ୍ରୀଲୋକ ଓ ବାଳକ ବନ୍ଦନାଦ ସଙ୍କୀର୍ଣ୍ଣ ତହାର କାର୍ଯ୍ୟ କରୁଥିବା ସମୟରେ ଏକ ଦୋଳକାନ୍ତି ଦେଇ ପବନ କୋହୁବାରୁ ସୁହଟ ପଡିଯିବା ବିଷୟ ତହିଁରେ ଅଗ୍ନି ଲାଗିବାର ଭୟ ଜାତ ହେଲା । ଏଥିରେ ସମସ୍ତେ ବ୍ୟସ୍ତ ହେଇ ପାଦୁତ ନବଟକୁ ଦୌଡ଼ାଦୌଡ଼ି କରି ଥିଲେ । ସେ

ପାହାର ମଧ୍ୟ ସେ ଏକପୁଷ୍ଟ ଚୌଡ଼ା । ଜଣାକାନ୍ତମାନେ ଶୀଘ୍ର ରୁଦ୍ଧ ହେଲେ ମଧ୍ୟ ପ୍ରାୟ ୨୦ ଟି ସ୍ତ୍ରୀଲୋକ ଏବଂ ଗୋଟିଏ ବାଳକ ମୃତ୍ୟୁ ମୁଖରେ ପତିତ ହେଲେ ଓ ଅନେକେ ଉତ୍କୃଷ୍ଟ ରୂପରେ ଆଘାତ ପ୍ରାପ୍ତ ହେଲେ । ବମ୍ବାଇ ଗଜେଟ କହନ୍ତି ଅଛନ୍ତି ଯେ ଏଥିରେ ବଡଲାଟ ସାହେବ ଅତ୍ୟନ୍ତ ଦୁଃଖିତ ହୋଇ ଆପଣାର ସେ ବ ଉତ୍ତରାଧିକାରୀ ଜଣାଇ ଥିଲେ । ବଡ଼ଲାଟ ସାହେବ ଉଦାରମନ ।

ଗତ ମାସ ତା ୧ ରିଖରେ ତ୍ରିଶୂଳ ଦେଶର ରଜା ସିଷ୍ଟବେବୋ ଆପଣା ବଂଶଧରରେ ଅଭିଷିକ୍ତ ହେଲେ । ତହିଁ ଉପଲକ୍ଷରେ ପ୍ରାୟ ୪୦୦୦ ଣ ଲୋକ ରୁଦ୍ଧ ହୋଇଥିଲେ ।

ତ୍ରିବାଙ୍କୁଡର ମହାରାଜା ଏହି ମାସ ତା ୧ ରିଖରେ ଭାରତରକ୍ଷକର ଉପାଧି ପ୍ରାପ୍ତ ହେଲେ ।

ଗତ ମାସରେ ତୁର୍କିଦେଶର ମହାରାଜା ବଗଦାଦ ଆସି ସେଠାରୁ ସୁଇଦର୍ଶନକୁ ଯିବାର ଶୁଣାଗଲା । କେଉଁ କାରଣରୁ ଗମନ ହେବ ତାହା ଜଣାପଡ଼ ନାହିଁ ।

ସ୍ୱଜାଠାରେ ବସନ୍ତ, ମିଳମିଳା ଓ ଜ୍ୱରରୋଗର ପ୍ରାଦୁର୍ଭାବ ହୋଇଥିବାର ସମ୍ବାଦ ଆସିଅଛି ।

ମାନ୍ଦ୍ରାଜରେ ଗତ ଏଲ୍, ଏ, ପରୀକ୍ଷାରେ ଉପସ୍ଥିତ ହୋଇଥିବା ପ୍ରାୟ ୮୦୦ ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କେବଳ ୨୧୬ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ନିତାନ୍ତ ଅଳ୍ପ ।

ଯେତେଥର ଅମ୍ଭେମାନେ ଏହା ଶୌଖିନ ମୋହନ ଠାକୁର ଭକ୍ତର ନୂତନ ଉପାଧି ପ୍ରାପ୍ତ ହେବା ବିଷୟ ଶୁଣୁ ସେତେଥର ଅମ୍ଭେମାନେ ନୂତନ ଆନନ୍ଦ ଅନୁଭବ କରୁ । ସମ୍ପ୍ରତି ସାଗ୍ରବର ଦ୍ୱୀପର ରଜା କଲବାଙ୍କଠାରୁ ସେ ସେ ଏକ ସୁନ୍ଦର ଭୂଷଣ ଉପାଧି ପ୍ରାପ୍ତ ହୋଇଅଛନ୍ତି । ଆନନ୍ଦର ବିଷୟ । ପୃଥିବୀର ଅଧିକାଂଶ ଦେଶର ପ୍ରଧାନ ଉପାଧିମାନ ତାଙ୍କୁ ମିଳିଲା ସେ ସବୁ ଏବେ ବେବେ ତୋଷ ପକ୍ଷେ ପୁଣି କଣ ନେଲେ ହବ ।

ପଞ୍ଜାବ ପ୍ରଦେଶର ଲୋକଙ୍କ ମଧ୍ୟରେ ଟାଇଫଏଡ ଜ୍ୱରର ପ୍ରାଦୁର୍ଭାବ ହୋଇଅଛି । ସେଠା ସମ୍ବାଦପତ୍ର ବୋଲନ୍ତି ଯେ ପ୍ରତିବର୍ଷ ଅନ୍ୟୂନ ପଞ୍ଚାଶ ହଜାର ଲୋକ ଏହି ରୋଗରେ ବିନଷ୍ଟ ହୁଅନ୍ତି । ଏ ଷଣ୍ଠ କ ବେବେ ମୂଲ୍ୟରେ ପ୍ରତୀକାର ହେଉଅଛି ?

ପଞ୍ଜାବ ପ୍ରଦେଶ ଗୁଡଗାଁ ଜିଲ୍ଲାରେ ନୂତନ ପଡ଼ିଥିବା ଓ ଲୋକ ଦୁଃସ୍ଥ ଦୂରବସ୍ଥ ବ୍ୟବସ୍ଥତ ହୋଇ ପଡିବା କାରଣରୁ ପଞ୍ଜାବ ଗବର୍ଣ୍ଣମେଣ୍ଟ ଅନେକ ଟଙ୍କା ଋଣ ଛାଡ଼ ଦେଇ ଅଛନ୍ତି । ସେ ଇଚ୍ଛାରୁ ଅନେକ ଗୃହୀ ପଳାୟନ କରିଥିବାରୁ ଏପରି ଛାଡ଼ ଦାନର ବିଶେଷ ଆବଶ୍ୟକତା ପଡ଼ ଥିଲା ।

ଅଲ ଲଗଇତ୍ର ପ୍ରଦେଶରେ ଧଳମାନେ ଗତ ଜାନୁଆରୀ ମାସ ତା ୭ ରିଖରେ ମାଛ ଉଠିଥିବାର ସମ୍ବାଦ ଆସି ଅଛି ଏବ ଶୀଘ୍ର ଏ ବଡ଼ୋହ ଦମିତ ହେବାର ଉଦ୍‌ଯୋଗ ଲଗି ଅଛି ।

ମୁଣ୍ଡୁଶ୍ୱରର ଦଳପତ ଦେବାନ ରଙ୍ଗାସ୍ୱାମୀଙ୍କ ସମ୍ପ୍ରାର୍ଥ ମାନ୍ଦ୍ରାଜରେ ଏକ ସଭା ହୋଇ ତାଙ୍କର ସ୍ମରଣାର୍ଥ ଗୋଟିଏ ହାଇସ୍କୁଲ ନିର୍ମାଣ କରିବାର ଉଦ୍‌ଯୋଗ ଲଗିଅଛି ଏବ ତହିଁ ପାଇଁ ୧୫୦୦ ଙ୍କା ଅଧିକ ସ୍ୱାକ୍ଷରିତ ହୋଇ ଯାଇଅଛି ।

ଦୁର୍ଭାଗ୍ୟବଶର ରଜା ଗଜଣା ବୃଦ୍ଧି କରିବାରୁ ସେଠା ପ୍ରଜାଏ ମେଲି ହୋଇ ଥିଲେ । ରଜା ପେନାଲ ଶ୍ରୀପାଦ ମୀମାଂସା ନ ହବା ଆପଣାର ଲ ୭୦୦ ଣ ସୁଇପଙ୍କୁ ବାହାରିବାର ଆଦେଶ ଦେବାରୁ ଭୂଇ ଗୋଳ ଆରମ୍ଭ ହୋଇ କେତେ ଗୋଟି ପ୍ରାଣୀ ନଷ୍ଟ ହୋଇଅଛନ୍ତି ଏହିପରି ବମ୍ବଇରେ ରଜାମାନେ ମସ ହେଉନ୍ତି ।

ମସକାଉ ନଗରରେ ଆଗାମୀ ମଇ ମାସରେ ରୁଷିୟା ସମ୍ରାଟଙ୍କର ଅଭିଷେକ ହେବାର ଆୟୋଜନ ଲାଗିଅଛି । ଦେଖାଯାଉ ଏଥର ବୃଟିକାର୍ଯ୍ୟଠାର ପରିଣାମ କେତେଦୂର ।

ଗତ ପ୍ରାୟ ତା ୬ ରିଖରେ ନିକାରାଗୁଆ ସ୍ୱଣୀମାନେ ମାନ୍ଦ୍ରାଜ ମିଉଜିୟମ ( ଚିତ୍ରାଳୟ ) ରେ ଅଶ୍ଚର୍ଯ୍ୟ ପଦାର୍ଥମାନ ଦେଖିବାରେ ଦୁଇଘଣ୍ଟା କାଳ ଅତିବାହିତ କଲେ । ଏଲଫ ରୁଷର ପାଶ୍ଚାତ୍ୟମାନେ ଭୂୟସୀ ପ୍ରଶଂସା କରୁଁ ।

ମହାରାଜା ହୁଲକ ତଳର ଦୁଇଥିପ ପୃଷ୍ଠ ମଧ୍ୟ ବଇଲତ ଦେଖିବାକୁ ଯାଇଥିବାର ଶୁଣାଯାଏ ।

ବେହାର ଜେଲରେ ଓପିମ ଉତ୍ପାଦକ ପେସ୍ତ ବୃକ୍ଷମାନ ଅନେକ ନଷ୍ଟ ହୋଇଥିବାର ସମ୍ବାଦ ଆସିଅଛି । ଏଥିରେ ଓପିମଗମନଙ୍କର ଯେତର ଉପୁର ବାଉଣ ଅଛି ସରକାର ମାନଙ୍କ ମଧ୍ୟ ରଇୟ ସନ୍ନଦ୍ଧରେ କୌତୁହଳ ଜାତ ହୋଇଅଛି ।

ବଲକତାରେ ଓରସଠା ରୋଗ ଜମଶ ଲଗା ପଡୁଅଛି । ଗତ ମାସ ତା ୫ ରିଖରେ ଶେଷ ହୋଇଥିବା ସପ୍ତାହରେ ଏହି ରୋଗରେ କେବଳ ଲ ୭୧ ଣ ପ୍ରାଣ ହରାଇ ଥିଲେ ।

## ପତ୍ର ପ୍ରେରକଙ୍କ ପ୍ରତି ।

କଷ୍ଟିହୃଦର୍ଶକ କେନ୍ଦ୍ରାପଡ଼ା—ଅମ୍ଭେମାନେ ପୁନଃ ନଃ କହୁଅଛୁଁ କି ଅପରିଚିତ ବ୍ୟକ୍ତିର ପତ୍ର ପ୍ରକାଶ କରୁ ନାହିଁ ।

## ପ୍ରେରିତପତ୍ର ।

### କନମାଲ ।

(ପୂର୍ବ ପ୍ରକାଶିତାନନ୍ତର)

ସମ୍ପାଦକ ମହୋଦୟ ନିବେଦନଂ ।—

କଟକ ଜିଲାର ଅନ୍ତର୍ଗତ କନମାଲର ପ୍ରଧାନ ନଗର କଣିପଡ଼ା । ସେହି ସ୍ଥାନରେ ଉକ୍ତ ଜିଲାର ମହାଶୟଙ୍କର କଚେରୀ ଅଛି । ପୁଲିସ ଷ୍ଟେସନ, ଗୋଟିଏ ବର୍ଣ୍ଣାକ୍ୟୁଲର ସ୍କୁଲ ଏବଂ ଗୋଟିଏ ଔଷଧାଳୟ ଅଛି । ମଫସଲ କ୍ୟାମ୍ପର ଏଠାରେ ପ୍ରାୟ ଲ ୪୦ ଣ କର୍ମଚାରୀ ସର୍ବଦା ବାସ କରନ୍ତି । ଏମାନଙ୍କର ଦୁର୍ଦ୍ଦଶା ଦେଖିଲେ କେଉଁ ନିର୍ଦ୍ଦୟହୃଦୟୀର କଠୋରାନ୍ତଃକରଣ ବିଦୀର୍ଣ୍ଣ ହୋଇ ନ ଯିବ । କାହାର ମନ ବା ଚିନ୍ତାର୍ଣ୍ଣବେ ମଗ୍ନ ନ ହେବ । କାହାର ଲୋଚନ ବା ଲୋତକପୂର୍ଣ୍ଣ ନ ହେବ । ଯାହାକୁ ଦେଖ ରୋଗଜନିତ ଶରୀର ନାହିଁ । କାହାର ଶିରଃ, କାହାର ଉଦର ଅଥବା କାହାର ପଦଦ୍ୱୟ ଉପରେ ବ୍ୟାଧିର ପ୍ରବଳ ପଦ୍ମ ପ୍ରକାଶିତ ହେଉଅଛି । କେଉଁ ମହାତ୍ମାର ପର୍ଯ୍ୟଙ୍କ ଅଙ୍କରୁ ଉତ୍ଥିତ ହେବାର ସାମର୍ଥ୍ୟ ନାହିଁ । କେହି କୋପ କମ୍ପ ଦେହମଧ୍ୟରେ ପ୍ରବେଶ ହୋଇ ଦେହ ଅଙ୍ଗ ଘରଦ୍ୱାର ସୂତ ପାଠ ଆରମ୍ଭ କରିଅଛନ୍ତି । କାହାର ଦୁଃଖର କାହାଣୀ ଲେଖିବାକୁ ଗଲେ ଅଠର ଖଣ୍ଡ ମହାଭାରତଠାରୁ ବଳ

ପଡ଼ିବ । ତଥାପି କର୍ତ୍ତବ୍ୟ କର୍ମ ନ କଲେ ନ ଚଳେ । ଯେପରି କଷ୍ଟ ସୃଷ୍ଟିରେ ଏମାନେ କର୍ମ କରୁଅଛନ୍ତି ତାହା ମନ ଜାଣେ ଅନ୍ୟକୁ କହିବାକୁ ଗଲେ ତଏକା ଶୁଣୁଛି । ପ୍ରତିମାସରେ କୁତ୍ସ ବଦଳ ଓ ସ୍ଥାନାନ୍ତର ପ୍ରାର୍ଥନାର ନ୍ୟୂନତା ନାହିଁ । ଗୃହର ନ କଲେ ନ ଚଳେ, ଗୃହର ଯେଉଁମାନଙ୍କର ବ୍ୟବସାୟ ଅନ୍ୟସ୍ଥାନ ନ ଦେଖିଲେ ସ୍ଥାନ ତ୍ୟାଗ କରିବା କଠିଣ ହେଉଅଛି । ଏଣେ କନ୍ଦମାଳର ଜଳବାୟୁ କରାଳ କାଳକବଳ ସର୍ବନାଶ ଘଟାଉ ଅଛି । ଏପରି ସ୍ଥାନପ୍ରତି କର୍ତ୍ତୃପକ୍ଷୀୟମାନେ ସଦୟ ହେବାର ଉଚିତ । ଦୟାବାନ୍ ସୁପରଣ୍ଟେଣ୍ଡେଣ୍ଟ ସାହେବ ମହୋଦୟ ଏଠା ତହସିଲଦାର ମହାଶୟଙ୍କର ବେତନ ବୃଦ୍ଧି କରିବାରୁ ଏଠା କର୍ମଗୃହୀମାନଙ୍କର ତାହାଙ୍କ ପ୍ରତି ଭକ୍ତି ଓ କନ୍ଦମାଳର କର୍ମଗୃହୀଙ୍କ ପ୍ରତି ସୁବିଶ୍ବର ହେବାର ପ୍ରତ୍ୟାଶା ବର୍ଦ୍ଧିତ ହୋଇଅଛି । ଏଠା କଚେରି ଓ ପୁଲିସର କର୍ମ ଯଥାସାଧ୍ୟ ଚଳୁଅଛି । ବିଦ୍ୟାଳୟଟି ପ୍ରଶଂସିତ ମାର୍ଗରେ ଉପସ୍ଥିତ ତାହା ପାଠକମାନଙ୍କୁ ଅବିଦିତ ନାହିଁ । ସେ ସମ୍ବନ୍ଧରେ ଏହି ମାତ୍ର ବିଶେଷ ବକ୍ତବ୍ୟ ଅଛି ଯେ ଏଠାରୁ ଅଳପ ଯେନ୍ତ କୌଣସି ଛାତ୍ର କଟକ ସ୍କୁଲରେ ଯାଇ ପଢ଼ିବାକୁ ସ୍ଵୀକୃତ ହେଉ ନ ଥିଲେ । ବିଗତ ବର୍ଷରେ ଜଣେ ଛାତ୍ର ଏକା ଯିବାକୁ ଅସ୍ଵୀକାର କଲା । ଏବର୍ଷର ଦୁଇଜଣ ବାଳକ ଆଉ ବିଗତବର୍ଷର ବାଳକ ଏପରି ତ ୩ ଣ ଯିବାକୁ ସ୍ଵୀକୃତ ହୋଇଅଛି । ଏମାନଙ୍କର ମଧ୍ୟ ଯିବାକୁ ମାନସ ନ ଥିଲା । ନାନାପ୍ରକାର ଉପଦେଶ ଦ୍ଵାରାରୁ ସେମାନଙ୍କର ଉତ୍ସାହ ଜାତ ହୋଇଅଛି । ପ୍ରଧାନ ଉପଦେଶକ ତହସିଲଦାର ଶ୍ରୀଯୁକ୍ତ ବାବୁ ହରିଧନ ଘୋଷ ମହାଶୟ ଏଥିନିମିତ୍ତ ବିଶେଷ ପ୍ରଶଂସାର ପାତ୍ର ଅଟନ୍ତି । ସବୁ ହୋଇ ବା କି ହେବ କଟକସ୍ଥ କର୍ତ୍ତୃପକ୍ଷୀୟମାନେ ସେମାନଙ୍କ ଛାନଗୋଷ୍ଠ ବୃତ୍ତି ନ ଦେଲେ ସର୍ବନାଶ । ତତସ୍ଥାନୀୟଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ତାହାର ଉନ୍ନତି ନିମିତ୍ତ କମିଟି ନିଯୁକ୍ତ ହୋଇଅଛନ୍ତି । ସେମାନଙ୍କୁ କେହି ବିନେସୃହା ଦେଖି ନାହାନ୍ତି । ସେମାନେ ବୋଧ ହୁଏ ତରକର ଲୁଚ ଗଲେଣି । ସେମାନେ ବା କି କରିବେ, ଉଲ୍ଲ୍ୟ ଔଷଧର ଅଭାବ । ଉତ୍ତମ ଅସ୍ତ୍ର ଶସ୍ତ୍ରର ଅଭାବ । ଡାକ୍ତର ଜଣେ ମାତ୍ର ବସି ଅଛନ୍ତି । କମ୍ପାଉଣ୍ଡରଙ୍କ କାର୍ଯ୍ୟଟି ଉଠାଇ ଦିଆ ଗଲା । ଶୁଣୁଅଛୁଁ ପୂର୍ବ ଡାକ୍ତର ଉଭୟ କାର୍ଯ୍ୟ ଚଳାଇବାକୁ ରିପୋର୍ଟ କରିଥିଲେ । ବର୍ତ୍ତମାନ ଅସ୍ତ୍ରାଧାର ଅଭାବ ନାହିଁ । ରୋଗୀ ଔଷଧ ସେବନ କରିବାକୁ ଗଲେ, ଡାକ୍ତର ସ୍ଵୟଂ କୂଅରୁ ପାଣି ଆଣି ଦେବେ, ଔଷଧ ପିଆଇବେ ଇତ୍ୟାଦି । କନ୍ଦମାଳ ରୋଗର ଆଧାର, ତହିଁରେ ପୁଣି ଔଷଧାଳୟର ଏପରି ଅବସ୍ଥା । ଏଠାରେ ଡାକ୍ତର ନିତାନ୍ତ ପ୍ରୟୋଜନ । ଲୋକେ ମଣିଅର୍ଡ଼ର କରିବା ଓ ଚିଠି ରେଜେଷ୍ଟ୍ରି ଇତ୍ୟାଦି ଅଭାବରେ ବିଶେଷ କଷ୍ଟଭୋଗ କରୁଅଛନ୍ତି । ବଡ଼ ଦୁଃଖର ବିଷୟ ଯେ ତାହାଙ୍କର କଷ୍ଟରେ କେହି ହୁଁ କିଏ ଦୁଃଖିତ ହେଉ ନାହାନ୍ତି । ଏହା କନ୍ଦମାଳର ଉନ୍ନତିମାର୍ଗର କଣ୍ଟକ ସ୍ଵରୂପ ହୋଇଅଛି । କ୍ରମଶଃ ୮।୧।୮୩

ବଶମ୍ବଦ
ଶ୍ରୀ ———

---

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସବିଧେଷୁ ।

ମହାଶୟ !

ନିମ୍ନଲିଖିତ ଏ କ୍ଷୁଦ୍ର, କବିତାଟିକୁ ଆପଣଙ୍କ ଜଗଦ୍ବ୍ୟାପିନୀ ପତ୍ରିକେିକ ପର୍ଣ୍ଣରେ ଅନୁକମ୍ପା ପୂର୍ବକ ସ୍ଥାନଦାନ କରିବା ହେଉନ୍ତୁ ।

ବଙ୍କଜନେ ଚିତ୍ତ ଏକ ଲୟରେ । ମୋ ଦୁଃଖ
ଜଣାଣ ଶୁଣନ୍ତୁ ବାରେ । ମହାମାନ୍ୟବର ସତ-
ଉପୋଷ୍ଠୀ । ଗଡ଼ଜାତେ କୀର୍ତ୍ତିଚନ୍ଦ୍ର ଯାଉଛି ।
ହନୂ ପୁଣ । ବୃଦ୍ଧି ଝତ୍ରଭ ସମ ବୃଦ୍ଧି ଜାଣ । ୧ ।
ପୃଥିବୀରପଣେ ଯେ ବିହିତ । ଶାସ୍ତ୍ରାଶାସ୍ତ୍ର
ଜ୍ଞାନରେ ଦୃଢ଼ମତି । ସମଦରଶୀ ପଣରେ ପଣ୍ଡିତ ।
ଏ ହେତୁ ବିଖ୍ୟାତ ସାଧାରଣେତ । ବନ୍ଧୁ ସମ
ଭାବେ । ଏହାଙ୍କ ସମୀପେ ମିଳନ୍ତି ସର୍ବେ । ୨ ।
ପ୍ରଭାକର ନାମ ଅଟେ ଯାହାର । ସତ୍ୟ
ଏହାଙ୍କ ନାମ ପ୍ରଭାକର । ପ୍ରଭାକର ଉଦେ
ନାଶ ତିମିର । ଏ ପ୍ରଭାକରେ ଅଜ୍ଞାନତା ଦୂର ।
ଦ୍ଵିଜ ଅନନ୍ଦିତ । ଦ୍ଵିଜ ଅନନ୍ଦିତ ହୁଅନ୍ତି ସତ । ୩ ।
ଧରା ଦ୍ରବ୍ୟେ ଶ୍ରେଷ୍ଠ ଅଟେ ରତନ । ଏହାଙ୍କ
ଉପାଧି ଅଟେ ରତନ । ରତ୍ନ ହୁଅଇ ସୁବର୍ଣ୍ଣେ
ଜଡ଼ିତ । ଏ ରତ୍ନ ସୁଜ୍ଞାନେ ହୁଏ ମଣ୍ଡିତ । ତାର
ମୂଲ୍ୟ ସଂଖ୍ୟା । ଏ ରତ୍ନ ମୂଲ୍ୟ ଅଟଇ ଅସଂଖ୍ୟା ! ୪ ।
ଶିକ୍ଷକ ପାଳନ୍ତେ ଏହି ଚତୁର । ବଜ୍ରଧର
ଯେଉଁ ପାଳେ ଅମର । ଏପରି ବିଜ୍ଞ ଶିରୋମ-
ଣି ଜଣେ । ଆଉ କି ହୋଇବ ହେ ଭାଗଣେ ।
ଯେତେ ଆଶା ଥିଲା । ନିର୍ଗୁଣ ପିଶାଚ କବଳ
କଲା । ୫ ।
ଜନରବେ ଶୁଣୁ ଅଛଇ ମୁହିଁ । ଅଳ୍ପଦିନେ
ଯିବେ କଟକ ଭୂଇଁ । ଏ କଥା ଶୁଣି ମୋ ଦୁଃଖ
ଜ୍ଵଳନ । ଦହନ କରୁଛି ଚିତ୍ତ କାନନ । କି
ହେଲା କି ହେଲା । ବିଧାତା ଏଥି ବିଘ୍ନର ନ
କଲା । ୬ ।
ପଶ୍ଚିମର ନାହିଁ ମିତ୍ରାମିତ୍ର । ସ୍ଥାୟୀ ହେବାର
ଅଟଇ ବିଚିତ୍ର । ଏପରି ଚିନ୍ତିତ ହେଲେ କି
ହେବ । ଏହାଙ୍କୁ ଯେ ନେଉଅଛୁ ସାହେବ ।
ଗୃହାଦେଶ କାର । ଲଙ୍ଘନ କରିବାକୁ ଅଛି
ବଳ । ୭ ।
ନହାମହିମ ଅଟ ଜଗଦୀଶ । ଚତୁର୍ଦ୍ଦଶ ଭୁବ-
ନେ ଖ୍ୟାତ ଯଶ । ତେଣୁ ମୋହର ଏହି
ନିବେଦନ । ସବିନୟେ କରୁଅଛି ଜଣାଣ ।
ଏ ମହାଶୟଙ୍କ । ପ୍ରତି ଅନୁକମ୍ପା ରଖ ଅଧିକ ॥
ସୁଜନ ଜନଙ୍କ ପ୍ରତି ପ୍ରାର୍ଥନା । ଦୋଷ କ୍ଷମା
କର ମୋହର ସିନା । ସର୍ବଂସହାସୁର ନାମ
ଗୋବିନ୍ଦ । ନବମପଦେ ପୂର୍ତ୍ତି କଲି ଛନ୍ଦ ।
ଏ ଦୁଃଖ କାହାଣୀ । ମୋ ଦୁଃଖ ଦୂର କର
ଚକ୍ରପାଣି । ୯ ।

ବାଂ ଢେଙ୍କାନାଳ ।ମ୍ରା ଧଲପୁର ସ୍କୁଲ ।

ବଶମ୍ବଦ
ଶ୍ରୀ ଗୋବିନ୍ଦ ମିଶ୍ର ଶର୍ମା
ଶିକ୍ଷକ

---

ମହାଶୟ !

ବର୍ତ୍ତମାନ ଏ ଅଞ୍ଚଳରେ ବସନ୍ତ ରୋଗର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଅଛି । ପ୍ରାୟ ଶତ ଶତ ମହାପ୍ରାଣୀ ଏହା କବଳରେ ପତିତ ହେଉ ଅଛନ୍ତି ଯଦି କର୍ତ୍ତୃପକ୍ଷମାନେ ଏଠାକୁ ଜଣେ ଡାକ୍ତର ପଠାଇ ଦେବେ ତାହା ହେଲେ ଅନେକ ଲୋକଙ୍କ ପ୍ରାଣ ରକ୍ଷା ହେବ ଅତଏବ ଏ ବିଷୟରେ ଆପଣ ମହାମତି ଦେଇ ମୋହର ଏହି ପତ୍ରଖଣ୍ଡିକ ପ୍ରକାଶ କରିବା ହେବେ ।

ଭବଦୀୟ ବଶମ୍ବଦ
Lala Fakir Churn Rai
Master Zl. Kuhoori Gur
Killah Khorda

---

Mr. Editor,

Kindly insert the following in your columns.

The road passing to the east of the college walls is in a wretched state, as also the road leading from Shahebzada Bazar to Bakhrabad and

passing by the Normal School and the house of Dompara Raja, Hurry Churn Babu and others. Plenty of dust you shall find in them if any day you have the bad fortune of having recourse to those roads. The clothes will be soiled with one mass of dust from top to toe. Let us hope that the Municipal authorities forgetting their usual dilatoriness, will take up their repairs as soon as possible. The first road especially should be made *pucca* as it is largely resorted to by students and Cutchery-wallahs.

*Pro Bono Publico.*

---

କଟକ ଗୁରୁବିଭାଗସ୍ଥ ନିମ୍ନଲିଖିତ ଛାତ୍ରମାନେ ୧୮୮୨ ମସିହା ଡିସମ୍ବର ମାସରେ ପରୀକ୍ଷା ଦେଇ ଯେଉଁ୨ ଶ୍ରେଣୀରେ ପାଶ କରିଅଛନ୍ତି ତାହା ନିମ୍ନରେ ଲିଖିତ ହେଲା ।—

| | |
|---|---|
| ଶ୍ରୀ ବାଞ୍ଛାନିଧି ନାୟକ | ପ୍ରଥମ ଶ୍ରେଣୀ |
| „ ଅଭିରାମ ନାୟକ | „ |
| „ ନନ୍ଦ ପଟ୍ଟନାୟକ | „ |
| „ ପଦ୍ମଚରଣ ପଟ୍ଟନାୟକ | „ |
| „ ହରେକୃଷ୍ଣ ମହାନ୍ତି | „ |
| „ ଦୟାନିଧି ଦାସ | „ |
| „ ପଠାଣୀ ପଟ୍ଟନାୟକ | „ |
| „ ରଘୁନାଥ ପଟ୍ଟନାୟକ | „ |
| „ ଗିରିଧର ମହାପାତ୍ର | „ |
| „ ଶ୍ରୀମନ୍ତ ନାୟକ | „ |
| „ ବାଞ୍ଛାନିଧି ମିଶ୍ର | ୨ୟ ଶ୍ରେଣୀ |
| „ ସ୍ୱପନ ନାୟକ | „ |
| „ ଗୋପାଳଚରଣ ନାୟକ | „ |
| „ ରତ୍ନାକର ଦାସ | „ |
| „ କୃଷ୍ଣକୃଷ୍ଣ ନାୟକ | „ |
| „ କୃପାସିନ୍ଧୁ ପଟ୍ଟନାୟକ | „ |
| „ ମଦନମୋହନ ପଟ୍ଟନାୟକ | „ |
| „ କୃତ୍ତିବାସ ଦାସ | „ |
| „ ବଡ଼କୋଦଣ୍ଡ ନାୟକ | „ |

୧୫।୨।୮୩ }
ଟ୍ରେନିଂ ସ୍କୁଲ } Dwarkanath Chakravarty
*Superintendent.*

---

NOTICE.

By order of the Road Cess Committee will be sold by Public Auction at noon on the 15th March 1883 at the Road Cess Office Collectorate Cuttack the following lands situate in Purgunnah *Bakrabad* Mouza *Jobra.*

No. 1—The *Plot of land.* Bounded on the North by the Taladanda Road, on the West by the lands occupied by the Irrigation Department D. P. W. bordering the Taldanda Canal, and on the East and South by the road leading to No. 2 Canal Bridge measuring about.

| M. G. B. | | M. G. B. |
|---|---|---|
| 14. 9. 11. Viz: part of settlt. | No. 281-1. | 5. 0. |
| Do. „ | No. 286-1. | 5. 0. |
| Do. „ | No. 285-11 | 24 11 |
| | | 14. 9. 11. |

This is planted with fruit, exotic and other trees and ornamental shrubs and laid out as a garden with gravelled paths, and contains a small tank also gardeners' house and shed.

There are also in it several interesting ancient sculptures.

No. 2—The Plot of land bounded on the North by the garden of Virua Naidu, South by the reserved land bordering the Taldanda Road, West by mound and Hedge defining land lately purchased from the Road Cess Department by the Irrigation Department of the D. P. W. and East by the reserved land bordering the Jobra Road measuring about M. 2-G. 3-B. 8½ being part of settlement Number 231.

Map of Plots can be inspected and any further particulars afforded by application at the Road Cess Office.

CUTTACK }
15—2—83. } Sd. F. Jones
*Collector & Chairman Road Cess Committee.*

---

NOTICE.

For sale by Public Auction at Khorda on the 12th March next the Government elephant Rani. Upset price Rs. 600.

Khorda, The 9th February, 1883. } W. C. Taylor, *Settlement officer.*

ବିଜ୍ଞାପନ ।

ଅଗାମୀ ମାର୍ଚ୍ଚମାସ ତା ୧୨ ଦିନରେ ଖୋର୍ଦ୍ଧା ମୁକାମରେ ରାଣୀ ନାମକ ସରକାରୀ ହସ୍ତୀ ନିଲାମ ହେବ । ସରକାରୀ ଡାକ ଟ ୬୦୦୲ ଙ୍କା ।

ଖୋର୍ଦ୍ଧା
ତା ୯ ମାହେ ଫେବୃଏରୀ
ସନ ୧୮୮୩ ମସିହା । } W. C. Taylor, ସେଟଲମେଣ୍ଟ ଅଫିସର ।

ଗବର୍ଣ୍ଣମେଣ୍ଟ ହିପ୍ପୋନା ଫେବ୍ରୁଅରିକ୍ ।

ଏହା ଦ୍ୱାରା ଜଣାଯାଉଅଛି ଯେ କଟକ ଗବର୍ଣ୍ଣମେଣ୍ଟ ଗେଜେଟରେ ଗୁଡ଼ିକ ଦୋକାନ ଦୁଇ ପ୍ରକାର ପଦାର୍ଥ ଦ୍ୱାରା ଜାଣେ ଡାକ ୭ ଦେଶୀୟ ଔଷଧାଳୟରେ ଚିକିତ୍ସା ହୁଅନ୍ତି । ଚିକିତ୍ସା ପ୍ରଣାଳୀ ଗାର୍ଡ଼ନ ମୁଖ୍ୟ ମାନଙ୍କ ଚଳିତ ଡାକରେ ମିଳିପାରେ ଯଥା;—

ଡାକନାମ ଅନୁସାରେ ଔଷଧ ୮୦ଙ୍କା । ୮ ଅଉନ୍ସ ଟ ୧୧ ଙ୍କା । ୧୬ ଅଉନ୍ସ ଟ ୨୦୷ ମୂଲ୍ୟ ଦେବ ।

---

NOTICE

Is hereby given that the sailing Vessel "Alice" ( Length 35'. 8", Beam 8'. 8", with a Cabin length 12'. 4" Beam 6'. 2", height 5' ) will be sold at Cuttack by public auction, the reserve price being Rs. 300. The sale will be held in the office of the Collector of Customs Cuttack on the 15th March 1883 The Vessel will be on view at Jobra Ghat from the 15th February 1883.

ବିଜ୍ଞାପନ ।

ଏଲିସ ନାମକ ଏକ ପାଲିଟଣା ବୋଟ ଯାହାର ଦୈର୍ଘ୍ୟ ଫୁ ୩୫।୮ ଇଞ୍ଚ, ପ୍ରସ୍ଥ ଫୁ ୮।୮ ଇଞ୍ଚ ଓ ସେଥିରେ ଥିବା ଏକ ଛୋଟ କୋଠରି ଯାହାର ଦୈର୍ଘ୍ୟ ଫୁ ୧୨।୪ ଇଞ୍ଚ, ପ୍ରସ୍ଥ ଫୁ ୬।୨ ଇଞ୍ଚ, ଉଚ୍ଚ ଫୁ ୫, କଟକ କଷ୍ଟମ କଲେକ୍ଟର ସାହେବଙ୍କ କଚେରିରେ ଆଗାମୀ ମାର୍ଚ୍ଚମାସ ତା ୧୫ ରିଖ ନିଲାମ ହେବ । ସରକାରୀ ଡାକ ଟ ୩୦୦ ଙ୍କା ।

ଜଣା ହେଲେ ଜୋବ୍ରା ଘାଟରେ ଦର୍ଶକମାନଙ୍କ ଦେଖିବା ନିମିତ୍ତ ତା ୧୫ ରିଖରୁ ରଖା ହୋଇଅଛି ।

କଟକ }
୧୫।୨।୮୩ } ( Sd. ) F. Jones, *Offg. Collector of Customs.*

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ପାଇଁ

| | |
|---|---|
| ଆଠ ଧାଡ଼ି | ଟ ୦।୰ |
| ଏଥି ଉପରକୁ | ଟ ୵୧ |
| ପୁଣି ଏକ ଥରକୁ | ଟ ୷୧ |

ମାତ୍ର ଯେକୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପାଇଁ ଦର ପ୍ରଥମ ଥର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥର ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବ୍ରଜକୁମାର ଘୋଷ ଉକିଲ | ଅଗ୍ରିମ | ଟ ୬୷ | |
| ଶ୍ରୀ ବାଇରଣା ହେବ | ମଲ୍ଲିକପୁର | ବକେୟା | ଟ ୫୧ |
| ଶ୍ରୀ ପାଦ୍ରି ବେଇଲି ହେବ | ଜୁଟ୍ଟାପୁର | ଅଗ୍ରିମ | ଟ ୬। |
| ଶ୍ରୀ ପାଦ୍ରି ବସାନ ସାହେବ | ପିପିଲି | ବକେୟା | ଟ ୩୧ |

---

ଏହି ଉତ୍କଳଦୀପିକା ପତ୍ରିକା କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା

ଭା ୧୮ ଶ
ସ ୮ ସଂଖ୍ୟା

ତା ୨୬ ଦଶ ମାହେ ଫିବ୍ରୁଏରୀ ସନ ୧୮୮୭ ମସିହା । ମୂ । ଫାଲ୍‌ଗୁନ ଦ ୧୪ କ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
| --- | --- | --- |
| ବାର୍ଷିକ | ଟ ୫ ୧ | ଟ ୬୧ |
| ଡାକମାସୁଲ | ଟ ୦ ।୫ | ଟ ୧୧ |


ଅମୃତଶାସନ ସମ୍ପର୍କୀୟ ବଙ୍ଗଳା ବ୍ୟବସ୍ଥାପକ ସଭାରେ ଅଗତ ହୋଇଥିବା ପାଣ୍ଡୁଲିପିମାନ ବିବେଚନା କରିବାକାରଣ ଗତ ଶୁକ୍ରବାର ସାଢ଼େ ଅଠଘଣ୍ଟା ସମୟରେ ହାଇକୋର୍ଟ ସଭାର ଅଧିବେଶନ ହେବାର ଥିଲା ମାତ୍ର ସାଢ଼େ ଛଅଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରିବାରେ ଜ ୧୭ ଣରୁ ଅଧିକ ସଭ୍ୟ ଉପସ୍ଥିତ ହେଲେ ନାହିଁ । ନିୟମାବଳୀ ଅନୁସାରେ ଜ ୨୦ ଣ ସଭ୍ୟ ଏକତ୍ରିତ ନ ହେଲେ କାର୍ଯ୍ୟ ହେବ ନାହିଁ ସୁତରାଂ ସଭା ସ୍ଥଗିତ ରହିଲା ସଭ୍ୟମାନଙ୍କର ଅମୃତଶାସନ ସମ୍ବନ୍ଧରେ ଏତେ ଅନୁରାଗ ଏବଂ ଉତ୍ସାହ ଏତେ ଶୀଘ୍ର ଶୀତଳ ହୋଇଯିବାର ଦେଖି ଆମ୍ଭେମାନେ ନିତାନ୍ତ ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଅଛୁଁ । ଅମ୍ଭେମାନେ ଆଶା କରୁଁ କି ସଭ୍ୟମାନଙ୍କେ ଏହି ତ୍ରୁଟି ସକାଶେ ଅନୁତାପ କରି ଦେଶବ୍ୟାପକ ସଭାର ଉଦ୍ଦେଶ୍ୟ ସଫଳ କରିବା ବିଷୟରେ ନିରନ୍ତର ଯତ୍ନବାନ୍ ହେବେ । ସଭାର ମାନେଜିଂ କମିଟୀ ଏଥିମଧ୍ୟରେ ମିଉନିସିପାଲିଟି ଆଇନ ସଂଶୋଧନ ବିଷୟକ ପାଣ୍ଡୁଲିପିର ବିଚାର ଆରମ୍ଭ କରିଅଛନ୍ତି ସମସ୍ତ ସଭ୍ୟଙ୍କୁ ଏ ବିଷୟରେ ବିଶେଷରୂପେ ମନୋଯୋଗୀ ହେବାର ଉଚିତ ।

---

ଗବର୍ଣ୍ଣମେଣ୍ଟ ଓଡ଼ିଆ ଅନୁବାଦକଙ୍କ ପଦର ସ୍ଥିର ବନ୍ଦୋବସ୍ତ ଏତେଦିନେ ହେଲା । ପ୍ରାୟ ଆ ମା୧୦ ସ ପାଦ୍ରି ମିଲର ସାହେବ ଏକଟିଂ ଅନୁବାଦକ ସ୍ୱରୂପ ଏ କାର୍ଯ୍ୟ ନିର୍ବାହ କରୁଥିଲେ ଏବଂ ତାହାଙ୍କ ଯୋଗ୍ୟତା ବିଷୟରେ କୌଣସି ଆପତ୍ତି ନ ଥିଲେହେଁ କେବଳ ବୟୋଧିକ ହେତୁରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତାହାଙ୍କୁ ଏ ପଦରେ ବାହାଲ କରିବାକୁ ଅନିଚ୍ଛୁକ ହୋଇ ବାବୁ ମଧୁସୂଦନ ରାଓଙ୍କ ଯୋଗ୍ୟତା ବିଷୟରେ କମିଶନର ସାହେବଙ୍କ ମତ ପ୍ରାର୍ଥନା କରିଥିଲେ ଏଥି ମଧ୍ୟରେ ପାଦ୍ରି ମିଲର ସାହେବ ଇଚ୍ଛାପୂର୍ବକ ଉକ୍ତ କାର୍ଯ୍ୟ ତ୍ୟାଗ କଲେ ଏବଂ ବାବୁ ଚତୁର୍ଭୁଜ ପଟ୍ଟନାୟକ ଏହି କର୍ମ ପାଇଁ ଦରଖାସ୍ତ କରିବାରେ କମିଶନର ସାହେବ ତାହାଙ୍କ ପ୍ରାର୍ଥନାକୁ ଅଗ୍ରଗଣ୍ୟ କରି ଅନୁରୋଧ କରିବାରୁ ମାନ୍ୟବର ଲେଫ୍‌ଟେଣାଣ୍ଟ ସାହେବ ଚତୁର୍ଭୁଜ ବାବୁଙ୍କୁ ଓଡ଼ିଆ ଅନୁବାଦକ ପଦରେ ନିଯୁକ୍ତ କରିଅଛନ୍ତି ପରିଶେଷରେ ଏ କାର୍ଯ୍ୟଟି ଓଡ଼ିଆଙ୍କ ହାତକୁ ଆସିଲା ବଡ଼ ସୁଖର ବିଷୟ ଅଟଇ ଏବଂ ଚତୁର୍ଭୁଜ ବାବୁ ଓଡ଼ିଶାର ଜଣେ ପ୍ରଥମ ବି, ଏ ଉପାଧିଧାରୀ ହୋଇଥିବାରୁ କମିଶନର ସାହେବ ତାହାଙ୍କ ଦାବି ଅଗ୍ରଗଣ୍ୟ କରିବାରେ ଅନ୍ୟାୟ କରି ନାହାନ୍ତି ।

---

ଏଥର ବି, ଏଲ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଜ ୭ ଣ ଏବଂ ଦ୍ୱିତୀୟ ଶ୍ରେଣୀରେ ଜ ୮୯ ଣ ସର୍ବସୁଦ୍ଧା ଜ ୯୬ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏହି ଜ ୯୬ ଣ ମଧ୍ୟରୁ ଏକା ପ୍ରେସିଡେନ୍ସି କଲେଜର ଛାତ୍ର ୫୪ ଅର୍ଥାତ ଅର୍ଦ୍ଧେକରୁ ଅଧିକ ଅଟନ୍ତି । ଅନ୍ୟାନ୍ୟ କଲେଜ ମଧ୍ୟରେ ପାଠଶାରୁ ୭ ଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ପାରଦର୍ଶିତା ଅନୁସାରେ ମେଟ୍ରୋ ଲିଟନ କଲେଜ ପ୍ରଥମ ଢାକା କଲେଜ ୨ ୟ ପ୍ରେସିଡେନ୍ସି କଲେଜ ୩ ୟ ସ୍ଥାନ ପାଇଅଛି । ମେଟ୍ରୋପଲିଟନ କଲେଜଟି ବିଖ୍ୟାତ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ସ୍ଥାପିତ ଏବଂ ଏହି ବର୍ଷ ଏଠା ଛାତ୍ର ପ୍ରଥମ ହୋଇ ଏ ପରୀକ୍ଷା ଦେଲେ । ପ୍ରଥମ ଉଦ୍ୟମରେ ଏପରି ଉତ୍କୃଷ୍ଟ ଫଳ ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ ଏବଂ ଏଥିପାଇଁ ପଣ୍ଡିତଚୂଡ଼ାମଣି ବିଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଦୀର୍ଘକାଳରୁ ଆତ୍ମତ୍ୟାଗ ସ୍ୱୀକାର ପୂର୍ବକ ସେ ବିଦ୍ୟାଦାନରେ ଯେଉଁ ନିରବଚ୍ଛିନ୍ନ ଅନୁରାଗ ଦେଖାଇ ଆସୁଅଛନ୍ତି ଏହି ଆଶାତୀତ ଶୁଭଫଳକୁ ସେହି ପୁଣ୍ୟର ଫଳ ବୋଲିବାକୁ ହେବ ସନ୍ଦେହ ନାହିଁ । ଏହି ବିଦ୍ୟାଳୟରୁ ସର୍ବସୁଦ୍ଧା ଜ ୧୪ ଣ ଏଥର ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

ବାଲେଶ୍ୱରର ମିଉନିସିପାଲିଟୀ ଉକ୍ତ ନଗର ମଧ୍ୟରେ ଠାବେ୨ ସାଧାରଣଙ୍କ ବ୍ୟବହାର ନିମିତ୍ତ ପ୍ରସ୍ରାବ କରିବାର ଘର ବା ଗୃମୂତ୍ର ପ୍ରସ୍ତୁତ କରିବାକୁ ଆରମ୍ଭ କରିଥିବାରୁ ସମ୍ବାଦବାହିକା ଆନନ୍ଦ ପ୍ରକାଶ କରିଅଛନ୍ତି କିନ୍ତୁ ପୁରୀ ମିଉନିସିପାଲିଟୀ ଅବଧି ସେ ଅଭାବ ଦୂର କରିବା ପକ୍ଷରେ ଆଦୌ ଯତ୍ନବାନ୍ ହୋଇ ନାହାନ୍ତି ଅଥଚ ବାଟରେ ପ୍ରସ୍ରାବ କରିବା ଯାତ୍ରିମାନଙ୍କ

Digitized by srujanika@gmail.com

ପାଞ୍ଚ ଅଇନାନୁସାରେ ଜମାଦାରମାନେ ଗୁଳନ ଦେଇ ଦଣ୍ଡିତ ଓ ସ୍ୱଚରେ କରୁଥିବାର ଦେଖି ପୁରୁଷୋତ୍ତମ ପତ୍ରିକା ଅତ୍ୟନ୍ତ ଦୁଃଖିତ ହୋଇଅଛନ୍ତି । ବାସ୍ତବରେ ଅପରାଧ ନିବାରଣର ଉପାୟ କରିବା ପୂର୍ବରୁ ଲୋକଙ୍କୁ ଧରି ଦଣ୍ଡ ଦେବା ନିତାନ୍ତ ଅନ୍ୟାୟ ଏବଂ ଏ ବିଷୟରେ ପୁରୀ ମିଉନିସିପାଲିଟୀ ବାଲେଶ୍ୱର କଟକାଠାରୁ ଶୀଘ୍ର ଉପଦେଶ ଗ୍ରହଣ କଲେ ଅତ୍ୟନ୍ତ ସୁଖର ବିଷୟ ହେବ । କଟକ ମିଉନିସିପାଲିଟୀ ଏ ବିଷୟରେ ଏକ ପ୍ରକାର ମଧ୍ୟବର୍ତ୍ତୀ ସ୍ଥାନ ଅଧିକାର କରି ଅଛି । ଏଠାରେ ପ୍ରସ୍ରାବ କରିବାର ସ୍ଥାନ ନାହିଁ ଲମ୍ବା ସଡ଼କ ପାଖରେ ମୂତ୍ରତ୍ୟାଗ କଲେ ତହିଁ ପାଇଁ ଧରାଧରି ନାହିଁ । ଏଠାରେ ଉପାୟ ଓ ଅପାୟ ଦୁଇର ଅଭାବ ଅଛି ଏବଂ ସମସ୍ତ ବିବେଚନାରେ ଏହାକୁ ଆମ୍ଭେମାନେ ମନ୍ଦ ବୋଲି ନ ପାରୁଁ । କାରଣ ଆମ୍ଭେମାନେ ଅନୁମାନ କରୁଁ କି ସହରରେ [illegible] ନାଳମାନ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ପ୍ରସ୍ରାବର ସ୍ଥାନ ପ୍ରକୃତରୂପେ କାର୍ଯ୍ୟକର ହୋଇ ନ ପାରେ । ବରଂ ଏହି ନିର୍ଦ୍ଦିଷ୍ଟ ସ୍ଥଳରେ ଅଧିକ ମୂତ୍ର ଜମା ହେବାଦ୍ୱାରା ଅଧିକ ଦୁର୍ଗନ୍ଧ ବିସ୍ତାରର ସମ୍ଭାବନା ।

---

ଇଂଲଣ୍ଡରେ ବଣିକ ସମ୍ପ୍ରଦାୟର ପ୍ରଭାବେ ସାମୟିକ ଭୋଜ ହେବାର ନିୟମ ଅଛି ଯେ ସେଥିରେ ନାନା ବିଷୟର କଥା ବାର୍ତ୍ତା ସେଠାରେ ହୋଇ ଥାଏ । ଭାରତବର୍ଷ ମଧ୍ୟ ଯଥା ନିୟମରେ ଭୋଜ କିମ୍ବା ସମ୍ଭବ ହୋଇଅଛି । ବଡ଼ଲାଟ ସାହେବ ପ୍ରଭୃତି ବଡ଼ ବଡ଼ ଲୋକେ ଯେପରି ସାଧାରଣତଃ ଏ ଭୋଜରେ ଯୋଗ ଦେଇ ଥାନ୍ତି ଏବର୍ଷ ମଧ୍ୟ ସେହିପରି ହୋଇଥିଲା । ଆମ୍ଭମାନଙ୍କ ହାଇକୋର୍ଟର ପ୍ରଧାନ ଜଜ ସାହେବ ମହୋଦୟ ହାଇକୋର୍ଟ ଜଜ ମାନଙ୍କର ବେତନ ବର୍ଦ୍ଧିତ ହେବା ସମ୍ବନ୍ଧରେ କହିଲେ ଯେ ଷ୍ଟାମ୍ପ ବିକ୍ରୟଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଉତ୍ତରୋତ୍ତର ଯେପରି ଆୟବୃଦ୍ଧି ହେଉଅଛି ତହିଁକି ଦୃଷ୍ଟି କଲେ ହାଇକୋର୍ଟ ଜଜମାନଙ୍କର ବେତନ ଊଣା କରିବାର କେବେହେଁ ଉଚିତ ନୁହ । ସନ ୧୮୮୧ ମସୀହରେ ଏହାଦ୍ୱାରା ଟ ୨୧୬୭୬୭୦୧ ଙ୍କା ଗତ ବର୍ଷରେ ଷ୍ଟାମ୍ପଦ୍ୱାରା ଟ ୨୭୬୨୧୬୧ ଅଧିକା ଆମଦାନି ହୋଇଅଛି । ଅବଶ୍ୟ ଯେତେବେଳେ ଗବର୍ଣ୍ଣମେଣ୍ଟଙ୍କର ଷ୍ଟାମ୍ପଦ୍ୱାରା ଆୟ ବୃଦ୍ଧି ହେଉଅଛି କେତେବେଳେ ଏହିଲ ଅବଧ୍ୟ କରିବାର ଉଚିତ ହେଉ ନାହିଁ ମନ୍ତ୍ର ତାହା ନ ହେଲେ ମଧ୍ୟ ପ୍ରଧାନ ବିଚାରପତି ପକ୍ଷେ ଏପ୍ରକାର ବକ୍ତୃତା ଲାଘବର ଦୃଷ୍ଟାନ୍ତ ଅନାବଶ୍ୟକ । ହାଇକୋର୍ଟ ପ୍ରଧାନ ବିଚାରପତି, ଅନ୍ୟାନ୍ୟ ଅଦାଲତରେ ଯେଉଁ କାର୍ଯ୍ୟମାନ ହୁଏ ତହିଁର ଦୋଷ ଗୁଣ ଏହିଠାରେ ବିଚାର ହୁଏ । ଏଠାର ଜଜମାନେ ଅତି ଉପଯୁକ୍ତ ହେବା ବାଞ୍ଛନୀୟ ଏବଂ ବେତନ ଅଳ୍ପ ହେଲେ ଯେତେଦୂର ଉପଯୁକ୍ତ ଲୋକେ ମିଳିବେ ତାହା ସହଜରେ ଅନୁମାନ କରି ଯାଇ ପାରେ । ଫଳ ମଧ୍ୟରେ ବେତନ ହ୍ରାସ ହେଲେ ଲୋକଙ୍କର ଯାହା ହାଇକୋର୍ଟ ପ୍ରତି ଏକାନ୍ତ ବିଶ୍ୱାସ ଅଛି ତାହା ଟଳି ଯିବ ଓ ସାମାନ୍ୟ ଅର୍ଥ ସଞ୍ଚୟ ଉଦ୍ଦେଶ୍ୟରେ ସେ ନ୍ୟାୟ ଗଉର ହେବାଟା ସହ୍ୟ କରିବାକୁ ଲୋକେ ସ୍ୱୀକୃତ ହେବେ ଏହା କଦାଚ ଆମ୍ଭେମାନେ କହି ନ ପାରୁଁ ।

---

ଅମ୍ଭମାନଙ୍କ ଗବର୍ଣ୍ଣର ଜେନରଲ ମହାମାନ୍ୟ ଲର୍ଡ ରିପନ ସାଧାରଣ ମତ ପ୍ରତି ବିଶେଷ ଆସ୍ଥା ରଖିବାର ଦୁଇ ନୂତନ ଉଦାହରଣମାନ ଦେଖାଇ ଅସ୍ମଦେଶୀୟମାନଙ୍କ କୃତାର୍ଥ କରୁଅଛନ୍ତି । ସମ୍ବାଦପତ୍ରଦ୍ୱାରା ସାଧାରଣ ମତ ଜାଣିବାର ବିଶେଷ ଉପାୟ କରିବା କଥା ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ଥିଲୁଁ । ସମ୍ପ୍ରତି ଏତଦ୍ଭିନ୍ନ ସେ କ୍ଷାନ୍ତ ନ ହୋଇ ବ୍ୟବସ୍ଥାପକ ସଭାରେ ଯେପରି ସକଳ ସମ୍ପ୍ରଦାୟର ପ୍ରତିନିଧି ଏକତ୍ରିତ ହୁଅନ୍ତି ତହିଁର ସୁନ୍ଦର ଉପାୟ କରୁଅଛନ୍ତି । ପାଠକମାନେ ଜାଣନ୍ତି ଯେ ଜମିଦାରଙ୍କ ପ୍ରତିନିଧି ସ୍ୱରୂପ ଭାରତବର୍ଷୀୟ ସଭାର ଅନୁମୋଦିତ ମତେ ବାବୁ କୃଷ୍ଣଦାସ ପାଲ ସମ୍ପ୍ରତି ବଡ଼ଲାଟଙ୍କ ଆପଣା ସଭାର ଜଣେ ସଭ୍ୟ ନିଯୁକ୍ତ ହୋଇଅଛନ୍ତି ଏବଂ ଏହି ଉଦ୍ଦେଶରେ ଦ୍ୱାରଭଙ୍ଗାର ରାଜାଙ୍କୁ ମଧ୍ୟ ସେହି ସଭାରେ ଆସନ ଦେଇଅଛନ୍ତି । ଏମାନଙ୍କଦ୍ୱାରା ଜମିଦାରଙ୍କ ସ୍ୱତ୍ୱ ରକ୍ଷା ବିଶେଷରୂପେ ହେବ ଏବଂ ନୂତନ ଖଜଣା ସମ୍ପର୍କୀୟ ଆଇନର ବିଚାର ସମୟରେ ଏମାନଙ୍କ ସାହାଯ୍ୟ ଅମୂଲ୍ୟ ହେବ ସନ୍ଦେହ ନାହିଁ । ନୀଳକରଙ୍କ ସ୍ୱତ୍ୱ ରକ୍ଷା ଉଦ୍ଦେଶରେ ଜଣେ ନୀଳକର ପ୍ରତିନିଧିକୁ ଉକ୍ତ ସଭାକୁ ନେବାର କଳ୍ପନା କରୁଅଛନ୍ତି ଏବଂ ପ୍ରଜାଙ୍କ ପକ୍ଷ ସମର୍ଥନ ନିମନ୍ତେ ଜଣେ ପ୍ରଜାପ୍ରତିନିଧି ମଧ୍ୟ ନେଉଅଛନ୍ତି । ସୁଶିକ୍ଷିତ ବ୍ୟକ୍ତିର ଉକ୍ତ ବ୍ୟବସ୍ଥାପକ ସଭାରେ ଏ ସମୟରେ ଅତ୍ୟନ୍ତ ଆବଶ୍ୟକ ଏକଥା ବୋଲିବା ବାହୁଲ୍ୟ ଏବଂ ଲୋକେ ଏ ପ୍ରସ୍ତାବ କରିବା ପୂର୍ବରୁ ମହାମାନ୍ୟ ଲାଟ ସ୍ୱୟଂ ସେ ଆବଶ୍ୟକତା ବୁଝିଅଛନ୍ତି ଏଥିପାଇଁ ସେ ସମସ୍ତଙ୍କର ପ୍ରଶଂସା ଓ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଏଥର ଏହି ପଦକୁ ଯୋଗ୍ୟ ଏହି ବିଷୟ କଲିକତାର ସମ୍ବାଦପତ୍ରମାନଙ୍କରେ ଆନ୍ଦୋଳନ ହେଉଅଛି ଏବଂ ବାବୁ ଲାଲମୋହନ ଘୋଷ ବାବୁ ସୁରେନ୍ଦ୍ରନାଥ ବାନାର୍ଜ୍ଜୀ ଡବଲିଉ ସି ବାନାର୍ଜ୍ଜୀ ସାହେବ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ପ୍ରଭୃତି କେତେ ଦଶ ଲୋକଙ୍କର ଏ ସମ୍ପର୍କରେ ନାମୋଲ୍ଲେଖ ହୋଇଅଛି । ଏମାନଙ୍କ ମଧ୍ୟରୁ ଯେ ମନୋନୀତ ହେବେ ଅଳ୍ପ ଦିନରେ ଜଣା ପଡ଼ିବ । ଯାହା ହେଉ ପୂର୍ବେ ଯେମନ୍ତ କେବଳ ଗୋରା ସହିତ କେତେ ଜଣ ରାଜା ମହାରାଜାଙ୍କୁ ଉକ୍ତ ସଭାରେ ଆସନ ଦିଆ ଯାଉଥିଲା ଏଣିକି ସେମନ୍ତ ନ ହୋଇ ଯୋଗ୍ୟଲୋକଙ୍କୁ ନେଉଅଛନ୍ତି ଏହା କେବଳ ଲର୍ଡ ରିପନଙ୍କ ଗୌରବ ଅଟଇ ।

---

ନିଗ୍ରୋମାନେ ସ୍ୱାଧୀନ ଓ ସ୍ୱତନ୍ତ୍ର ହୋଇ ସର୍ବତ୍ର ବିଖ୍ୟାତ । ଏହି ଗୁଣ ହେତୁରୁ ଆମେରିକା ଇଂଲଣ୍ଡ ପ୍ରଭୃତି ସଭ୍ୟଦେଶମାନଙ୍କର ମହାସଭାରେ ନିଗ୍ରୋମାନଙ୍କୁ ଅନେକ ସ୍ଥାନ ଅଧିକାର କରିବାର ଦେଖାଯାଏ । ଏହି ଭାରତବର୍ଷରେ ଆତ୍ମଶାସନପ୍ରଣାଳୀ ପ୍ରଚଳିତ ହେବାର କଥା ହେବା ମାତ୍ରକେ ଯେତେବେଳେ ଚତୁର୍ଦ୍ଦିଗରେ ମହାନ୍ ଆନ୍ଦୋଳନ ହେଲା ଏବଂ ମିଉନିସିପାଲ ପ୍ରଭୃତି କମିଟିର ସଭ୍ୟ ନିର୍ବାଚନ ପ୍ରଣାଳୀରେ ନିଯୋଗ କରିବା ଉଚିତ ବୋଲି ସମସ୍ତେ ଏକବାକ୍ୟ ହୋଇ କହିଲେ ସେତେବେଳେ ଅନ୍ୟାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉତ୍କଳ ମନ୍ତ୍ରୀରଙ୍କୁ ଅଗ୍ରଗଣ୍ୟ କଲେ । ତହିଁର କାରଣ କେବଳ ଉପରଲିଖିତ ଗୁଣ ଅଟଇ । କିନ୍ତୁ ଦୁଃଖର ବିଷୟ ଯେ ଏଥି ମଧ୍ୟରେ ଉତ୍କଳଙ୍କର ସେହି ଗୁଣରେ ସନ୍ଦେହ ଜାତ ହେବାର ଉଦାହରଣ ଶୁଣିବାରେ ଆସିଲାଣି । ବଙ୍ଗବାସିରେ ପାଠ କଲୁଁ କି ମାନ୍ୟବର ଛୋଟ ଲାଟ ସାହେବ ଗତ ଥର ଉତ୍କଳରେ ବର୍ତ୍ତମାନର ମିଉନିସିପାଲ କମିଶନରଙ୍କ ସହିତ ନୂତନ ଆଇନର ପ୍ରସଙ୍ଗ ପକାଇ [illegible] ବ୍ୟକ୍ତିକୁ ମିଉନିସିପାଲିଟିର ସଭାପତି କରିବାକୁ ହେବ ଏହି ପ୍ରଶ୍ନ କରନ୍ତେ

Digitized by srujanika@gmail.com

କମିଶ୍ନରଙ୍କ ମଧ୍ୟରୁ ବାବୁ ରାମଲାଲ ମୁଖର୍ଯ୍ୟା ନାମକ ଜଣେ ଉକିଲ ଅତି ଅଗ୍ରସର ହୋଇ କହିଲେ "ଅମ୍ଭମାନଙ୍କର ବର୍ତ୍ତମାନ ସଭାପତି (ଅର୍ଥାତ ମାଜିଷ୍ଟ୍ରେଟ ଲର୍ମୈନା) ବଡ଼ ଉତ୍ତମ ଲୋକ ବଡ଼ ସଦାଶୟ ଅମ୍ଭମାନଙ୍କୁ ବଡ ଅନୁଗ୍ରହ କରନ୍ତି ଏହି ନିମିତ୍ତ ଅମ୍ଭମାନଙ୍କର ସଭାପତି ରହିବେ ।" ବୋଧହୁଏ ଅଧିକ ଯେ ମାଜିଷ୍ଟ୍ରେଟ ଲାର୍ମେନା ସେହି ଦରବାରରେ ଉପସ୍ଥିତ ଥିଲେ ଏବଂ ତାହାଙ୍କ ପ୍ରସନ୍ନତା ଲାଭ ସକାଶେ ଏ କଥା କହିଥିଲେ ତାହା ସମସ୍ତେ ଜାଣିପାରି ଅବାକ ହେଲେ । ଷ୍ଟେଟ ଲାଟ ସାହେବ ମଧ୍ୟ ଏଥିରେ ଆଶ୍ଚର୍ଯ୍ୟ ହୋଇ କହିଲେ ନିର୍ବାଚିତ ଯଦି ବର୍ତ୍ତମାନ ପରି ଉନ୍ନତ ସ୍ଥାନରେ ନିର୍ବାଚିତ ସଭାପତି ନ ହେବେ ଯଦ୍ୟପି ଏଠାରେ ସେହି ସରକାରୀକର୍ମଚାରୀ ମାଜିଷ୍ଟ୍ରେଟ ସଭାପତି ରହିବେ ତେବେ ନିର୍ବାଚିତ ସଭାପତି କେଉଁଠାରେ ହେବେ । ବର୍ତ୍ତମାନର ଲୋକ ଯେବେ ଏ ଭାର ଗ୍ରହଣ କରିବାକୁ ଶଙ୍କିତ ହେବେ ତେବେ କେଉଁ ସ୍ଥାନର ଲୋକ ଏ ଭାର ଗ୍ରହଣ କରିବେ । ବଙ୍ଗବାସୀ ଏହି ସମ୍ବାଦଟି ଉଲ୍ଲେଖ କରିବେ । ବଙ୍ଗବାସୀ ଏହି ସମ୍ବାଦଟି ଉଲ୍ଲେଖ କରିବେ । ବଙ୍ଗବାସୀ ଏହି ସମ୍ବାଦଟି ଉଲ୍ଲେଖ ଲିଖିତ ଅତି ସାରଗର୍ଭ ଉପଦେଶ ବାକ୍ୟଦ୍ୱାରା ଶେଷ କରିଅଛନ୍ତି ଏବଂ ଅମ୍ଭମାନେ ବିଶେଷ ରୂପେ ଅନୁରୋଧ କରୁଅଛୁଁ ଯେ ପାଠକମାନେ ଏହାକୁ ଉତ୍ତମରୂପେ ହୃଦୟଙ୍ଗମ କରିବେ । ଉପଦେଶ ବାକ୍ୟଟି ଏହି—

"ଅମ୍ଭମାନଙ୍କ ସମାଜର ବର୍ତ୍ତମାନ ଗୋଟିଏ ପ୍ରଧାନ ଦୋଷ ଏହି କି ଯାହାକୁ କୃତଘ୍ନ କଣ୍ଟା ସ୍ୱଘାତକ ମନ୍ଦ ଲୋକ ବୋଲି ଜାଣୁ ସେ ଯେବେ ଶ୍ରୀଯୁତ ଅର୍ଥବାନ୍ ଲୋକ ହୁଅନ୍ତି ତେବେ ତାହା ସଙ୍ଗେ ସମସ୍ତ ବିଶେଷରେ ହସି କଥା କହୁଁ ଆଳାପ କରୁଁ ଏକ ସଙ୍ଗରେ ବସୁଁ ଓ କହୁଁ ଖିଆପିଆ କରୁଁ । ଅମ୍ଭେମାନେ କହୁଁ ଯେଉଁ ବ୍ୟକ୍ତି ସ୍ୱଜାତିବିଦ୍ରୋହୀ ସ୍ୱଦେଶଦ୍ରୋହୀ ଧର୍ମଦ୍ରୋହୀ ତାହାର ଘର ମାଡ଼ିଲେ ତାହାର ମୁହିଁକୁ ଚାହିଁଲେ ପାପ ଅଛି । ଏହିପରି ଭାବରେ ଅମ୍ଭମାନଙ୍କର କାର୍ଯ୍ୟ କରିବା ଉଚିତ । ନୋହିଲେ ସମାଜ ଶାସନର ଆଉ ଦ୍ୱିତୀୟ ଉପାୟ ନାହିଁ ।"

---

ଝିଣ୍ଟିକାର ବୃତ୍ତାନ୍ତ ।

ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କଠାରୁ ଉଲ୍ଲିଖିତ ବିଷୟଟି ପ୍ରାପ୍ତ ହୋଇ ସମ୍ବାଦପତ୍ରଙ୍କ ଗ୍ରାହକ ଜଣିଲୁ ପ୍ରକାଶ କଲୁଁ । ଝିଣ୍ଟିକାର ଦୌରାତ୍ମ୍ୟ ଏ ପ୍ରଦେଶରେ ଅତ୍ୟନ୍ତ ହେବା ଦୃଷ୍ଟିରେ ସେମାନଙ୍କ ଉତ୍ପତ୍ତି ଓ ସ୍ୱଭାବ ବିଷୟ ଜଣା ଯିବାର ଅଳ୍ପ ସୁବିଧା ଅଛି । ଅତଏବ ପାଠକମାନେ ଏ ସମ୍ବନ୍ଧରେ କେହି କୌଣସି ସମ୍ବାଦ ଦେଲେ ଅମ୍ଭମାନେ ଆନନ୍ଦ ସହିତ ପ୍ରକାଶ କରିବୁଁ ।

"ଭାରତବର୍ଷର ଭିନ୍ନ ଭିନ୍ନ ଅଞ୍ଚଳରେ ଫଡିଙ୍ଗମାନେ କେଉଁ କେଉଁ ଅବସ୍ଥାରେ ଓ କେଉଁ କେଉଁ ସ୍ଥାନରେ ଜନ୍ମନ୍ତି ଏବଂ ସ୍ଥାନ ପରିବର୍ତ୍ତନ କରି ନାନା ସ୍ଥାନକୁ ଉଡି ଯିବାପାଇଁ ଆରମ୍ଭ କରିବା ସମୟ ପର୍ଯ୍ୟନ୍ତ ସେମାନଙ୍କ ବିବରଣ ଶୀଘ୍ର ଜାଣିବା କାରଣ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ଇଚ୍ଛା କରନ୍ତି, ଏହି ବିଷୟରେ କୌଣସି ସମ୍ବାଦ କେହି ଦେବାକୁ ଇଚ୍ଛା କଲେ ସେ ତାହା କଲିକତାସ୍ଥିତ ଇଣ୍ଡିଆନ ମ୍ୟୁଜିୟମ ଏବଂ କୃଷିସଂକ୍ରାନ୍ତ ଅଫିସକୁ ପଠାଇବେ । ଯେଉଁ ପ୍ରକାର ସମ୍ବାଦ ଆବଶ୍ୟକ ଅଛି ତାହା ରୁଷଦେଶୀୟ ପ୍ରକାଶିତ ରାଜକୀୟ ରିପୋର୍ଟରୁ ଗୃହୀତ ନିମ୍ନଲିଖିତ କଥାଦ୍ୱାରା ଜଣା ଯିବ ।

ଦେଖାଯାଏ ଯେ, ଶସ୍ୟଗ୍ରାସକାରୀ ଫଡିଙ୍ଗମାନେ କେଉଁ କେଉଁ ସ୍ଥାନରେ ଡିମ୍ବ ପାଡ଼ନ୍ତି ଏହା ଜାଣିବା ପାଇଁ ରୁଷଦେଶୀୟ କୀଟାଦି ବିଷୟକ ତତ୍ତ୍ୱାନୁସନ୍ଧାନସ୍ୱାଧୀନ ଶ୍ରୀଯୁତ ପୋର୍ଟଶିନ୍ସ୍କି ସାହେବ ରୁଷସାମ୍ରାଜ୍ୟର ଦକ୍ଷିଣ ଭାଗ ପ୍ରଦେଶମାନଙ୍କୁ ପ୍ରେରିତ ହୋଇଥିଲେ ଏବଂ ପୁଲଟାଭା ପ୍ରଦେଶରେ ଅତି ଅନେକ ଅନୁସନ୍ଧାନ କରି ଉକ୍ତରେ ସେ ନିମ୍ନଲିଖିତ ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ଯଥା,—

ସାଧାରଣରେ ଶସ୍ୟଖାଦକ ଫଡିଙ୍ଗ ଗହମ କ୍ଷେତରେ ଡିମ୍ବ ପାଡ଼ନ୍ତି ପୁଣି ଡିମ୍ବ ଫୁଟାଇଲା ମାତ୍ରେ ଶାବକମାନେ ଶସ୍ୟ ଗ୍ରାସ କରିବାକୁ ଆରମ୍ଭ କରନ୍ତି ।

ଗହମ କ୍ଷେତର ୧୨ ବର୍ଗ ଇଞ୍ଚ ମଧ୍ୟରେ ୨୦ ଠାରୁ ୫୦ ପର୍ଯ୍ୟନ୍ତ ଫଡିଙ୍ଗ ରହନ୍ତି, ରାଇ ଏବଂ ଯବ କ୍ଷେତରେ ୧୨ ବର୍ଗ ଇଞ୍ଚ ମଧ୍ୟରେ ଗହମ କ୍ଷେତ ଅପେକ୍ଷା ଅତି ଅଳ୍ପ ସଂଖ୍ୟକ ଅର୍ଥାତ୍ ୨ ଠାରୁ ପାଞ୍ଚ ପର୍ଯ୍ୟନ୍ତ ଫଡିଙ୍ଗ ଶାବକ ରହନ୍ତି, ମାତ୍ର ସେହି କ୍ଷେତ ସବୁ ଗହମ କ୍ଷେତର ନିକଟରେ ଥିଲେ ଫଡିଙ୍ଗ ଶାବକ ଗହମ କ୍ଷେତରେ ଥିବା ସଂଖ୍ୟା ତୁଲ୍ୟ ଦେଖାଯାନ୍ତି ପୂର୍ବ ଶରତ ଋତୁରେ ଯେଉଁ କ୍ଷେତରେ ଗହମ ବୁଣା ଯାଇ ଥାଏ ତହିଁରେ ବହୁସଂଖ୍ୟକ ଫଡିଙ୍ଗଶାବକ ବାସ କରନ୍ତି ଓ ସେମାନଙ୍କର ପକ୍ଷ ନ ଲାଗିବା ପୂର୍ବେ ସେମାନଙ୍କୁ ନାଶ କରିବାର ଅସାଧ୍ୟ ହୁଏ ।

କ୍ଷେତର ଅଧିକାରୀମାନେ ଯେଉଁ ଯେଉଁ କ୍ଷେତରୁ ଫଡିଙ୍ଗମାନଙ୍କୁ ତଡି ଦିଅନ୍ତି ସେହି ସେହି କ୍ଷେତର ଅବସ୍ଥା ଅତିଶୟ ଭିନ୍ନ ଦେଖାଯାଏ । ଯେଉଁ ଫଡିଙ୍ଗମାନଙ୍କୁ ତଡ଼ି ଦିଆଯାଏ ସେମାନେ ଦଳ ଦଳ ହୋଇ ନିକଟସ୍ଥ କ୍ଷେତକୁ ଉଡି ଯାନ୍ତି, ଏବଂ ଯେଉଁ ଗହମ କ୍ଷେତରୁ ତହିଁର ଅଧିକାରୀମାନେ ଏହି କୀଟମାନଙ୍କୁ ତଡି ଦେଇଥାନ୍ତି ତହିଁରେ ୧୨ ବର୍ଗ ଇଞ୍ଚ ମଧ୍ୟରେ ତିନି ଠାରୁ ଷୋହଳ ପର୍ଯ୍ୟନ୍ତ ସଂଖ୍ୟାରୁ ଅଧିକ ଫଡିଙ୍ଗଶାବକ ରହି ପାରନ୍ତି ନାହିଁ କିନ୍ତୁ ତହିଁରେ ନିକଟସ୍ଥ ପଶୁଘାଟ ଓ ଗହମ ଓ ଯବାଦି କ୍ଷେତ ଯାହା କି ସାଧାରଣରେ ଫଡିଙ୍ଗମାନେ ଗ୍ରାସ ନ କରନ୍ତି ତହିଁରେ ଫଡିଙ୍ଗ ଶାବକମାନେ ବ୍ୟାପି ଯାଇ ୧୨ ବର୍ଗ ଇଞ୍ଚ ମଧ୍ୟରେ ଷୋଳ ଠାରୁ ତିରିଶ ପର୍ଯ୍ୟନ୍ତ ରହନ୍ତି ।

ଫଡିଙ୍ଗମାନଙ୍କୁ ଦଣ୍ଡ ଅବା ଯନ୍ତ୍ରଦ୍ୱାରା ଘଉଡ଼ାଇ ଦେବାର ଅତି ଆଦରଜନକ ଦେଖାଯାଏ କାରଣ ଫଡିଙ୍ଗମାନେ ଗହମ କ୍ଷେତରେ ଡିମ୍ବ ପାଡିଲେ ବସନ୍ତ କାଳରେ ପକ୍ଷ ଲଗିବା ଅବସ୍ଥାରେ ବିନଷ୍ଟ ହୋଇପାରନ୍ତି ମାତ୍ର ଏପରି ଘଉଡ଼ା ଗଲେ ସେମାନେ ଗହମ କ୍ଷେତରେ ଡିମ୍ବ ନ ପାଡି ଚଉଦିଗସ୍ଥ କ୍ଷେତରେ ଯାହା କି ତୃଣ ହୋଇ ଥାଇ ପଡ଼ିଛି ତହିଁରେ ଯାଇ ପଡ଼ନ୍ତି ।

ଶ୍ରୀଯୁତ ପୋର୍ଟଶିନ୍ସ୍କି ସାହେବ ସରଜମୀନରେ ଯେଉଁ ପରୀକ୍ଷା କରିଅଛନ୍ତି ତହିଁରୁ ଦେଖାଯାଏ ଯେ ଫଡିଙ୍ଗଶାବକମାନଙ୍କୁ ଲଙ୍ଗଳଶ୍ୟାରଦ୍ୱାରା ଲେଉଟାଇ ପକାଇଲେ ସୁଦ୍ଧା ସେମାନେ ପୁନର୍ବାର ଭୂମି ମଧ୍ୟରେ ଶୀଘ୍ର ପ୍ରବେଶ ହୁଅନ୍ତି ମାତ୍ର ଖରାରେ ଦଶ ମିନିଟ ରଖାଗଲେ ସେମାନେ ତହିଁର ଉତ୍ତାପରେ ନିଃସନ୍ଦେହରେ ବିନାଶ ହୋଇଯାନ୍ତି ଉକ୍ତ ସାହେବ ସିଦ୍ଧାନ୍ତ କରିଅଛନ୍ତି ଯେ ବସନ୍ତ କାଳର ଯେଉଁ ସମୟରେ ଫଡିଙ୍ଗ ଶାବକମାନେ ପକ୍ଷହୀନ ଥାନ୍ତି ସେହି ସମୟରେ ସେମାନେ ସମ୍ପୂର୍ଣ୍ଣ ଅଚଳାବସ୍ଥାରେ ଥାନ୍ତି ଏବଂ କ୍ଷେତରେ ସେହି ସମୟରେ ହଳ ବୁଲାଇଲେ ବହୁ ଉପକାର ହେବାର ସମ୍ଭାବନା କାରଣ ପକ୍ଷହୀନ ଫଡିଙ୍ଗଶାବକମାନେ ସୂର୍ଯ୍ୟ ତାପରେ ପଡି ନିଃସନ୍ଦେହରେ ବିନାଶ ହୋଇ ଯାନ୍ତି ।

ଶ୍ରୀଯୁତ ପୋର୍ଟଶିନ୍ସ୍କି ସାହେବ ବର୍ଣ୍ଣନ କରି ଅଛନ୍ତି ଯେ ଡିମ୍ବ ଭାଙ୍ଗିବାଦ୍ୱାରା ଫଡିଙ୍ଗମାନଙ୍କୁ ନାଶ କରିବାର ଅସମ୍ଭବ ଅଟେ, କାରଣ ସେ-

ଉରେ ଠିକ ଷଷ୍ୟ ଥିବା ସମସ୍ତ ମଧ୍ୟରେ ସେହି କ୍ଷେତ୍ରର ଭୂମିରେ ଫଡ଼ିଙ୍ଗମାନେ ଡିମ୍ ପାଡ଼ନ୍ତି ।"

---

### ଦେଶୀୟ କର୍ମଚାରୀଙ୍କଦ୍ୱାରା ଇଂରାଜ ଅପରାଧୀଙ୍କ ବିଚାର ବ୍ୟବସ୍ଥା ।

ଏ ଦେଶରେ ଇଂରାଜଙ୍କର ଅଧିକାର ସ୍ଥାପନ ହେବା ଦିନଠାରୁ ଏହି ବ୍ୟବସ୍ଥା ଚଳି ଆସୁଅଛି କି ଇଂରାଜ ଅପରାଧୀଙ୍କ ବିଚାର କେବଳ ଇଂରାଜ ଜାତିର ହାକିମଙ୍କଦ୍ୱାରା ହେବ । ପୂର୍ବେ ଯେତେବେଳେ ଇଂରାଜମାନେ ଏହା ହାକିମ ପଦରେ ନିଯୁକ୍ତ ହେଉଥିଲେ ସେତେବେଳେ ଏହି ନିୟମରେ କୌଣସି ଅସୁବିଧା ଘଟୁ ନ ଥିଲା ତମ୍ଭା ଅସ୍ମଦେଶୀୟମାନେ ଏଥିରେ କୌଣସି ଦୋଷ ଦେଖୁ ନ ଥିଲେ ସନ ୧୮୫୭ ସାଲର ବିଦ୍ରୋହ ଉତ୍ତାରୁ ଶ୍ରୀମତୀ ଇଂଲଣ୍ଡେଶ୍ୱରୀ ଯେତେବେଳେ ଭାରତବର୍ଷର ଶାସନଭାର ସ୍ୱହସ୍ତରେ ଗ୍ରହଣ କଲେ ଏବଂ ଜାତି ବର୍ଣ୍ଣ ଓ ଦେଶର ପ୍ରଭେଦ ବିନା ସମଦର୍ଶିତାର ସୁନ୍ଦର ପ୍ରଣାଳୀ ଘୋଷଣା କଲେ ସେତେବେଳେ ପୂର୍ବର ରୀତିମାନ ପରିବର୍ତ୍ତିତ ହେବାକୁ ଆରମ୍ଭ ହେଲା । ବର୍ତ୍ତମାନ ଦେଶୀୟ ଲୋକେ ବିଚାରାଳୟରେ ଉଚ୍ଚ ସ୍ଥାନମାନ ଅଧିକାର କରିଅଛନ୍ତି ଏବଂ ଆପଣା କର୍ତ୍ତବ୍ୟ ଅତ୍ୟନ୍ତ ପରିପାଟିରୂପେ ନିର୍ବାହ କରିବାଦ୍ୱାରା ପ୍ରଶଂସାଭାଜନ ହୋଇଅଛନ୍ତି ତଥାପି ଫଉଜଦାରୀ ମୋକଦ୍ଦମା ବିଚାର ସମ୍ପର୍କରେ ଉପରଲିଖିତ ପ୍ରଭେଦଟି ସ୍ଥିତ ରହିଅଛି । ସନ ୧୮୭୨ ସାଲର ୧୦ ଆଇନ ଅର୍ଥାତ୍ ଯେଉଁ ଫଉଜଦାରୀ କାର୍ଯ୍ୟବିଧି ଏହିବର୍ଷ ଆରମ୍ଭରୁ ରହିତ ହୋଇଅଛି ସେହି ଆଇନ ବ୍ୟବସ୍ଥାପକ ସଭାରେ ଥିଲାବେଳେ ଏହି ପ୍ରଶ୍ନଟି ଉପସ୍ଥିତ ହୋଇଥିଲା ଏବଂ ଯଦ୍ୟପି ବ ସେ ସମୟରେ ମହାମାନ୍ୟ ଗବର୍ଣ୍ଣରଜେନେରଲ୍ ମହାମାନ୍ୟ ସୈନ୍ୟାଧ୍ୟକ୍ଷ ଏବଂ ମାନ୍ୟବର ବଙ୍ଗଳାର ଲେଫ୍ଟନାଣ୍ଟ ଗବର୍ଣ୍ଣର ସହିତ ଆଉ ଦୁଇ ଏକଜଣ ସଭ୍ୟ ଏହି ପ୍ରଭେଦ ଉଠାଇ ଦେବାକୁ ଉଚିତ ବୋଲି କହିଥିଲେ ମାତ୍ର ଅଧିକାଂଶ ସଭ୍ୟଙ୍କ ମତ ସେପରି ନ ହେବାରୁ କିଛି ଫଳ ହେଲା ନାହିଁ । ନୂତନ ଫଉଜଦାରୀ କାର୍ଯ୍ୟବିଧି ଗତବର୍ଷ ଏହି ସମୟରେ ବିଧିବଦ୍ଧ ହେବା କାଳରେ ପୁନର୍ବାର ଏହି ପ୍ରଶ୍ନ ଉପସ୍ଥିତ ହୋଇଥିଲା ଏବଂ ସେହିକାଳରେ ମହାମାନ୍ୟ ଲର୍ଡ ରିପନ ସାହେବ ଶୀଘ୍ର ଏ ବିଷୟ ବିଚାର କରିବେ ବୋଲି ଆଶ୍ୱାସ ଦେଇଥିଲେ । ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ମହାମତି ଲର୍ଡରିପନ ବାହାଦୁର ଏଥି ମଧ୍ୟରେ ସେହି ଆଶ୍ୱାସ ବାକ୍ୟ ପୂର୍ତ୍ତି କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ଏବଂ ଆମ୍ଭମାନଙ୍କ ବ୍ୟବସ୍ଥା ସଚିବ ଇଲବର୍ଟ ସାହେବ ଏହି ଉଦ୍ଦେଶ୍ୟରେ ଫଉଜଦାରୀ କାର୍ଯ୍ୟବିଧି ସଂଶୋଧନ କରିବା ପାଇଁ ଏକ୍ଟ ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ଉପସ୍ଥିତ କରିଅଛନ୍ତି । ଏଥିରେ ଏହିରୂପ ବ୍ୟବସ୍ଥା କରିବାର ପ୍ରସ୍ତାବ ହୋଇଅଛି କି ଦେଶୀୟ ହାକିମଙ୍କଦ୍ୱାରା ଇଂରାଜ ଅପରାଧୀଙ୍କର ବିଚାର ନିଷେଧ ବିଧି ଉଠିଯାଇ ତଳଲିଖିତ ବ୍ୟକ୍ତିମାନେ ଦେଶୀୟ ହେଉନ୍ତୁ ବା ଇଉରୋପୀୟ ହେଉନ୍ତୁ ଇଉରୋପୀୟ ଅପରାଧୀଙ୍କର ବିଚାର କରି ପାରିବେ ଯଥା;—

୧ । ଚାର୍ଟିତ ସର୍ବିସର ଯେ କୌଣସି ମେମ୍ବର ।

୨ । ନେଟିବ ଅର୍ଥାତ୍ ଦେଶୀୟ ସିବିଲସର୍ବିସର ଯେ କୌଣସି ମେମ୍ବର ।

୩ । ନିୟମ ବହିର୍ଭୂତ ପ୍ରଦେଶର ଅସିଷ୍ଟାଣ୍ଟ କମିଶନର ।

୪ । ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ ସମତା ପ୍ରାପ୍ତ କାଣ୍ଟନମେଣ୍ଟ ମାଜିଷ୍ଟ୍ରେଟ ।

ଏଥିରୁ ପାଠକମାନେ ଦେଖିବେ ଯେ ଅପାତତଃ ଅଚାର୍ଟିତ କର୍ମଚାରୀ ଅର୍ଥାତ୍ ଡେପୁଟିମାଜିଷ୍ଟ୍ରେଟ ପ୍ରଭୃତିଙ୍କୁ ଏହି ଅଧିକାର ଦେବାର ପ୍ରସ୍ତାବ ହୋଇ ନାହିଁ କେବଳ ଚାର୍ଟିତ କର୍ମଚାରୀମାନେ ଏହି ଅଧିକାର ପାଇବେ । ଏହାଦ୍ୱାରା ଆମ୍ଭମାନଙ୍କର ଆଶା ସମ୍ପୂର୍ଣ୍ଣରୂପେ ପୂର୍ଣ୍ଣ ନ ହେଲେହେଁ ମହାମାନ୍ୟ ଲର୍ଡରିପନ ଏହି କଠିଣ କାର୍ଯ୍ୟରେ ଯେମନ୍ତ ସାବଧାନ ପୂର୍ବକ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇ ଅଛନ୍ତି ତହିଁରେ ଆମ୍ଭେମାନେ ଅସନ୍ତୁଷ୍ଟ ନାହୁଁ । ବାସ୍ତବରେ ଏହି ସମ୍ବନ୍ଧରୁ ଏଠାରୁ କଲିକତା ପର୍ଯ୍ୟନ୍ତ ଲର୍ଡରିପନଙ୍କର ଏହି ବ୍ୟବସ୍ଥାର ପ୍ରତିବାଦ ଆରମ୍ଭ ହେଲାଣି ଏବଂ କଲିକତାର ଅଗ୍ରଗଣ୍ୟ ଟାଇମସ୍ପତ୍ରିକା ସୁଦ୍ଧା ପ୍ରତିବାଦକାରୀଙ୍କ ଦଳଭୁକ୍ତ ହୋଇଅଛନ୍ତି କେହି କେହି ଲର୍ଡରିପନଙ୍କର ଏହି କାର୍ଯ୍ୟକୁ ଏତେ ଅନ୍ୟାୟକର ଜ୍ଞାନ କରୁଅଛନ୍ତି କି ଏଥିପାଇଁ ସେ କାର୍ଯ୍ୟରୁ ଅପସାରିତ ହେବାର ଯୋଗ୍ୟ ବୋଲି କହୁଅଛନ୍ତି । ଆମ୍ଭେମାନେ ନିଶ୍ଚୟ ଜାଣୁ ଯେ କେବଳ ସ୍ୱାର୍ଥୀ କ୍ଷୁଦ୍ରପ୍ରାଣ ଲୋକେ ଏହିପରି କଥା କହୁଅଛନ୍ତି ମାତ୍ର ଉଦାରମତି ଶିକ୍ଷିତ ଇଂରାଜମାନେ ସମସ୍ତ ହିତ ବିବେଚନା କରି ସମ୍ମତିରେ କହୁଅଛନ୍ତି କି ଦେଶୀୟ ଇଂରାଜର ବିଚାର ଅଦାଲତରେ ଏପରି ପ୍ରଭେଦ ଅରକ୍ଷଣୀୟ ଅଟଇ ଏବଂ ତାହା ଉଠାଇ ଦେବାର ଉପଯୁକ୍ତ କାଳ ଉପସ୍ଥିତ ହୋଇଅଛି ବାସ୍ତବରେ ବିଚାର ଅଦାଲତରେ ସମସ୍ତେ ସମାନ ଓ ସମସ୍ତଙ୍କ ପକ୍ଷରେ ଏକାବିଧି ଏହି ଉନ୍ନତ ନିୟମ ଇଂରାଜ ଜାତିର ଗୌରବ ଅଟଇ ଏବଂ ତାହାଙ୍କଠାରୁ ଆମ୍ଭେମାନେ ଏହା ଶିକ୍ଷା କରିଅଛୁଁ । ସେହି ଇଂରାଜମାନେ ବୃଥା ଅଭିମାନର ବଶବର୍ତ୍ତୀ ହୋଇ ଆପଣା ଜାତୀୟ ଗୌରବର ବିରୁଦ୍ଧାଚାର କରିବେ ଏହା ଉଦାତ ଯୋଗ୍ୟ କି ଚତୁର ଲୋକର କାର୍ଯ୍ୟ ନୁହଇ । ମହାମାନ୍ୟ ଲର୍ଡ ରିପନ ଏହି ବ୍ୟବସ୍ଥାର ପ୍ରସ୍ତାବ କରି ଯେମନ୍ତ ଇଂରାଜମାନଙ୍କ ଜାତୀୟ ଗୌରବ ରକ୍ଷା କରିବାକୁ ସେମନ୍ତ ଭାରତବର୍ଷୀୟଙ୍କୁ ସ୍ୱତ୍ୱର ପ୍ରଦାନ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ଏବଂ ଏଥିପାଇଁ ସେ ଯେ ଉଭୟ ଜାତୀୟଙ୍କ ଧନ୍ୟବାଦର ପାତ୍ର ଏ ବିଷୟରେ ସନ୍ଦେହ କି ?

---

### ମିଉନିସିପାଲ୍ଟିର ଟଙ୍କା ।

ଗତ ସପ୍ତାହରେ ମିଉନିସିପାଲ ଗଜେଟ ସମ୍ପର୍କରେ ଯେଉଁ ସଭାର ବିବରଣ ଦେଇଥିଲୁଁ ସେହି ସଭାରେ ମନ୍ୟୁନସିପର କମ୍ପା କାହ୍ନୁଚରଣ ଦାସ ଅସୁଧାରୁ ଜଡ଼ଥିବା ଟଙ୍କା କାହାଠାରୁ କପରି ଆଦାୟ ହେବ ଏହି କଥା କମିଶନରମାନେ ବିଚାର କରିଥିଲେ । ଭାଇସ୍ ଚେଅରମାନ ମାନିକ୍ଷି ସାହେବ ଏହି ସଭା ହେବା ପୂର୍ବେ ଅନେକବାର ଚଳେ ଏହି ଅସୁଧାରୁ ଟଙ୍କା ସମ୍ପର୍କରେ ଏକ ବିବରଣପତ୍ର ଲେଖି କମିଶନରମାନଙ୍କୁ ଜଣାଇ ଥିଲେ । ସେଥିରେ ଲେଖା ଥିଲା କି କାହ୍ନୁଚରଣର ଜାମିନଦାରଠାରୁ ଟ ୫୦୦୲ ଙ୍କା ଆଦାୟ ହେବ ଜାମିନାହ ସେ ଯେଉଁ ଟଙ୍କା ମିଳିବାର ହୁକୁମ ହୋଇଅଛି ତାହା ଆଦାୟ ହେବାର ସମ୍ଭାବନା ନାହିଁ । ଅବଶିଷ୍ଟ ପାଞ୍ଚଶ କେତେ ଟଙ୍କା ମଧ୍ୟରୁ ଟ୍ରାକ୍ସ ଦାରୋଗାର ଅସାବଧାନତା ସକାଶେ ତାହାଠାରୁ ଟ ୬୦୲ ଙ୍କା ଆଦାୟ ହେବ ଏବଂ ଅବଶିଷ୍ଟ ଟଙ୍କା ଯେବେ କମିଶନରମାନେ କହିବେ ତେବେ ସେ (ମାନିକ୍ଷି ସାହେବ) ଅନୁଗ୍ରହସ୍ୱରୂପ ଆପଣା ହାତରୁ ଦେବେ ମାତ୍ର ନ୍ୟାୟତଃ ଦେବାକୁ ବାଧ୍ୟ ନୁହନ୍ତି । ସେ ହେତୁ ସେ ବିନା ବେତନରେ ମିଉନିସିପାଲିଟିର କାର୍ଯ୍ୟ ଚଳାଇ ଆସି ଏହା ବାଦ ଭଲରୀ ଇଷ୍ଟାଦରେ ଏକହଜାର ଟଙ୍କା ଆୟ ବୃଦ୍ଧି କରି ଦେଇଅଛନ୍ତି ଏବଂ ଆହୁରି ଅନେକ ଆୟର ଉପାୟ ଏବଂ

Split by PDF Splitter

Digitized by srujanika@gmail.com

Split by PDF Splitter



ନଗରର ନ୍ୟାୟ ସାଧନ କରୁଅଛନ୍ତି । କମିଶ୍ନରମାନଙ୍କ କାର୍ଯ୍ୟରୁ ଜଣାଯାଏ ଯେ ଏହି କରଫିସ୍ୟତରେ ସେମାନେ ସନ୍ତୁଷ୍ଟ ହୋଇ ଥିଲେ ସୁତରାଂ ସହରରେ ବସି ସେମାନେ ଏହି ନିଶ୍ଚିନ୍ତ କଲେ କି ଜାତିଚରଣ ଓ ତାହାର ଜମିନ୍ଦାରଠାରୁ ଅପହୃତ ଟଙ୍କା ଆଦାୟ କରିବାର ଚେଷ୍ଟା କରିବାକୁ ହେବ ଓ ଯାହା ଆଦାୟ ନହେବ ତାହା ତ୍ରୁଟି ସ୍ୱରୂପ ହେସାବରୁ ଦିଆ ହଓ ଯିବ ମତ୍ର ମାନିଷ୍ଟି ସାହେବଙ୍କଠାରୁ କଟ୍ଟ ନିଆ ଯିବ ନାହିଁ । ଟାକ୍ସ ଦାରୋଗାଠାରୁ କଟ୍ଟ ଆଦାୟ କରିବାର ଉଚିତ କି ନା ଏଥିର ବିଚାର ଦାରୋଗା କୈଫିୟତ ଦେଲା ଉତ୍ତାରୁ ହେବ ।

କମିଶ୍ନରମାନଙ୍କ ଉପର ଲିଖିତ ବିଚାରକୁ ଲୋକେ ବଡ଼ ମଣୁ ଅଛନ୍ତି ମାତ୍ର ଅମ୍ଭେମାନେ କହୁଁ ଯେ ଏଥିରେ ବଡ଼ କିଛି ନାହିଁ । ଏଠା ମିଉନିସିପାଲିଟିର ଯେଉଁ ଅବସ୍ଥା ଅମ୍ଭେମାନେ [illegible] ବର୍ଣ୍ଣନା କରି ଅଛୁ ତହିଁରୁ ଅନାୟାସରେ ବୋଲା ଯାଇ ପାରେ ଯେ ମିଉନିସିପାଲିଟିର ଟଙ୍କା କମିଶ୍ନରମାନଙ୍କ ଧନ ଅଟଇ ସେମାନେ ଏହା ମୂର୍ଖ ଗଉଡ଼ଙ୍କ ଗାଈ ପରି ଇଚ୍ଛାମତେ ନ୍ୟାୟରେ ଓ ଅନ୍ୟାୟରେ ଲୋକଙ୍କଠାରୁ ନାନାପ୍ରକାରେ ଟଙ୍କା ଆଦାୟ କରି ହେବେ ଏବଂ ଆପଣା ଇଚ୍ଛାମତେ ତହିଁର ବ୍ୟୟ କରିବେ । ଟାକ୍ସଦାତାଙ୍କ ସମ୍ବନ୍ଧ କେବଳ ସେ ଦେବା ପର୍ଯ୍ୟନ୍ତ । ବ୍ୟୟ ଅପବ୍ୟୟ ସଙ୍ଗେ ସେମାନଙ୍କର କିଛି ସମ୍ପର୍କ ନାହିଁ ଏ ଅବସ୍ଥାରେ ଯେବେ ଜଣେ କମିଶ୍ନରଙ୍କଦ୍ୱାରା ମିଉନିସିପାଲିଟିର କିଛି ଟଙ୍କା ନଷ୍ଟ ପଡ଼ିଲା ତେବେ କି ଭାରି ଗଲା । ବିଶେଷତଃ ଯେ ସ୍ଥଳେ ସେହି କମିଶ୍ନର ଆପଣା ଘରୁ ଓ ପରିଶ୍ରମଦ୍ୱାରା ଏକହଜାର ଟଙ୍କା ଅଧିକ କରି ଦେଇ ଅଛନ୍ତି ସେ ସ୍ଥଳେ ଶହେ [illegible]ଶତ ଟଙ୍କା ଉଡ଼ାଇ ଦେଲେତ କେଉଁ ବଡ଼ କଥା ହେଲା ବରଂ କମିଶ୍ନରମାନେ ଯେବେ ମାନିଷ୍ଟି ସାହେବଙ୍କ, ଅପହୃତ ଟଙ୍କାର ଦାୟିତ୍ୱରୁ ମୁକ୍ତ କରିବା ସଙ୍ଗେ ୨ ଅଉ ପାଞ୍ଚଶତଟଙ୍କା ପାରିତୋଷିକ ଦେଇ ଥାନ୍ତେ ତେବେ ସେମାନଙ୍କ ପ୍ରବୃତ୍ତି ଅଧିକ ପ୍ରଶଂସନୀୟ ହୋଇ ଥାନ୍ତା । କାରଣ ମାନିଷ୍ଟି ସାହେବ ଯେଉଁ ଆୟ କରି ଦେଇଅଛନ୍ତି ତାହା କେବଳ ବର୍ତ୍ତମାନ ନିମନ୍ତେ ନୁହଇ ପ୍ରତିବର୍ଷ ସେପରି ହେବ ସୁତରାଂ ପ୍ରଥମ ବର୍ଷର ସମସ୍ତ ଆୟ ତାହାଙ୍କ ପ୍ରୀତିରେ ବ୍ୟୟ କରିବା ଉଚିତ ଭିନ୍ନ ଅଉ କିଛି ବୋଲା ଯାଇ ନ ପାରେ । ଏ ଅଂଶରେ କମିଶ୍ନରମାନଙ୍କର ଉଦାରତାର କିଛି ତ୍ରୁଟି ହୋଇ ଅଛି ବୋଲା ଯାଇ ପାରେ କାରଣ ବିନା ବେତନ କମ୍ୱା ଭତ୍ତାରେ ଶ୍ରୀଯୁକ୍ତ ମାନିଷ୍ଟି ସାହେବଙ୍କଠାରୁ ଏତେ ଉପକାର ନେବା ସେମାନଙ୍କର ଉଚିତ ନ ଥିଲା । ତେବେ ସ୍ୱୀକାର କରିବାକୁ ହେବ ଯେ ସେମାନେ ମାନିଷ୍ଟି ସାହେବଙ୍କପ୍ରତି ଅନ୍ୟ ସକଳ ବିଷୟରେ ଅତି ଉଦାରଭାବ ଦେଖାଇ ଅଛନ୍ତି । ମାନିଷ୍ଟି ସାହେବ ଭାଇସ୍ ଚେଅରମାନସ୍ୱରୂପ ସେମାନଙ୍କର କର୍ମଚାରୀ ହେଲେହେଁ ସେମାନେ କାର୍ଯ୍ୟତଃ ସମସ୍ତ ଭାର ତାହାଙ୍କ ଉପରେ ଦେଇ ଅଧୀନ ଭାବରେ ରହିଅଛନ୍ତି । କେବଳ ସାହେବ ସଭାକୁ ଡାକିଲେ ଅଜ୍ଞାମତେ ଉପସ୍ଥିତ ହେବେ ଏବଂ ସେ ଯାହା କହିବେ ତହିଁରେ ଅଧିକ ଲୋକ ମତ ଦେଇ ଧର୍ଯ୍ୟ କରି ଆସିବେ । ମିଉନିସିପାଲିଟିର କାର୍ଯ୍ୟ କଲାପ ବା ହେସାବ ପତ୍ର ବୁଝାସୁଝା ଆଦୌ ଏମାନେ କରନ୍ତି ନାହିଁ କମ୍ୱା ଯେବେ କିଛି କଲେ ସୁଦ୍ଧା ତାହା ନିତାନ୍ତ ଉପରଠାଉରିଆ ପ୍ରକାରର ହୁଅଇ । ଏ ଅବସ୍ଥାରେ କମିଶ୍ନରମାନେ ଭାଇସ୍ ଚେଅରମାନଙ୍କୁ କ୍ଷତିପୂରଣ କରିବାକୁ କହିବା ଦୂରେ ଆପଣା ୨ କୁ ସେ କଥା କହିବା ଉଚିତ । ବାସ୍ତବରେ ଯେବେ ଏଥିପାଇଁ ଭାଇସ୍ ଚେଅରମାନ ଦାୟୀ ହେବେ ସେମାନେ କି ଶତ୍ରୁମାତ୍ର ଦାୟୀ ନୁହନ୍ତି । ମାନିଷ୍ଟି ସାହେବ ଆପଣା ଘରକୁ ଟଙ୍କା ବାନ୍ଧି ନେଇ ନାହାନ୍ତି । ଯେବେ ସେ କରଗ୍ରାହୀପ୍ରତି ଅତ୍ୟନ୍ତ ନିର୍ଭର କଲେ ବୋଲି ତାଙ୍କର ଅସାବଧାନତା ହେଲା ତେବେ କମିଶ୍ନରମାନେ ତାହାଙ୍କ ଉପରେ ଅତ୍ୟନ୍ତ ନିର୍ଭର କରି କି ସେହି ଦୋଷରେ ଦୋଷୀ ହୋଇ ନାହାନ୍ତି ? ଏହା କମିଶ୍ନରମାନେ ଅବଶ୍ୟ ବୁଝି ପାରୁଅଛନ୍ତି ସୁତରାଂ ନା ଆପଣାମାନଙ୍କୁ ନା ଭାଇସ୍ ଚେଅରମାନଙ୍କୁ କାହାରିକୁ ଦାୟୀ କରି ନାହାନ୍ତି । ହୁଏ ଆପଣା ଟଙ୍କା ଆପେ ଇଚ୍ଛାମତେ ଉଡ଼ାଇ ଦେଇଅଛନ୍ତି ନୋହିଲେ ପର ଟଙ୍କାରେ ବଦାନ୍ୟତା ଦେଖାଇ ଅଛନ୍ତି ।

ଅମ୍ଭେମାନେ ମିଉନିସିପାଲିଟି ଟଙ୍କାକୁ ଅନର୍ଥକ ପରଟଙ୍କା କହୁ ନାହୁଁ । ଏଥିର କାରଣ ଏହିକି ସାଧାରଣଙ୍କର ଏହି ବିଶ୍ୱାସ ଯେ ନଗରବାସିଙ୍କ ଉପକାର ସକାଶେ ଗବର୍ଣ୍ଣମେଣ୍ଟ ଏକ ଆଇନଦ୍ୱାରା ସେମାନଙ୍କଠାରୁ ଟଙ୍କା ଅଦାୟ କରି ସେମାନଙ୍କ ଉପକାରରେ ଖର୍ଚ୍ଚ ହେବା କାରଣ ବ୍ୟବସ୍ଥା କରିଅଛନ୍ତି ଏବଂ ସେହି ଟଙ୍କା ଆଦାୟ ଓ ତହିଁର ସଦ୍‌ବ୍ୟୟ କରିବାର ଭାର ବିଶେଷ ବ୍ୟକ୍ତିଙ୍କ ଉପରେ ଦେଇଅଛନ୍ତି ସେମାନଙ୍କ ନାମ ମିଉନିସିପଲ କମିସ୍ନର । ମିଉନିସିପଲ ଟଙ୍କା ସେମାନଙ୍କର ନୁହେ ସେମାନେ କେବଳ ମାରଫତଦାର ଅଟନ୍ତି ଓ ତାହାଙ୍କ ଯୋଗ୍ୟତା ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ ସେ ଭାର ତାହାଙ୍କ ହସ୍ତରେ ଦେଇଅଛନ୍ତି । ଏଥକୁ ଯେବେ ସେମାନେ ଅଯୋଗ୍ୟତା ବା ତ୍ରୁଟିପୂର୍ବକ ସାଧାରଣ ଧନ ଅପବ୍ୟୟ କଲେ ତେବେ ଗବର୍ଣ୍ଣମେଣ୍ଟ ସାଧାରଣଙ୍କ ପକ୍ଷରୁ ଅବଶ୍ୟ ତହିଁର ଅନୁସନ୍ଧାନ କରିବେ ଏବଂ ଯେବେ ଅନିବାର୍ଯ୍ୟ କାରଣ ବିନା କାହାର ଅସାବଧାନତା ବା ତ୍ରୁଟିରୁ କୌଣସି ଅପବ୍ୟୟ ଘଟଣା ହୁଅଇ ତେବେ ତାହାଠାରୁ ସେ ଟଙ୍କା ଆଦାୟ କରି ପାରନ୍ତି । ମିଉନିସିପାଲିଟିର ବର୍ତ୍ତମାନ ନିୟମାନୁସାରେ ସେ ଟଙ୍କା ସକାଶେ ମାଜିଷ୍ଟ୍ରେଟ ଚେୟାରମାନ କମ୍ୱା ଭାଇସ୍‌ଚେୟାମାନ ପ୍ରଧାନରୂପେ ଦାୟୀ ସୁତରାଂ କୌଣସି ଟଙ୍କା ଅପବ୍ୟୟ ହେଲେ ତାହାଙ୍କଠାରୁ ଗବର୍ଣ୍ଣମେଣ୍ଟ ଅଦାୟ କରିବାକୁ ବାଧ୍ୟ ଅଟନ୍ତି । ଶ୍ରୀଯୁକ୍ତ କମିଶ୍ନର ସାହେବ ଏହି ଅପବ୍ୟୟର ଅନୁସନ୍ଧାନ ଆରମ୍ଭ କରିଅଛନ୍ତି ଏବଂ ଅମ୍ଭମାନଙ୍କର ବିଶ୍ୱାସ ଯେ ସେ ସହଜରେ ଛାଡ଼ିବେ ନାହିଁ । କୌଣସି ମତେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ତଦନ୍ତ କରିବା ଉଚିତ ଏବଂ ଅମ୍ଭେମାନେ ଏହିକି ପ୍ରାର୍ଥନା କରୁଅଛୁଁ ।

---

Our pantheistic ancestors believed eternal happiness to consist in the annihilation of self, and there is no wonder, if as their worthy descendants, we should place all the happiness in lull and supineness. Not to exist at all was with them to enjoy eternal bliss. But not to move seems to be *our* ideal of earthly happiness. Under British rule efficient means have been provided for the spread of sound and liberal education in Bengal; and the Bengali or the Uriah lad, it has been observed, so long as he is at study in a College or School, is full of life and vigor. But alas! immedidiately on entering the world his enthusiasm is more than half gone, and he becomes a lover of ease and

Digitized by srujanika@gmail.com

a votary of indolence and pleasure. It is this trait of our national character which has for ages hindered our country's welfare and greatly interfered with our advancement both as individuals and as a nation. It is for this that we are wasting all our resource in the indulgence of pleasure, or the gratification of caprice, while other nations are devoting their best energies to the reformation and advancement of their country. The Writer, the Pleader, the Deputy Magistrate and School Master, all work to earn their bread, all active and busy in acquiring wealth and fortune. But when this motive does not operate they shun labor as a veritable bugbear.

The readers of this journal are well aware what an amount of zeal and alacrity the people of Cuttack displayed lately in the matter of the introduction of Local self-Government scheme in this country. To carry out this an association has been formed, speeches were made, and applications submitted to Government. This was in september last. But in the course of 3 or 4 months that have since elapsed, sloth, that abominable sloth, has over powered them all, and their so much vaunted patriotism and philanthropy seem to have died in their heart or rather perhaps on their lips. An instance has lately occurred which will prove the truth of this remark.

On the 16th Instant, a meeting of the Orissa Association was called to discuss the new Municipal Bill. But the attendance of the members on that important occasion was so small that even quorum was not formed, and the business of the meeting had therefore to be postponed. It is much to be regretted that at this hour of the day when all the other people are manifesting breathless activity in this direction, our educated countrymen here should be in a dormant state. We have slept too long. Let us now be up and doing. Let us all unite and put forth our humble efforts for promoting the material prosperity of our country. Let us banish selfishness from our hearts and learn to identify our interests with those of our country. As men we have heavy responsibility on our shoulders, and the education we have received only makes us doubly responsible.

---

ଉଦ୍ଧୃତ ।

ସ୍ୱର୍ଣ୍ଣ ରେଲବାଟ ।

( ପୁରୁଷୋତ୍ତମ ପତ୍ରିକାରୁ । )

ଶୁଣି ଆନନ୍ଦିତ ହେଲୁଁ ଯେ ଏଥି ପୂର୍ବେ ଏ ଅଞ୍ଚଳରେ ରେଲ ବାଟ ପ୍ରସ୍ତୁତ କରିବା ଅଭିପ୍ରାୟରେ ଗବର୍ଣ୍ଣମେଣ୍ଟ ଅମ୍ଭମାନଙ୍କ କଲେକ୍ଟର ସାହେବଙ୍କ ନିକଟକୁ ଯେଉଁ ଯାତ୍ରୀ ଓ ଦ୍ରବ୍ୟାଦି ଗମନାଗମନର ବିବରଣ ତଲବ କରିଥିଲେ କଲେକ୍ଟର ସାହେବ ମହୋଦୟ ବର୍ତ୍ତମାନ ସେଥିର ଉତ୍ତର ପ୍ରଦାନ କରି ଅଛନ୍ତି । ଓ ଗବର୍ଣ୍ଣମେଣ୍ଟଙ୍କ ଏଷ୍ଟିମେଟ ଅନୁସାରେ ଯାତ୍ରୀଙ୍କର ଗମନାଗମନର ମୋଟ ସଙ୍ଖ୍ୟାଠାରୁ କେତେକ ପରିମାଣରେ ଉକ୍ତ ଯାତ୍ରୀ ସଙ୍ଖ୍ୟାର ବୃଦ୍ଧି ହେବାର ପ୍ରମାଣ କରି ଅଛନ୍ତି ଏବଂ ଏହି ରେଲ ବାଟ ନିର୍ମ୍ମିତ ହେଲେ ଶତକଡ଼ା ଟ ୩ ୧୮ କାରୁ ଅଧିକ ଲାଭ ହେବାର ମଧ୍ୟ ହିସାବ ଦର୍ଶାଇ ଅଛନ୍ତି କଟକଠାରୁ ସିଧା ଏ ସ୍ଥାନକୁ ଏବଂ କଟକରୁ ଖୋର୍ଦ୍ଧା ହୋଇ ଏସ୍ଥାନକୁ ରେଲବାଟ ଆସିବା ସମ୍ବନ୍ଧରେ ସାହେବ ପ୍ରଶଂସିତ ଖୋର୍ଦ୍ଧା ଦେଇ ଆସିବା ବାଟକୁ ସ୍ଥିର କରିଅଛନ୍ତି । କାରଣ ଯେ ଏତଦ୍ଦ୍ୱାରା ଗଡ଼ଜାତ ମହାଲର ଅଧିକାଂଶରେ ଉନ୍ନତି ସାଧିତ ହେବ । ଏବଂ ସମସ୍ତାନୁସାରେ ଏତଦ୍ଦ୍ୱାରା ଗଞ୍ଜାମ ଜିଲ୍ଲାକୁ ମଧ୍ୟ ଏକଶାଖା ରେଲ ଦ୍ୱାରା ସଂଯୋଜିତ କରାଯାଇ ପାରିବ । କେବେ ଯେପରି କଟକଠାରୁ ପୁରୀକୁ ଚିଲ୍କା ଅପିବା ରେଲମାର୍ଗ ଠାରୁ ଏହା କେତେକ ମାଇଲ ଦୂର ପଡ଼ିବ ସେପରି ଉକ୍ତ ବାଟରେ ଯେଉଁ ଲୁଣିକେଦ ଗୋଷ୍ଠା ଜମା ବଢ଼ାଇବାକୁ ପଡ଼ନ୍ତା ଏଥିରେ ତାହା ପଡ଼ିବ ନାହିଁ । ସୁତରାଂ ଖର୍ଚ୍ଚର ମଧ୍ୟ କେହି ବାହୁଲ୍ୟ ହେବ ନାହିଁ । ସାହେବ ମହୋଦୟଙ୍କ ମତ ଓ ଯୁକ୍ତି ସାର ବାନ୍ ଓ ଯଥାର୍ଥ ଅଟେ । ଅମ୍ଭେମାନେ ଏଥିରେ ସମ୍ପୂର୍ଣ୍ଣ ମତରେ ଐକ୍ୟ ଅଛୁଁ ।

---

# ସାପ୍ତାହିକ ସଂବାଦ ।

ଆମ୍ଭମାନଙ୍କ କମିଶ୍ନର ସାହେବ ଗତ ବୁଧବାର ଖୋର୍ଦ୍ଧା ଅଞ୍ଚଳକୁ ଯାଇ ଅଛନ୍ତି । ଶୁଣିଲୁଁ ସେ ସରକାରୀ କାର୍ଯ୍ୟ ନିମିତ୍ତ ସଙ୍ଗେ ଶ୍ରୀ ଟେଲର ସାହେବଙ୍କ ଦ୍ୱାରା ଉତ୍ତରରେ ମଧ୍ୟ ଯୋଗ ଦେଇ ଅଛନ୍ତି ।

ପଥକର କମିଟିର ବାର୍ଷିକ ତତ୍ତ୍ୱାବଧାରଣ ନିମିତ୍ତ କଟକ ଓ ପୁରୀରେ ଜଣେ ଲେଡି ଏଥର ହେଲ୍ପ ହେଲେ କହି ... ।

ଆଗାମି ମାସ ତା ୫ ଦିନରେ ବାଲେଶ୍ୱରର ... ହେବ ଏବଂ ତହିଁ ନିମିତ୍ତ ... ବୃଧବାର ... ସାହେବ ଏଠାରୁ ଯାତ୍ରା କରିବେ ।

ଖାଜଣାର ... ବାବୁ ... ବର୍ତ୍ତମାନ ... ଅଛନ୍ତି ।

... ଅନୁମତି ... ରେ ... ଜମି ମାପ କରିବାର ଆଦେଶ ଅଛି, ... ସାହେବ ଜମି ମାପ କରିବା ନିମନ୍ତେ ... ଅଛନ୍ତି । ... ସାହେବ ... ଠାରୁ ... ( ... ) ... ରିପୋର୍ଟ ପଠାଇବେ । ... ଓ କଟକ ଏହି ... ଜମି ମାପ ହେବା ନିମନ୍ତେ ... ସାହେବମାନଙ୍କ ... ଆଦେଶ ... ।

... ।

... ରେ ... ହୋଇ ... ।

... ଓ ... ଏକଡ଼ା ... ରେ ... ରେ ତାହା ... ହୋଇଥିବାର ... ।

... ଏବଂ ... ମଧ୍ୟରେ ଟ ୨୦୦୦୦ ଙ୍କା ... ଅଛନ୍ତି । ... ।

... ଓ ... ଓ ... ।

... ଏଥି ... ସନ ୧୮୮୨ ମସିହା ... ।

... ଠାରୁ ।—ସ ... ।

Split by PDF Splitter



[illegible]

ପ୍ରେରିତ ପତ୍ର ।

Mr. Editor,

It is not unknown to you that the steamer "Pioneer" is plying between Katak and Bhudruck. We are thankful to the Government for this boon, and earnestly hope that it will encourage private enterprisers to tread in the same path. A few suggestions thereabout would not be out of the way.

It would be better if the steamer ply twice a week instead of three times as it now does. At present the crew have to work hard with little rest; the passengers and traffic are not sufficient enough to remunerate the expense of each trip; and the engine has several times gots out of order as the strain is great and the steamer an old one. Thus a loss of time occurs, and much trouble to the passengers. If the number of trips be shortened, much inconvenience will be obviated.

Few persons outside Katak know that a steamer is plying from Katak to Bhadrak and back. To inform the general public of this fact, and also of the frequent changes in the dates of starting, the authorities should do well by advertising largely in the journals of Orissa (at least for the first few months.) A friend of mine had to wait nearly two days at Akhuapada to catch the steamer, as there has been an alteration in the time which he was not, and could not be aware of. The authorities should take all these into consideration, if they want to satisfy

The Public.

Digitized by srujanika@gmail.com

# ବିଜ୍ଞାପନ ।

# ଓଡ଼ିଆ ନାଟକାଭିନୟ

ଆଗାମୀ ମାର୍ଚ୍ଚ ମାସ ତା ୩ ରିଖ ଶନିବାର ରାତ୍ରରେ ଶ୍ରୀଯୁକ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କ କୋଠା ସମ୍ମୁଖସ୍ଥ ଅଗଣାରେ କଞ୍ଚକାଞ୍ଚ ନାମକ ଏକ ଓଡ଼ିଆ ପ୍ରହସନ ( Farce ) ଅଭିନୀତ ହେବ । ଅଭିନୟ ସନ୍ଧ୍ୟା ୭ ଘଣ୍ଟା ଉପରୁ ଆରମ୍ଭ ହୋଇ ପ୍ରାୟ ତିନିଘଣ୍ଟା କାଳ ବ୍ୟାପି ରହିବ । ବିନା ଟିକଟରେ କେହି ପ୍ରବେଶଲାଭ କରି ପାରିବେ ନାହିଁ ।

ଟିକଟର ମୂଲ୍ୟ ଯଥା—

| | |
|---|---|
| ପ୍ରଥମଶ୍ରେଣୀ | ଟ ୧୲ |
| ଦ୍ୱିତୀୟଶ୍ରେଣୀ | ଟ ୦।୰ |

ସ୍କୁଲ ପିଲାମାନେ ଅର୍ଦ୍ଧ ମୂଲ୍ୟ ଓ ଅଳ୍ପବୟସ୍କ ଅର୍ଥାତ ୮ ୧୦ ବର୍ଷରୁ ନ୍ୟୂନ ଶିଶୁମାନେ କିଛି ନ ଦେଇ ଦେଖି ପାରିବେ । ଟିକଟ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନ ଓ ଅଭିନୟ ସ୍ଥଳେ ମିଳି ପାରିବ । ଇତି ।

କଟକ ୨୨।୨।୮୩ } ଶ୍ରୀ ଭଗୀରଥୀ ପାଠିକା

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉ-ଅଛି ଯେ ଚଳିତ ମାସ ତା ୨୫ ରିଖ ରବିବାର ସନ୍ଧ୍ୟା ୭॥ ଘଣ୍ଟିକା ସମୟରେ ପ୍ରିଣ୍ଟିଂକମ୍ପାନୀଙ୍କ ହୋମବର୍ଣ୍ଣରେ ଶିକ୍ଷାବର୍ଦ୍ଧିନୀ ସଭାର ଚତୁର୍ଥ ବାର୍ଷିକ ଅଧିବେଶନ ହେବ ଅତଏବ ନିବେଦ-ନ ଏହି କି ସେ ସମସ୍ତେ ଉପଯୁକ୍ତ ସମୟରେ ସଭା ସ୍ଥଳରେ ଉପସ୍ଥିତ ହୋଇ ଅନୁଗ୍ରହ କରିବା ହେବେ ।

ଅଲୋଚ୍ୟ ବିଷୟ "ଭାରତରେ ଇଂରାଜୀ ଶିକ୍ଷା"

କଟକ ୨୨।୨।୮୩ } ଲଳିତ ମୋହନ ଚକ୍ରବର୍ତ୍ତୀ ସମ୍ପାଦକ

---

## NOTICE.

For sale by Public Auction at Khorda on the 12th March next the Government elephant Rani. Upset price Rs. 600.

Khorda, The 9th February, 1883. } W. C. Taylor, *Settlement officer.*

## ବିଜ୍ଞାପନ ।

ଆସନ୍ତା ମାର୍ଚ୍ଚମାସ ତା ୧୨ ରିଖରେ ଖୋର୍ଦ୍ଧା ମୋକାମରେ ରାଣୀ ନାମକ ସରକାରୀ ହସ୍ତୀ ନିଲାମ ହେବ । ସରକାରୀ ଡାକ ଟ ୬୦୦୲ ମାତ୍ର ।

ଖୋର୍ଦ୍ଧା ତା ୯ ଇ ମାହେ ଫେବ୍ରୁଏରୀ ସନ ୧୮୮୩ ମସିହା । } W. C. Taylor. ସେଟଲମେଣ୍ଟ ଅଫିସର

---

## NOTICE.

By order of the Road Cess Committee will be sold by Public Auction at noon on the 15th March 1883 at the Road Cess Office Collectorate Cuttack the following lands situate in Purgunnah *Bakrabad* Mouza *Jobra.*

No. 1—The *Plot of land*. Bounded on the North by the Taladanda Road, on the West by the lands occupied by the Irrigation Department D. P. W. bordering the Taldanda Canal, and on the East and South by the road leading to No. 2 Canal Bridge measuring about.

| | |
|---|---|
| M. G. B. | M. G. B. |
| 14. 9. 11. Viz: part of settlt. No. 281-1. 5. 0. | |
| Do. „ No. 286-1. 5. 0. | |
| Do. „ No. 285-11 24 11 | |
| | 14. 9. 11. |

This is planted with fruit, exotic and other trees and ornamental shrubs and laid out as a garden with gravelled paths, and contains a small tank also gardeners' house and shed.

There are also in it several interesting ancient sculptures.

No. 2—The Plot of land bounded on the North by the garden of Virua Naidu, South by the reserved land Bordering the Taldanda Road, West by mound and Hedge defining land lately purchased from the Road Cess Department by the Irrigation Department of the D. P. W. and East by the reserved land bordering the Jobra Road measuring about M. 2-G. 3-B. 8¼ being part of settlement Number 281.

Map of Plots can be inspected and any further particulars afforded by application at the Road Cess Office.

CUTTACK 15—2—83. } Sd. F. Jones *Collector & Chairman Road Cess Committee.*

---

## ବିଶେଷ ଦ୍ରଷ୍ଟବ୍ୟ ।

### ନିବେଦନ ।

ବାଲେଶ୍ୱର ବ୍ରହ୍ମ ମନ୍ଦିରରେ ମୋର ସ୍ତ୍ରୀ ଅବେଦନ ହୋଇଅଛି ଯେ, ମୁଁ ଓଡ଼ିଶା ମୋଗ-ଲବନ୍ଦର ପ୍ରତ୍ୟେକ ପ୍ରଧାନ ନଗରରେ ଏବଂ ଓଡ଼ିଶା ଗଡ଼ଜାତରେ ପ୍ରତ୍ୟେକ ପ୍ରଧାନ ସ୍ଥା-ନର ରାଜା ଓ ଭଗ୍ନୀମାନଙ୍କୁ ଏହି ବର୍ଷ (୮୮୩) ମଧ୍ୟରେ ବହୁ ନାମ ଶ୍ରବଣ କରାଇବ । ମୋର ସଙ୍ଗରେ ଆଉ କେତେଗୋଟି ଉପାସକ ଯିବାକୁ ପ୍ରସ୍ତୁତ ହୋଇଅଛନ୍ତି ।

ଉତ୍କଳ ଦେଶର ରାଜା, ମାମା, ଖାଁ, ଜମି-ଦାର୍‌, ଏବଂ ସମ୍ବାଦାଦାତାର, ଖାଁ ବାହାଦୁ-ର, କୁମାର ରାଜା ଓ ମହାରାଜାମାନଙ୍କୁ ଏବଂ ସର୍ବସାଧାରଣ ଲୋକମାନଙ୍କୁ ଏବଂ ସେମାନଙ୍କ ମାତା, ସ୍ତ୍ରୀ, ଭଗ୍ନୀ ଓ ସନ୍ତାନମାନଙ୍କୁ ପ୍ରାର୍ଥନା କରୁଅଛି ଯେ ସେମାନେ ମୋର ଯାବତୀୟ ପ୍ରାପ୍ତି ନିମନ୍ତେ କୃତାର୍ଥ ହେବେ ।

ମୋଗଲବନ୍ଦିର ପ୍ରଧାନ ନଗର ଓ ଗଡ଼ଜା-ତର ପ୍ରଧାନ ସ୍ଥାନର ଯେଉଁ ଅଧିବାସୀମାନେ ଅମ୍ଭମାନଙ୍କଠାରୁ ବ୍ରହ୍ମ ନାମ ଶ୍ରବଣ କରିବାକୁ ଇଚ୍ଛୁକ ହେବେ ସେମାନେ ( ଶ୍ରୀଯୁକ୍ତ ବାବୁ ଭ-ବସୁନାଥ ଦେ, ବାଲେଶ୍ୱର ) —ଏହି ଠିକ-ଣାରେ ଅମ୍ଭମାନଙ୍କଠାରୁ ନିମନ୍ତ୍ରଣ ପତ୍ର ପଠା-ଇବେ ।

ବାଲେଶ୍ୱର ୧୫।୨।୮୩ } ଶ୍ରୀ ଚତୁର୍ଭୁଜ ପଟ୍ଟନାୟକ ଉତ୍କଳର ସେବକ

---

For Sale

Adarsalipi or Copy Book in Uriya Intended for use in Patsalas and middle and Lower Vernacular Schools Price 2 annas per copy Apply to the Secretary Printing Company

Cuttack 18—1—83 } Balaram Das.

---

## ଉତ୍କର୍ଷ୍ଟମେଣ୍ଟ ସିଙ୍କୋନା ଫେବ୍ରିଫିଉଜ୍ ।

ଏହା କୁଇନାଇନ୍‌ର ପରିବର୍ତ୍ତରେ ଜ୍ୱର ଔଷଧ ହୋଇ ବ୍ୟବହୃତ । ବଙ୍ଗଦେଶର ପ୍ରଧାନ ପ୍ରଧାନ ଡାକ୍ତରମାନେ ଓ ଦେଶୀୟ ଚିକିତ୍ସକମାନେ ଏହା ବ୍ୟବହାର କରନ୍ତି । ସରକାରୀ ଦୋକାନରେ ଏବଂ ପୋଷ୍ଟଅଫିସ୍‌ରେ ମିଳେ । ମୂଲ୍ୟ ଯଥା;— ଡାକବାବୁଙ୍କ ସହିତ ଅଣ୍ଡରଷ୍ଟେଟ୍ ଏକ ପାଉଣ୍ଡ ଟ ୧୬ ଟଙ୍କା । ୧୦ ପାଉଣ୍ଡ ଟ ୧୫୦ ମୂଲ୍ୟ ହେବ ।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନ-ଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ଛପାଇବା

| | |
|---|---|
| ଧାଡି ପ୍ରତି | ଟ ୦/୬ |
| ଅଧ ସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ କେବେ ହେଁ ଟଙ୍କାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟବାର ଛପାଇଲେ ଅର୍ଦ୍ଧ ପ୍ରଥମ ଥରର ଦେୟ ଓ ଚତୁର୍ଥ ବାରଠାରୁ ହେବ ।

ଅଧିକ ଥର ଛପାଇଲେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନ ମୂଲ୍ୟ ଅଗ୍ରିମ ସହିତ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉଅଛି ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା


ଖ ୧୮ ଭ ଖ
ସଂ ୯ ସଂଖ୍ୟା

ତା ୩ ଏପ୍ରିଲ ମାହେ ମାର୍ଚ୍ଚ [illegible] ମୁ । ଫାଲ୍ଗୁନ ତ ୨୧ ନ ସନ ୧୨୯୦ ସାଲ ଶନିବାର

| ମୂଲ୍ୟ | ଅଗ୍ରିମ | ବକେୟା |
|---|---|---|
| ବାର୍ଷିକ | ଟ ୨ ୧ | ଟ ୨୧ |
| ଡାକମାସୁଲ ଟ ୦ ୧୪ | | ଟ ୧ |


ଭାରତବର୍ଷୀୟ ବ୍ୟବସ୍ଥାପକ ସଭାରେ ଫୌଜଦାରୀ କାର୍ଯ୍ୟବିଧିରେ ଥିବା ଇଂରେଜ ପ୍ରଜାଙ୍କ ପ୍ରତି ନିୟମର କେତେକ ପରିବର୍ତ୍ତନ ଘଟାଇବା କାରଣ ଯେଉଁ ନୂତନ ପାଣ୍ଡୁଲିପି ଆଗତ ହୋଇଅଛି ତାହା ଆମ୍ଭମାନଙ୍କର ବିଖ୍ୟାତ ସେକ୍ରେଟରୀ ଇଲବର୍ଟ ସାହେବ ଉତ୍ଥାପନ ମନୋନୀତ ଲର୍ଡ ରିପନ ବାହାଦୂର ଅଧ୍ୟକ୍ଷ ଅଛନ୍ତି । ନୂତନ ପ୍ରେସିଡେନ୍‌ସୀର ଏହି ପ୍ରଥମ ଓ ପ୍ରଧାନ କାର୍ଯ୍ୟ ଏବଂ ଏଥିପାଇଁ ଏହାଙ୍କର ଉଦାରଭାବର ସୂଚନା ହେଉଅଛି ଏଥିରେ ମାନେ ଅତ୍ୟନ୍ତ ଅସନ୍ତୁଷ୍ଟ ଓ ବିରକ୍ତ ହୋଇଅଛନ୍ତି । କିନ୍ତୁ ଏଠା ଇଂରେଜମାନେ ଯେରୂପ ପ୍ରତିବାଦ ଉତ୍ଥାପନ କରୁଅଛନ୍ତି ତାହା ଇଂଲଣ୍ଡବାସୀଙ୍କ ସମ୍ମତି ସାଧନ କରିବାକୁ ସମର୍ଥ ହେବ ନାହିଁ ଏ ବିଷୟରେ ସେମାନଙ୍କ ମାନସ ପୂର୍ଣ୍ଣ ହେବ କି ନାହିଁ ଦେଖିବାକୁ ଅଛି । ଇଂଲଣ୍ଡର ବଣିକସଭା ଏହି ପ୍ରତିବାଦର ପକ୍ଷସମର୍ଥନ କରୁଅଛନ୍ତି ।

---

ଲର୍ଡ ରିପନ ମହୋଦୟଙ୍କର ଭାରତବର୍ଷର ଶାସନ କାଳ ବଢ଼ାଇବା କାରଣ କଲିକତା ବାସିମାନେ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ଆବେଦନ କରିବାର ଯାହା ଇତିପୂର୍ବେ ପାଠକମାନଙ୍କୁ ଜଣାଇଥିଲୁଁ ବର୍ତ୍ତମାନ ତହିଁ ଆବେଦନପତ୍ର ପ୍ରସ୍ତୁତ ହେବା କାରଣ ଟାଉନହଲରେ ଉକ୍ତ ଗତ ମାସ ତା ୧୮ ରଖରେ ସଭା ହୋଇଥିଲା । ଅ-ନରେବଲ ମହାରାଜା ଯତୀନ୍ଦ୍ରମୋହନ ଠାକୁର ସଭାପତି ହୋଇଥିଲେ ଓ ଅନେକ ମାନ୍ୟଗଣ୍ୟ ଲୋକ ଉପସ୍ଥିତ ହୋଇଥିଲେ । ସାହେବ ଏ ଦେଶବାସୀଙ୍କର ହୃଦୟ ଜିଣି ଅଛନ୍ତି । ବମ୍ବାଇ ବାସିମାନେ ଏହା ଯାହା କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ତାହା ଏ ଭାରତବାସୀ ସମସ୍ତ ଲୋକଙ୍କର ଏକାନ୍ତ ଇଚ୍ଛା । ଏଥି ସଙ୍ଗେ କଲିକତାବାସିମାନେ ଯାହା ଅଗ୍ରଗାମୀ ହୋଇଅଛନ୍ତି ତହିଁରେ ସେମାନେ ଧନ୍ୟବାଦର ପାତ୍ର ମାତ୍ର ସେ ଆବେଦନପତ୍ର ପଠାଇବା ପୂର୍ବ ଭାରତବର୍ଷର ସମସ୍ତ ପ୍ରଧାନ ପ୍ରଧାନ ସହରର ଲୋକମାନଙ୍କର ସ୍ୱାକ୍ଷର ହେବା ଉଚିତ ।

---

କଟକ ଓ ଚାନ୍ଦବାଲି ମଧ୍ୟରେ ହାଇଲେବଲ କାନାଲ ବାଟେ ଯେଉଁ ସ୍ଟିମବୋଟ ଯାତାୟାତ କରୁଅଛି ତହିଁର ଛାଡ଼ିବା ସମୟ ସ୍ଥିର କେତେକ ପରିବର୍ତ୍ତନ ହୋଇଅଛି । ପୂର୍ବେ ପ୍ରତି ସପ୍ତାହରେ ତିନିଥର ଯାତାୟାତ ଚଳାଇ ଆସୁଥିଲା ଗତ ମାସ ତା ୨୦ ରଖରୁ ସପ୍ତାହରେ ଦୁଇଥର ଯିବା ଆସିବାର ନିୟମ ହୋଇଅଛି ଅର୍ଥାତ୍ କଟକଠାରୁ ପ୍ରତି ମଙ୍ଗଳବାର ଏବଂ ଶୁକ୍ରବାର ଓ ଚାନ୍ଦବାଲିଠାରୁ ପ୍ରତି ବୁଧବାର ଓ ଶନିବାର ଯାତ୍ରା କରିବ । ଯାତ୍ରା ସମୟର ମଧ୍ୟ ପରିବର୍ତ୍ତନ ହୋଇଅଛି ଯଥା କଟକଠାରୁ ସକାଳ ସ ୧ ଘା ସମୟରେ ଛାଡ଼ି ସନ୍ଧ୍ୟା ସମୟରେ ଚାନ୍ଦବାଲି ପହଞ୍ଚିବ ଏବଂ ଚାନ୍ଦବାଲିଠାରୁ ଅପରାହ୍ନ ସ ୩ ଘା ସମୟରେ ଛାଡ଼ି ପରଦିନ ସକାଳ ସ ୧୦।୧୫ ମିନିଟରେ ପହଞ୍ଚିବ । କଟକଠାରୁ ଚାନ୍ଦବାଲି ୨୫ ମାଇଲ ବାଟ ଅଟଇ । ୨୫ ମାଇଲ ବାଟ ୧୬ ଘଣ୍ଟାରେ ଯିବାଆସିବା କରିବା ବଡ଼ ଭଲ ହେଲା ନାହିଁ । ଅନ୍ତତଃ ୧୨ ଘଣ୍ଟାରେ ଗୋଟିଏ ଟ୍ରିପ ହେଲେ ବଡ଼ ସୁବିଧା ହୁଅନ୍ତା । ଶୁଣୁଅଛୁଁ ଯେ ବର୍ତ୍ତମାନ ଏ ବାଟରେ ଅଧିକ ଯାତ୍ରୀ ହେଉ ନାହାନ୍ତି କିନ୍ତୁ ସେଥିର ଆଉ ଉନ୍ନତି ହୋଇ ନାହିଁ ।

---

ବାଲେଶ୍ୱର ମିଉନିସିପାଲିଟିର ଆୟ ବ୍ୟୟର ବଜେଟ ସମ୍ବନ୍ଧରେ ହଲିଉଡ଼ ସାହେବ ଯେଉଁ ମତ ଦେଇଥିଲେ ତାହା ଦାସପାଠାଳି ସମ୍ବାଦଦାତା ମିଉନିସିପାଲ ଫଣ୍ଡରୁ ଟଙ୍କା ବ୍ୟୟ କରିବା ଅନ୍ୟାୟ ଅଟଇ । ଏହି ଦାସପାଠାଳି ସ ୧୮୭୦ ସାଲ ଆଗାମୀ ବର୍ଷ କମିଟି ମଞ୍ଜୁର ହୋଇଅଛି ଏଥିରୁ ଏ କାର୍ଯ୍ୟାଳୟ ଯେଉଁ ସ୍ଥାନ ର ଅତି ସେ ସ୍ଥାନକୁ ଯିବା ଆସିବା ନିମନ୍ତେ ସବୁ ପଥରେ ପଥ୍ୟାଦିର ନିମନ୍ତେ ଏବଂ ଏହା ବାସ୍ତବରେ ସାହିତ୍ୟ ଉପକାରୀ କମିଟି ସ୍ଥାପନ ହୋଇଅଛି ଏପରି ଦାସପାଠାଳିର ବ୍ୟୟ ପ୍ରଦେଶୀୟ ଧନରୁ ଦିଆଯିବାର ଉଚିତ ମିଉନିସିପାଲ ଟଙ୍କା ଏଥିରେ ନିଯୁକ୍ତ କରିବା ଟ୍ରଷ୍ଟୀମାନଙ୍କ ପ୍ରତି ଅନୁଚିତ ଅଟଇ ସନ୍ଦେହ ନାହିଁ । କିନ୍ତୁ ଏହା କୋଳ ଆମ୍ଭମାନଙ୍କ ସହଯୋଗୀ ଏହି ବିଷୟରେ ଆମ୍ଭେ ଦୋଷୀୟ ଉତ୍କଳଦୀପିକା ଗୋଟିଏ ଟିପ୍ପଣୀ ଦେବାର ଯେ ପ୍ରସ୍ତାବ କରୁଅଛନ୍ତି ତହିଁରେ ସମ୍ମତ ହୋଇ ନ ପାରୁଁ । ଅନ୍ୟପ୍ରଦେଶୀୟ ଅବସ୍ଥା ଯେପରି

Digitized by srujanika@gmail.com

Split by PDF Splitter



ଉତ୍କୃଷ୍ଟ ହେଲେହେଁ ସେ ପର୍ଯ୍ୟନ୍ତ ଉକ୍ତ ପ୍ରଣାଳୀର ଚିହ୍ନସ୍ୱରୂପ ଯୋଗ୍ୟତା ନିଶ୍ଚୟ କରିବାର କୌଣସି ଉପାୟ ସ୍ଥିର ହୋଇ ନାହିଁ ସେ ପର୍ଯ୍ୟନ୍ତ ଉକ୍ତ ଅବସ୍ଥାର କାର୍ଯ୍ୟକାରିତା ପରୀକ୍ଷାଧୀନ ରହିଅଛି ବୋଲିବାକୁ ହେବ ଏବଂ ଏହିଁରେ ସାଧାରଣ ଅର୍ଥବ୍ୟୟ କରିବା ଅବିଧେୟ ଉକ୍ତ ପ୍ରକାର ଚିକିତ୍ସାଳୟର କାର୍ଯ୍ୟକାରିତା ପ୍ରଥମେ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରେ ସ୍ଥାପିତ ହୋଇ ପଶ୍ଚାତ୍ ସୁଫଳ ଦେଖା ଗଲେ ମିଉନିସିପାଲିଟୀର ସାହାଯ୍ୟ ଆଶା କରାଯାଇ ପାରେ ।

---

କଲିକତାର ଠାକୁରବଂଶ ଅତି ପ୍ରାଚୀନ ଓ ବିଖ୍ୟାତନାମା ଅଟେ । ସେହି ଏକ ବଂଶୀୟ ଯେଉଁ ଯେଉଁ ମାନ୍ୟ ଗଣ୍ୟଲୋକ ନାନାଦିଗରେ ଗତ ହୋଇ ଯାଇଅଛନ୍ତି ବା ଅବସ୍ଥିତି କରୁଅଛନ୍ତି ସେମାନ ଏକତ୍ରୀକୃତ ହେଲେ ଗୋଟିଏ ବୃହତ୍ ପୋଥି ହୋଇ ଯିବ । ଏକ ବଙ୍ଗଳାପତ୍ର ଏ ସମ୍ବନ୍ଧରେ ଲେଖିଅଛନ୍ତି ଯେ ଦ୍ୱାରକାନାଥ ଠାକୁର, ଗୋପୀମୋହନ ଠାକୁର, ମହାରାଜା ରମାନାଥ ଠାକୁର, ହରକୁମାର ଠାକୁର, ପ୍ରସନ୍ନ କୁମାର ଠାକୁର ସି, ଆଇ, ଇ, ମହାରାଜା ସର ଯତୀନ୍ଦ୍ର ମୋହନଠାକୁର କେ, ସି, ଏସ, ଆଇ, ଏବଂ ରାଜା ଶୌରୀନ୍ଦ୍ରମୋହନ ଠାକୁର ସି, ଆଇଙ୍କ ପ୍ରାୟ ମାନ୍ୟବାନଲୋକ ଭାରତବର୍ଷରେ ମିଳିବାକୁ ଦୁଷ୍କର ଏବଂ ଏହା ଏମାନଙ୍କର ମାନ ଭାରତ ଇତିହାସକୁ ଅଳଂକୃତ କରିଅଛି । ଦ୍ୱାରକାନାଥ ଠାକୁର ମହାରାଣୀ ଏବଂ ତାଙ୍କ ଭର୍ତ୍ତା ଏବଂ ସମୁଦାୟ ଇଂରାଜ ଜାତିର ଆତିଥ୍ୟ ସେବିଥିଲେ । ପ୍ରସନ୍ନକୁମାର ଜଣେ ରାଜନୀତିଜ୍ଞ, ଅଭିଜ୍ଞ ଏବଂ [illegible] ଭାଷାଜ୍ଞ ଥିଲେ ଓ ତାଙ୍କ ବସ୍ତୁର ନ ଦେନ ଭୂମିସମ୍ପର୍କୀୟ କୌଣସି ଅଇନ ସେ ସମୟରେ ପ୍ରଚଳିତ ହୋଇ ନ ଥିବାର ଯଥାର୍ଥରୂପେ କଥିତ ହୁଏ । ଯତୀନ୍ଦ୍ରମୋହନ ଠାକୁର ମଧ୍ୟ ଅପଣାର ସାଧାରଣ କାର୍ଯ୍ୟ ଦ୍ୱାରା ମଧ୍ୟ ଚିହ୍ନିତ ବୃତ୍ତିର ସେବା କରିବାରେ ରତ ଅଛନ୍ତି ଏବଂ ସେ ଜଣେ ନାଟକଲେଖକ ଓ ଅନୁବାଦକ । ଶୌରୀନ୍ଦ୍ରମୋହନ ସୁଦ୍ଧ ସଙ୍ଗୀତର ବ୍ୟବସ୍ଥାପକ ଓ ସ୍ୱତନ୍ତ୍ର ସଙ୍ଗୀତ ପ୍ରଚାରକ ବୋଲି ପୃଥିବୀର ସର୍ବତ୍ର ବିଖ୍ୟାତ ।—ଏହି ପ୍ରକାରେ ସେହି ବଂଶର ନାନାଦ ଗୁଣ ବର୍ତ୍ତିଲା ବହୁ ବହୁଂଶଜମାନଙ୍କର ବିଶେଷ ପ୍ରଶଂସା କରି ଅଛନ୍ତି । ଅବଶ୍ୟ, ଠାକୁରବଂଶ ବହୁ ସମ୍ମାନୋପଯୋଗୀ । ଧନୀ ଲୋକେ ଜ୍ଞାନ ସେବା କରି ଶେଷ କାଳରେ ଅପଣାର ନାମ ସାର୍ଥକ କରିବା ନିମନ୍ତେ ପ୍ରବୃତ୍ତ ହେବା ପ୍ରକୃତ ମନୁଷ୍ୟତା ଅଟେ । ଅସ୍ମଦେଶୀୟ ଧନୀ ଲୋକମାନେ ଏ ମହତ୍ ଉଦାହରଣରୁ ଶିକ୍ଷା ଲାଭ କଲେ ବଡ଼ ସୁଖର ବିଷୟ ହେବ ।

---

## ରେଭେନ୍ସା କଲେଜ ।

ଏବର୍ଷ ଏ କଲେଜର ଫଳ ଯେମନ୍ତ ଆଶାତୀତ କୁତ୍ସିତ ହୋଇଅଛି ତାହା ଦେଖି ଅମ୍ଭେମାନେ ଆଶା କରିଥିଲୁଁ ଯେ ଏଥିର ଉନ୍ନତି ଯେମନ୍ତ ଶୀଘ୍ର ହେବ । ମାତ୍ର ଇହିଁର କିଛି ଲକ୍ଷଣ ଦେଖାଯାଉ ନାହିଁ । ଯେଉଁ ଜ ୫ ଣ ବି, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି ସେମାନଙ୍କ ମଧ୍ୟରୁ କେବଳ ବାବୁ ମନମୋହନ ଚକ୍ରବର୍ତ୍ତୀ ଏମ୍, ଏ, ଯୋଗ୍ୟତା ଲାଭ କରିବା କାରଣ ହୁଗଲି କଲେଜରେ ପଢ଼ିବା ନିମିତ୍ତ ଏଠାରୁ ଯାତ୍ରା କଲେ । ଅପର ତିନିଜଣ ପଢ଼ିବା ପୋଥିରେ ଡୋର ଦେଇ କଚେରୀମାନଙ୍କ ବାବୁ ହେବା ସକାଶେ ଲାଳାୟିତ ହୋଇଅଛନ୍ତି । ଏଥିରେ ଏମାନଙ୍କର କିଛି ଦୋଷ ଅଛି ଏମନ୍ତ ଅମ୍ଭେମାନେ କହୁନାହୁଁ କାରଣ ଅଧ୍ୟୟନର ସୁବିଧା ଅଭାବରୁ ସେମାନେ ଅଗତ୍ୟା ପଢ଼ା ଛାଡ଼ିଲେ । ଏ ଛାତ୍ରମାନଙ୍କର ଅଧ୍ୟବସାୟ ଦୃଷ୍ଟିରେ ଅମ୍ଭେମାନେ ଆଶା କରିଥିଲୁଁ ଯେ ଏମାନଙ୍କ ମଧ୍ୟରୁ ତାହାଙ୍କୁ ଓଡ଼ିଆର ପ୍ରଥମ ଏମ୍ ଏ ଉପାଧି ଧାରୀ ଦେଖିବୁ । ବଡ଼ ଦୁଃଖର ବିଷୟ ଯେ ସେ ଆଶା ପୂର୍ଣ୍ଣ ହେଲା ନାହିଁ । ପୂର୍ଣ୍ଣ ହେବ ଅବା କିପରି ? ଗବର୍ଣ୍ଣମେଣ୍ଟ ଏହି କଲେଜରେ ଏମନ୍ତ ଅଧ୍ୟାପକମାନ ନିଯୁକ୍ତ କରିଅଛନ୍ତି ଯେ ଏଥି ମଧ୍ୟରେ ଜଣେ ସୁଦ୍ଧା ଏମ୍, ଏ ପରୀକ୍ଷା ଉପଯୋଗୀ ପାଠ ପଢ଼ାଇବାକୁ ଯୋଗ୍ୟ ନୁହନ୍ତି । କେତେକ ମାସ ହେବ ଶ୍ରୀଯୁକ୍ତ ବାଲସ୍ ସାହେବ ଏଠା କଲେଜର ପ୍ରିନ୍ସିପଲ ହୋଇ ଆସିବେ ବୋଲି କଥା ଥିଲା ଏବଂ ଛାତ୍ରମାନେ ସ୍ୱଭାବତଃ ତାହାଙ୍କୁ ଗୁହଁ ରହିଥିଲେ ସେ ଆସିଥିଲେ ମନମୋହନ ବାବୁ ଏଠାରୁ ଯାଇ ନ ଥାନ୍ତେ ଏବଂ ଅନ୍ୟ ଲୋକହିଁ ମଧ୍ୟ ପଢ଼ନ୍ତେ । ବର୍ତ୍ତମାନ ଯେଉଁ ବ୍ୟକ୍ତି ଏଠାରେ ପ୍ରିନ୍ସିପଲ ଅଛନ୍ତି ସେ ଅପଣା ପାରୁପର୍ଯ୍ୟନ୍ତ ଯେତେ ଉତ୍କୃଷ୍ଟ ଫଳ ଦେଖାଇବାକୁ ସକ୍ଷମ ତାହା କରୁଅଛନ୍ତି । ଏତେବ ଅଧିକ ଫଳ ତାହାଙ୍କ ସେହି ପଦରେ ଏଠାରେ ରହିବା ସାଧାରଣ କ୍ଷତି ଭିନ୍ନ ଅନ୍ୟ କିଛି ନୁହଇ । ଗବର୍ଣ୍ଣମେଣ୍ଟ ଅବା ମନେ କରିବେ ଯେ ଯେବେ ଶ୍ରୀଯୁକ୍ତ ଏଲଜ୍ ସାହେବ ଉତ୍ତମ ଫଳ ଦେଖାଇଲେ ତେବେ ତାହାଙ୍କୁ ସ୍ଥାନାନ୍ତରିତ କରିବା ଉଚିତ ନୁହଇ ମାତ୍ର ଅମ୍ଭେମାନେ କହୁଁ ଯେ ଏହି ଉତ୍ତମଫଳ ହେବାକୁ ଏଠାକୁ ଜଣେ ଏମନ୍ତ ପ୍ରିନ୍ସିପଲ ଆସିବାର ଆବଶ୍ୟକ ହୋଇଅଛି ଯେ ତାହାଙ୍କ ସାହାଯ୍ୟରେ ଛାତ୍ରମାନେ ଏମ୍, ଏ ପରୀକ୍ଷା ଦେବାକୁ ସକ୍ଷମ ହେବେ ନୋହିଲେ ଓଡ଼ିଆମାନଙ୍କ ଉନ୍ନତିର ବାଟ ବନ୍ଦ ହେବ । ଅତଏବ ଅମ୍ଭେମାନେ ଗବର୍ଣ୍ଣମେଣ୍ଟଙ୍କୁ ବିଶେଷ ଅନୁରୋଧ କରୁଅଛୁଁ କି ଶୀଘ୍ର ଏଠାକୁ ଜଣେ ସୁଯୋଗ୍ୟ ପ୍ରିନ୍ସିପଲ ପଠାଇବାର ବନ୍ଦୋବସ୍ତ କରନ୍ତୁ ।

---

**ମିଉନସିପଲ ଟିକସ ଦାୟୀ କିଏ ?**

ଏଠା ମିଉନସିପାଲିଟିର ଯେଉଁ କର ଧାର୍ଯ୍ୟ ବିଷୟକ ମୋକଦମାର ପ୍ରସଙ୍ଗ ଅମ୍ଭେମାନେ ପ୍ରକାଶ କରିଥିଲୁଁ ଇହିଁକି ଲକ୍ଷ କରି ଉତ୍କଳ ଦର୍ପଣ ପଚାରିଅଛନ୍ତି କି ଏଥିରେ ମିଉନସିପାଲିଟିର ଯେଉଁ ବ୍ୟୟ ପଡ଼ିଲା ଇହିଁର ଦାୟୀ କିଏ ? ଅମ୍ଭେମାନେ ଅନୁମାନ କରୁଁ କି ସହଯୋଗୀ ଏ ଖର୍ଚ୍ଚର ସେମାଣ ଜାଣି ନ ଥିବାରୁ ସ୍ୱୟଂ ଏଷର ଉତ୍ତର ଦେଇ ନାହାନ୍ତି । ଏ ମୋକଦମାର ଖର୍ଚ୍ଚ କେବଳ ଟ ୩୧/୩ ଏବଂ ଏଥିରେ ମୁହାଲ ପକ୍ଷରୁ ଜବାବ ଦେବା ଭିନ୍ନ ଆଉ କିଛି ଖର୍ଚ୍ଚର କାର୍ଯ୍ୟ ହୋଇ ନାହିଁ । ପୁଣି ମୁହାଲର ଏଥିରେ ସର୍ବୋଚ୍ଚ ଲାଭ ଟ ୧୬୯ ଟାରୁ ଅଧିକ ନୁହଇ ଆଇନାନୁସାରେ ଏଥିରେ କେତେ ଖର୍ଚ୍ଚ ହୁଅନ୍ତା ତାହା ଏଥିକରୁ ସହଜରେ ଜଣା ଯାଇ ପାରେ । କିନ୍ତୁ ମୋକଦମାରେ ସ୍ୱଭାବ ଦେଅରମାନ ମାନଙ୍କୁ ଖାତିରଙ୍କର ବଡ଼ ଭୟ ଥିଲା ସେ ଅପଣା ବେଆଇନୀ କାର୍ଯ୍ୟକୁ ଅଇନସଙ୍ଗତ କରିବା କାରଣ ସଞ୍ଚାର ମତ ନ ନେଇ ସରକାରର ଓକିଲ ବାବୁ ହରିବଲ୍ଲଭ ବୋଷ ଏବଂ ବାରିଷ୍ଟର କଲନ୍ସ ସାହେବଙ୍କୁ ଉପଯୁକ୍ତ କର ଟ ୧୦୦ ଟା ସେମାନଙ୍କୁ ଅଗତ୍ୟା ମେହନତନା ଦେଲେ । ବେଆଇନୀ କାର୍ଯ୍ୟକୁ ଏମାନେ ଯେତେବେଳେ ଅଇନସଙ୍ଗତ କଲେ ତାହାର ଦେଖିବାରେ ଆସଇ । କିନ୍ତୁ ଏମାନେ ପୂର୍ବେ ମିଉନିସିପଲ କମିଶନର ଥିଲେ । ଏହି ସାମାନ୍ୟ ମୋକଦମାର ଫିସ ସ୍ୱରୂପ ଏକଶହ ଟଙ୍କା ଦେବାପାଇଁ ଏମାନେ କାହିଁକି ମନ ବାନ୍ଧି ଥିଲେ ନାହିଁ । ପ୍ରଥମ ବେଆଇନୀ ଅନ୍ୟ ଓକିଲ ନ ନେଇ ବାରିଷ୍ଟରମାନଙ୍କୁ ଯେ ସ୍ଥଳେ ଓକିଲ

Digitized by srujanika@gmail.com

Split by PDF Splitter



ନିଯୁକ୍ତ କଲେ ସେ ସ୍ଥଳେ ସାଧାରଣଙ୍କର ଆଶା ଥିଲା ଯେ ସେମାନେ ବିନା ଫିସ ଅଥବା ଆଇନ ନିର୍ଦ୍ଦିଷ୍ଟ ଫିସରେ ଏହି ସାମାନ୍ୟ ମୋକଦ୍ଦମାକୁ ଚଳାଇ ସାଧାରଣ ଅତଶ୍ଚ ଉପଯୁକ୍ତ ଉପକୃତ ହୋଇ ପରିତୃପ୍ତ ହେଉଥାନ୍ତେ । କିନ୍ତୁ ଭାଇସ ଚେଅରମାନ କଟକରେ ଅଳ୍ପ ହୋଇ ସେମାନଙ୍କୁ ଏକଶତ ଟଙ୍କା ଫିସ ଦେଲେ ଏବଂ ସେମାନେ ଏକ ଦିଗର ଲୋଭରେ ପଡ଼ି ଅନ୍ୟ ଦିଗର କର୍ତ୍ତବ୍ୟକୁ ଅବହେଳା କଲେ । ଯେବେ ଅନ୍ୟ କେହି ଓକିଲ ଏହିପରି ଖର୍ଚ୍ଚା ଦାବି କରଥାନ୍ତା ତେବେ ସମ୍ଭବତଃ ସେମାନେ ତହିଁରେ ଆପତ୍ତି କରନ୍ତେ କିନ୍ତୁ ଆପଣାବେଳକୁ ଆଉ କଏ କହିବାକୁ ଅଛି ? ମାନନୀୟ ସାହେବ ଏମାନଙ୍କୁ ତାଙ୍କୁ୨ କମିଶ୍ନର ନିଯୁକ୍ତ କରିଥିଲେ ଏବଂ ସେମାନେ ମିଉନିସିପାଲଟିର ସ୍ୱାର୍ଥ ପ୍ରତି ଯେପ୍ରକାର ମମତା ଦେଖାଇଅଛନ୍ତି ତହିଁର ପଟାନ୍ତର ନାହିଁ । ଫଳତଃ ଯେ ସ୍ଥଳେ ଦାତା ଗ୍ରହୀତା ସମସ୍ତେ କମିଶ୍ନର ସେ ସ୍ଥଳେ ଦାୟିତ୍ୱର କଥା କଏ ବୁଝୁଅଛି ? ଭାଇସ ଚେଅରମାନ ମୋକଦ୍ଦମାରେ ଯାହା ଖର୍ଚ୍ଚ କଲେ ତହିଁର ମଞ୍ଜୁରି ପୂର୍ବରୁ କମିଶ୍ନରମାନଙ୍କଠାରୁ ନେବାର ଉଚିତ ଥିଲା ସେ ତାହା କରି ନାହାନ୍ତି ଏବଂ ଯେଉଁ ଦୁଇଜଣ କମିଶ୍ନର ଏତେ ଅଧିକ ଫିସ ନେଲେ ସେମାନେ ମଧ୍ୟ ଉକ୍ତ ପ୍ରକାର ମଞ୍ଜୁରିର ଅପେକ୍ଷା ରଖିଲେ ନାହିଁ । ଏ ପକ୍ଷେ ଅନ୍ୟ କମିଶ୍ନରମାନେ ଏଥିର ପ୍ରତିବାଦ କରିବେ ଏକଥା ମଧ୍ୟ ମନକୁ ଆସୁ ନାହିଁ ସମ୍ଭବତଃ ଆପଣା ମଧ୍ୟର କଥା ଆପଣା ମଧ୍ୟରେ ନିଗାଡ଼ ନେବେ । ଫଳ ମଧ୍ୟରେ ଟାକ୍ସଦାତାଙ୍କଠାରୁ ବଳ ମନରେ ଅଦାୟ ହୋଇଥିବା ଟଙ୍କା ଗୁଡ଼ିଏ ନଷ୍ଟ ହେଲା । ଏଥିର ପୁଣି ଦାୟୀ କିଏ ? ଯେବେ ଗବର୍ଣ୍ଣମେଣ୍ଟ ଏଥିର ତଦନ୍ତ କରନ୍ତି ତେବେ ଅବା ଦାୟିତ୍ୱର ବିଚାର ହୋଇ ପାରେ ନୋହିଲେ ପର ଧନ ପାଣିପରି ବୋହିଗଲେ କାହାର କି ଗଲା ।

---

## ବଙ୍ଗପ୍ରଦେଶର ଶିକ୍ଷାବିଭାଗର ବିଜ୍ଞାପନୀ ।

ବଙ୍ଗପ୍ରଦେଶର ଶିକ୍ଷାବିଭାଗର ସନ ୧୮୮୧-୮୨ ସାଲର ବିଜ୍ଞାପନୀ ଉପରେ ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ନିର୍ଦ୍ଧାରଣ ବାହାରି ଅଛି । ତହିଁରୁ ଜଣାଯାଏ ଯେ ଏ ପ୍ରଦେଶର ଶିକ୍ଷାକାର୍ଯ୍ୟ ଅତି ସୁନ୍ଦର ରୂପେ ବୃଦ୍ଧି ହେଉଅଛି । ସନ ୧୮୮୦।୮୧ ରେ ସମସ୍ତ ପ୍ରକାରର ବିଦ୍ୟାଳୟ ୪୭୬୦୭ ଥିଲା ଏବଂ ତହିଁରେ ୧୨୮୪୮୯ ଜଣ ଛାତ୍ର ପଢ଼ୁଥିଲେ ବିଜ୍ଞାପନୀ ବର୍ଷରେ ବିଦ୍ୟାଳୟ ସଂଖ୍ୟା ୫୮୦୭୯ ଏବଂ ଛାତ୍ର ସଂଖ୍ୟା ୧୧,୦୬,୭୪୫ ହୋଇଅଛି । ଏକବର୍ଷରେ ସାଢ଼େଦଶହଜାର ବିଦ୍ୟାଳୟ ଏବଂ ୧୭୮୧୫୬ ଛାତ୍ର ବୃଦ୍ଧି ହେବା ସାମାନ୍ୟ ଆନନ୍ଦର ବିଷୟ ନୁହଇ ।

ଏହି ସମସ୍ତ ବିଦ୍ୟାଳୟର ଛାତ୍ରାବଧାରଣ ଏବଂ ଶିକ୍ଷାକାର୍ଯ୍ୟରେ ସର୍ବସୁଦ୍ଧା ଟ ୭୪୧୨୦୦୦ଙ୍କା ବ୍ୟୟ ହୋଇଥିଲା ଯେ ତହିଁ ମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କର ନିଜ ବ୍ୟୟ ଟ ୨୭,୬୦,୦୦୦ ଙ୍କା ଅତଏବ ଅବଶିଷ୍ଟ ବ୍ୟୟ ସର୍ବସାଧାରଣଙ୍କଠାରୁ ଚନ୍ଦା ବେତନ ଇତ୍ୟାଦିରେ ଆଦାୟ ହୋଇଅଛି ବୋଲିବାକୁ ହେବ । ବଙ୍ଗପ୍ରଦେଶର ଲୋକମାନେ ଯେ ସ୍ଥଳେ ଅର୍ଦ୍ଧେକରୁ ଅଧିକ ବ୍ୟୟ ନିର୍ବାହ କରୁଅଛନ୍ତି ସେ ସ୍ଥଳେ ସେମାନେ ସାମାନ୍ୟ ବ୍ୟୟରେ ଗବର୍ଣ୍ଣମେଣ୍ଟଙ୍କଠାରୁ ଶିକ୍ଷାଲାଭ କରୁଅଛନ୍ତି ଏହା କଦାଚ ବୋଲି ଯାଇ ନ ପାରେ ଅବଶ୍ୟ ଉଚ୍ଚଶିକ୍ଷାରେ ଗବର୍ଣ୍ଣମେଣ୍ଟ ବ୍ୟୟର ଅଂଶ ଶତକଡ଼ା ଟ ୫୩ ଙ୍କା ପଡ଼ିବାରେ ଏ ବ୍ୟୟକୁ ଅଧିକ ବୋଲିଯାଇ ପାରେ ମାତ୍ର ଦେଶର ଅବସ୍ଥାନୁସାରେ କଲିକର ବ୍ୟୟ ସାମାନ୍ୟ ଲୋକଙ୍କ ପକ୍ଷରେ ନିର୍ବାହ କରିବା ସହଜ ବ୍ୟାପାର ନୁହଇ ଏବଂ ଯେମନ୍ତ ଏହି ସ୍ଥଳରେ ଗବର୍ଣ୍ଣମେଣ୍ଟଙ୍କର ଅଧିକ ବ୍ୟୟ ପଡ଼ୁଅଛି ତେମନ୍ତ ଅନ୍ୟାନ୍ୟ ବିଦ୍ୟାଳୟର ବ୍ୟୟଭାର ଚତୁର୍ଥାଂଶ ଅଥବା ତହିଁରୁ ଉଣା ହୋଇଅଛି ।

ମୁସଲମାନ ଛାତ୍ରଙ୍କ ସଂଖ୍ୟା ପୂର୍ବେ ଉଣା ଥିଲା ମାତ୍ର ଏଣିକି କ୍ରମଶଃ ବୃଦ୍ଧି ହେବାର ଦେଖାଯାଏ । ସନ ୧୮୮୦।୮୧ ରେ ମୁସଲମାନ ଛାତ୍ର ଶତକଡ଼ା ୨୦ ପଡୁଥିଲା ସନ ୧୮୮୧।୮୨ ରେ ଶତକଡ଼ା ୨୨୳ ହୋଇଅଛି । ମୁସଲମାନମାନଙ୍କର ଇଂରାଜୀ ଶିକ୍ଷା ପ୍ରତି ଅଧିକ ଅନୁରାଗ ବଢ଼ିବା ସୁଖର ବିଷୟ ଅଟଇ ।

ଓଡ଼ିଶା ବିଭାଗର ଶିକ୍ଷାକାର୍ଯ୍ୟ ସନ୍ତୋଷଜନକ ରୂପେ ଚାଲୁଅଛି ବୋଲି ଲେଖା ଅଛି ବିଦ୍ୟାଳୟରେ ପଢ଼ିବା ଯୋଗ୍ୟ ବୟସ୍କ ବାଳକଙ୍କ ମଧ୍ୟରୁ ଶତକଡ଼ା ୨୳ ବିଦ୍ୟାଳୟରେ ପଢ଼ୁଅଛନ୍ତି ଉଚ୍ଚ ପ୍ରାଇମେରି ସ୍କୁଲ ୧୪୫ ଠାରୁ ୧୪୯ ଏବଂ ଛାତ୍ର ୩୩୯୫ ଠାରୁ ୩୭୫୭ ପର୍ଯ୍ୟନ୍ତ ଏବଂ ନିମ୍ନ ପ୍ରାଇମେରି ବିଦ୍ୟାଳୟ ୬୭୩୭ ଠାରୁ ୭୬୨୧ ଏବଂ ଛାତ୍ର ୭୪୫୬୯ ଠାରୁ ୮୬୩୯୫ ପର୍ଯ୍ୟନ୍ତ ବୃଦ୍ଧି ହୋଇଅଛି ଏହି ବୃଦ୍ଧିର ଭାଗ କଟକ ଜିଲାରେ ଅଧିକ ଏବଂ ଛାତ୍ରାବଧାରକ ପଣ୍ଡିତଙ୍କ ସଂଖ୍ୟା ବୃଦ୍ଧି ହେବାଦ୍ୱାରା ଏହି ଫଳଲାଭ ହୋଇଅଛି । ଗଡ଼ଜାତର ଯେ ସମସ୍ତ ବିଦ୍ୟାଳୟ ଶିକ୍ଷାବିଭାଗର ଛାତ୍ରାବଧାରଣରେ ଆସିଅଛି ତହିଁରେ ମଧ୍ୟ ଅନେକ ବୃଦ୍ଧି ଦେଖାଯାଏ ଏବଂ ଯଦ୍ୟପି ଏ ଏଥିରୁ ଏମନ୍ତ ଅର୍ଥ ହୋଇ ନ ପାରେ ଯେ ଅନେକ ନୂତନ ସ୍କୁଲ ଗଡ଼ଜାତରେ ବସିଅଛି ମାତ୍ର ଏତିକି ହେଲେ ଜଣାଯାଉଅଛି ଯେ ଶିକ୍ଷାର ଉନ୍ନତି ସେଠାରେ ହେଉଅଛି ବିଜ୍ଞାପନୀ ବର୍ଷରେ ୩୧୯୨ ଛାତ୍ର ପ୍ରାଇମେରି ବୃତ୍ତି ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରୁ ୧୭୨୫ ଛାତ୍ର ଉତ୍ତୀର୍ଣ୍ଣ ହେଲେ । ବିଦ୍ୟାଳୟରେ ପଢ଼ୁଥିବା ବାଳିକାଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ହୋଇଅଛି ଅର୍ଥାତ୍ ବର୍ଣ୍ଣିତ ବର୍ଷରେ ୮୨୩ ବାଳିକା ବାଳିକାବିଦ୍ୟାଳୟରେ ଏବଂ ୧୬୨୩ ବାଳିକା ବାଳକବିଦ୍ୟାଳୟରେ ଅଧ୍ୟୟନ କରୁଅଛନ୍ତି ।

ଓଡ଼ିଶାରେ ବିଦ୍ୟାଶିକ୍ଷାର ଉନ୍ନତି କ୍ରମଶଃ ହେଉଅଛି ଏ ବିଷୟରେ ସନ୍ଦେହ ନାହିଁ କିନ୍ତୁ ଆମ୍ଭେମାନେ ଚାଟଶାଳୀର ସଂଖ୍ୟା ବୃଦ୍ଧିକୁ ବଡ଼ ଧର୍ତ୍ତବ୍ୟ କରିବାର ଅଧିକ କାରଣ ଦେଖି ନାହୁଁ ଚାଟଶାଳୀ କାର୍ଯ୍ୟ ପ୍ରାୟ ପୂର୍ବପରି ଚଳି ଆସୁଅଛି ପୂର୍ବେ ସେ ସମସ୍ତ ଗବର୍ଣ୍ଣମେଣ୍ଟଙ୍କ ହିସାବରେ ଆସୁ ନ ଥିଲା ଏଣିକି ହିସାବରେ ଆସିଲା ଏତିକି ପ୍ରଭେଦ ତଥାପି ଏ ସମସ୍ତର ପ୍ରକୃତ ଉନ୍ନତି ଉଦ୍ଦେଶରେ ଅଦ୍ୟାପି ବହୁତ ଉପାୟ ଅବଲମ୍ବିତ ହୋଇ ନାହିଁ ବରଂ କେତେଗୁଡ଼ିଏ ଟଙ୍କା ଏ ସମସ୍ତ ପଛରେ ଅନର୍ଥକ ବ୍ୟୟ ହେଉଅଛି । ଗୁରୁମାନଙ୍କୁ ପରୀକ୍ଷା ସମୟରେ ଦୁଇଗୁଣ ପଇସା ଲେଖାଏ ବାଣ୍ଟିବା ଏଥିର ଗୋଟିଏ ଉଦାହରଣ ଅଟଇ । ଆମ୍ଭେମାନେ ଆନନ୍ଦ ସହିତ ପାଠକଙ୍କୁ କି ବର୍ତ୍ତମାନର କମିଶନର ଶ୍ରୀଯୁକ୍ତ ବିମସ୍ ସାହେବ ଏହି ନିୟମକୁ ଉପଯୁକ୍ତରୂପେ ନିନ୍ଦା କରି ଏହିପରି ଅଭିପ୍ରାୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇ ଅଛନ୍ତି ଯେ ପରୀକ୍ଷା ଦେବାକୁ ଯେତେ ପିଲା ଆସିବେ ସମସ୍ତଙ୍କୁ କିଛି୨ ଦେଲେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅଭାବରୁ ଶିକ୍ଷା ଲାଭର ଚେଷ୍ଟା ବୃଦ୍ଧି ହେବ ନାହିଁ କେବଳ ଭୋଜ ଲୋଭରେ ସେମାନେ ପରୀକ୍ଷାସ୍ଥଳରେ ଠୁଳ ହେବେ ଏତିକି ମାତ୍ର ଏ ପ୍ରଥା ଉଠାଇ ଦେଇ ଯେଉଁମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କୁ ପାରି-

Digitized by srujanika@gmail.com

Split by PDF Splitter

68



ଘୋଷିତ ହୋଇଥିବ । ଏହି ପ୍ରସ୍ତାବ ଅନୁସାରେ ସ୍କୁଲ ଜଳରେ ଜଳଖିଆ ପଇସା ଦେବା ପ୍ରଥା ରହିତ ହୋଇ ପୁସ୍ତକ ବଣ୍ଟନର ନିୟମ ହୋଇଅଛି ଏବଂ ସେହି ନିୟମ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ପ୍ରଚଳିତ କରିବା ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ସମସ୍ତ ମାଜିଷ୍ଟ୍ରେଟଙ୍କ ମତ ଜାଣିବାକୁ ଇଚ୍ଛା କରିଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଓଡ଼ିଶାର ମାଜିଷ୍ଟ୍ରେଟମାନେ ଆପଣା୨ ଜିଲ୍ଲାରେ ଏହି ନିୟମ ପ୍ରବର୍ତ୍ତିତ କରିବେ ଏବଂ ତଦ୍ଦ୍ୱାରା ଆପାତତଃ କେତେକ ଅସୁବିଧା ଘଟିବାର ଆଶଙ୍କା ହେଲେ ମଧ୍ୟ ଭବିଷ୍ୟତ ଏବଂ ଚିରସ୍ଥାୟୀ ହିତ ଦୃଷ୍ଟିରେ ତହିଁରେ ବିମୁଖ ହେବେ ନାହିଁ ।

ଗୁରୁଙ୍କୁ ଟଙ୍କା ବାଣ୍ଟିବା ନିୟମରେ ମଧ୍ୟ ଗୋଟିଏ ଅନିଷ୍ଟ ଦେଖା ଯାଇଅଛି । ଆମ୍ଭମାନଙ୍କର ଜଣେ ଇନ୍‌ସ୍ପେକ୍ଟର ଲେଖିଅଛନ୍ତି ଯେ କୌଣସି ଅବଧାନ ଉତ୍ତମ ଫଳ ଦେଖାଇ ସରକାରରୁ କେତେ ଗୁଡ଼ିଏ ଟଙ୍କା ପାଇଲେ ପିଲ ଯାଉଥିବାର ଯେତେବେଳେ ଲୋକେ ଦେଖନ୍ତି ସେତେବେଳେ ସେମାନେ ଅବଧାନଙ୍କ ବର୍ତ୍ତନ ଦେବା ବନ୍ଦ କରନ୍ତି । ବର୍ଷର ଶେଷଭାଗରେ ଅନେକ ସ୍ଥଳେ ଏପରି ଘଟଣା ହୁଏ । ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଏହି କଥା ଦେଖା ଯାଇଅଛି ଏଥିରେ ଗବର୍ଣ୍ଣମେଣ୍ଟ ଦୁଃଖିତ ହୋଇ ଏହା ନିବାରଣର ସୁପରାମର୍ଶ ଡାଇରେକ୍ଟରଙ୍କଠାରୁ ପ୍ରାର୍ଥନା କରିଅଛନ୍ତି ।

ଏହି ନିର୍ଦ୍ଧାରଣର ଏକ ସ୍ଥାନରେ ଦେଖିଲୁଁ ଯେ ବର୍ତ୍ତିତ ବର୍ଷର ପ୍ରବେଶିକା ପରୀକ୍ଷାର ଫଳ ସକାଶେ ବଙ୍ଗଳାର ସମସ୍ତ କ୍ଷୁଦ୍ର ସ୍କୁଲ ମଧ୍ୟରେ ବାଲେଶ୍ୱର ଅତ୍ୟନ୍ତ ପ୍ରଶଂସନୀୟ ହୋଇଅଛି ଏବଂ ଆମ୍ଭେମାନେ ଏହା ଶୁଣି ଆନନ୍ଦିତ ହେଲୁଁ ।

## ବାଳବୋଧ ବ୍ୟାକରଣ ।

ଶୀର୍ଷାଙ୍କିତ ପୁସ୍ତକ ଖଣ୍ଡି ଆମ୍ଭେମାନେ ଉପହାର ପାଇଥିବାର କୃତଜ୍ଞତା ସହିତରେ ସ୍ୱୀକାର କରୁଅଛୁଁ । ତାହା ଅଳ୍ପବୟସ୍କ ବାଳକ ବାଳିକାଙ୍କ ଶିକ୍ଷା ନିମିତ୍ତ ଶ୍ରୀ ଉଦୟନାଥ ଦେ ବର୍ମ୍ମଙ୍କ ସଙ୍କଳିତ ହୋଇ ଶ୍ରୀ ବାବୁ ବୃନ୍ଦାବନଚନ୍ଦ୍ରଙ୍କ ନିଜଙ୍କ ଆନୁକୂଲ୍ୟରେ ବାଲେଶ୍ୱର 'ଦେବ' ଉତ୍କଳ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି । ଗ୍ରନ୍ଥ ଖଣ୍ଡିକ ବାରପେଜୀ ଫର୍ମାରେ ପୃ ୭୬ ଖଣ୍ଡା —ମୂଲ୍ୟ ତିନିଅଣା ମାତ୍ର । ବ୍ୟାକରଣର ସୂତ୍ରାଦି କେବଳ କଣ୍ଠସ୍ଥ ନ କରି ଅଳ୍ପାୟାସରେ ତତ୍ସମୁଦାୟ ବୁଝିବାକୁ ବାଳକ ବାଳିକାମାନେ ସମର୍ଥ ହେବା ଅଭିପ୍ରାୟରେ ଗ୍ରନ୍ଥକାର ଏ ପୁସ୍ତକ ପ୍ରଣୟନ କରିଥିବାର ଭୂମିକାରେ ଲେଖି ଅଛନ୍ତି ଏବଂ ତନ୍ନିମିତ୍ତ ପ୍ରତ୍ୟେକ ବିଭାଗ ଶେଷରେ ପ୍ରଶ୍ନାବଳୀ ଓ ଅନୁଶୀଳନୀ ସନ୍ନିବିଷ୍ଟ କରି ଅଛନ୍ତି । ଏ ପୁସ୍ତକ ପାଠ କରିବା ସମୟରେ ପ୍ରଚଳିତ ଉତ୍କଳଭାଷା ବ୍ୟାକରଣ ଆମ୍ଭମାନଙ୍କ ସମ୍ମୁଖରେ ରହି ଥିଲା । ଭାଷା ବ୍ୟାକରଣ ଯେ ଅଳ୍ପବୟସ୍କ ବାଳକ ବାଳିକାଙ୍କ ନିମିତ୍ତ ଉପଯୋଗୀ ହୋଇଅଛି ତହିଁରେ ସନ୍ଦେହ ନାହିଁ । ଏଥିରେ ଅଧିକ ମଧ୍ୟରେ କେବଳ ଅନୁଶୀଳନୀ ଓ ପ୍ରଶ୍ନାବଳୀ କ ଯହିଁରେ ଛାତ୍ର ଅପେକ୍ଷା ଶିକ୍ଷକର ଉପକାର ଅଧିକ କରୁ ପକ୍ଷାନ୍ତରେ ବ୍ୟାକରଣୋପଯୋଗୀ ଭାଷା ଦୋଷରେ ଏହା ନିତାନ୍ତ ଦୂଷିତ ହୋଇଅଛି ଓ ସରଳଭାଷାରେ ସମୁଦାୟ ବିଷୟ ବୁଝାଇବା ନିମିତ୍ତ ଗ୍ରନ୍ଥକାର ସମର୍ଥ ହୋଇ ନାହାନ୍ତି । ମଧ୍ୟ ବିଷୟ ବିଭାଗ ପ୍ରାଞ୍ଜଳ ହୋଇ ନାହିଁ । ଲୋକରେ ପ୍ରଚଳିତ ଥିବା ଭାଷାଗତ ପ୍ରଧାନ୨ ବିଷୟମାନ ବୁଝାଇ ଦେବାଦ୍ୱାରା ଶୁଦ୍ଧ ଶିଖାଇବା ବ୍ୟାକରଣର ପ୍ରଧାନ ଉଦ୍ଦେଶ୍ୟ । ଯେବେ ସ୍ୱୟଂ ବ୍ୟାକରଣ ଭାଷାର ଅନଭିଜ୍ଞତା ପ୍ରକାଶ କରିବ ତେବେ ତହିଁରୁ କି ଫଳ ଉତ୍ପନ୍ନ ହେବ? ପୁଣି ଅଳ୍ପବୟସ୍କ ବାଳକ ବାଳିକାଙ୍କ ନିମିତ୍ତ ଭାଷା ଶୁଦ୍ଧି ଯେ ନିତାନ୍ତ ଆବଶ୍ୟକୀୟ ତାହା ବୋଲିବା ବାହୁଲ୍ୟ ମାତ୍ର । ଯେଉଁମାନଙ୍କ ନିମିତ୍ତ ପୁସ୍ତକ ପ୍ରଣୀତ ହୋଇଅଛି ସେହିମାନଙ୍କର ବିଶେଷ ଉପଯୋଗୀ କରି ଗ୍ରନ୍ଥ ପ୍ରଣୟନ କରିବା ଉଚିତ । ମାତ୍ର ଦୁଃଖର ବିଷୟ ଯେ କେତେ ଉତ୍କଳୀୟ ଗ୍ରନ୍ଥକାରମାନେ ତତ୍ପ୍ରତି ଆଦୌ ଦୃଷ୍ଟି ନ ରଖି ଏହାକୁ ଏକପ୍ରକାର ସାଧାରଣ ବ୍ୟବସାୟ ଚଳାଇବା ପ୍ରାୟ କରି ଦେଲେଣି । କେବଳ କେତେଗୋଟି ଦୃଷ୍ଟାନ୍ତ ଦେଖାଇଲେ ଆମ୍ଭମାନଙ୍କର ଏହି ପାଠକମାନଙ୍କୁ ବିଶେଷ ବୋଧଗମ୍ୟ ହେବ । ପ୍ରଥମତଃ ପଦ ବା ସନ୍ଧିର ବିଷୟ ବୋଲିବା ପୂର୍ବରେ ଗ୍ରନ୍ଥକାର ବର୍ଣ୍ଣନିର୍ଣ୍ଣୟରେ ମିଶ୍ରପଦର ଉଦାହରଣ ଦେଇ ସନ୍ଧିର ଅବଧାରଣା କରି ଅଛନ୍ତି । 'ମୁଁ ବାଲିରେ ଅସିବ' 'ସେମାନଙ୍କର ଉତ୍ତର' 'କି ହେଉଛୁ ଇତ ଅଗମନ' 'ନାହିଁଟାଆ ପିଲ' 'ଦର୍ଶନ୍ତୁ କହି' 'ଖୋଆଇବା' 'ଦୋଆଇବା' 'ଦେଖାଇବା' 'ଅନ୍ଧାରର ମଧ୍ୟରେ' 'ହୋଇଛି' 'ଆଏ ନାହିଁ' 'ହୁକୁମ ହେଲା' 'ଅନେକ ଖୁଲନି' ଇତ୍ୟାଦିମାନ ଯେଉଁ ଓଡ଼ିଆଭାଷାରେ କେତେବେଳେ ବ୍ୟବହୃତ ହୁଏ ତାହା ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । ଅନ୍ୱୟ ଓ ପ୍ରତ୍ୟୟାନ୍ତ ପରିବର୍ତ୍ତରେ ଗ୍ରନ୍ଥକାର 'ଅନ୍ୱୟ' ଓ 'ପ୍ରତ୍ୟାନ୍ତ' ଲେଖି ଅଛନ୍ତି । ସକର୍ମକ ଓ ଅକର୍ମକ କ୍ରିୟାର ପ୍ରଭେଦ ସ୍ପଷ୍ଟ କରି ବୁଝାଇ ଦେବା ନିମିତ୍ତ ଗ୍ରନ୍ଥକାର ପୃ ୨୪ ସ୍ଥାରେ ଟିପ୍ପଣୀରେ ଯେଉଁ ସୂତ୍ର ଦେଇ ଅଛନ୍ତି ତାହା ଆଦୌ ଉପଯୋଗୀ ହୋଇ ନାହିଁ । ଅଧିକ ଆଉ ଉଦାହରଣ ଦେବାର ପ୍ରୟୋଜନ ନାହିଁ । ଓଡ଼ିଆ ଭାଷାରେ ଭଲ ଭଲ ଗ୍ରନ୍ଥର ଅଦ୍ୟାପି ବିଶେଷ ଅଭାବ ରହିଅଛି । ଯେଉଁ ଲୋକ ତାହା ପୂରଣ କରିବାକୁ ଚେଷ୍ଟା କରନ୍ତି ତାହାର ଭାଷାପ୍ରତି ବିଶେଷ ଦୃଷ୍ଟି ରଖି ପୁସ୍ତକ ଲେଖିବା ଉଚିତ ନୋହିଲେ ସେପରି ଗ୍ରନ୍ଥ ନ ହେଲେ ଭାଷାର କୌଣସି ଅନିଷ୍ଟ ହେବାର ଆଶଙ୍କା ନାହିଁ । ଆମ୍ଭେମାନେ ଏତକ ଉତ୍ତମରୂପେ ବୁଝାଇ ଦେବା ଦ୍ୱାରା ଆପଣାର ମନୋଭାବ ବ୍ୟକ୍ତ କରିବାକୁ ଯାଇ ପ୍ରବନ୍ଧଟି ଦୀର୍ଘ କରି ପକାଇ ଅଛୁଁ । ଭରସା କରୁଁ ପାଠକେ ବା ଗ୍ରନ୍ଥକାର ଏଥିରେ ବିରକ୍ତ ହେବେ ନାହିଁ । ଆମ୍ଭେମାନେ ଆଶା କରୁଁ ଗ୍ରନ୍ଥକାର ଏଥିର ସମସ୍ତ ଭାଷାଦୋଷ ସଂଶୋଧନ କରି ଆବଶ୍ୟକ ଓ ପ୍ରୟୋଜନୀୟ ନିୟମମାନ ସଂକଳନ ଏବଂ ଶୁଦ୍ଧି କରି ଗ୍ରନ୍ଥ ଖଣ୍ଡିକୁ ଉପଯୋଗୀ କରାଇବାକୁ ଚେଷ୍ଟା କରିବେ ।

## ସାପ୍ତାହିକ ସଂବାଦ ।

ଅଖୁଆପଦାରୁ ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି ।

୧ । ରେଲଓ୍ୱେର ଉପଯୋଗୀ [illegible] ଭଦ୍ରକଠାରୁ [illegible] ଯାଏ ଜଗନ୍ନାଥ ସଡ଼କ [illegible] ବ୍ରାହ୍ମଣୀ ବୈତରଣୀ [illegible] ଅଧିକ [illegible] ଲୋକ ନିଯୁକ୍ତ କରୁଅଛନ୍ତି ।

୨ । ୧୮୮୯ ସାଲର [illegible] ପାଇଁ ଆଦେଶ ହେବାରୁ ଏଠାରେ ପ୍ରାୟ ୧୦୦୦ ରୁ ୧୨୦୦ ଲୋକ [illegible], [illegible] ଏଠାରେ [illegible] ଅଧିକ [illegible] (ମୋଟ) [illegible] ଅଧିକ [illegible] ନାହିଁ । [illegible]

୩ । [illegible] ଦେବାର [illegible] ହେଲେ ଏଠାରୁ ଅନେକ [illegible] ପଳାଇବାର ସମ୍ଭାବନା ।

୪ । ଜଳେଶ୍ୱରବାସୀ [illegible] ବାବୁ [illegible] ଅପଣା [illegible] ଉପରେ [illegible] ସେପରି [illegible] ଏଠା

Digitized by srujanika@gmail.com

Split by PDF Splitter



... ଦେଖା ଶ ଏ କାହ୍ନି । ଗିରଧର ଲଠକନମଳ ବଡ ... ହୋଇଥିଲ ।

ଏଠାରେ ମେଡ଼ିକଲ କଲେଜ ସ୍ଥାପନ ହେବା ପ୍ରଥମାବସ୍ଥାରେ ଯେଉଁମାନେ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିଲେ ତହିଁ ମଧ୍ୟରୁ ବାବୁ ଭଦ୍ରମୋହନ ମଙ୍ଗରାଜ ଏକ ଇଂରାଜୀ ଶିକ୍ଷା ... ସ୍ଥାନ ସ୍ୱାଧୀନ ଚିକିତ୍ସାବୃତ୍ତି ଦ୍ୱାରା ଏ ନଗରର ଗୋଷ୍ଠୀ ... ମୋଚନ କରୁଥିଲେ ବଡ଼ ଦୁଃଖର ବିଷୟ ଗତ ... ଅତି ଅଳ୍ପ ବୟସରେ ତାହାଙ୍କର ମୃତ୍ୟୁ ହେଲା । ... ଏଥିସଙ୍ଗେ ଲୋପ ହେଲେ ଯାହାର ଦୁଃଖର ... ହେବ ।

ଅନେକ ଦିନରୁ ଗତ ରବିବାର ଏ ନଗରରେ ... ବୃଷ୍ଟି ହୋଇଥିଲା । ତହିଁ ଉତ୍ତାରୁ ଅକାଶ ମେଘାଚ୍ଛନ୍ନ ... ଉତ୍ତାରୁ ଉତ୍ତମ ବୃଷ୍ଟି ହୋଇଥିଲା ।

... ମାନଙ୍କର ସ୍ୱଜାତୀୟ ପ୍ରତି ମିତବ୍ୟୟୀ । ଅମ୍ଭେମାନେ ... ତୁର୍ଣ୍ଣିଡ଼ା ନଗରକୁ ଯାଇଥିଲୁଁ, ଦେଖିଲୁଁ ଯେ ସେଠାରେ ... ଏକ ସରକାରୀ କଚେରୀ ... ମୂଲ୍ୟବାନ ଆୟ କରୁଅଛି । ତାହାର ମୂଲ୍ୟ ... ଜମା ହେବ । ଏହିରୂପ ଯେ ରାଜାଙ୍କର ଯେ କୌଣସି ... ଜମା ହେବ । ଏହିରୂପ ଯେ ସମସ୍ତ ... ଯାହା କିଛି ଉତ୍ପନ୍ନ ହୁଏ ସେ ସମସ୍ତ ... ବୃଦ୍ଧି କରଇ । ଶୁଣାଯାଏ ଏହାରୁ ପଡ଼ିଥିବା ... ପର୍ଯ୍ୟନ୍ତ ଜମା ହୋଇ ଯାଇଅଛି, ଏ ପ୍ରକାର ମିତବ୍ୟୟ ... ତା ଅବଶ୍ୟ ପ୍ରଶଂସନୀୟ । ଈଶ୍ୱର ଯାହା କିଛି ଦେଇଛନ୍ତି ତାହାକୁ ଏତେ ଅଦର ଓ ଯତ୍ନରେ ରକ୍ଷା ନ କଲେ ... ଲକ୍ଷ୍ମୀ ସ୍ଥିରଭାବରେ ସମ୍ମିଳନ କରନ୍ତି ନାହିଁ ... ଆଦର କରିବା ସମ୍ବନ୍ଧରେ ବର୍ତ୍ତମାନର ରାଜାଙ୍କର ... ଦେଶର ସମସ୍ତ ଧନୀ ଏବଂ ରାଜାମାନଙ୍କର ଗ୍ରହଣ ... କର୍ତ୍ତବ୍ୟ । ବରୁ ବର୍ତ୍ତମାନ ରାଜାଙ୍କୁ ଆମ୍ଭର ଏହି ... ଯେ, ଯେମନ୍ତ ସେମାନେ ଲକ୍ଷ୍ମୀଙ୍କୁ ଦ୍ୱାରେ ବାନ୍ଧି ... ସେହିପରି ଦାନାଦିକାର୍ଯ୍ୟରେ ... ର ଦୁର୍ଗତିସବୁ ହରଣ କରନ୍ତୁ ଏବଂ ଧନର ସାର୍ଥକତା ... ସମ୍ପାଦନ କରନ୍ତୁ ।

ସୁଃ ସଃ

... ଦେଶୀୟ ଧନୀ ମିଳି ଇଂରାଜ ... ନିମନ୍ତ୍ରଣ କରି ଖାନା ଦେଇଥିଲେ । ଏହାରେ ... କେତେକ ଦେଶୀ ଇଂରାଜ ... ଅନ୍ତରୀକ୍ଷରେ ... ବର୍ଣ୍ଣନାର ଅନନ୍ଦ ବର୍ଦ୍ଧନ କରୁଥିଲେ । ଦେଶୀୟ ... ଓ ଇଂରାଜଙ୍କ ମଧ୍ୟରେ ଏପରି ଭାବରେ ଯେତେ ... ମିଶି ହୁଏ ତେତେ ଭଲ ।

... ନଗରରେ ... ଗତ ... ହୋଇ ପାରୁ ନ ଥିବାରୁ ... ରାଜଣେ ... ଗବର୍ଣ୍ଣମେଣ୍ଟଙ୍କ ଅଦେଶ କ୍ରମେ ... ଉଚିତ କରିବା କାରଣ ନିଯୁକ୍ତ ହୋଇଅଛନ୍ତି । ... ଗବର୍ଣ୍ଣମେଣ୍ଟ ସହଜରେ ଛାଡ଼ିବେ ନାହିଁ ।

... ଜଣାଇ ... ଅଛି ... ସେଠା ... କରିଥିବାର ... ଲେଖକଙ୍କୁ ଜଣାଇଅଛୁଁ । ... ରେ ତାହାଙ୍କୁ ଅମ୍ଭମାନେ ପାଠକଙ୍କୁ ଜଣାଇଅଛୁଁ ... ଅଭିଯୋଗରୁ ମୁକ୍ତ ... ଅର୍ଥଦଣ୍ଡ ଓ ତାହା ନ ଦେଲେ ... ଟ୧୦୦ଙ୍କା ଅର୍ଥଦଣ୍ଡ ଓ ତାହା ନ ଦେଲେ ... ସାମାନ୍ୟ ପ୍ରକାର କାରାବାସର ଅଜ୍ଞା ହେଲା । ... ଅନେକ ... ଅତ୍ୟାଚାର ପ୍ରତି ... ଗବର୍ଣ୍ଣମେଣ୍ଟଙ୍କୁ ଏହାର ତଦନ୍ତ ହେବା ... ମାତ୍ର ... ଉଚିତ । ... ଏପରି ... ସେମାନଙ୍କୁ ... ଦେବା ସର୍ବତୋଭାବରେ କର୍ତ୍ତବ୍ୟ ।

ହାଇକୋର୍ଟର ଜଜ ନୋରିସ ସାହେବ ଘୋଡା ସମ୍ପର୍କରେ ଯେଉଁ ନିୟମ ପ୍ରଚାର କରିବାକୁ ବସିଥିଲେ ତହିଁରୁ ସେ କ୍ଷାନ୍ତ ହୋଇଥିବାର ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି । ଏହା ଉତ୍ତମଙ୍କର କାର୍ଯ୍ୟ ।

ହିନ୍ଦୁପଙ୍କମାନଙ୍କରେ ଭାଙ୍ଗି ଧର୍ମ ବିରୋଧୀ କାର୍ଯ୍ୟ କରାଇ ନେବା କେତେକ ଇଂରାଜ ପୁରୁଷଙ୍କର ଏକ ପେଶା ଅଛି । ମୈମନସିଂହ ନଗରର କର୍ମଚାରୀମାନଙ୍କୁ ଲେଖାଇବାର ନିଷିଦ୍ଧ କାର୍ଯ୍ୟ ଗତ ଶ୍ରୀପଞ୍ଚମୀ ଦିନରେ କର୍ତ୍ତୃପକ୍ଷୀୟ ଲୋକେ କରାଇ ନେଇ ଥିବାର ହିନ୍ଦୁପେଟ୍ରିଅଟ ଲେଖିଅଛନ୍ତି । ଏପରି ଘଟଣା ବନ୍ଦ ହେବାର କି କୌଣସି ଉପାୟ ନାହିଁ ?

ମହାରାଜା ଜ୍ୟୋତିନ୍ଦ୍ର ମୋହନ ଠାକୁର ବାହାଦୁର ସାହେବ ଅବ କେତେକ ଇଂରାଜଙ୍କୁ ନିମନ୍ତ୍ରଣ କରି ଯେଉଁ ଭୋଜ ଦେଇଥିଲେ ତାହା ଅତ୍ୟନ୍ତ କୃତକାର୍ଯ୍ୟତା ସହିତରେ ସମ୍ପନ୍ନ ହୋଇଥିବାର କଥିତ ହୁଏ । ମହାରାଜାଙ୍କର ସମୃଦ୍ଧ ପ୍ରାସାଦ ଏମନ୍ତ ସୁସଜ୍ଜିତ ହୋଇଥିଲା ଯେ ଗୋଟିଏ ସ୍ୱର୍ଗପୁରୀ ପ୍ରାୟ ବୋଧହେଲା । ଏଥିରେ ସୁନ୍ଦର ସଙ୍ଗୀତ ସଙ୍ଗୀତଠାରୁ ସାମାନ୍ୟ ସଂକୀର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ନୃତ୍ୟାଦି ଦେଖାଇବାରେ ମହାରାଜାଙ୍କ ଭାଇ ରାଜା ଶୌରୀନ୍ଦ୍ରମୋହନ ଠାକୁର ଅତ୍ୟନ୍ତ ନିପୁଣତା ଦେଖାଇଥିଲେ ।

ଅଫ୍ରିକା ଦେଶର ମରକ୍କୋଠାରେ ଏକ ଅଶ୍ଚର୍ଯ୍ୟପ୍ରକାର ରାଜସ୍ୱ ଅଦାୟ ପ୍ରଣାଳୀ ଡେଲିନ୍ୟୁସ ଲେଖିଅଛନ୍ତି । କେବଳ ସୁଫ ନାମକ ଏକଜାତ ବାର୍ଷିକ ପେସକସ ସ୍ୱରୂପ ୭୫୦୦୦ ଟଙ୍କା ଓ ଗୋ୨୦୦ଟି ଘୋଡ଼ା ଦଅନ୍ତି । ଥରେ ଫସଲର ଅବସ୍ଥା ନିତାନ୍ତ ମନ୍ଦ ହେବାରୁ ସେମାନେ ଛଡ଼ ପାଇବାର ପ୍ରାର୍ଥନା କଲେ । ତହିଁ ଧନମନ୍ତ୍ରୀ ସେମାନଙ୍କୁ ସମ୍ରାଟଙ୍କ ଅନ୍ତଃପୁର ନିମିତ୍ତ ଗୋ୫୦ଟି ବାଳିକା ଦେଲେ ପେସକସ ଛାଡ ହେବାର ଅଦେଶ ଦେଲେ । ଏଥିରେ ଏତେ ଦୁଷ୍ପ୍ରବୃତ୍ତି ଯେ ଧନମନ୍ତ୍ରୀଙ୍କର ଏପ୍ରକାର କୌଶଳପୂର୍ଣ୍ଣ ଆଦେଶରେ ସମସ୍ତ ପ୍ରଜା ଆଶାତୀତ ଆନନ୍ଦିତ ହେଲେ । ଏକାବେଳକେ ଏତେଗୁଡ଼ିଏ ସ୍ତ୍ରୀ ସହଜରେ ପ୍ରାପ୍ତ ହେବାରୁ ସମ୍ରାଟ ପ୍ରୀତ ହେଲେ, ଟଙ୍କା ଓ ଘୋଡ଼ା ଦେବାଠାରୁ ରକ୍ଷା ପାଇବାରୁ ଜଲ୍ଲାଦମାନେ ସନ୍ତୁଷ୍ଟ ହେଲେ ଅର ଅପଣା ଅବସ୍ଥାର ଉନ୍ନତ ହେବାର ଦେଖି ସେ ସ୍ତ୍ରୀମାନେ ମଧ୍ୟ ଅପଣାକୁ ସୁଖୀ ମଣିଲେ । ଅତି ସୁନ୍ଦର ବନ୍ଦୋବସ୍ତ ! ପାଠକେ ଯାହା କାହାଣିରେ ଶୁଣିଥିଲେ ଏବେ ତହିଁର ଜୀବନ୍ତ ଦୃଷ୍ଟାନ୍ତ ଦେଖନ୍ତୁ !

ସରସାଲାରଜଙ୍ଗଙ୍କ ମୃତ୍ୟୁରେ ହାଇଦରାବାଦର ମନ୍ତ୍ରୀତ୍ୱ ଲେଇ ଘୋର ଅନ୍ଦୋଳନ ଚଳିଅଛି । ନାନା ଦଳରୁ ନାନା ପ୍ରସ୍ତାବମାନ ହେଉଅଛି ଓ ପ୍ରାର୍ଥୀମାନେ ଆପଣା୨ ପକ୍ଷ ସମର୍ଥନ କରି ଲାଗିଅଛନ୍ତି । ସରସାଲାରଜଙ୍ଗଙ୍କର ଦୁଇଗୋଟି ପୁଅ ଅଛନ୍ତି ଏବଂ ସେମାନେ ଅଳ୍ପଦିନ ତଳେ ବଳାତ ଯାଇଁ ସେଠାରେ ସ୍ୱୟଂ ଭାରତେଶ୍ୱରୀଙ୍କଠାରୁ ଓ ଅନ୍ୟାନ୍ୟ ଅନେକ ଅଭ୍ୟର୍ଥନା ପାଇ ଅସିଅଛନ୍ତି । ସେମାନଙ୍କ ମଧ୍ୟରେ ଜ୍ୟେଷ୍ଠ ଲାଇକଉଦ୍ଦୌଲା ପ୍ରଧାନ ଦାବଦାର ସ୍ୱରୂପ ଉପସ୍ଥିତ ହୋଇଅଛନ୍ତି । ଏହାଙ୍କର ବୟସ ବ୨୧ର୍ଷ ଅର୍ଥାତ୍ ତାଙ୍କ ପିତା ଦେବାନୀ କର୍ମର ଭାର ଗ୍ରହଣ କଲା ବେଳେ ତାଙ୍କ ଯେତେ ବୟସ ହୋଇଥିଲା ତହିଁ ଏହିବର୍ଷ ଅଧିକ ଅଟେ ମଧ୍ୟ ଉତ୍ତମ ଗୁଣ ଅର୍ଜନ କରିଅଛନ୍ତି ଏବଂ ଏହାଙ୍କୁ ସେ କର୍ମ ଦେବା ନିଜାମଙ୍କର ଇଚ୍ଛା କପ୍ରକାରରେ ଗବର୍ଣ୍ଣମେଣ୍ଟ ଏ କର୍ମର ବନ୍ଦୋବସ୍ତ କରୁଅଛନ୍ତି ଦେଖିବାରେ ଅସିବ ହାଇଦରାବାଦ ନିଜାମଙ୍କର ବୟସ ବର୍ତ୍ତମାନ ବ୧୬ର୍ଷ ।

ବରହମପୁର କଲେଜରୁ ବ, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମ୍.ଏ ପଢିବାକୁ ଯାଇଥିବା ଏକ ଛାତ୍ରକୁ ବାର୍ଷିକ ଗୋଟିଏ ବୃତ୍ତି ଦେବା କାରଣ ଉଦାରଚିତ୍ତ କାଶ୍ୟୀ ମହାରାଣୀ ସ୍ୱର୍ଣ୍ଣମୟୀଙ୍କର ପୌତ୍ର ନ ରହି ଗରୀବ ମେଡିକଲସମୂହ ବାହାଦୁର ଅପଣାର ଶେଷ ଉଇଲରେ ଶିକ୍ଷାବିଭାଗର ଡାଇରେକ୍ଟରଙ୍କୁ ଟ ୧୫୦୦୦ ଙ୍କା ଦେଇ ଯାଇଅଛନ୍ତି ।—ମହତ୍ ଦାନ ।

କଲିକତାରେ ବର୍ତ୍ତମାନ ସଭା ବଳେ ଭାଙ୍କ ଧୂମ ଲାଗିଯାଇ ଅଛି ତନ୍ମଧ୍ୟରେ ତା୧୯ଦିନରେ ନିପୁଲର ମହାରାଜାମହାମାନ୍ୟ ବଡ଼ଲାଟ ସାହେବଙ୍କ ଦର୍ଶନ ନିମନ୍ତେ ଉପସ୍ଥିତ ହୋଇଥିଲେ ଏବଂ ବଡଲାଟ ଗୁଲର୍ଜବାଡ଼ ମଧ୍ୟ ତହିଁ ଅତ୍ୟନ୍ତ କଲିକତାରେ ପହଞ୍ଚ ଲାଟ ମହୋଦୟଙ୍କର ଦର୍ଶନ ଲାଭ କଲେ । ତା୨୨ଦିନରେ ଗୁଲର୍ଜବାଡ଼ଙ୍କର ଅମନ୍ତ୍ରଣ ମତେ ସ୍ୱୟଂ ବଡ଼ଲାଟ ସାହେବ ତାଙ୍କଠାରୁ ଯାଇ ସଦାଳାପ କରି ଅସିଲେ !

ମାନ୍ଦ୍ରାଜର ଏକ ଦେଶୀୟ ସମ୍ବାଦପତ୍ରରେ ନିମ୍ନଲିଖିତ ବିଜ୍ଞାପନଟି ବାହାରିଅଛି । ଯଥା; ଭାରତବର୍ଷର ସମସ୍ତ ଯୋଗ୍ୟ ଲୋକଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଏ ଦେଶବାସୀ ସାହେବମାନଙ୍କର ଦମ୍ଭର କମିବାକାରଣ ବଡଲାଟ ସାହେବ ଦେଶୀୟ ମେଜଷ୍ଟରମାନଙ୍କୁ କ୍ଷମତା ଦେବାକୁ ବସିଥିବାରୁ ଅବିଲମ୍ବେ ବଲାତର ଏକ ସମ୍ବାଦପତ୍ର ସମସ୍ତ ସାହେବମାନଙ୍କୁ ଘରକୁ ଫେରିଯିବା କାରଣ ଲେଖି ଅଛନ୍ତି । ହାୟ ବିଧାତଃ ! ଯେଉଁ ସାହେବମାନେ ପ୍ରତ୍ୟେକ ପାଇଁ କଷ୍ଟ ସ୍ୱୀକାର କରିଥାନ୍ତି ଏଠାକୁ ଅସିଥିଲେ ସେମାନେ ଏ ଦେଶ ଛାଡ଼ି ଗଲେ ଅମ୍ଭେମାନେ ବଞ୍ଚିବୁଁ କିପରି ? ମହ ସମସ୍ତ କର୍ମଚାରୀମାନେ ପଳାୟନ କରିବେ ତେବେ ହାଇକୋର୍ଟ ଜଜ, ଜିଲ୍ଲା ଜଜ ଓ କଲେକ୍ଟରଙ୍କ କର୍ମର ଦଶା କି ହେବ ! ଉପରୋକ୍ତ କର୍ମ ନିମନ୍ତେ ପ୍ରାର୍ଥୀମାନେ ଏହି ସମୟରୁ ଦରଖାସ୍ତ କରନ୍ତୁ । ଇତି ।—ପ୍ରକୃତରେ ଇଂରାଜମାନଙ୍କର ଅପତ୍ତି ଅମୂଳକ ଅଟଇ ।

ମେଦିନୀପୁରର ମେଦିନୀ ନାମକ ପତ୍ରିକା ଲେଖି ଅଛନ୍ତି ଯେ ସେଠା ଫୌଜଦାରୀ ଅଦାଲତରୁ ଜଣେ ଉଚ୍ଚବଂଶୀୟ ବ୍ରାହ୍ମଣ ଓ ତାହାର ସ୍ତ୍ରୀ କାମରେ ସାକ୍ଷୀ ସ୍ୱରୂପ ସମନ ହୋଇଥିଲା । ସ୍ତ୍ରୀ ଟିର ବୟସ କ ୧୮ ବର୍ଷ । ସ୍ୱାମୀଙ୍କ ... ହୋଇ ଗଲରୁ ସ୍ତ୍ରୀ ଡାକରା ଦେଲା ଏବଂ ଜଜ ତାହା ମୁହଁରୁ ଓଢ଼ଣା କାଢ଼ି ଦେବାକାରଣ ଅଦେଶ କଲେ । ସ୍ତ୍ରୀଟି ଓ ଅନ୍ୟଲୋକମାନେ ଅସମ୍ମତ ଥିଲେ ମଧ୍ୟ ଜଜ ତହିଁ ମାନିଲେ ନାହିଁ ଏବଂ ଜଣେ ବ୍ରାହ୍ମଣଦ୍ୱାରା ତାହାର ଓଢ଼ଣା କଢ଼ାଇଲେ । ଓଢ଼ଣା କଢ଼ା ହେବାମାତ୍ରେ ସ୍ତ୍ରୀଟି ମୂର୍ଚ୍ଛିତା ହୋଇ ପଡିଗଲା ଓ ତହିଁ ସେଦିନ ବିଚାର କାର୍ଯ୍ୟ ସ୍ଥଗିତ ରହିଲା ।—କି ଅନ୍ୟାୟ କାର୍ଯ୍ୟ ଏ ଭଳି ବିଷୟମାନଙ୍କ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡିବ ନାହିଁ କି ?

---

ପ୍ରବନ୍ଧପ୍ରେରକଙ୍କ ପ୍ରତି ।

ସ୍ଥାନ ଅଭାବରୁ କେତେଖଣ୍ଡି ପତ୍ର ଏ ପତ୍ରେ ପ୍ରକାଶ ହେବା ସକାଶେ ରହିଅଛି ।

---

## ପ୍ରେରିତପତ୍ର ।

### ମହାମାନ୍ୟ ମାନ୍ଦ୍ରାଜ ଗବର୍ଣ୍ଣରଙ୍କର ଗଞ୍ଜାମ ଜିଲ୍ଲା ଭ୍ରମଣ ।

ମହାଶୟ !

ସର୍ବୋପମାଯୋଗ୍ୟ ମହାମାନ୍ୟ ମାନ୍ଦ୍ରାଜର ଶ୍ରୀ ଗବର୍ଣ୍ଣର ଶ୍ରୀଯୁକ୍ତ ଗ୍ରାଣ୍ଟ ଡଫ ସାହେବ ବାହାଦୁର ପ୍ରାଇଭେଟ ସେକ୍ରେଟାରୀ ସାହେବ ଅବ କ ୧୦ ଣ ଇଉରୋପୀୟାନ ଭଦ୍ରବର୍ଗଙ୍କୁ ଧରି,

Digitized by srujanika@gmail.com

Split by PDF Splitter



ଚଳିତ ମାସ ୫ ତାରିଖରେ ଧୂମଳାବରୁ ଉତ୍ତର ଗଞ୍ଜାମ ଜିଲା ଗୋପାଳପୁରରେ ସେହି ଦିନଙ୍କ ରହି ତା୬ରିଖରେ ଛତ୍ରପୁର, ତା୭।୮ଖ ରେ ରମ୍ଭା, ତା ୯ ରଖରେ ପୁରୁଷୋତ୍ତମପୁର, ତା ୧୦।୧୧ ରେ ଅସ୍କାରେ ରହି, ତା ୧୨ ରିଖରେ ବ୍ରହ୍ମପୁରରେ ପ୍ରବେଶ ହୋଇ ଏହି ଜିଲ୍ଲା ଅନ୍ତର୍ଗତ ରାଜାମାନଙ୍କୁ ସାକ୍ଷାତ କରି, ତା ୧୩ ରିଖରେ ବରହମ୍ପୁର, ଛତ୍ରପୁରସ୍ଥିତ ଦେଶୀୟ ଭଦ୍ରଗଣଙ୍କ ଆମନ୍ତ୍ରଣରେ ସେହିମାନେ ସୁସଜ୍ଜିତ କରିଥିବା ପେଣ୍ଡାଲକୁ ବିରାଜମାନ କରି ଦୁଃଖୀ ଦରିଦ୍ରଙ୍କ ଆବେଦନପତ୍ରମାନ ଭଦ୍ରଗଣଙ୍କ adress ଗ୍ରହଣ କରି, ତା ୧୫ ରିଖରେ ମଞ୍ଜୁଷାର ମଫସଲ ମୌଜା ହରିପୁର ନାମକ ଏକ ଗ୍ରାମରେ ନିବାସ କଲେ-ମଞ୍ଜୁଷାର ଶ୍ରୀ ରାଜା ମହୋଦୟ ସେହିଠାରେ ଉତ୍ତବଚନ୍ଦ୍ରରୂପେ ମୃଷାଫେର ବଙ୍ଗଳା ଏବଂ ତାହା ଗୃହପାର୍ଶ୍ୱେ ସୁସଜ୍ଜିତ କରିଥିବା ପେଣ୍ଡାଲକୁ ତିନ ମାଇଲ ପର୍ଯ୍ୟନ୍ତ ଶ୍ରୀ ମାନ୍ଦ୍ରାଜ ଗବର୍ଣ୍ଣର ସାହେବଙ୍କୁ ପାଛୋଟି ଯାଇ ଆଣି ଉତ୍ତୁରାଇ ଦେଲେ-ସେଠାରେ ମସ୍ତ ଖାଦ୍ୟ ସାମଗ୍ରୀ ଦେଇଥିଲେ-ଏମନ୍ତ ସୋସବ ହୋଇଥିଲା ଯେ ତାହା ବର୍ଣ୍ଣିବାକୁ ଅସମର୍ଥ-ମାତ୍ର ଏତିକି କହୁଁ ଯେ ରାତିଟା ଦିବସ ପରି ଦିଶୁଥିଲା ତା ୧୬ ରିଖରେ ଶ୍ରୀ ଗବର୍ଣ୍ଣର ସାହେବ ମହୋଦୟ ଏବଂ ପ୍ରାଇବେଟ ସେକ୍ରେଟରୀ ଗଞ୍ଜାମ କଲେକ୍ଟର ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବମାନେ ମଞ୍ଜୁଷା ଗଡ଼କୁ ଘୋଡ଼ାମାନଙ୍କ ଉପରେ ଚଢ଼ି ବିରାଜମାନ କଲେ ବର୍ଣ୍ଣିତ ରାଜା ମହାଶୟ ଗ୍ରାମାନ୍ତ ପର୍ଯ୍ୟନ୍ତ ବିରାଜମାନ କରି ସାହେବମାନଙ୍କୁ ଯେଉଁ ଅତି ସୁସଜ୍ଜିତ କରିଥିବା ଆପଣା ଉତ୍କୃଷ୍ଟ ଅଟ୍ଟାଳିକାକୁ ନେଇ ଗଲେ । ସେଠାରେ ( Visit Hall ) ରେ ବସାଇ ମିଷ୍ଟାଳାପ ହୋଇ ଅତର ଏକତ୍ରରେ ସାହେବ ମହୋଦୟଙ୍କୁ ଭୋଜନାଦ ଦେଇଥିଲେ । ଅଙ୍ଗ୍ରେଜୀ ପାକ ସୁସିଦ୍ଧ ଦ୍ରବ୍ୟମାନଙ୍କ ପ୍ରତି ରାଜାଙ୍କ ସ୍ୱଗୃହ ନିର୍ମିତ ସ୍ୱଦେଶୀୟ ପାକ ସୁସିଦ୍ଧ ଦ୍ରବ୍ୟମାନଙ୍କୁ ଅଧିକ ପସନ୍ଦ କରିଦେଲେ । ତଦାନ୍ତ ମଞ୍ଜୁଷାର ଶ୍ରୀ ରାଜା ମହୋଦୟ ଏକ ସିଂହାସନ ତିଆରି କରାଇ ସେଥିରେ ଶ୍ରୀ ଗବର୍ଣ୍ଣର ସାହେବ ମହୋଦୟଙ୍କୁ ବିରାଜମାନ କରାଇ ଦେଲେ ଗବର୍ଣ୍ଣର ମହୋଦୟ ସିଂହାସନାରୋହଣ କରିବା ସମୟରେ ୫୦ ବନ୍ଧୁକ ସଲାମି ଫେର କରାଇ ସେହି ପେଣ୍ଡାଲ ଭିତରେ ସିଂହାସନର ଦକ୍ଷିଣ ପାର୍ଶ୍ୱେ ଅଙ୍ଗ୍ରେଜ ଦେଶୀୟ ଭଦ୍ରବ୍ୟକ୍ତିମାନଙ୍କ ଚଉକିମାନଙ୍କରେ ବସାଇ ଦେଇ ଶ୍ରୀ ରାଜା ମହୋଦୟ ଏକ adress ମାନ୍ୟବର ସାହେବଙ୍କୁ ଦେଲେ ଶ୍ରୀ ଗବର୍ଣ୍ଣର ସାହେବ ମହୋଦୟ ମଧ୍ୟ ସିଂହାସନରୁ ଗାତ୍ରୋତ୍ଥାନ କରି adress ସ୍ୱହସ୍ତରେ ନେଇ ଅପେ ଟେକୋଟି ଉପନ୍ୟାସ ଶ୍ରୀ ରାଜାଙ୍କ ନିମିତ୍ତେ ଦେଲେ । ସେହି ଉପନ୍ୟାସ ମୃଦୁ ମଧୁର ଓ ସୁଶ୍ରାବ୍ୟ ହୋଇଥିଲା ତାହାର ଅର୍ଥ ତେଲଙ୍ଗା ଭାଷାରେ ଶ୍ରୀଯୁକ୍ତ କଲେକ୍ଟର ସାହେବ ସମସ୍ତ ବ୍ୟକ୍ତିଙ୍କି ଉଚ୍ଚସ୍ୱରରେ ସମଝାଇ ଦେଲେ । ଶ୍ରୀ ରାଜା ମହୋଦୟ ଶ୍ରୀ ଗବର୍ଣ୍ଣର ସାହେବଙ୍କୁ ଏକ ପୁଷ୍ପମାଳା, ଏବଂ କଳାବୋତୁ ଗୋଟା ହାର ଗଳାରେ ଲମ୍ବାଇ ଦେଇ ଅତର ପନ୍ନୀର ପାନଖିଲି ତାହାଙ୍କ ହସ୍ତରେ ଦେଲେ । ସାହେବ ମହାଶୟ ଗାତ୍ରୋତ୍ଥାନ କରି ସେ ସମସ୍ତ ଗ୍ରହଣ କଲେ । ଶ୍ରୀ ରାଜା ମହାଶୟ ଅନ୍ୟ ସାହେବମାନଙ୍କୁ ସଭାସ୍ଥିତ ଦେଶୀୟ ଭଦ୍ରବ୍ୟକ୍ତିମାନଙ୍କ ସେହିପରି ସମ୍ଭାବନା ସ୍ୱୟଂ କରିଦେଲେ ରାଜା ମହୋଦୟଙ୍କ ଗର୍ବଶୂନ୍ୟତା ସାଧୁବାଦ କଲ୍ୟାଣ ଗୁଣମାନଙ୍କୁ ଶ୍ରୀ ଗବର୍ଣ୍ଣର ସାହେବ ବର୍ଣ୍ଣନା କରି କରତାଳ ଦେଇ ସଭା ଭଙ୍ଗ କରି ଦରବାର ବିରାଜମାନ କରିବା ସମୟରେ ସଲାମି ବନ୍ଧୁକ ପୁନର୍ବାର ଫେର ହେଲା ଶ୍ରୀ ଗବର୍ଣ୍ଣର ସାହେବଙ୍କ ଆଜ୍ଞାନୁସାରେ ବେଳ ଉପରାନ୍ତ ଚାରିଘଣ୍ଟା ସମୟରେ ହରିପୁରଠାରୁ ଶ୍ରୀ ରାଜା ମହୋଦୟ ତାହାଙ୍କର ପୁତ୍ରଦ୍ୱୟଙ୍କୁ ସଙ୍ଗେ ନେଇ ବିରାଜମାନ କରି ପାଞ୍ଚଟା ବେଳକୁ ପାର୍ବତୀୟ ଶବର ଶବରୁଙ୍ଗଳା ନାଟ୍ୟ ଓ ଦେଶୀୟ ତେଲଙ୍ଗୀବେଶ୍ୟାନାଟ୍ୟ ଖ୍ରୀଷ୍ଟବଳନାଟ୍ୟ ଦେଖାଇ ଦେଲେ ସେଥିରେ ମହାମାନ୍ୟ ଗବର୍ଣ୍ଣର ସାହେବ ମହୋଦୟ ଅତ୍ୟନ୍ତ ଆନନ୍ଦିତ କରିବାର ଚେଷ୍ଟା ଦୃଶ୍ୟ କରାଇଲେ ରାତ୍ର ନଅଟା ବେଳକୁ ବରହମ୍ପୁରଠାରୁ କେତେକ ବାଣ ( fire works ) ଆଣି ଜଳାଇ ଦେଇ ଅଛନ୍ତି । ମାତ୍ର ବାଣଗୁଡିକ ଅତି ପସନ୍ଦ ହୋଇ ପାରି ନାହିଁ ଅହୋ! କଟକସ୍ଥିତ ଶ୍ୟାମସୁନ୍ଦରଙ୍କ ବାଣ ଅଣାଇଥିଲେ ବିଶେଷ ଉପକାର ହୋଇ ଥାନ୍ତା । ତଦ୍ବାଦ ସାହେବମାନଙ୍କଠାରୁ ଶ୍ରୀ ରାଜା ମହୋଦୟ ତାହାଙ୍କ ପୁତ୍ରଦ୍ୱୟ shake hand କରି ବିଦାୟ ଗ୍ରହଣ କରି ସ୍ୱଗଡ଼କୁ ବାହାର ଆସିଲେ ତା ୧୭ ରଖ ସୂର୍ଯ୍ୟୋଦୟ ର ୭ ଘ ସମୟରେ ସାହେବମାନେ ସନ୍ତୁଷ୍ଟ ଚିତ୍ତ ହୋଇ ପାରଳାଖେମୁଣ୍ଡି ଯାଇଅଛନ୍ତି । ଆପଣଙ୍କ ବଦନ ଚମନ୍ତ୍ରେ ଏହି ଶୁଭ ସମାଚାର ଲେଖିଲି । ତା ୨୧ ରଖ ଫିବ୍ରୁଏରୀ ସନ ୧୮୮୩ ମସିହା ।

ବଶମ୍ବଦ ।

ଶ୍ରୀ ନାରାୟଣ ବଡ଼ଜେନା ସାମନ୍ତ

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ ।

ମହାଶୟ !

ଅସ୍ମମାନଙ୍କର ଏହି ନିମ୍ନଲିଖିତ କେତେକ ପଂକ୍ତିକୁ ସାଧାରଣ ଅବଗତାର୍ଥେ ଆପଣଙ୍କ ପତ୍ରିକୈକପାର୍ଶ୍ୱରେ ସ୍ଥାନ ଦାନ କରି ବାଧିତ କରିବା ହେବେ ।

ଏହି ଜିଲା ଅଧୀନ ଜଗତସିଂହପୁର ଥାନାର ଅନ୍ତର୍ଗତ ଅଡ଼ଙ୍ଗ ନାମକ ଗୋଟିଏ ଗ୍ରାମରେ ବ୍ରାହ୍ମଣ, କରଣ, ଖଣ୍ଡାଏତ, କୈବର୍ତ୍ତନାପିତ, ମୁସଲମାନ ପ୍ରଭୃତି ଅନେକ ଜାତୀୟ ଲୋକଙ୍କର ପ୍ରାୟ ସାଇଶହ ବସତି ଅଛି, କିନ୍ତୁ ଏ ଗ୍ରାମୀୟ ଲୋକମାନଙ୍କର ସନ୍ତାନ ଗଣିତ ପ୍ରଭୃତି ଆପଣା୵ ଜାତୀୟ ଭାଷାର ଚର୍ଚ୍ଚାଦ୍ୱାରା ଜ୍ଞାନ ଓ ପ୍ରଭୃତି ଲାଭ ହୋଇ ଜୀବିକା ନିର୍ବାହ କରୁଥିଲେ, କିନ୍ତୁ କାଳକ୍ରମରେ ସେ ସବୁ ଲୁପ୍ତ ହୋଇଯିବାରୁ ସେମାନଙ୍କ ଦୀନାବସ୍ଥା ଦର୍ଶନ କରି ଏ ବିଭାଗସ୍ଥ ବିଦ୍ୟାଳୟସମୂହର ସବ ଇନ୍ସପେକ୍ଟର ଶ୍ରୀଯୁକ୍ତ ବାବୁ ପଦ୍ମନାଭ ମିଶ୍ର ମହାଶୟଙ୍କ ଯତ୍ନ ଓ ପରିଶ୍ରମରେ ଅଜକୁ ପ୍ରାୟ ୨ ବ ର୍ଷ ହେବ ଏଠାରେ ଗୋଟିଏ ଉଚ୍ଚ ପ୍ରାଇମେରୀ ସ୍କୁଲ ସ୍ଥାପିତ ହୋଇ ତହିଁରେ ମହାମାନ୍ୟ ଗବର୍ଣ୍ଣମେଣ୍ଟ ମାସିକ ୫ ୪ ଙ୍କା ସାହାଯ୍ୟ ପ୍ରଦାନ କରୁଥିଲେ, ମାତ୍ର ଉପଯୁକ୍ତ ଗୃହାଭାବରୁ ଏହି ବିଦ୍ୟାଳୟର କାର୍ଯ୍ୟ ୬ ମାସ ପର୍ଯ୍ୟନ୍ତ ବନ୍ଦ ହୋଇଥିଲା । ଏ ଗ୍ରାମର ଜମିଦାର ଶ୍ରୀଯୁକ୍ତ ବାବୁ ଜଗନ୍ନାଥ ରାୟ ଚୌଧୁରୀ ମହାଶୟଙ୍କ ମେନେଜର ପ୍ରଜାହିତୈଷୀ ଉଦାରଚରିତ ସଦ୍ବିବେଚକ ଶ୍ରୀଯୁକ୍ତ ବାବୁ ପ୍ରତାପଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ ମହାଶୟ ଏ ବିଦ୍ୟାଳୟ ନିମିତ୍ତ ଗୋଟିଏ ଉପଯୁକ୍ତ ଗୃହ ଓ ବିଦ୍ୟାଳୟଠାରୁ ନାଇଲେ ଜାମର ଗ୍ରାମ ପର୍ଯ୍ୟନ୍ତ ଗୋଟିଏ ରାଜବର୍ତ୍ମ ପ୍ରସ୍ତୁତ କରିଦେବାରୁ ବିଦ୍ୟାଳୟଟି ତତ୍କାଳ ହେଲା ପୁନଃ ସ୍ଥାପିତ ହେଲା, ଅଦ୍ୟ ଉକ୍ତ ବାବୁ ମହାଶୟ ସ୍କୁଲ ସବ ଇନ୍ସପେକ୍ଟର ମହାଶୟଙ୍କ ସହିତ ବିଦ୍ୟାଳୟର ଛାତ୍ରମାନଙ୍କୁ ପରୀକ୍ଷା କରି ଦକ୍ଷିଣ

Digitized by srujanika@gmail.com

ବାଲକମାନଙ୍କ ପୁସ୍ତକାଗାର ମୋଚନ ନିମନ୍ତେ ଏ ବିଦ୍ୟାଳୟର ସର୍ବପ୍ରକାର ୫୦୦୍ ପୁସ୍ତକରୁ ଏକ ୨ ଖଣ୍ଡ ପ୍ରଦାନ କରିବାକୁ ଅଙ୍ଗୀକାର କରି ଅଛନ୍ତି ଅତଏବ ଅମ୍ଭେମାନେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଁ ବାବୁ ମହାଶୟଙ୍କର ଏହି ଧର୍ମେଚ୍ଛା ଉତ୍ତରୋତ୍ତର ବୃଦ୍ଧି କରନ୍ତୁ । ଆଶା କରୁଁ ଏତଦ୍ଦେଶୀୟ ଅପରାପର ଜମିଦାର ଧନୀ ଓ କୃତବିଦ୍ୟ ଲୋକମାନେ ଉକ୍ତ ବାବୁ ମହାଶୟଙ୍କ କାର୍ଯ୍ୟକୁ ଅନୁକରଣ କରି ଏ ଦେଶର ଦୁରବସ୍ଥା ଦୂର କରିବେ । ଇତି ।

ଅନୁଗୁଳ }
୨୭।୨।୮୨ } ଶ୍ରୀ——

To
The Editor of Utkal Dipica

Sir,

This is the time when all our countrymen that are any way connected with canal revenue ought to bestir themselves. As the period of five years for which cultivators executed kabulyats for canal water elapsed, I understand that the Government is about to issue new rules on the subject. As much oppression prevails in connection with the realisation of canal revenue, it is my firm belief that if proper representation be made, the Government will not turn a deaf ear to the grievances of the cultivators.

The high Government officers have no interest in persisting in an unjust course, as the amount unjustly realised will enrich no individual among them. Though this is theoretically correct, I know the case is practically otherwise; for the individual officers put in their own whims and crotchets which, joined to the Englishman's obstinacy of sticking to his own belief however whimsical and wrong, give rise to many oppressive measures. This reminds me of a story in Goldsmith's Traveller that a Chinese gentleman having visited England was invited to an evening party, and among the guests that met, there was naturally a talk on the customs and manners of the Chinese. Among other things it was said that the Chinese had the custom of tying knapkins over their beards at the time of taking meal. And however the Chinese traveller protested against it, the English gentlemen present insisted on its truth and compelled him to comply with the practice when taking dinner with them that evening. This obstinacy is natural to an Englishman, and he cannot part with it. But with all this, there is greater chance of getting justice from our Government than from a despotic monarch whose coffer swells with the sufferings of his subjects.

That great oppression exists in connection with the realisation of canal revenue, no one having eyes to see and ears to hear will doubt it. We all know how a few days ago, the people came in flocks from the Muffasil to give *Istafa* or a notice to the Collector, of their determination of having nothing to do in future with the canal water, and how much expense they must have incurred. This trouble and expense which they underwent and that in the harvesting season, when time is most valuable to them, will bring home to all unprejudiced men that their suffering is not chimerical and is worth-while being enquired into by Government. But how to move Government in the matter is the question. Our ignorant cultivators cannot do any thing of the kind. The utmost they can do, they have done: they have presented petitions to the Collector, their *Ma, Bap*, their all, and have left. Our educated countrymen ought to come forward and help them. Cannot the Cuttack Association which took so much action in the matter of Self-Government take up the matter? Why does not our Cuttack Patriot and Philanthropist, who has been so long bothering Government with petitions on this and on that project, do something.

In my next I shall tell what I know about the sufferings of the cultivators on account of realisation of canal revenue.

18th Feby. }
1883. } Yours faithfully,
A Ryot.


# ବିଜ୍ଞାପନ।

## ଓଡ଼ିଆ ନାଟକାଭିନୟ

ମେଘାଡ଼ ଅନିବାର୍ଯ୍ୟ ଅସୁବିଧା ହେତୁରୁ ଏହି ମାର୍ଚ୍ଚମାସ ତା ୩ ରିଖ ଶନିବାର ନ ହୋଇ ସେହିମାସ ତା୧୦ ରିଖ ଶନିବାର ରାତ୍ରରେ ଶ୍ରୀଯୁକ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କ କୋଠା ସମ୍ମୁଖସ୍ଥ ଅଗଣାରେ କଞ୍ଚିକାଞ୍ଚନ ନାମକ ଏକ ଓଡ଼ିଆ ଉପନାଟକ ( Farce ) ଅଭିନୀତ ହେବ । ଅଭିନୟ ସନ୍ଧ୍ୟା ସ ୯ ଘଣ୍ଟା ଉତ୍ତାରୁ ଆରମ୍ଭ ହୋଇ ପ୍ରାୟ ତିନିଘଣ୍ଟା କାଳ ବ୍ୟାପି ରହିବ । ବିନା ଟିକଟରେ କେହି ପ୍ରବେଶଲାଭ କରି ପାରିବେ ନାହିଁ ।

ଟିକଟର ମୂଲ୍ୟ ଯଥା—

ପ୍ରଥମଶ୍ରେଣୀ [illegible]

ଦ୍ୱିତୀୟଶ୍ରେଣୀ [illegible]

ସ୍କୁଲ ପିଲାମାନେ ଅର୍ଦ୍ଧେ ମୂଲ୍ୟ ଓ ଅଷ୍ଟବର୍ଷ ଅର୍ଥାତ ବ ୫ ବର୍ଷରୁ ନ୍ୟୂନ ଶିଶୁମାନେ ବିନା ମୂଲ୍ୟରେ ଦେଖି ପାରିବେ ଟିକଟ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନ ଓ ଅଭିନୟ ସ୍ଥଳେ ମିଳି ପାରିବ । ଇତି ।

କଟକ }
୬।୩।୮୩ } ଶ୍ରୀ ଭଗୀରଥୀ ପାଠିଆ


## AMENDED NOTICE.

By order of the Road Cess Committee, will be sold by Public Auction with a reserved price at noon on the 22nd March 1883, at the Road Cess Office Collectorate Cuttack, the following lands situate in Purgunnah *Bakrabad* Mouza *Jobra*.

No. 1—The *Plot of land* bounded on the North by the Taladanda Road, on the West by the lands occupied by the Irrigation Department D. P. W. bordering the Taldanda Canal, and on the East and South by the road leading to No. 2 Canal Bridge measuring about.

M. G. B. M. G. B.
14. 9. 11. Viz: part of settlt. No. 281-1. 5. 0.
Do. „ No. 286-1. 5. 0.
Do. „ No. 285-11 24 11
14. 9. 11.

This is planted with fruit, exotic and other trees and ornamental shrubs

Split by PDF Splitter
Digitized by srujanika@gmail.com

Split by PDF Splitter



and laid out as a garden with gravelled paths, and contains a small tank also gardeners' house and shed.

There are also in it several interesting ancient sculptures.

No. 2—The Plot of land bounded on the North by the garden of VIRUA NAIDU, South by the reserved land bordering the Taldanda Road, West by mound and hedge defining land lately purchased from the Road Cess Department by the Irrigation Department of the D. P. W. and East by the reserved land bordering the Jobra Road, measuring about M. 2-G.3-B.8½ being part of settlement Number 281.

Map of Plots can be inspected and any further particulars afforded on application at the Road Cess Office.

These lands are shown as "Nalaik Paria" in the existing settlement papers and no Revenue is payable to Government under the existing settlement.

CUTTACK 28—2—83. } Sd. F. JONES
Collector & Chairman
Road Cess Committee.

ସଂଶୋଧିତ ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ରୋଡ଼ସେସ୍ କମିଟୀଙ୍କ ଆଦେଶାନୁସାରେ । ପ୍ର । ବାଣସ୍ୱବାଦ । ମୌ । ଯୋବ୍ରାରେ ଥିବା ନିମ୍ନଲିଖିତ ଭୂମିମାନ କଟକ ଜିଲ୍ଲା କଲେକ୍ଟରୀ ଇଲାକା ରୋଡ଼ସେସ୍ ଅଫିସରେ ସନ ୧୮୮୩ ମସିହା ମାର୍ଚ୍ଚ ମାସ ତା ୨୨ ରଖେ ଦିବା ଦୁଇପ୍ରହର ସମୟେ ମନୋନୀତ ମୂଲ୍ୟରେ ନିଲାମ ହେବ ।

ପ୍ରଥମ ଖଣ୍ଡ ଜମିର ତପସିଲ—

| | | |
|---|---|---|
| ବନ୍ଦୋବସ୍ତ ଉର୍ଦ୍ଦିଷ୍ଟ ନ ୨୮୧ ସୁଦ୍ଧ | | ମା ୧। ୩୯ |
| ଏଜନ | ନ ୨୮୭ | ମା ୪। ୩୯ |
| ଏଜନ | ନ ୨୮୪ | ମା ୧। ୨୩୫ |
| ଏଠ | | ମା ୧୪। ୧୨୯ |

ଚତୁଃସୀମା ।

ଉତ୍ତର ପାର୍ଶ୍ୱରେ ତାଲଦଣ୍ଡା ସଡ଼କ, ପଶ୍ଚିମରେ ତାଲଦଣ୍ଡା କେନାଲ ପାର୍ଶ୍ୱସ୍ଥ ଇରିଗେସନ ଇଲାକା ଜମି ଓ ଦକ୍ଷିଣ ଓ ପୂର୍ବରେ ନ ୨ ମ୍ବର ପୋଲଠାରୁ ଯାଇଥିବା ରାସ୍ତା ।

ଉକ୍ତ ଜମିରେ ବଗିଚା ଥିବାରୁ ତହିଁରେ ଫଳନ୍ତି ଓ ସୁବାସିତ ଗଛମାନ, ସୁଶୋଭିତ ଲତା ବୃକ୍ଷମାନ ଛେଉ ରାସ୍ତା ଓ ଗୋଟିଏ କ୍ଷୁଦ୍ର ପୁଷ୍କରଣୀ ଓ ବଗିଚା ମାଳୀମାନଙ୍କ ବସା ଘର ଅଛି ମଧ୍ୟ ଉକ୍ତ ବଗିଚାରେ ପୁରାତନ ସୁନ୍ଦର ପଥର ପିତୁଳାମାନ ଅଛି ।

ଦ୍ୱିତୀୟ ଖଣ୍ଡ ଜମିର ପରିମାଣ ।—

ବନ୍ଦୋବସ୍ତ ଉର୍ଦ୍ଦିଷ୍ଟ ନ ୨୮୧ । ବା । ଜମିର ଏକ ଅଂଶ ଅର୍ଥାତ୍ ମା ୨୨।୩୫।୮

ଏହାର ଚତୁଃସୀମା ।

ଉତ୍ତରରେ ବେଉସ୍ଥାଳାଇଡ଼ୁର ବଗିଚା, ଦକ୍ଷିଣରେ ତାଲଦଣ୍ଡା ରାସ୍ତା ପାର୍ଶ୍ୱସ୍ଥ ରକ୍ଷିତ ଜମି, ପଶ୍ଚିମରେ ଇରିଗେସନ ଡିପାର୍ଟମେଣ୍ଟଙ୍କୁ ବିକ୍ରୀ ହୋଇଥିବା ରୋଡ଼ସେସ । ଇ । ଜମିର ସୀମା ନିରୂପଣ ମାଟିକୁଦ ଓ ବାଡ଼ ଓ ପୂର୍ବରେ ଯୋବ୍ରାଠାରୁ ଯାଇଥିବା ରାସ୍ତା ସମୀପସ୍ଥ ରକ୍ଷିତ ଜମି ।

ରୋଡ଼ସେସ ଅଫିସରେ ଇଚ୍ଛା କଲେ ଉପରୋକ୍ତ ଭୂମିମାନଙ୍କ ମାପ ନକ୍ସାରେ ଦେଖି ପାରିବେ ଓ ଅନ୍ୟ କୌଣସି ବୃତ୍ତାନ୍ତ ଆବଶ୍ୟକ ହେଲେ ଜାଣି ପାରିବେ ।

ଏହି ଜମିମାନ ବନ୍ଦୋବସ୍ତ କାଗଜାଦରେ ନାଲାଏକ ପଡ଼ିଆ ବୋଲି ଦରଜ ଅଛି ଓ ସେଥି ସକାଶେ ଗବର୍ଣ୍ଣମେଣ୍ଟଙ୍କୁ କିଛି କର ଦେବାକୁ ହୁଏ ନାହିଁ ।

କଟକ ୨୮।୨।୮୩ } ( ଦସ୍ତଖତ ) ଏଫ୍ ଯୋନସ୍
କଲେକ୍ଟର ଓ ସଭାପତି । ଇ ।
ରୋଡ଼ସେସ୍ କମିଟୀ ।

NOTICE.

The power of attorney granted by the undersigned to MR. A. W. BELLIS is cancelled from this date.

Cuttack, 28th Feby. 1883. } J. BULLOCH & Co.

NOTICE.

Wanted 2 or 3 Experienced Surveyors and levellors at once, apply with copies of testimonials to,

24-2-83

Gobind Chandra Das
Sub-Engineer,
Jenapur.

ବିଶେଷ ଦ୍ରଷ୍ଟବ୍ୟ ।

ନିବେଦନ ।

ବାଲେଶ୍ୱର ବ୍ରାହ୍ମ ମନ୍ଦିରରେ ମୋତେ ପ୍ରତି ଆଦେଶ ହୋଇଅଛି ଯେ, ମୁଁ ଓଡ଼ିଶା ମୋଗଲବନ୍ଦିର ପ୍ରତ୍ୟେକ ପ୍ରଧାନ ନଗରରେ ଏବଂ ଓଡ଼ିଶା ଗଡ଼ଜାତରେ ପ୍ରତ୍ୟେକ ପ୍ରଧାନ ସ୍ଥାନରେ ରାଜା ଓ ପ୍ରଜାମାନଙ୍କୁ ଏହି ବର୍ଷ (୧୮୮୩) ବ୍ରହ୍ମ ହରି ନାମ ଶ୍ରବଣ କରାଇବି । ମୋର ସଙ୍ଗରେ ଆଉ କେତେଗୋଟି ଉପାସକ ଯିବାକୁ ପ୍ରସ୍ତୁତ ହୋଇଅଛନ୍ତି ।

ଉତ୍କଳ ଦେଶର ଟଙ୍କା, ମାଙ୍କା, ଖ୍ୟାତ, ଉଚ୍ଚ ପଦାରୂଢ଼ ଏବଂ ରାୟବାହାଦୂର, ଖାଁ ବାହାଦୂର, କୁମାର ରାଜା ଓ ମହାରାଜାମାନଙ୍କୁ ଏବଂ ସର୍ବସାଧାରଣ ଲୋକମାନଙ୍କୁ ଏବଂ ସେମାନଙ୍କ ମାତା, ସ୍ତ୍ରୀ, ଭଗ୍ନୀ ଓ ସନ୍ତାନମାନଙ୍କୁ ପ୍ରାର୍ଥନା କରୁଅଛି ଯେ ସେମାନେ ହରି ପାଦପଦ୍ମ ପ୍ରାପ୍ତି ନିମନ୍ତେ ବ୍ୟାକୁଳ ହେବେ ।

ମୋଗଲବନ୍ଦିର ପ୍ରଧାନ ନଗର ଓ ଗଡ଼ଜାତର ପ୍ରଧାନ ସ୍ଥାନର ଯେଉଁ ଅଧିବାସୀମାନେ ଆମ୍ଭମାନଙ୍କଠାରୁ ହରି ନାମ ଶ୍ରବଣ କରିବାକୁ ଇଚ୍ଛୁକ ହେବେ ସେମାନେ ( ଶ୍ରୀଯୁକ୍ତ ବାବୁ ... ଦୟାଳ ଦେ, ବାଲେଶ୍ୱର )—ଏହି ଠିକଣାରେ ଆମ୍ଭମାନଙ୍କଠାରୁ ନିମନ୍ତ୍ରଣ ପତ୍ର ପଠାଇବେ ।

ବାଲେଶ୍ୱର ୧୯।୨।୮୩ } ଶ୍ରୀ ଚତୁର୍ଭୁଜ ପଟ୍ଟନାୟକ
ଉତ୍କଳର ସେବକ

ଗବର୍ଣ୍ଣମେଣ୍ଟ ସିଙ୍କୋନା ଫେବ୍ରିଫୁଜ୍ ।

ଏହା ଦୃଢ଼ରୂପରେ ଜ୍ୱରନାଶକର ପରୀକ୍ଷିତ ... ଔଷଧ ବୋଲି ବିଦିତ । କଲିକତାର ପ୍ରଧାନ ପ୍ରଧାନ ଇଂରେଜୀୟ ଓ ଦେଶୀୟ ଔଷଧାଳୟରେ ବିକ୍ରୟ ହୁଏ । କଲିକତା ବୋଟାନିକଲ୍ ଗାର୍ଡ଼େନର ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଡାକରଖିତ ଦରରେ ମିଳିପାରେ ଯଥା,—

ଡାକମାସୁଲ ସହିତ ୫ଅଉନ୍ସକୁ ଟ ୨ ଙ୍କା । ୮ ଅଉନ୍ସକୁ ଟ ୧୧ ଙ୍କା । ୧୬ ଅଉନ୍ସକୁ ଟ ୨୦୩ ମୂଲ୍ୟ ନିରତ ।

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ... ଶିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦୬ |
| ଅଧ ସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେହେଁ ତହିଁର ଦର ଟ ୩୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର୍ ପ୍ରଥମ ... ଅର୍ଦ୍ଧେକ ଓ ଚତୁର୍ଥ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ମୂଲ୍ୟପ୍ରାପ୍ତି ।

| | |
|---|---|
| ରାଜପୁର ଷ୍ଟିବାର୍ଟ ସାହେବ କଟକ କଲେଜ | [illegible] |
| ଜର୍ଜ ଷ୍ଟିବସନ୍ ସାହେବ ଷ୍ଟିମକାଟ ଅପିସ | [illegible] |

☞ ଏହି ଉତ୍କଳଦୀପିକା ସହର କଟକ ଦରଘାଟାର ... ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା


ଭାଗ ୨୮ ଶ } ତା ୧୦ ଇଶ ମାହେ ମାର୍ଚ୍ଚ ସନ ୧୮୮୭ ମସିହା। ମୂ। ଫାଲ୍‌ଗୁନ ୮ ୨୮ ଜ ସନ ୧୨୯୦ ସାଲ ଶନିବାର

ସଂ ୧୦ ଖ୍ୟା }

| ମୂଲ୍ୟ | ଅଗ୍ରିମ | ପଶ୍ଚାତ୍ |
|---|---|---|
| ବାର୍ଷିକ | ଟ ୫ ୧ | ଟ ୬୧ |
| ଡାକମାସୁଲ | ଟ ୦ ୧୦ | ଟ ୧୧ |


'ଓଡ଼ିଆ ଭାଷା କ୍ରମେ ମନ୍ଦ ହେଉଅଛି' ଏହି ଶିରୋନାମରେ ଆମ୍ଭମାନଙ୍କ ବାଲେଶ୍ୱରସ୍ଥ ସହଯୋଗୀ ସମ୍ବାଦବାହିକା ଗୋଟିଏ ସୁନ୍ଦର ପ୍ରବନ୍ଧର ଅବତାରଣା କରିଅଛନ୍ତି। ପ୍ରବନ୍ଧଟି ଶେଷ ହୋଇ ନାହିଁ ଏବଂ ତାହା ହେବା ପର୍ଯ୍ୟନ୍ତ ଆମ୍ଭମାନଙ୍କର କୌଣସି କଥା କହିବା ଅସାମୟିକ ହେବ ବର୍ତ୍ତମାନ ଆମ୍ଭେମାନେ କେବଳ ପାଠକଙ୍କୁ ଅନୁରୋଧ କରୁଅଛୁଁ ଯେ ଏହାକୁ ଅତ୍ୟନ୍ତ ମନୋଯୋଗ ସହିତ ପାଠ କରିବେ।

---

ଆମେରିକାର ଜଣେ ପଣ୍ଡିତ କହିଥିଲେ କି ଗତମାସ ତା ୧୧ ରଖରେ ପୃଥିବୀରେ ଭାରି ଝଡ଼ ବତାସ ହେବ। ସେ ଭବିଷ୍ୟତ ବାଣୀ ଠିକ ହେବ କି ନାହିଁ କହି ନ ପାରୁଁ ମାତ୍ର ଏ ସପ୍ତାହ ମଧ୍ୟରେ ବାଲେଶ୍ୱର ଓ କଟକରେ କେତେଥର ପ୍ରବଳ ବତାସ ଓ କୁଆପଥର ସହିତ ବର୍ଷା ହୋଇଅଛି। ଏ ନଗରରେ ବୃଷ୍ଟି ଓ ବତାସ ଅଳ୍ପ ମାତ୍ର ବାଲେଶ୍ୱରରେ ଭାରି ବୃଷ୍ଟି ହୋଇ ବିଲ ଖାଲମାନ ଭର୍ତ୍ତି କରି ଦେଇଅଛି ଓ ଅକ୍ଷୟପଦାରୁ ସମ୍ବାଦ ପାଇଅଛୁଁ କି ସେଠାରେ ତୋଫାନ ସହିତ ଏତେ ବୃଷ୍ଟି ହୋଇଅଛି ଯେ ବୈତରଣୀରେ ବଢ଼ିପ୍ରାୟ ଗୋଳିଆ ପାଣି ଆସିଅଛି। ବତାସରେ ଗାଈଡାକ ଚାରି ଛଣି ଯାଇଅଛି ଏବଂ ଅନେକ ଘର ଭାଙ୍ଗି ପଡ଼ିଅଛି ଫସଲର ମଧ୍ୟ କ୍ଷତି ହୋଇଅଛି।

---

ଏଠା କଲେକ୍ଟରୀ ଦପ୍ତରୀ ଓ ତାହାର ପୁତ୍ର କି ସେ କଲେକ୍ଟରୀ ନକଲନବିସ ଅଟେ ପୁଲିସକୁ ମାରପିଟ କରିବା ଦୋଷରେ ଯଥାକ୍ରମେ ଛଅ ମାସ ଓ ତିନମାସର କାରାବାସ ଦଣ୍ଡ ପାଇଅଛନ୍ତି ଆସାମିମାନେ ଏକ ମଦଭାଟିରେ ସୁରା ନେଇ ସଞ୍ଚିକା ଉପରେ ମଦ ଖାଉଥିଲେ। ସବ୍‌ଇନ୍‌ସପେକ୍‌ଟର, ହେଡ଼କନଷ୍ଟବଲ ଓ ଜଣେ କନଷ୍ଟବଲ ସେମାନଙ୍କୁ ଧରିବା ସମୟରେ ସେମାନେ ଓ ଅନ୍ୟ କେତେକ ଜଣ ମିଶି ପୁଲିସକୁ ମାରି ଘଉଡ଼ାଇ ଦେଲେ। ଦପ୍ତରୀ ମଧ୍ୟ ନାଲିଶ କରିଅଛି ଯେ ଇହିଁ ଅରଦଳି ସେ ଧୃତ ହୋଇ ଥାନାରେ ଥିବା ସମୟରେ ବାବୁ ଶ୍ୟାମସୁନ୍ଦର ଦତ୍ତ ଇନସପେକ୍‌ଟର ତାକୁ ଅନେକ ମାଡ଼ ମାରିଲେ। ଜଏଣ୍ଟମେଜିଷ୍ଟ୍ରର ସାହେବ ଦପ୍ତରୀକୁ ଏଥିର ଅଗଭୂତ ପ୍ରମାଣ ତଲବ କରିଅଛନ୍ତି ମାତ୍ର ସେ ବନ୍ଦୀବାସରେ ଥିବାରୁ ଏ ପର୍ଯ୍ୟନ୍ତ ପ୍ରମାଣ ଦେଇ ନାହିଁ।

---

ଏଠା ମିଉନିସିପାଲିଟୀର ମେମ୍ବର ଏବଂ ଚେୟାରମାନ ନିର୍ବାଚନ ବିଧି ଅନୁସାରେ ନିଯୋଗ ହେବା ପ୍ରାର୍ଥନା ବିଷୟକ ଯେଉଁ ଦରଖାସ୍ତ ଛାତ୍ରଦାତାମାନେ ଉତ୍କଳ ସଭାଦ୍ୱାରା ପଠାଇ ଥିଲେ ମାନ୍ୟବର କ୍ଲେଟଙ୍କ ସାହେବ ବାହାଦୁର ଇହିଁ ଉତ୍ତରରେ ଲେଖି ପଠାଇଅଛନ୍ତି କି ନୂତନ ମିଉନିସିପାଲିଟୀ ଆଇନ ସମ୍ଭବତଃ ଏହି ବର୍ଷ ମଧ୍ୟରେ ଜାରି ହେବ ଏବଂ ତାହା ଅନୁସାରେ ଉକ୍ତ ବିଧି ଚଳାଇବା କାରଣ ଯେ ସମସ୍ତ ଅନୁଷ୍ଠାନିକ କାର୍ଯ୍ୟର ନିତାନ୍ତ ଅବଶ୍ୟକ ହେବ ଇତ୍ୟାଦି। ବର୍ତ୍ତମାନ ମିଉନିସିପାଲିଟିମାନଙ୍କର ଗଠନ ସମ୍ପର୍କରେ କୌଣସି ପରିବର୍ତ୍ତନ କରିବା ବାଞ୍ଛନୀୟ ନୁହଇ। ମାନ୍ୟବର ଲେଫ୍‌ଟେନାଣ୍ଟଗବର୍ଣ୍ଣରଙ୍କ ଏହି ଉତ୍ତରରେ କାହାର ଆପତ୍ତି ହୋଇ ନ ପାରେ ବାସ୍ତବରେ ନୂତନ ମିଉନିସିପାଲିଟୀ ଆଇନ ପାଣ୍ଡୁଲିପି ଦେଖିଲା କ୍ଷଣୁ ଏହି ଉତ୍ତର ଆସିବ ବୋଲି ଆମ୍ଭେମାନେ ଆଶା କରିଥିଲୁଁ।

---

ମାନ୍ଦ୍ରାଜର ଗବର୍ଣ୍ଣର ଗ୍ରାଣ୍ଟଡଫ ମହୋଦୟ ବରହମପୁର ଯାଇଥିବା ସମୟରେ ସେଠାର ଏକ ସଭା ତାହାଙ୍କୁ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ। ଇହିଁର ଉତ୍ତର ପ୍ରଦାନ କରିବା ସମୟରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଲୋକଙ୍କ ସମ୍ବନ୍ଧରେ କହିଲେ ଯେ ସମୟରେ ଏହିମାନଙ୍କଦ୍ୱାରା ସରକାରୀ କଚେରୀମାନ ପୂର୍ଣ୍ଣ ହେବାର ଆଶା ଥିଲେ ମଧ୍ୟ ସେମାନେ ଆପଣାର ନିପୁଣତା ଓ ଅଭାବର ଉପଯୋଗୀ ଅନ୍ୟ କୌଣସି ଉପାୟ ପ୍ରତି ଦୃଷ୍ଟିପାତ ନ କରି ଏକା ସରକାରୀ କାର୍ଯ୍ୟକୁ ଅନାଇ ରହିବା ଭଲ ନୁହଇ। ଆଜିକାଲି ଅନୁଶାସନ ସମ୍ବନ୍ଧରେ ଯେତେଯେତେ ଆନ୍ଦୋଳନ ଲାଗିଅଛି ଇହିଁ ସଙ୍ଗେ ୨ ଆତ୍ମନିର୍ଭରତା ବିଷୟରେ ଅଧିକ ଶୁଣିବାର ଇଚ୍ଛା ରଖୁଁ। ଅବଶ୍ୟ ସାହେବ

Digitized by srujanika@gmail.com

Split by PDF Splitter



ମହୋଦୟ ଯାହା କହିଲେ ତାହା ପ୍ରକୃତ କଥା ଅଟଇ ଇଥାତ ସେମାନଙ୍କ ସରକାରୀ କାର୍ଯ୍ୟମାନଙ୍କରେ ଉତ୍ତମରୂପ ପ୍ରଶଂସା ଦିଆଯାଉ ଅଛି କି ?

———

ମହାରାଣୀଙ୍କର ଭାରତବର୍ଷ ସମ୍ବନ୍ଧୀୟ ଷ୍ଟେଟ ସେକ୍ରେଟରୀଙ୍କ ଆଦେଶାନୁସାରେ ମହାମାନ୍ୟ ଗବର୍ଣ୍ଣରଜେନରଲ ନିୟମ କରିଅଛନ୍ତି କି ଷ୍ଟେଟ ସେକ୍ରେଟରୀଙ୍କ ଅନୁମତି ବିନା ରଏଲ ଇଞ୍ଜିନିୟର ଭିନ୍ନ ଅନ୍ୟ ଇଉରୋପୀୟମାନଙ୍କୁ ସ୍ଥାୟୀରୂପେ ନିଯୁକ୍ତ କରାଯିବ ନାହିଁ । ଭାରତବର୍ଷୀୟ ଇଞ୍ଜିନିୟରିଂ କଲେଜରୁ ଉତ୍ତୀର୍ଣ୍ଣ ହୋଇଥିବା ଦେଶୀୟ ଲୋକଙ୍କୁ ଆଗେ କର୍ମ ଦିଆଯିବ ଦେଶୀୟ ଲୋକ ନ ମିଳିଲେ ଇଉରୋପୀୟ ଅଥବା ଫିରଙ୍ଗିମାନଙ୍କୁ ସେହି ସମସ୍ତ କର୍ମ ଦିଆଯିବ । ଏପ୍ରକାର ନିୟମ କରିବାର ଉଦ୍ଦେଶ୍ୟ ଏହି କି ଦେଶୀୟ ଲୋକେ ଯେମନ୍ତ ଇଞ୍ଜିନିୟର ବିଭାଗରେ କର୍ମ ପାଇବାରୁ ବଞ୍ଚିତ ହେବେ ନାହିଁ ମାତ୍ର ଏଥିରେ ଯେ ଅଧିକ ପରିମାଣରେ ଦେଶୀୟ ଲୋକଙ୍କର ଉନ୍ନତି ହେବ ଏମନ୍ତ ଆଶା ଦିଶୁ ନାହିଁ । କଲିକତାରେ ସ୍ଥାପିତ କୁପରହିଲ କଲେଜରୁ ଯେ ପର୍ଯ୍ୟନ୍ତ ଇଞ୍ଜିନିୟର ନିଯୋଗ ହୋଇ ଆସିବାର ବନ୍ଦ ହୋଇ ନାହିଁ ସେ ପର୍ଯ୍ୟନ୍ତ ଏ ଦେଶୀୟ ଲୋକଙ୍କର ସୁବିଧା ନାହିଁ । ଉକ୍ତ କଲେଜଟି ଗବର୍ଣ୍ଣମେଣ୍ଟ ଅନର୍ଥକ ରଖି ଦେଶୀୟ ଲୋକଙ୍କର ଉନ୍ନତି ମାର୍ଗରେ କଣ୍ଟକ ରୋପଣ କରିଅଛନ୍ତି ସେହି କଲେଜ ଉଠାଇ ଦେଇ ଭାରତବର୍ଷରେ ଥିବା ଇଞ୍ଜିନିୟରିଂ କଲେଜମାନଙ୍କରୁ କର୍ମଶ୍ରୀ ଗୃହୀତ ହେବାର ନିୟମ ହେଉ ତାହା ହେଲେ ଉପଯୁକ୍ତ ଦେଶୀୟ ଲୋକଙ୍କର ଉନ୍ନତି ହେବ ।

———

ପାରଲା ଖେମଣ୍ଡିରୁ ସମ୍ବାଦ ଆସିଅଛି ଯେ ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ସାହେବ ଗତ ମାସ ତା ୧୭ ରଖ ବେଳ ଘ ୧୦ ଟା ସମୟରେ ସେଠାରେ ପ୍ରବେଶ ହୋଇ ସେଠାର ମାଇନର ମହାରାଜାଙ୍କ ଶିକ୍ଷକ ଟେଲର ସାହେବଙ୍କ ଘରେ ଉତ୍ତୀର୍ଣ୍ଣ ହେଲେ । ମାଇନର ମହାରାଜା ଆପଣା କନିଷ୍ଠ ଭ୍ରାତାମାନ ଏବଂ ଅନ୍ୟାନ୍ୟ ଭଦ୍ରଲୋକଙ୍କ ସହିତ ତାହାଙ୍କର ଅଭ୍ୟର୍ଥନା କଲେ ସେଦିନ ଇଉରୋପୀୟମାନଙ୍କ ସହିତ ସାକ୍ଷାତ କଲେ । ତା ୧୮ ରଖରେ ଶ୍ରୀ ଶ୍ରୀ ମହାରାଜା ଆପଣା ୪ ଭ୍ରାତାଙ୍କ ସହିତ ସାହେବ ମହୋଦୟଙ୍କ ଦର୍ଶନ ନିମିତ୍ତ ବିଜେ କଲେ । ମହାରାଜାଙ୍କର ବୟସ ୨୦ ବର୍ଷ ଅତିକ୍ରମ ଉତ୍ତାରୁ ନାବାଲଗୀ ଗତ ହେବରୁ ରାଜ୍ୟ ଭାର ପାଇବେ ବୋଲି ସାହେବ ମହୋଦୟ ତାହାଙ୍କୁ ଆଶ୍ୱାସ ଦେଇ ରେବିନ୍ୟୁ ବ୍ୟବହାର ଶିକ୍ଷା କରିବାକୁ ଉପଦେଶ ଦେଲେ ନାବାଲଗ ମହାରାଜା ଇଂରାଜୀରେ ପ୍ରବେଶିକା ପରୀକ୍ଷାର ପୁସ୍ତକମାନ ପଢ଼ିଅଛନ୍ତି ତହିଁ ସଙ୍ଗେ ତେଲୁଗୀ ଓଡ଼ିଆ ଓ ସଂସ୍କୃତ ପଠନ କରୁଅଛନ୍ତି । ଘୋଡ଼ା ଚଢ଼ିବା, ପାଉଁଝି କରିବା, ଇଂରାଜୀ ଖେଳ ଇତ୍ୟାଦିରେ ମଧ୍ୟ ପାରଗ ହୋଇଅଛନ୍ତି । ଗବର୍ଣ୍ଣର ସାହେବ ଏହାଙ୍କ ଶିକ୍ଷା ଲାଭରେ ସନ୍ତୋଷ ପ୍ରକାଶ କଲେ ଏହି ଦିନ ମହାରାଜାଙ୍କ ସାହାଯ୍ୟକୃତ ବିଦ୍ୟାଳୟ ସଂଦର୍ଶନ କରି ପିଲାମାନଙ୍କ ପାରିତୋଷିକ ବଣ୍ଟନ କଲେ । ସାୟଂକାଳରେ ମହାରାଜାଙ୍କର ନୂତନ ପ୍ରାସାଦ ଦେଖିବା ନିମିତ୍ତ ବିଜେ କଲେ ଏବଂ ମହାରାଜାଙ୍କ ଆମନ୍ତ୍ରଣ ମତେ ସେଠାରେ ରାତ୍ରିକାଳରେ ନୃତ୍ୟ ଓ ବାଣ ଇତ୍ୟାଦି ଦେଖି ବଡ଼ ଆନନ୍ଦିତ ହେଲେ ସାହେବ ମହୋଦୟଙ୍କ ଅଭ୍ୟର୍ଥନା ସକାଶେ ମହାରାଜା ବହୁ ବ୍ୟୟରେ ସଭା ରଚନା ବାଣ ଇତ୍ୟାଦି ବ୍ୟାପାରମାନ ଭାରି ସମାରୋହ ସହିତ କରିଥିଲେ ଏବଂ ତହିଁ ପାଇଁ ମହୋଦୟଙ୍କଠାରୁ ଧନ୍ୟବାଦ ଲାଭ କଲେ । ଏହି ଉତ୍ସବ ଉପଲକ୍ଷରେ ଅନେକ ଭଦ୍ରଲୋକ ସେଠାରେ ରୁଣ୍ଡ ହୋଇଥିଲେ । ତା ୧୯ ରଖ ସାୟଂକାଳରେ ମହାମାନ୍ୟ ଗବର୍ଣ୍ଣର ସାହେବ ମହାରାଜାଙ୍କ ପ୍ରାସାଦକୁ ପ୍ରତି ସାକ୍ଷାତ ନିମିତ୍ତ ପୁନର୍ବାର ବିଜେ କରି ଅର୍ଦ୍ଧଘଣ୍ଟା ଯାଏ ମିଷ୍ଟାଳାପ ଉତ୍ତାରୁ ବିଦାୟ ହୋଇ ଆସିଲେ ଏବଂ ତହିଁ ଉତ୍ତାରୁ ପାଲଖେମଣ୍ଡିର ନାବାଲଗ ରାଜାଙ୍କ ଆତିଥ୍ୟ ଗ୍ରହଣ ପୂର୍ବକ ତା ୨୦ ରଖରେ ବିଶାଖପଟ୍ଟନକୁ ବହିର୍ଗମନ ହେଲେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ମହାମାନ୍ୟଙ୍କର ମିଷ୍ଟାଳାପ ଓ ସରଳ ଦୟାପୂର୍ଣ୍ଣ ବ୍ୟବହାରରେ ଗଞ୍ଜାମବାସୀ ରାଜା ଜମିଦାରମାନେ ବିଶେଷରୂପେ ଆପ୍ୟାୟିତ ହୋଇଅଛନ୍ତି ।

———

## ଅଧ୍ୟବସାୟର ପୁରସ୍କାର ।

ଗତ ଫିବ୍ରୁୟେରିମାସ ତା ୧୬ ରଖ ଶନିବାର ଦିନ କଲିକତା ବାରକପୁର ସରକାରୀ ସ୍କୁଲରେ ପାରିତୋଷିକ ବିତରଣ ଉପଲକ୍ଷରେ ଆମ୍ଭମାନଙ୍କ ଗବର୍ଣ୍ଣର ଜେନରଲ ମାନ୍ୟବର ଶ୍ରୀଯୁକ୍ତ ଲର୍ଡ ରିପନ ଉପସ୍ଥିତ ହୋଇ ପିଲାମାନଙ୍କ ଉତ୍ସାହାର୍ଥେ ତଳ ଲିଖିତ ବିବରଣଟି କହିଥିଲେ ।

"ଡାକ୍ତର ଭୋଲାନାଥବୋଷ ଅତି ଶିଶୁ ଥିବା ସମୟରେ ତାଙ୍କର ପିତା ଆପଣାର ସ୍ତ୍ରୀ ଓ ସନ୍ତାନ ସନ୍ତତିଙ୍କୁ ଅତି ଦୁରବସ୍ଥାରେ ରଖି ସ୍ୱର୍ଗାରୋହଣ କଲେ । ନିଜ ବୁଦ୍ଧି ଓ ଉଦ୍ୟୋଗ ବ୍ୟତୀତ ଭୋଲାନାଥଙ୍କର ଅନ୍ୟ ସହାୟ ନ ଥିଲା । ତାଙ୍କର ୯ କି ୧୦ ବର୍ଷ ବୟସ ସମୟରେ ଭାଗ୍ୟକ୍ରମେ ତାଙ୍କ ଘର ନିକଟରେ ବାରକ୍‌ପୁର ସ୍କୁଲ ସ୍ଥାପନ ହେବାରୁ ସେ ଉକ୍ତ ସ୍କୁଲରେ ପ୍ରବେଶ କରି ଆପଣା ଗୁଣର ଏପରି ପରିଚୟ ଦେଲେ ଯେ ସେ ସମୟରେ ଗବର୍ଣ୍ଣର ଜେନରଲ ପଦାରୂଢ଼ ଲର୍ଡ ଅକ୍‌ଲେଣ୍ଡଙ୍କ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । କେତେକ ବର୍ଷ ପରେ ବାରକ୍‌ପୁର ସ୍କୁଲରେ ଭୋଲାନାଥଙ୍କ ପଢ଼ା ଶେଷ ହେବାରୁ ଲର୍ଡ ଅକ୍‌ଲେଣ୍ଡଙ୍କ ଉତ୍ସାହ ଓ ସାହାଯ୍ୟରେ କଲିକତାସ୍ଥ ମେଡିକଲ କଲେଜରେ ସେ ନାମ ଲେଖାଇଲେ । କଲିକତାରୁ ବାରକ୍‌ପୁର ପ୍ରାୟ ୮ କୋଶ, ସେଠାକୁ ଶନିବାର ଦିନ ଆପଣା ମାତା ଓ ଭଗ୍ନୀମାନଙ୍କୁ ଦେଖିବା ନିମନ୍ତେ ଯାଉଥିଲେ ଏବଂ ସୋମବାର ଦିନ ପୁଣି କଲିକତାକୁ ଫେରି ଆସୁଥିଲେ । ଏହିରୂପ କେତେକ ବର୍ଷ ମେଡିକଲ କଲେଜରେ ଉତ୍ତମ ଶିକ୍ଷା ପାଇ ଦ୍ୱାରକାନାଥ ଠାକୁର ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଙ୍କ ସାହାଯ୍ୟରେ ଭୋଲାନାଥ ଆଉ ତିନିଜଣଙ୍କ ସହିତ ଚିକିତ୍ସାଶାସ୍ତ୍ର ଅତି ଉତ୍ତମରୂପେ ଶିଖିବା ନିମନ୍ତେ ବିଲାତକୁ ଗଲେ ।

ସେ ସମୟରେ ବିଲାତକୁ ଯିବାର ଏତେ ସୁବିଧା ନ ଥିଲା ବା ଦେଶୀୟ ଲୋକ ଏତେ ଯାଉ ନ ଥିଲେ । ସେଠାରେ ଆପଣାର ପାରଦର୍ଶିତା ଦେଖାଇ ଭୋଲାନାଥ ଅନେକ ପାରିତୋଷିକ ପ୍ରାପ୍ତ ହେଲେ ଓ ଦେଶୀୟ ଲୋକମାନଙ୍କ ମଧ୍ୟରେ ସେ ପ୍ରଥମ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଡାକ୍ତର ଅବ୍ ମେଡିସିନ୍, ଉପାଧି ପାଇଲେ । ସେ ସମୟରେ ଭାରତବର୍ଷୀୟ ଉଚ୍ଚତର ଡାକ୍ତରଙ୍କ ଶ୍ରେଣୀରେ ଏ ଦେଶୀୟ ଲୋକଙ୍କୁ ନେବାର ରୀତି ନ ଥିଲା; ତାଙ୍କ ପୂର୍ବବନ୍ଧୁ ଲର୍ଡ ଅକ୍‌ଲେଣ୍ଡ ଓ ଅନ୍ୟମାନେ ତାଙ୍କୁ ଶ୍ରେଣୀଭୁକ୍ତ କରିବା ନିମନ୍ତେ ଅନେକ ଚେଷ୍ଟା କଲେ ମାତ୍ର କିଛି ଫଳ ହେଲା ନାହିଁ । ଭୋଲାନାଥ ଏ ଦେଶକୁ ଆସି ଗବର୍ଣ୍ଣମେଣ୍ଟଦ୍ୱାରା ଡାକ୍ତରୀ କାର୍ଯ୍ୟରେ ନିଯୁକ୍ତ ହୋଇ ସତ୍ତ ଓ

Digitized by srujanika@gmail.com

Split by PDF Splitter



ଯୁଦ୍ଧ ସମୟରେ ନାନା ସ୍ଥାନରେ କାର୍ଯ୍ୟ କଲେ । ଶିଖ ଓ ଇଂରାଜମାନଙ୍କ ମଧ୍ୟରେ ହୋଇଥିବା ଚିଲିଆନୱାଲା ଯୁଦ୍ଧରେ ସେ ଉପସ୍ଥିତ ଥିଲେ । କେତେକ ବର୍ଷ ହେବ ସେ କାର୍ଯ୍ୟ ତ୍ୟାଗ ଓ ପେନସନ ଗ୍ରହଣ କରି ଗତବର୍ଷ ଏହି ସଂସାରରୁ ଚିରକାଳ ନିମିତ୍ତ ବିଦାୟ ହେଲେ ।"

ଆମ୍ଭମାନଙ୍କର ଯୁବା ପାଠକମାନେ ଡାକ୍ତର ଭୋଲାନାଥ ବୋଷଙ୍କ ଜୀବନ ବୃତ୍ତାନ୍ତ ପଢ଼ି ତାହାଙ୍କର ସ୍ୱୀୟ ପରିଶ୍ରମ ଓ ଯତ୍ନ ପ୍ରତି ନିର୍ଭର କରିବା ଗୁଣକୁ ଅନୁକରଣ କରନ୍ତୁ ଏହି ଆମ୍ଭମାନଙ୍କର ପ୍ରାର୍ଥନା । ଯେତେଦିନ ପର୍ଯ୍ୟନ୍ତ ଆପଣା ଅଧ୍ୟବସାୟ ପ୍ରତି ନିର୍ଭର ନ କରି ପର ସାହାଯ୍ୟକୁ ଚାହିଁ ରହିଥିବେ ସେତେଦିନ ଆମ୍ଭ ଦେଶୀୟ ଲୋକଙ୍କର କେଉଁଣସି ଉନ୍ନତିର ଆଶା ନାହିଁ ।

---

### ଦେଶୀୟ ହାକିମଙ୍କଦ୍ୱାରା ଇଂରାଜ ଅପରାଧୀଙ୍କ ବିଚାର ।

ଇଂରାଜମାନଙ୍କ ଔଦ୍ଧତ୍ୟ ଓ ଅଧ୍ୟବସାୟକୁ ଧନ୍ୟ ବୋଲିବାକୁ ହେବ ଫଉଜଦାରୀ ଆଇନର ଉପରଲିଖିତ ମର୍ମର ପ୍ରସ୍ତାବ ଯୋନି ସମସ୍ତ ଭାରତବର୍ଷର ଇଂରାଜ ଏକତ୍ର ଯୋଗ ହୋଇ ଯେଉଁ ପ୍ରତିବାଦ ଆରମ୍ଭ କରିଅଛନ୍ତି ବହୁଦିନ ଏଠାରେ ଏପ୍ରକାର ଦେଖାଯାଇ ନ ଥିଲା ଇଂରାଜ ସ୍ୱାଧୀନ ଓ ଉନ୍ନତ ଜାତି ଏବଂ ଭାରତବର୍ଷର ବିଜେତା, ସେମାନେ ପରାଜିତ କଳା ଲୋକଙ୍କଦ୍ୱାରା ବିଚାରିତ ଓ ଦଣ୍ଡିତ ହେବେ ଏହା ସେମାନଙ୍କ ଜାତୀୟ ଗୌରବର ଅତ୍ୟନ୍ତ ବିରୋଧୀ ଅତଏବ ଗବର୍ଣ୍ଣମେଣ୍ଟଙ୍କ ଏହି ପ୍ରସ୍ତାବର ପ୍ରତିବାଦ କରିବା ଏବଂ ଆପଣା ଅଧିକାର ବା ସ୍ୱତ୍ୱରକ୍ଷା କରିବାକୁ ପ୍ରାଣପଣେ ଲାଗିଅଛନ୍ତି । ବଣିକ ସଭା ଏହି ପ୍ରତିବାଦର ସୂତ୍ରପାତ କଲେ ଏବଂ ତହିଁ ପରେ ଏକା କଲିକତା ନାହିଁ କି ଭାରତର ଛୋଟ ବଡ଼ ନାନା ନଗର ଓ ନର୍ତ୍ତସ୍ଥାନ ସୁଦ୍ଧା କି ଯେଉଁଠାରେ ଦଶ ପାଞ୍ଚଜଣ ବେସରକାରୀ ଇଂରାଜ ଅଛନ୍ତି ସେ ସକଳ ସ୍ଥାନରେ ସଭା ବସି କଲିକତାର ମୂଳ ସଭା ସହିତ ଯୋଗ ହୋଇଅଛି । କଲିକତାର ସଭା ଗତ ମାସ ଶେଷ ଦିନ ଟାଉନହଲ ଗୃହରେ ହୋଇଥିଲା ଏବଂ ସେଠାରେ ତିନିସହସ୍ରରୁ ଅଧିକ ଇଂରାଜ ଏକତ୍ରିତ ହୋଇଥିଲେ । ଏକା ଇଂରାଜ ନାହିଁ କି ଅନେକ ଫିରିଙ୍ଗି ପ୍ରଭୃତି ଏହି ଅବକାଶରେ ଇଂରାଜ ପାଳିତ ହେବା ଆଶାରେ ସଭ୍ୟ ସେହି ସଭାରେ ଯୋଗ ଦେଇଥିଲେ । ସଭାରେ ଦୀର୍ଘ ବକ୍ତୃତାମାନ ହୋଇଥିଲା ଏବଂ ଦେଶୀୟ ଲୋକଙ୍କର ଯେତେ ନିନ୍ଦା ଓ କୁତ୍ସା ହୋଇପାରେ ତହିଁର ତ୍ରୁଟି ନ ଥିଲା ! ଲବ୍ଧଖ୍ୟାତ ବାରିଷ୍ଟର ବ୍ରାନସନ୍ ସାହେବ ଏଥିରେ ଅଧିକ ବ୍ୟୁତ୍ପତ୍ତି ଦେଖାଇ ଅଛନ୍ତି ସେ କହିଲେ ଦେଶୀୟ ଲୋକମାନେ ଚିରକାଳ ପରାଧୀନ ହୋଇ ସ୍ୱାଧୀନ ଲୋକଙ୍କ ବିଚାର କରିବେ ଏତେ ଆସ୍ପର୍ଦ୍ଧା ସହ୍ୟ ହେବାର ନୁହଇ ସେମାନେ ଠକ ଓ ମିଥ୍ୟା ମୋକଦ୍ଦମା ରଚନା କରିବା ସେମାନଙ୍କର ସ୍ୱଭାବ, ସେମାନଙ୍କ ହାତରେ ଇଂରାଜ ପୁରୁଷ ଓ ସ୍ତ୍ରୀକନ୍ୟାଙ୍କର ସ୍ୱାଧୀନତାର ଭାର ଦେବା ନିତାନ୍ତ ଅନ୍ୟାୟ ଇତ୍ୟାଦି । ଏଥିରୁ ଆମ୍ଭେମାନେ ଅବଗତ ହେଲୁଁ ଯେ ବ୍ରାନସନ୍ ସାହେବ ସ୍ୱୟଂ ଜଣେ ଫିରିଙ୍ଗି ଅନ୍ତତଃ ପକ୍କା ଇଂରାଜ ନୁହନ୍ତି କିନ୍ତୁ ଇଂରାଜଙ୍କ ସତ୍ତ୍ୱ ରକ୍ଷା ସକାଶେ ଏତେଦୂର ଉତ୍ତେଜିତ ହେଲେ ଯେ ଆପଣା ବିଦ୍ୟା ପଦଗୌରବ ଓ ବଙ୍ଗାଳିଙ୍କ ସହିତ ଦୀର୍ଘକାଳର ବନ୍ଧୁତା ପ୍ରଭୃତି ପାସୋରି ପକାଇ ମନ ପୂରାଇ ସେମାନଙ୍କର ନିନ୍ଦା ଗାନଦ୍ୱାରା ଶ୍ରୋତାମାନଙ୍କର ପୁନଃ ୨ ପ୍ରଶଂସା ଧ୍ୱନି ଲାଭ କଲେ । ସୁଖର ବିଷୟ ଯେ ସେ ଆପଣା ଭ୍ରମ ଜାଣି ପାରି ସମ୍ବାଦପତ୍ରମାନଙ୍କରେ ଆପଣା ଦୋଷ ସ୍ୱୀକାର ପୂର୍ବକ କ୍ଷମାପତ୍ର ପ୍ରକାଶ କରିଅଛନ୍ତି ମାତ୍ର ସେ ଯେଉଁ ଜାତୀୟ ବିଚ୍ଛେଦ ଜାତ କରି ଦେଲେ ତାହା ଶୀଘ୍ର ମେଣ୍ଟିବାର ନୁହଇ । ଇଂରାଜ ଏବଂ ଦେଶୀୟ ଲୋକଙ୍କ ମଧ୍ୟରେ ସଦ୍ଭାବ ବୃଦ୍ଧି ହେଉ ସମସ୍ତଙ୍କର ଏହି କାମନା ଏବଂ ସେହି ଉଦ୍ଦେଶରେ ଉଭୟ ପକ୍ଷରୁ ସମୟ ୨ ରେ ପ୍ରୀତିକର ଅନୁଷ୍ଠାନମାନ ଦେଖି ଆମ୍ଭେମାନେ ଆନନ୍ଦିତ ହୋଉଥିଲୁଁ । ଏହି ସଭାର କାର୍ଯ୍ୟରୁ ଦେଖାଗଲା ଯେ ବାହାରେ ଯାହା ହେଉ ଅନ୍ତରରେ ଇଂରାଜମାନେ ଦେଶୀୟ ଲୋକଙ୍କୁ ଘୃଣା କରନ୍ତି । ନୋହିଲେ ବ୍ରାନସନ୍ ସାହେବ ଦେଶୀୟ ଲୋକଙ୍କ ନିନ୍ଦା ଗାନ କରିବା ବେଳେ ସଭ୍ୟମାନେ ପୁନଃ ୨ କରତାଳି ଏବଂ ପ୍ରଶଂସା ବାକ୍ୟଦ୍ୱାରା ତାହାଙ୍କୁ ଉତ୍ସାହିତ କରନ୍ତେ ନାହିଁ । ଏଥର ବିଲାତର ସମ୍ବାଦପତ୍ରମାନେ ତାହାଙ୍କ ବକ୍ତୃତାର କିପରି ସମାଲୋଚନା କରିବେ ଦେଖିବାର ଅବଶିଷ୍ଟ ରହିଲା । ଆମ୍ଭମାନଙ୍କର ଏକାନ୍ତ ବାଞ୍ଛା ଯେ ସେମାନେ ଏ ବକ୍ତୃତାର ଯଥାର୍ଥ ନିନ୍ଦା କରି ଆପଣା ଉନ୍ନତିର ପରିଚୟ ଦେବେ । ବ୍ରାନସନ୍ ସାହେବ ଦୀର୍ଘକାଳ ବଙ୍ଗାଳ ମୌକିଲଙ୍କର ଅନ୍ନରେ ପ୍ରତିପାଳିତ ହୋଇ କାର୍ଯ୍ୟ ତ୍ୟାଗ କଲା ବେଳେ ( ସେ ଅତିଶୀଘ୍ର କାର୍ଯ୍ୟ ଗ୍ରହଣ କରିବାର କଥିତ ହୁଅଇ ) ଉତ୍ତମ ପ୍ରତିଶୋଧ ଦେଇଗଲେ କିନ୍ତୁ ତାହାଙ୍କର ବିଷମୟ ବକ୍ତୃତାରେ ହାଇକୋର୍ଟର ଉକୀଲମାନେ ଏମନ୍ତ ବିରକ୍ତ ହେଲେ ଯେ ସଭାର ବାସିଦିନ ଜଣେ ପ୍ରଧାନ ଉକୀଲ୍ ବାବୁ ରାସବିହାରୀ ଘୋଷ ତାହାଙ୍କ ସହିତ ମୋକଦ୍ଦମା ନେବାକୁ ଅସ୍ୱୀକାର କଲେ ଏବଂ ତହିଁ ଉତ୍ତାରୁ ହାଇକୋର୍ଟର ଉକୀଲମାନେ ସମସ୍ତେ ମିଶି ଏହି ନିୟମ କଲେ କି ତାହାଙ୍କ ସହିତ ଆଉ କାର୍ଯ୍ୟ କରିବେ ନାହିଁ । ଉକୀଲମାନଙ୍କର ଏହି ଐକ୍ୟତା ଦେଖି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ ଏବଂ ଯେବେ ଅନ୍ୟାନ୍ୟ ଦେଶୀୟ ଲୋକମାନେ ଏହିପରି ଏକମେଳ ହୋଇ କାର୍ଯ୍ୟ କରିବେ ତେବେ ସେମାନଙ୍କ ଶତ୍ରୁବର୍ଗ ଉପଯୁକ୍ତ ଶିକ୍ଷା ପାଇବେ ।

---

### ରାଜସ୍ୱ ବନ୍ଦୋବସ୍ତର ନିୟମାବଳୀ ।

ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ଥିବା କର୍ମଚାରୀଙ୍କ କର୍ତ୍ତବ୍ୟ ବିଷୟରେ ବଙ୍ଗ ପ୍ରଦେଶର ରେଭିନ୍ୟୁ ବୋର୍ଡ ଗତ ଜାନୁଆରୀମାସ ପ୍ରକାଶିତ ଏକ ସରକ୍ୟୁଲରରେ ତଳଲିଖିତ ନିୟମମାନ ଧାର୍ଯ୍ୟ କରିଅଛନ୍ତି ଯଥା ।—

୧ । କୌଣସି ଏକ ରଇତ ଅଥବା କୌଣସି ଏକ ରଇତି ଯୋତର ଯୋତଦାରମାନେ ପୂର୍ବେ ସେହି ଯୋତ ସକାଶେ ଯେତେ ଖଜଣା ଦେଉଥିଲେ ଗବର୍ଣ୍ଣମେଣ୍ଟଙ୍କର ବିଶେଷ ଅନୁମତି ବିନା ସେହି ଖଜଣାର ଦ୍ୱିଗୁଣର ଅଧିକ କୌଣସି ଏକ ବନ୍ଦୋବସ୍ତର ପ୍ରଚଳିତ ମିୟାଦର କୌଣସି ଏକବର୍ଷ ମଧ୍ୟରେ ତାହାଙ୍କଠାରୁ ନିଆଯିବ ନାହିଁ । ବିଶେଷ ଅନୁମତି ପ୍ରାର୍ଥନା କରିବାର କାରଣ ଏହି କି ପୂର୍ବ ବନ୍ଦୋବସ୍ତ ସମ୍ପର୍କୀୟ ନଥି ଅଥବା ଅନ୍ୟ କାଗଜ ସଙ୍ଗେ ବର୍ତ୍ତମାନ ମାପକୁ ମିଶାଇ ସ୍ପଷ୍ଟ ଦେଖାଇ ଦିଆଯାଇ ପାରିବ ଯେ ସେହି ରଇତ ସଙ୍ଗେ ଶେଷଥର ଖଜଣା ରଫା ହେବା ସମୟରେ ସେ ଯେତେ ଜମି ଧରିଥିଲା ବର୍ତ୍ତମାନ ତାହାର ପ୍ରକୃତ ଯୋତଭୂମିର ପରିମାଣ ତହିଁର ଦ୍ୱିଗୁଣରୁ ଅଧିକ ହୋଇଅଛି ।

୨ । ଅଥବା ଉପର ଲିଖିତ ମତେ କୌଣସି ଏକ ରଇତ ଅଥବା ଏକ ଯୋତର ଯୋତଦାରମାନେ ପୂର୍ବବର୍ଷ ଯେତେ ଖଜଣା ବା ମାଲଗୁଜାରୀ ଦେଇଥିଲେ ତାହାଙ୍କଠାରୁ ତହିଁ

Digitized by srujanika@gmail.com

Split by PDF Splitter



ଉପରେ ଶତକଡ଼ା ୫ ୨୦ ଟଙ୍କାରୁ ଅଧିକ ବୃଦ୍ଧି ଜମା କୌଣସି ଏକ ବର୍ଷରେ ଉଠବ ହୋଇ ପାରିବ ନାହିଁ । ସୁତରାଂ ଯେବେ ବନ୍ଦୋବସ୍ତରେ ମୋଟ ଖଜଣା ବୃଦ୍ଧି ଶତକଡ଼ା ୫୦ ଲେଖାଏ ହୋଇଥିବ ତେବେ ସଙ୍କୋଚ ଖଜଣା ପାଞ୍ଚବର୍ଷରୁ ଉଣା କାଳରେ ଉଠବ ହୋଇ ପାରିବ ନାହିଁ ।

୩ । ସାଧାରଣ ଅବସ୍ଥାରେ ପୂର୍ବ ଖଜଣାର ଦ୍ୱିଗୁଣ ପର୍ଯ୍ୟନ୍ତ କ୍ରମଶଃ ବୃଦ୍ଧି ହେବାର କାଳ ଦଶବର୍ଷ ପରିକ ବ୍ୟାପିବ ।

୪ । ଉପରସ୍ଥ କର୍ମଚାରୀଙ୍କ ମନ୍ତ୍ରୀ ସଭା ସେ ଯେ ସମସ୍ତ ବନ୍ଦୋବସ୍ତ ରିପୋର୍ଟ ପଠାଯିବ ତହିଁରେ ଏହିପରି ସାର୍ଟିଫିକେଟ ଲେଖିବାକୁ ହେବ ଯେ ନୂଆ ବନ୍ଦୋବସ୍ତ ଅନୁସାରେ ଦେଣ ହେଉଥିବା ଖଜଣାର ଜମାବନ୍ଦୀ ପ୍ରସ୍ତୁତ କରିବା କାଳରେ ଏହି ସରକୁଲରର ଲେଖିତ ବିଧିମାନ ପ୍ରତିପାଳିତ ହୋଇଅଛି ।

ଉପରଲିଖିତ ନିୟମାବଳୀ ପାଠକରି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ ଏବଂ ଅମ୍ଭେମାନେ ଅନୁମାନ କରୁଁ ବଙ୍ଗ ଦେଶର ବର୍ତ୍ତମାନ ଶାସନକର୍ତ୍ତା ଶ୍ରୀଯୁକ୍ତ ଟାମ୍ସନ ସାହେବ ଖାସମହାଲ ବନ୍ଦୋବସ୍ତର ଅଭ୍ୟାଗ୍ୟର ଓ ଅନ୍ୟାୟ୍ୟ ଦେଖି ବାର୍ଷିକ ଭିକ୍ଷାପତ୍ର ସମ୍ପର୍କରେ ଓ ଖୋରଧା ବାସୀମାନଙ୍କ ଦରଖାସ୍ତକୁ ଉଲ୍ଲେଖ କରି ଯେଉଁ ପ୍ରତୀକାର କରିବାକୁ ପ୍ରତିଶ୍ରୁତ ହୋଇଥିଲେ ଉପରଲିଖିତ ବିଧିମାନ ତାହାର ପୂର୍ଣ୍ଣ କରଅଛି ଏହି ବିଧିମାନଙ୍କର ଅର୍ଥ ଏହି କି କୌଣସି ଏକ ପ୍ରଜା ପୂର୍ବ ବନ୍ଦୋବସ୍ତ ଅନୁସାରେ ଯେତେ ଖଜଣା ଦେଉଥିଲା ତହିଁର ଦ୍ୱିଗୁଣରୁ ଅଧିକ ନୂତନ ବନ୍ଦୋବସ୍ତରେ କୌଣସି ଅବସ୍ଥାରେ ଦେବ ନାହିଁ ଏବଂ କୌଣସି ସ୍ଥଳେ ନ୍ୟାଯ୍ୟ ବିଚାରମତେ ଖଜଣା ଦ୍ୱିଗୁଣ ବୃଦ୍ଧି କରିବା ଅନିବାର୍ଯ୍ୟ ହେଲେ ମଧ୍ୟ ସେହି ଦ୍ୱିଗୁଣ ଜମା ଏକାବେଳେ ନିଆ ନ ଯାଇ ଅନ୍ତତଃ ପାଞ୍ଚବର୍ଷରେ କ୍ରମଶଃ ବୃଦ୍ଧିଦ୍ୱାରା ଗୃହୀତ ହେବ ଏବଂ ସହଜ ସ୍ଥଳେ କ୍ରମଶଃ ବୃଦ୍ଧିର କାଳ ଦଶବର୍ଷ ପର୍ଯ୍ୟନ୍ତ ବ୍ୟାପ୍ତି ହେବ । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ ଏଣିକି ବନ୍ଦୋବସ୍ତ କର୍ତ୍ତାମାନେ ସ୍ୱେଚ୍ଛାଚାର ମତେ କାହାର ଜମା ଦ୍ୱିଗୁଣରୁ ଅଧିକ ବୃଦ୍ଧି କରିବାର ଶକ୍ତି ଥାଉ ସେହି ଦ୍ୱିଗୁଣ ଜମା ମଧ୍ୟ ଏକାବେଳକେ ନେଇ ନ ପାରି କ୍ରମଶଃ ପ୍ରଜାଙ୍କଠାରୁ ଆଦାୟ କରିବେ । ଏଥିରେ ଯେ ପ୍ରଜାଙ୍କର ଅନେକ ସୁବିଧା ହେବ ଏ ବିଷୟରେ ସନ୍ଦେହ ନାହିଁ ଏଥର କଥା ଏହିକି ଖୋରଧା ଓ କଟକ ଖାସମହାଲ ପ୍ରଜାଙ୍କ ପ୍ରତି ଏହି ବିଚାର ହେବଛି । ଅମ୍ଭେମାନେ ଏକାନ୍ତ ଆଶାକରୁଁ କି ସ୍ଥାନୀୟ ହାକିମମାନେ ଏହି ନିୟମାନୁସାରେ ବନ୍ଦୋବସ୍ତ ଜମାବନ୍ଦୀ ସଂଶୋଧନ କରି ପ୍ରଜାଙ୍କ ବର୍ତ୍ତମାନ ଦୁଃଖ ଯଥାସାଧ୍ୟ ମୋଚନ କରିବେ । ବାସ୍ତବରେ ଯେପରି ନିୟମ ହୋଇଅଛି ତହିଁର ଫଳ ବଞ୍ଚିତ ପ୍ରଜାମାନେ ଭୋଗ କରିବା ପକ୍ଷରେ କୌଣସି ବାଧା ନାହିଁ କିନ୍ତୁ କଟକ ଖାସମହାଲରେ କେବଳ ସଦର ପ୍ରଜାଙ୍କର ଏଥିରେ ଉପକାର ହେବ ସିକମୀ ପ୍ରଜାଙ୍କ ବିଷୟରେ ଭିନ୍ନ ବିଚାରର ଆବଶ୍ୟକ ହେଉଅଛି । ସେ ବିଚାର ସୁଦ୍ଧା ଏହି ପ୍ରକାର ଜମାବନ୍ଦୀ ସଂଶୋଧନ ପକ୍ଷରେ କରିବା ଉଚିତ । ମାନ୍ୟବର ଲେଃ ଲାଟ ସାହେବ ଯେମନ୍ତ ସୁବିଚାର ପୂର୍ବକ ଏହି ନିୟମ ଧାର୍ଯ୍ୟ କରଅଛନ୍ତି ତାହାଙ୍କ ଅଧୀନସ୍ଥ କର୍ମଚାରୀମାନେ ସେହି ପରି ସୁବିଚାର ପୂର୍ବକ ଏ ସମସ୍ତ ପ୍ରତିପାଳନ କରନ୍ତୁ ଅମ୍ଭମାନଙ୍କର ଏତିକି ପ୍ରାର୍ଥନା ।

---

## ଉଦ୍ଧୃତ ।
### ( ବଙ୍ଗବାସିରୁ )

ଜଳ ପରିଷ୍କାର କରିବାର ସହଜ ଉପାୟ ।

“ଯେତେବେଳେ ଜଳ ଦୂଷିତ ହେବାର ଆଶଙ୍କା ହେବ, ଅର୍ଥାତ୍ ଜଳାଶୟର ଅବସ୍ଥା ସବୁ ଅନୁସନ୍ଧାନ କରି ଯେବେ ଜଳ ଦୂଷିତ ହେବାର ସମ୍ଭାବନା ବୋଲି ବିବେଚନା ହେବ, ତେବେ ସେହି ସମୟରେ ଜଳ ପରିଷ୍କାର କରିବାର ଉଚିତ ବୋଲି ଜାଣିବ । ପ୍ରଥମତଃ କୌଣସି ମାଟି ପାତ୍ରରେ ସ୍ଥିରଭାବେ ତାହାକୁ ରଖିଦେବ । ତହିଁରେ ତାହାର ଭାସମାନ କଣିକା ଗୁଡ଼ିକ ତଳକୁ ପଡ଼ିଯିବ । ତହିଁ ଉପରୁ ତାପ ଯୋଗେ ଉଷ୍ଣ କରିବ । କ୍ରମେ, ଯେତେବେଳେ ଫୁଟୁଥିବ, ସେତେବେଳେ ତାହାକୁ ଗୋଟିଏ ସଚ୍ଛିଦ୍ର ମାଟିଆରେ ଢାଳିବ । ଏହି ମାଟିଆଟି ପୂର୍ବରୁ ଶୁଷ୍କବାଲି ଓ କୋଇଲାରେ ଅର୍ଦ୍ଧପୂର୍ଣ୍ଣ କରି ରଖିଥିବାର ଉଚିତ । ଉଭୟ ମାଟିଆରେ ବାଲି ଓ କୋଇଲା ରଖି ପାରିଲେ ଅଧିକ ଭଲ । ତହିଁ ଉପରୁ ଟୋପା ଟୋପା ହୋଇ ଏକ ମାଟିଆରୁ ଅନ୍ୟ ଏକ ମାଟିଆରେ ଜଳ ପଡ଼ୁଥିବ । ସବୁ ମାଟିଆ ତଳେ ଗୋଟିଏ ଖାଲି ମାଟିଆ ରଖିବ, ତହିଁରେ ପରିଷ୍କୃତ ଜଳ ଜମା ହେବ । ଜଳ ଗରମ ହେଲେ ତହିଁରେ ଯେ ବାଷ୍ପ ଗୁଡ଼ିକ ମିଶିଥିବ ଏସନ୍ତ କି ତହିଁରେ ଯେ ଅମ୍ଳଯାନ ଦ୍ୱିଅମ୍ଳଜାରକ ମିଶିଥିବ ତାହା ସବୁ ଉଡ଼ିଯିବ-ଉତ୍ତାପରେ, ଅଦୃଶ୍ୟ କୀଟମୟ ଜୀବଜାତ ପଦାର୍ଥ ନଷ୍ଟ ହୋଇଯିବ, ଜୀବାଣୁସବୁ ମରିଯିବେ ତହିଁବାକୁ ମାଟିଆ ମଧ୍ୟରେ ଯେ ବାଲୁକା ରଖାଯାଇଥିବ ତାହା ଅସଂଲଗ୍ନ ରେଣୁ ସମଷ୍ଟି ଭିନ୍ନ ଆଉ କିଛି ନୁହେ । ତହିଁରେ ବାୟୁର ଅମ୍ଳଜାନ ରହିଅଛି, ପୁଣି ଅଙ୍ଗାର ମଧ୍ୟ ଗୋଟିଏ ଅତି ସଚ୍ଛିଦ୍ର ପଦାର୍ଥ, ତହିଁ ମଧ୍ୟରେ ମଧ୍ୟ ଅମ୍ଳଜାନ ରହିଅଛି । ସୁତରାଂ ଯେତେବେଳେ ମାଟିଆସ୍ଥିତ ଜଳ ଧୀରେ୨ ବାଲୁକାରେଣୁ ମଧ୍ୟ ଦେଇ ଯାଏ ସେତେବେଳେ ତହିଁରେ ଅବଶିଷ୍ଟ ଯେ କିଛି ଭାସମାନ ଦ୍ରବ୍ୟ ଥାଏ ସେ ସବୁ ବାଲିରେ ଅବଦ୍ଧ ହୋଇଯାଏ ଅଧିକ ବାଲୁକାରେଣୁ ଓ ଅଙ୍ଗାର ମଧ୍ୟସ୍ଥିତ ଅମ୍ଳଜାନ ମିଶି ଅବଶିଷ୍ଟ ଜୀବଜାତ ଦ୍ରବ୍ୟଗୁଡ଼ିକୁ ନଷ୍ଟ କରେ—ଦୁର୍ଗନ୍ଧ ମଧ୍ୟ ଦୂରୀଭୂତ ହୁଏ । ଜଳ, ବାୟୁ-ବର୍ଜିତ ହେଲେ ବିସ୍ୱାଦୁ ହୁଏ, ସେହି ହେତୁ ଜଳ ଗରମ କରି ବ୍ୟବହାର କଲେ ସ୍ୱାଦ ହୀନ ବୋଧ ହୁଏ । ଏକ ମାଟିଆରୁ ଅନ୍ୟ ମାଟିଆରେ ଟୋପା୨ ହୋଇ ପଡ଼ିବା ସମୟରେ ପୁନରପି ବାୟୁ ମିଶିତ ହୁଏ—ସୁତରାଂ ଅତ୍ୟନ୍ତ ସ୍ୱାଦୁ ହୋଇଉଠେ । ଅବଶ୍ୟ ମାଟିଆ ଗୁଡ଼ିକର ମୁହଁ ଫ୍ଲାନେଲ ବା ଅନ୍ୟ କୌଣସି ପରିଷ୍କାର ବସ୍ତ୍ରଦ୍ୱାରା ଆଚ୍ଛାଦିତ ରଖିବାକୁ ହେବ । ବର୍ତ୍ତମାନ ଯେଉଁଠାରେ ଓଲାଉଠା ବା ଅନ୍ୟ ସଂକ୍ରାମକରୋଗର ପ୍ରାଦୁର୍ଭାବ ହୁଏ ବା ଯେଉଁଠାରେ ମ୍ୟାଲେରିଆଜ୍ୱର ବିଶେଷ ପ୍ରବଳ, ସେଠାର ଜଳ ସେହିରୂପେ ପରିଷ୍କାର କରି ସେବନ କରିବା ଅବଶ୍ୟ କର୍ତ୍ତବ୍ୟ । କାର୍ଯ୍ୟଟି କିଛି କଷ୍ଟକର ବୋଲି ଅନେକ ଲୋକ ଜାଣିଲେ ମଧ୍ୟ ତାହା କରନ୍ତି ନାହିଁ । କିନ୍ତୁ ପଚାରୁଅଛୁଁ, ରୋଗଯନ୍ତ୍ରଣାଠାରୁ ଅଧିକ କଷ୍ଟଦାୟକ କଣ ? ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମିଲେ, କିଛି ଅଭ୍ୟାସ ହେଲେ ମଧ୍ୟ ପ୍ରତ୍ୟକ୍ଷ ଉପକାର ଦେଖିଲେ ସେତେ କଷ୍ଟକର ବୋଧ ହୁଏ ନାହିଁ, ଏହାହିଁ ଅମ୍ଭମାନଙ୍କର ବିଶ୍ୱାସ ।”

ଏ କଥା କହିବା ବାହୁଲ୍ୟ ଯେ କନମାନ ଅବସ୍ଥିତ ପ୍ରଭୃତି ଅସ୍ୱାସ୍ଥ୍ୟକର ସ୍ଥାନମାନଙ୍କରେ ଚାକର ଉପଲକ୍ଷରେ ବାସ କରୁଥିବା ଲୋକମାନେ ପ୍ରାୟ ସର୍ବଦା ପୀଡ଼ା ଭୋଗ କରନ୍ତି । ସେ ସ୍ଥାନମାନଙ୍କରେ ଲୋକେ ପୀଡ଼ିତ ହେବାର ଅନେକ କାରଣ ଅଛି ମାତ୍ର ପାନ କରିବା ଜଳ ସର୍ବଦା ପରିଷ୍କାର କରି ବ୍ୟବହାର

Digitized by srujanika@gmail.com

ସ୍ୱାସ୍ଥ୍ୟରକ୍ଷା ପ୍ରତି ଅନେକ ସାହାଯ୍ୟ ସନ୍ଦେହ ନାହିଁ । ଅଥଚ ଉପର ଲିଖିତ କଷ୍ଟହିମାତ୍ର ପରିଶ୍ରମରେ ସାଧ୍ୟ ହୋଇ- ଏଥିରେ ଖର୍ଚ୍ଚର କଥା କିଛି ନାହିଁ । ମାଟିଆ ଏବଂ ବାଲି ଓ କୋଇଲା କ ଗଡ଼ଖାଇରେ ଅପର୍ଯ୍ୟାପ୍ତ ମିଳଇ ସଂପ୍ରତି ହେଲା ।

---

# ସାପ୍ତାହିକ ସଂବାଦ ।

ଗତ ଶିବରାତ୍ରୀଯାତ୍ରା ସମୟରେ ପରମହଂସଠାରେ ସ୍ତ୍ରୀ ପଥର ବାଜିବାରେ ପଡ଼ି ମରିଅଛି । ସୁଦ୍ଧା କେତେକ ଖଣ ଜଗନ୍ନାଥ ବାହାର କଲେ । ଅନୁମାନ ଅନ୍ଧକାର ଓ ବର୍ଷାରେ ଝାଟି ଯାଇଥିବ ହୋଇ ଥିବ । ମାତ୍ର ଦୁର୍ଘଟଣା ନିବାରଣ ନିମିତ୍ତ ପୂର୍ବରୁ ନିଯୁକ୍ତ ହୋଇଥିବା ସ୍ଥଳେ ବାମ୍ଭୀ ଗୃହପାଖ ବାଡ଼ ଅନୁଷ୍ଠାନ ବନ୍ଦୋବସ୍ତ ହୋଇନ ଥିଲା ଅଶ୍ରୁପାତର ବିଷୟ ଅଟଇ ।

ପୁଣ୍ଡ୍ରକ । ମୌ । ଓଥାକା ପାଟଣାରେ ସତେର ଜଣେ କେଇଟର ବାହୁଡ଼ା ଛୀର ନାମକ ଏକ କ୍ଷୀଣ କାତ ହୋଇଥିଲା ବର୍ତ୍ତମାନ ବୟସ ଦ୧।୧୦ ମାସ ହୋଇଥିବା ପ୍ରଯୁକ୍ତ ଅଙ୍ଗରୁ ୨ ସ ହେବ ସେତୁ ବାଢ଼ବାଛ ସ୍ତ୍ରୀ ସ୍ତନ ସମ୍ପୂର୍ଣ୍ଣ ପ୍ରାପ୍ତ ହୋଇଅଛି ଏବଂ ସ୍ତନ ଦ୍ୱୟ ମଧ୍ୟ ଉପରକୁ ବାହାରି ଅଛି ଅଥଚ ପିଲାଟି ଆପଣାର ମାତାର ଦୁଗ୍ଧପାନ କରିଥାଏ ଏହି କୂତନ ଏବଂ ଆଶ୍ଚର୍ଯ୍ୟ ବ୍ୟାପାର ଦେଖିବା ନିମନ୍ତେ ଲୋକମାନେ ଯାତ୍ରା ସମାଗମ ହେଉଅଛନ୍ତି ।

ପ୍ରାୟ ତା ୧୬ ନ ତଳେ ନୟାଗଡ଼ ପୋଲ ନିକଟ ଗ୍ରାମ ନିକଟବର୍ତ୍ତୀ ନାଳରେ କେତେ ଜଣ ଯାତ୍ରୀ ଜାଲ ପାର ହେଲେ ୨ ବୃଦ୍ଧ ମରିଗଲେ । ଯେଉଁ କୌଣସି ଉପାୟରେ ଉଦ୍ଧାର ପାଇ ପାରିଲେ ନାହିଁ ।

ଫେବ୍ରୁୟାରୀ ତା ୨୬ ରିଖଠାରୁ ଅଦ୍ୟପର୍ଯ୍ୟନ୍ତ ପ୍ରତିଦିନ ସମୟରୁ ଋତୁର ଝଡ ତୋଫାନ ହେଉଅଛି । ଅଞ୍ଚଳରେ ଓଲଉଠା ପ୍ରବଳ ହେଉଅଛି । ଗୋଟା କଲେରା ଜ୍ୱର ଏବଂ ଅନେକ ମନ୍ଦଷିକାରେ ପଳିଅଛି ଡାଲସଙ୍ଗରେ ହେଉଅଛି । ଗ୍ରାମରେ ଥିବା ଗୋଡାମମାନଙ୍କରେ ହଠାତ୍ ଅଗ୍ନି ଅନେକ ଦାହାରମ୍ଭର ମଲ ଲୋକସ୍ଥାନ ହେଉଅଛି । ମେନିଙ୍ଗର ସାହେବ ବଙ୍ଗଳାର ପିଲେ ହୋଇ ମେଟ୍ରୋ ମାଇଷ୍ଟ୍ରେଟ ତାଙ୍କ ସହିତ ଯାତ୍ରା କରିଅଛନ୍ତି ।

ଅଞ୍ଚଳରେ ବର୍ତ୍ତମାନସ୍ଥିତ ଯେଉଁ କଷ୍ଟ ଅରବର୍ଷ ତାହା ଏ ବର୍ଷ ଫାଷ୍ଟ ମେଲ ହୋଇସାରିଲେ ତାହା ଏ ବର୍ଷ ଫାଷ୍ଟ ନିର୍ମାଣ କର୍ମ ଲଗିଅଛି ।

ପାରେ ଯେଉଁ ପ୍ରସ୍ତୁତ ନୂତନ ରାସ୍ତାଘାଟ ପାରରେ ସ୍ଥାନ ସବୁ ଦୁର୍ଦ୍ଦଶାପନ୍ନ ହୋଇ ସମତଳ ହେଉଅଛି । ସ୍ଥାନରେ ଯେଉଁ ଲୋକମାନେ ସ୍ନାନ ଧରୁଅଛନ୍ତି ପଡ଼ିବ ?

ଅନ୍ତର୍ଗତ ଉପନଗରର ସ୍ଥାନରେ ସେ ସ୍ତ୍ରୀଲୋକଙ୍କର ଦେହର ସୁଖ ତାହା ବର୍ତ୍ତମାନ

ଭଙ୍ଗା ହୋଇ ପୁନଃ ନିର୍ମାଣ ହେଉଅଛି । ଯେପରି ଅଯୋଗ୍ୟ ଜନ ଅରମ୍ଭ ଦେଖୁଅଛୁଁ ସେଥିରେ ବ ୨ ର୍ଷରେ କର୍ମ ଶେଷ ହେବ ନାହିଁ

ପଞ୍ଚାମୃତ୍ତାରର ନୂତନ ନାଏବ ରାଜା ବଣାମ୍ବର ମିଶ୍ର ତରଫରୁ ତନଦ୍ରଣଗର ଅପରପ୍ରାଇମେରୀ ସ୍କୁଲଗୃହ ନିମନ୍ତେ ଏକ କାଳୀନ ଟ ୫୦ ଙ୍କା ଦାନ କରିଅଛନ୍ତି । ମାସି ଟ ୫ ଙ୍କା ସାହାଯ୍ୟ ଦେଉଅଛନ୍ତି । ଆଉ ଯୋଉଏ ଅପର ପ୍ରାଇମେରି ତାଙ୍କ ଜମିଦାରୀରେ ଥିବାରେ ତାହାର ଗୃହ ନିର୍ମାଣ ଏବଂ ମାସିକ ସାହାଯ୍ୟ ବିଷୟରେ ରାଜାଙ୍କ ଦରବାରକୁ ରିପୋର୍ଟ କରି ଅଛନ୍ତି । ପ୍ରଜାମାନେ ଲେଖାପଢ଼ା ଶିଖିଲେ ଜମିଦାରଙ୍କୁ ମାନବେ ନାହିଁ ଏହା ବଙ୍ଗାଳିମାନେ ଜାଣନ୍ତି ନାହିଁ ପର ।

ବଙ୍ଗାରଣଠାରୁ କଟକ ପର୍ଯ୍ୟନ୍ତ ଯେଉଁ ରେଲବାଟ ହେବାର ଏତପୂର୍ବେ ପାଠକଙ୍କୁ ଜଣାଇଥିଲୁଁ ତହିଁର କାର୍ଯ୍ୟ ଆରମ୍ଭ ହୋଇଅଛି । ସରଭେଅର ଲଙ୍ଗହର୍ଷ୍ଟ ସାହେବ ଏକ ଦଳ ସରଭେୟର ସହିତରେ ମାପ କରୁ କେଉଁ ଠିର କଥା ପର୍ଯ୍ୟନ୍ତ ଗୃହ ଲାଗିଥିବାର କଥିତ ହୁଏ ।—ଏ ସବୁ ଦେଖି ମନରେ କେଡ଼େ ଆଶା ହେଉନାହିଁ ?

ଅସ୍ମମାନଙ୍କର ଭୂତପୂର୍ବ ଷ୍ଟେଟ ସେକ୍ରେଟରୀ ଲର୍ଡ ହାର୍ଟିଂଟନ ସାହେବ କଲିକତରେ ଅସ୍ମମାନଙ୍କର ବଡ଼ ଲାଟ ଓ ଉଦାରହୃଦୟୀ ପାର୍ଲିମେଣ୍ଟ ସଭାର ସଭ୍ୟମାନଙ୍କର ଗୁଣ ଋତ୍ତ୍ୱନକରି ବକ୍ତୃତାମାନ ଦେଉଅଛନ୍ତି ।—ତାହାଙ୍କର ଅନୁକୂଳ ମତରେ ଆମ୍ଭେମାନେ କୃତଜ୍ଞ ଅଟୁଁ ।

ଚିନ ଦେଶୀୟ ଲୋକମାନେ ଭୋଜନରେ ବସିଲେ ସମସ୍ତେ ଏକ ସମୟରେ ଆରମ୍ଭ କରି ଏକ ସମୟରେ ଭୋଜନ ଶେଷ କରିବାର ପ୍ରଥା ଅଛି ଏବଂ ଖାଇବାକୁ ବସିଲେ ଭୋଜ୍ୟ ଦ୍ରବ୍ୟ ବିନା ଅନ୍ୟ କୌଣସି ବିଷୟରେ କଥା ବାର୍ତ୍ତା କରନ୍ତି ନାହିଁ ।

ସାର ଜନ ହରସେଲ ଅନୁମାନ ସ୍ଥିର କରିଅଛନ୍ତି ଯେ, ଚନ୍ଦ୍ର ଆଲୁଅଠାରୁ ସୂର୍ଯ୍ୟର ଆଲୁଅ ୫୭୦୦୦ ଗୁଣ ଅଧିକ ଉଜ୍ଜ୍ୱଳ । ଗୋଟିଏ ତ ତାରାର ଆଲୁଅ ଯଦ ୨୦୦ ବତୀ ଆଲୁଅ ସଙ୍ଗରେ ସମାନ ହୁଏ ତେବେ ଏ ହିସାବରେ ୨୭ଟ ତାରାର ଆଲୁଅ ଏକତ୍ର କଲେ ରାତିକୁ ଦିନ କରିଯାଇ ପାରେ । ସୁ: ସ,

ସତ୍ୟଃପ୍ରସୂତ ଶିଶୁ କେବେ ୨ ଲକ୍ଷଣ ପର୍ଯ୍ୟନ୍ତ ମଳ ମୂତ୍ର ତ୍ୟାଗ କରେ ନାହିଁ । ଏମନ୍ତ ଶିଶୁଙ୍କୁ କୌଣସିରୂପ ବଳ ପ୍ରୟୋଗ କରିବାର ଆବଶ୍ୟକ ବୋଧ ହୁଏ । କୌଣସି ଶିଶୁର ଏହିରୂପ ଅବସ୍ଥାରେ ଜଣେ ଡାକ୍ତରଙ୍କୁ ଡାକଗଲା ସେ ତାହାର ତଳପେଟରେ ଗୋଟିକେ ଛଟ ଲୁଣି ଲଗାଇଦେଲେ, ତଦ୍ଦ୍ୱାରା ପେଟ ଗରମ ହେବାରୁ ଶିଶୁ ଘଣ୍ଟାକ ମଧ୍ୟରେ ଅନାୟାସେ ମଳ ମୂତ୍ର ତ୍ୟାଗ କରି ପକାଇଲା ଯେଉଁ ଡାକ୍ତରଙ୍କର ଉପସ୍ଥିତ ବୁଦ୍ଧି ଅଛି ଆମ୍ଭେମାନେ ତାହାଙ୍କର ପ୍ରଶଂସା କରୁଁ । ସୁ: ସ,

ମହାମାନ୍ୟ ବଡ଼ ଲାଟ ସାହେବଙ୍କର ଭାରତବର୍ଷରେ ଅବସ୍ଥାନ କରିବା ସମୟ ବଢ଼ାଇବା କାରଣ ଭାରତେଶ୍ୱରୀଙ୍କ ସମୀପରେ ଆବେଦନ କରିବା କାରଣ ପୁନାର ସାର୍ବଜନିକ ସଭା ଅଳ୍ପ ଦିନ ମଧ୍ୟରେ ଏକ ବୃହତ ଅଧିବେଶନ କରିବାର କଥିତ ହୁଏ ।—ଉତ୍ତମ ।

ଗତ ମାସ ତା ୨୭ ରିଖ ଅପରାହ୍ନ କାଳରେ ବରଦାର ମହାରାଣୀ କଲିକତା ଯାଦୁଘର ଦେଖିବାକୁ ଯାଇଥିଲେ । ଏଭଳି ରୁଚି ପ୍ରଶଂସନୀୟ ।

ଗତ ମାସ ତା ୧୯ ରିଖରେ ହାଇଦରାବାଦର ଶାସନ କାର୍ଯ୍ୟ ନିର୍ବାହାର୍ଥେ ନିଜାମ ଏକ ଦରବାର କରି ତହିଁରେ ପେଶକାରଙ୍କୁ ସନଦ ଦେଇଥିବାର ସଂବାଦ ଆସିଅଛି ।

କରତାର ଗୁଲଜବାଡ଼ ବଢ଼କସ୍ଥର ଯାଇ ସେଠାରେ ଜଳ ପ୍ରଣାଳୀର କାର୍ଯ୍ୟ ଦେଖି ଆସିଲେ । କଲିକତାର ନାନା ଦୃଷ୍ଟବ୍ୟ ବିଷୟରେ ସେ ଅତୋ ୨ ଲଭ୍ୟନ୍ତ ବା ପରିଚିତ ହୋଇ ଯିବାର ଚେଷ୍ଟା କରୁଅଛନ୍ତି । ଉତ୍ତମ ।

ମଧ୍ୟ ପ୍ରଦେଶରେ ଲେଖକ୍ୱାସ ଅନେକ ଗୋରୁ ମରୁଥିବାର ଜ୍ଞାନଦେଶ ଓ ଅନ୍ୟାନ୍ୟ ସ୍ଥାନର ପଶୁ ଚିକିତ୍ସା ସମ୍ବନ୍ଧୀୟ ବିଦ୍ୟାଳୟରୁ ଉପଯୁକ୍ତ ଛାତ୍ର ଆଣି ବ୍ୟବହାର କରିବାର ସ୍ଥିର ହୋଇଅଛି । ଏଥିର କାର୍ଯ୍ୟ କାରିତା ଉତ୍ତମ ଜଣାଇବା ଦେଖାଗଲେ ଏଠାରେ ସେ ସମ୍ପର୍କୀୟ ଏକ ସ୍କୁଲ ସ୍ଥାପନ କରିବାର ଉଦ୍ୟୋଗ ହେବ ।

କଲିକତାର ବିଶ୍ୱ ବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାରେ ଗତବର୍ଷ ନ ୩୦୦୦ ଣ ବାଳକ ଉପସ୍ଥିତ ହୋଇଥିଲେ । ସୁତରାଂ ପ୍ରତ୍ୟେକ ବିଷୟରେ ଏ ତିନ ସେ ତିନ ହୋଇ ଣ ୭୦୦୦ ଶ୍ର କାଗଜ ଦେଖିବାକୁ ହୁଏ ସ୍ଥିତ ବିଷୟରେ ପୂର୍ବ ପ୍ରାୟ ନ ୪ ଣ ପରୀକ୍ଷକ ନିଯୁକ୍ତ ଥିଲେ ସୁତରାଂ ପ୍ରତ୍ୟେକ ଜଣକୁ ଣ ୧୭୫୦ ଶ୍ର କାଗଜ ଦେଖିବାକୁ ହୋଇଥିଲା—ସମୟ ଅତି ଅଳ୍ପ କେବଳ ତିନି ସପ୍ତାହ ମାତ୍ର । ସେହିପରି ଗତ ଫାଷ୍ଟ ଆର୍ଟସ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ପ୍ରତ୍ୟେକ ପରୀକ୍ଷକଙ୍କୁ ଣ ୧୩୫୦ ଶ୍ର କାଗଜ ଦେଖିବାକୁ ହୋଇଥିଲା ଏ ପରୀକ୍ଷାରେ ପ୍ରତ୍ୟେକ ବିଷୟରେ ନ ୨ ଣ ପରୀକ୍ଷକ ନିଯୁକ୍ତ ହୁଅନ୍ତି । ଏଥିରୁ ପରୀକ୍ଷା ସମ୍ପର୍କୀୟ ପାଣ୍ଡି ନିର୍ଦ୍ଦିଷ୍ଟ ନ ଥିବାରୁ ନିତାନ୍ତ ପକ୍ଷରେ ପ୍ରବେଶିକା ପରୀକ୍ଷାରେ ନ ୭ ଣ ପରୀକ୍ଷକ ଏକ ୨ ବିଷୟରେ ନିଯୁକ୍ତ ହେବାର ଉଚିତ ବୋଲି ହିନ୍ଦୁ ପେଟ୍ରିଅଟ ଲେଖିଅଛନ୍ତି—ଅସ୍ମମାନଙ୍କର ମଧ୍ୟ ଏହି ମତ । ଫାଷ୍ଟଆର୍ଟସ ପରୀକ୍ଷାରେ ମଧ୍ୟ ଆଉ ଜଣେ ବଢ଼ାଇ ଦେବା ଉଚିତ । ଅନ୍ୟଥା ପରୀକ୍ଷକଙ୍କ ତରତରିଆରେ ବାଳକଙ୍କର ଲୋକସାନ ହେବାର ସମ୍ଭବ ।

ମଧ୍ୟ ପ୍ରଦେଶରେ ପଟୁଆରୀ କାର୍ଯ୍ୟ ଉତ୍ତମରୂପେ ଚଳୁ ନ ଥିବାର କଥିତ ହୁଏ । ସମସ୍ତ ଦେଶ ନିମିତ୍ତ ଏଥିର କଳିତ ଉପାୟ ଶୀଘ୍ର ଅବଲମ୍ବନ କରିବା କର୍ତ୍ତବ୍ୟ । ଏଭଳି ପ୍ରଥାଟା ନ ଥିଲେ କି କୌଣସି କ୍ଷତି ହୁଅନ୍ତା ?

ସାଧାରଣତଃ ମଧ୍ୟ ପ୍ରଦେଶରେ ଶସ୍ୟର ଅବସ୍ଥା ଉତ୍ତମ ହୋଇଅଛି ଏବଂ ଶୀତକାଳର ଫସଲ ମଧ୍ୟ ଆଶାପ୍ରଦ ଅଟେ ଲୋକମାନଙ୍କର ସ୍ୱାସ୍ଥ୍ୟ ଭଲ ଅଛି କେବଳ କୌଣସି ୨ ସ୍ଥାନରେ ବସନ୍ତର କିଛି ପ୍ରାଦୁର୍ଭାବ ହୋଇଅଛି ।

ଲଣ୍ଡନର ସମ୍ବାଦଦାତା ଡେଲିନ୍ୟୁସକୁ ଲେଖିଅଛନ୍ତି ଯେ ସେଠାର ଚିନରୋଟ ଚାଷ୍ୟଶାଳାରେ ନିତାନ୍ତ ମନୋଜ୍ଞ କଳଙ୍କ ଦୃଶ୍ୟମାନ ପ୍ରଦର୍ଶିତ ହେଉଅଛି । ସମ୍ବାଦଦାତା ଲେଖିଅଛନ୍ତି ଯେ ଏହିଭଳି ଦୃଶ୍ୟ ଦେଖିବା ନିମିତ୍ତ ସେ ସରମାନ ପୂର୍ଣ୍ଣ ହୋଇ ଯାଉଅଛି ।—ଲୋକଙ୍କୁ ନୀତ ଶିକ୍ଷା ଦେବାକୁ ଯେ ନିତାନ୍ତ ଅମନୋଯୋଗୀ ତାହାକୁ ଉତ୍ସାହିତ କରିବା କ ଦକ୍ଷ ଲୋକର କାର୍ଯ୍ୟ ।—ବିଲାତର ସାହିତ୍ୟ ସମାଜରେ ଭାରତ ସମ୍ପର୍କରେ ଘୋର ଆନ୍ଦୋଳନ ଚଳିଥିବାର ସେ ଲେଖିଅଛନ୍ତି ।

ବ୍ରହ୍ମଦେଶରେ ବହୁ ଅତ୍ୟନ୍ତ ଗରମ ହୋଇ ଯାଇଥିବାର କଥିତ ହୁଏ ।

ସର ସାଲାରଜଙ୍ଗଙ୍କ ମୃତ୍ୟୁରେ ଅସ୍ମମାନଙ୍କର ଭାରତ ସ୍ୱୟଂ ଅତ୍ୟନ୍ତ ଦୁଃଖିତ ହୋଇ ତାଙ୍କର ଦୁଃଖ ମୃତ ମହାତ୍ମାଙ୍କ ପରିବାରରେ ଜଣାଇବା କାରଣ ବଡ଼ ଲାଟ ସାହେବଙ୍କ ସମୀପକୁ ତାର ଖବର ପଠାଇଅଛନ୍ତି । ବଡ଼ ଲାଟ ମହୋଦୟ ସେଥି ସଙ୍ଗେ ନିଜର ଦୁଃଖ ଦେଖାଇ କାର୍ଯ୍ୟଦ୍ୱାରା ତାଙ୍କର ପୁତ୍ରମାନଙ୍କୁ ଜଣାଇଦେଲେ ।

Digitized by srujanika@gmail.com

Split by PDF Splitter



ସାଧାରଣ ଲୋକଙ୍କ ପ୍ରତି ଏଠାଃ ମାନ୍ୟଗଣ୍ୟ ପୋଲିସମାନଙ୍କ ର ବ୍ୟବହାର ନିତାନ୍ତ ଦୂର୍ନୀତି ଥିବା ବିଷୟରେ ଶୁଣାଯାଉଅଛି ଏଠାରୁ କେତେକ ପତ୍ର ପାଉଥିବାର ଲେଖିଅଛନ୍ତି । ଏ ପତ୍ରର ମର୍ମ ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇନାହିଁ କିମ୍ବା ଆମ୍ଭମାନଙ୍କୁ ଏଥି ସମ୍ବନ୍ଧରେ କିଛିହିଁ ଜଣା ନାହିଁ ।

ଛକଲପୁରର ଜଣେ ଠିକେଦାର ସେଠା ବଡ ସ୍କୁଲର ବୃତ୍ତି ନିମନ୍ତେ ଟ ୧୦୦୦ ଙ୍କା ଦାନ କରିଅଛନ୍ତି ।—ଏ ଅବଶ୍ୟ ଗଣ୍ୟକରଣୀୟ ।

ଭଗବାନ ସୁଦର୍ଶନ ଅନନ୍ତମାସ ତା ୨୩ ରଖରେ କଲିକତା ନଗରରେ ବସିବାକୁ ଯିବାକୁ ଯାଉଥିବା ବାଟରେ ହଠାତ୍ ଗବର୍ଣ୍ଣମେଣ୍ଟ ପୋଷ୍ଟ ଅଫିସ ଦେଖି ସେଠାରେ ବସି ଅବକାଶ ସେଠାର କାର୍ଯ୍ୟକାରିତା ଦେଖିବାର ଇଚ୍ଛା ପ୍ରକାଶ କଲେ ପୋଷ୍ଟ ଅଫିସର ସୁପରିଣ୍ଟେଣ୍ଡେଣ୍ଟ ଅନେକ ଶ୍ରୋତ ତାହାଙ୍କୁ ସମ୍ମୁଖସ୍ଥ କକ୍ଷର କାର୍ଯ୍ୟକାରିତା ଗୋଟି ଗୋଟି କରି ଦେଖାଇଲେ । ମହାରାଜା ଶୁଭଙ୍କବାର ତାହାର ଅଟିବା ସମୟରେ ଏହିଗୁଡିଏ ବିଷୟ ବୁଝିବାକୁ ଅବିଶ୍ରାନ୍ତ ଲୋକସ୍ୱଭାବରେ ଅତ୍ୟନ୍ତ ପ୍ରୀତ ପ୍ରକାଶ କଲେ ।

ସନ ୧୮୭୭ ମସିହା ମାର୍ଚ୍ଚ ମାସ ତା ୨୬ ରଖର ଉତ୍କଳ ଦୀପିକା ନାମକ ଏକ ସମ୍ବାଦପତ୍ରରେ ବସନ୍ତ ରୋଗ ଅପେକ୍ଷା ହେବାର ଏହି ଉପାୟ ଲେଖା ଥିଲା । ଯଥା; ବସନ୍ତ ରୋଗ ନିତାନ୍ତ ମନ ପ୍ରକାରର ହୋଇଥିଲେ ମଧ୍ୟ ତାହା କେବଳ କ୍ରିମ ଅଫ ଟାରଟାର (Cream of tartar) ସେବନରେ ଦିନକର ମଧ୍ୟରେ ଅରୋଗ୍ୟ ହୋଇ ଯିବ । ଏକ ପାଇଣ୍ଟ ଗରମ ପାଣିରେ ଏଥିରୁ ଏକ ଅଉନ୍ସ ମିଶାଇ ପାଣି ଅଣ୍ଡା ହୋଇଗଲେ ପାନ କରିବ । ଏହା ଅବ୍ୟର୍ଥ ଔଷଧ, ଏଥିରେ ସହସ୍ର ଲୋକ ଭଲ ହୋଇ ଅଛନ୍ତି । କୌଣସି ଦାଗ ଶରୀରରେ ରହେ ନାହିଁ, ଦାଣ୍ଡ ପଡ଼ିଥାଏ ନାହିଁ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ରହେ ନାହିଁ ।

ବମ୍ବାଇର ଏକ ଦେଶୀୟ ସମ୍ବାଦପତ୍ର ଲେଖି ଅଛନ୍ତି ଯେ ଷ୍ଟାଫର ପୋଷ୍ଟମାଷ୍ଟର ଗୋପାଳ ରାଓ ହରିଙ୍କ ଘୋଷିତ ଶ୍ରୀ ବାଲଅନନ୍ତୀ ବାଈ ଡାକ୍ତରୀ ଶାସ୍ତ୍ର ଅଧ୍ୟୟନାର୍ଥ ଆମେରିକା ଯାଇଅଛନ୍ତି । ଅନନ୍ତୀବାଈ ଓ ପଣ୍ଡିତାର ମାନଙ୍କ ମଧ୍ୟରେ ବହୁ ସମ୍ବନ୍ଧ ଅଛି । ଉମାବାଈ ମଧ୍ୟ ନିକଟରେ ସୁଯୋଗ ଯିବାର କଥିତ ହୁଏ ।

ତ୍ରିବାଙ୍କୁରର ରାଜ ମହାରାଣୀ ପାର୍ବତୀ ବାଈଙ୍କ ପୁତ୍ର ରାମବର୍ମ୍ମା ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସେହାର ବୟସ । ଏ ମହାରାଜାଙ୍କର କନିଷ୍ଠ ପୁତ୍ର ଅଟନ୍ତି ।

ପାଠକମାନେ ଶୁଣି ଆନନ୍ଦ ହେବେ ଯେ ବାବୁ ଦେବେନ୍ଦ୍ରନାଥ ଦାସ ନାମକ ଜଣେ ବଙ୍ଗାଳୀ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ଅପଣା ପାଣ୍ଡିତ୍ୟର ପରିଚୟ ଦେଖାଇ ଲଣ୍ଡନ ନଗରର କଲେଜର ସଂସ୍କୃତ ଅଧ୍ୟାପକ ସ୍ୱରୂପ ନିଯୁକ୍ତ ହୋଇ ଅଛନ୍ତି । ଏଠା ଡାଇରେକ୍ଟର ସାହେବ ତାଙ୍କୁ ଚିହ୍ନୁ ନ ଥିଲେ ।

ହାଇଦରାବାଦର ସମ୍ବାଦଦାତା ଟେଲିଗ୍ରାମରୁ ଲେଖି ଅଛନ୍ତି ଯେ ହାଇଦରାବାଦ ମନ୍ତ୍ରୀଙ୍କର ଶବ ଅନ୍ତ୍ୟେଷ୍ଟି କ୍ରିୟା କରିବା ପାଇଁ ଥିବା ଜାଗୀରୁ ତହିଁ ସଙ୍ଗେ ଗୋଟିଏ ଥାଳରେ ଟ ୨୫୦୦୦ ଙ୍କା ରେଜ ଲୋକେ ଦୁଃଖୀମାନଙ୍କ ନିମନ୍ତେ ଦେଇଥିଲେ ଅନ୍ୟ ଶବ ଯାଉଥିବା ସମୟରେ ସହରର ଉଭୟ ପାର୍ଶ୍ୱରୁ ପୁରୁଷ ଓ ସ୍ତ୍ରୀଲୋକଙ୍କର ଗହଳରେ ହାତଠିଆ ହୋଇ ଚିତ୍କାର କରି କ୍ରନ୍ଦନ ଧ୍ୱନିରେ ସ୍ଥାନ ସଂକୋଚିତ ହୋଇଥିଲା ।

କଲିକତାରେ ଉଡେନ୍ ଗ୍ରଲ୍ ମଣ୍ଡିକ ନାମକ ଜଣେ ଲୋକ ପିତା ସଙ୍ଗେ କଳହ କରି ସବୁ ବାହାରୁ ଅଛି ଏବଂ ସ୍ତ୍ରୀ ସହିତ ନେପାଳ କରୁଥିଲା । ମାତ୍ର କେମନ୍ତେ ତାହାର ଦେଶ ବନ୍ଧୁମାନଙ୍କୁ ଓ ଦେଶବାସୀମାନେ ଦେଖା କରିବାକୁ ଅସମ୍ଭବ କରନ୍ତେ ତାଙ୍କ ଅବସର ପାଇ ଅପୀମ ସେବନଦ୍ୱାରା ଜୀବନ ନଷ୍ଟ କରିଅଛି ।

ମିଶରଦେଶରୁ ନିର୍ବାସିତ ହୋଇଥିବା ଅରବିପାସା, ମହମ୍ମଦପାସା ଓ ତୁଲବା ପାଶାଙ୍କର ପୁତ୍ରମାନେ କଲମ୍ବୋ ନଗରର ଗ୍ରାମରସ୍କୁଲରେ ପଢ଼ିବାର ଉଦ୍ୟୋଗ ହେଉଅଛି । ଅରବୀ ପାଶାଙ୍କର ସର୍ବ ଗୋଟିଏମାନ ପୁତ୍ର ଅଛି ସେ ସେ ବୟଃପ୍ରାପ୍ତ ଓ ସେ ଓ ପିତାଙ୍କ ସଙ୍ଗେ ଲଙ୍କାଦ୍ୱୀପକୁ ଆସିଅଛି ।

କଷ୍ଟାଇକାଙ୍ଗିମାନେ ନଗରରୁ ସେହି ସେକେଟେରି ଙ୍କ ଶ୍ରୀ ଦର୍ଶନ ଅଣାଇବାର ଉଦ୍ୟୋଗ କରୁଅଛନ୍ତି ତହିଁରେ ମୋଟ ଟ ୩୫୦୦୦ ଙ୍କା ଖର୍ଚ୍ଚ ପଡିବ ତହିଁ ମଧ୍ୟରୁ ଟ ୩୦୦୦ ଙ୍କା ସ୍ୱାକ୍ଷରିତ ହୋଇଅଛି । କଷ୍ଟାଇ ବାସୀଙ୍କର ଏ ଚେଷ୍ଟା ଭୂୟସୀ ପ୍ରଶଂସାର ଯୋଗ୍ୟ ।—ଶ୍ରୀ ଦର୍ଶନଙ୍କର ଦେଶରେ ପ୍ରକୃତ ଆଦର ଅଛି । ଗବର୍ଣ୍ଣମେଣ୍ଟଙ୍କର ଏଥିପକ୍ଷେ ବନ୍ଦୋବସ୍ତ କରିବା କ ଉଚିତ ନୁହଇ ?

ପୃଥିବୀରେ କାହା ଜୀବନ ସମସ୍ତଙ୍କଠାରୁ ଅଧିକ ମନୁଷ୍ୟର ନିକୃଷ୍ଟ ଜୀବର ଅଥବା ବୃକ୍ଷ ସମୂହ ? ବୈଜ୍ଞାନିକମାନଙ୍କର ମନୁଷ୍ୟ କୋଷ ହୁଏ ବର୍ତ୍ତମାନ ପୃଥିବୀରେ ନାହାନ୍ତି, ଦେବେ କଇଁଛ ହାତୀ ଓ କାଉ ଅନେକଦିନ ବଞ୍ଚନ୍ତି, ବହୁ କୋଷ ହୁଏ ସେମାନଙ୍କ ବୟସ ମଧ୍ୟ ଦୁଇଶବର୍ଷରୁ ଅଧିକ ହୁଏ ନାହିଁ । ବୃକ୍ଷର ସମସ୍ତଙ୍କ ଅପେକ୍ଷା ଅଧିକଦିନ ବଞ୍ଚିବାର ଦେଖାଯାଏ । ପୃଥିବୀରେ କ୍ୟାଲିଫୋର୍ଣ୍ଣିଆ ଅନ୍ତର୍ଗତ ଜଙ୍ଗଲରେ ସମସ୍ତଙ୍କଠାରୁ ଗୋଟିଏ ପୁରୁଣା ଅଶ୍ୱତ୍ଥବୃକ୍ଷ ଅଛି । ଏହାର ବୟସ ୨୧୬୦ ବର୍ଷ । ଏକଥାରେ ମନରେ ସନ୍ଦେହ ହୁଏ । ଏ ବୃକ୍ଷ ଖ୍ରୀଷ୍ଟୀୟ ଶକର ୨୧୮ ବର୍ଷ ପୂର୍ବରେ ରୋପିତ ହୋଇଥିଲା । ସାର ସେମସ୍ ଏମରସନ ଟେନେଣ୍ଟ ତାହା ଅଶ୍ୱର୍ଯ୍ୟ ମନେ କରନ୍ତି ନାହିଁ ସେ ଇତିହାସ ମଧ୍ୟରେ ୧୮୨ ଏବ ୨୨୩ ଖ୍ରୀଷ୍ଟାବ୍ଦରେ ଏହି ବୃକ୍ଷର ଉଲ୍ଲେଖ ଦେଖିଅଛନ୍ତି । ସେହି ବୃକ୍ଷ ମୂଳରେ ଶାକ୍ୟମୁନି ସିଦ୍ଧ ହୋଇଥିଲେ ଏହା ସେହିସବୁର ଡାଳ ଅଟଇ । ଲୋକେ ଏହିସବୁର ପତ୍ରସବୁକୁ ସମ୍ମାନ ଓ ଆଦରର ସହିତ ଗୋଷ୍ଠାଇ ପେଲସାନ୍ତି ଇଂଲଣ୍ଡ ଦେଶରେ ଇଉଣ୍ଡସର ଅରଣ୍ୟରେ ଯେଉଁ ଓକ ବୃକ୍ଷସବୁ ଅଛି ତାହାର ବୟସ ୧,୦୦୦ ବର୍ଷ ।

---

## ପ୍ରେରିତ ପତ୍ର ।

---

ମହାଶୟ !

ବାବୁ ଶ୍ରୀ ଚତୁର୍ଭୁଜ ପଟ୍ଟନାୟକ ବିଜ୍ଞାପନ ଦେଇଅଛନ୍ତି ଯେ ସନ ୧୮୮୩ ରେ ଯେକେହି ବ୍ୟକ୍ତି ତାଙ୍କଠାରୁ ହରିନାମ ଶ୍ରବଣ କରିବାକୁ ଇଚ୍ଛା କରିବେ ସେ ତାଙ୍କଠାରୁ ନିମନ୍ତ୍ରଣପତ୍ର ପଠାଇଲେ ସେ ବାବୁ ମହାଶୟ ସେଠାରୁ ଯାଇ ହରିନାମ ଶ୍ରବଣ କରାଇବେ । ମାତ୍ର ସେ ନିଜେ କଟକର ଟ୍ରାନ୍ସଲେଟରୀ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଓ ସେଥିପାଇଁ ସେ ପ୍ରାର୍ଥୀଥିଲେ । ତେବେ ତାଙ୍କୁ ଏତେ ଅବକାଶ ନାହିଁ ଯେ ସେ ଗଡ଼ଜାତ ଓ ମୁଗଲବନ୍ଦିରେ ପ୍ରଧେଶଙ୍କ କାର୍ଯ୍ୟ ସମାଧାନ କରିପାରିବେ । ଯାହାଙ୍କର ଧର୍ମ ବିଷୟରେ ଏତେ ଅନୁରାଗ ସେ ପୁଣି ଗୃହର ପାଇଁ ଏତେ ବ୍ୟସ୍ତ କାହିଁକି ? ଏବଂ ସେ ଯଦି ଗୃହରର ପ୍ରିୟ ହେବେ ଧର୍ମର ବାହାନା କରି ଅନ୍ୟ ଲୋକର ମାଛ ଭଗିନୀ ଓ ଦୁହିତା ପ୍ରଭୃତିଙ୍କି, ଅପଣାକୁ ନିମନ୍ତ୍ରଣ କରିବାପାଇଁ ଉତ୍ତେଜିତ କାହିଁକି କରୁଅଛନ୍ତି ଯଦି ସ୍ତ୍ରୀ ଲୋକଙ୍କୁ ଧର୍ମ ଶିଖାଇବା ତାଙ୍କର ଉଦ୍ଦେଶ୍ୟ ଥାଏ ତେବେ ସେ ପୁସ୍ତକ ପ୍ରଣୟନଦ୍ୱାରା ତାହା କରିପାରନ୍ତି । ବାଗଜରେ ବିଜ୍ଞାପନ ଦେଇ ଲୋକେ କେହି ଧର୍ମ ଶିଖାନ୍ତି ନ ଥିଲେ । ଚୈତନ୍ୟ, କି ତାହାଙ୍କ ଭକ୍ତଙ୍କ ଧର୍ମ ଶିଖାଇଥିଲେ ? ତାହା ନୁହେ, ସେ କେବଳ ପ୍ରକାଶ୍ୟ ସ୍ଥାନରେ ଅପଣାର ଧର୍ମ କଥା କହିବା ଦ୍ୱାରା ବ୍ୟକ୍ତ କରୁଥିଲେ । ଅଧୁନାକ ଖ୍ରୀଷ୍ଟିୟାନମାନେ ମଧ୍ୟ ସେହି ପରି କରୁଅଛନ୍ତି । ଚତୁର୍ଭୁଜ ବାବୁଙ୍କର ଏତେ ବାହ୍ୟାଡମ୍ବର ଭଲ ହୋଇ ନାହିଁ ।

୨୭।୨।୮୩ } ନବଦ୍ୱୀନ
କସ୍ୟଚିତ୍ ସନ୍ଧିଗ୍ଧମନସଃ

---

## ଶ୍ରୀପଞ୍ଚମୀ ।

ମହାଶୟ !

୧ । ହେଉ ଶୀତ ଏ ରବ ହରନ
ଅଗଛ୍ୟା ଗମିଲେ ଧୀରେ ଛାଡ଼ି ଶୃଙ୍ଗ ଗିରି ଶିରେ
ପ୍ରକୃତି ବସର୍ଜେ ନିଜ ନିଯୁତି-ଭୂଷଣ
ଦାରିଦ୍ର୍ୟ ବ୍ୟଞ୍ଜକ, ଦେଖି ଶୁଭ ଆଗମନ ।

୨ । ମନୋହର ଲୁବ୍ଧାଯୁତ ମୁଖେ
କମେ ଆଧିପତ୍ୟ କବେ କରନ୍ତି ପ୍ରକାଶ ଏବେ
ପ୍ରକୃତି-ନାୟକ ଋତୁରାଜ ମଧୁ ସୁଖେ ।
ଉତ୍ଫୁଲ୍ଲ ଉଦ୍ଭିଦ ପ୍ରାଣୀ (ଚିନ୍ତାଶୀଳ ଦୁଃଖେ) ।

୩ । ସଞ୍ଚରଇ ମଳୟ ପବନ
ମୁକୁଳିତ ଚୂତକୁଳ, ପିକ-କଣ୍ଠେ ପ୍ରଫୁଲ୍ଲ-
କୂଜନ ଆରମ୍ଭେ, ଶୋଭେ ବନ ଉପବନ
ଫୁଲ୍ଲ ପୁଷ୍ପେ, ନବପତ୍ର ତରୁ ଲତାଗଣ ।

୪ । ଜନ୍ମଦାଶ ଉଦ୍ୟମ କଳରେ
ପଞ୍ଚିତ ଦୁଃଖ ଭଞ୍ଜନ ମାଘୀ ଶୁକ୍ଳ ଶ୍ରୀପଞ୍ଚମୀ
ଶୁଭେ, ସେନନ୍ତି ଉଭୟଙ୍କ କାନ୍ତାଙ୍କୁ ସ୍ନେହରେ
ସ୍ୱବନ୍ଧୁ ଭୂଷେ ଭୂଷିତା, ମଧୁ ଗୋପନରେ ।

୫ । ଖୋଜ ଖୋଜ ବନ ଉପବନେ
ଶୁଭ ନବ ବିକଶିତ ନନ୍ଦନରେ ପ୍ରସ୍ଫୁଟିତ
ବାସନ୍ତ କୁସୁମ ଗନ୍ଧ, ସଦ୍ୱେତ ସୁମନେ

Digitized by srujanika@gmail.com